# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୧/୨୦୨୩ (୧୪ ପୃଷ୍ଠା) Bhubaneswar, Friday, July 21/2023 Page 14 ₹ 7.00 | SAMBALPUR

୪୯ଶ ଭାଗ ୨୩୬ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 236 ମୂଲ୍ୟ₹୭/-




## ଆଶ୍ରମରେ ଧ୍ୟାନରତ ସାମନ୍ଥା

ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଫିଲ୍ମ ଜଗତରୁ ବ୍ରେକ୍ ନେଇ ସ୍ୱାସ୍ଥ୍ୟର ଯତ୍ନ ପାଇଁ ଏକ ଆଶ୍ରମରେ ଧ୍ୟାନାବସ୍ଥାରେ ନଜରକୁ ଆସିଛନ୍ତି।

୧୦

୧୪

## ମୁକେଶ କୁମାରଙ୍କ ଟେଷ୍ଟ ପଦାର୍ପଣ

ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଛନ୍ତି ଭାରତର ବେଙ୍ଗଲ ପେସ୍ ବୋଲର ମୁକେଶ କୁମାର।






ମେ' ୪ ଘଟଣା ପ୍ରତିବାଦରେ ମଣିପୁରର ଚୂଡ଼ାଚାନ୍ଦପୁରରେ ଗୁରୁବାର ଇଣ୍ଡିଜେନସ୍ ଟ୍ରାଇବାଲ୍ ଲିଡର୍ସ ଫୋରମ୍ (ଆଇଟିଏଲ୍ଏଫ୍) ପକ୍ଷରୁ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରାଯାଉଛି।

## ଆଜି କ୍ୟାବିନେଟ

ଭୁବନେଶ୍ୱର,୨୦।୭(ଅନିଲ ଦାସ)

ଲୋକସେବା ଭବନରେ ଶୁକ୍ରବାର ସନ୍ଧ୍ୟା ୬ଟା ୩୦ ମିନିଟରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ୧୨ଟି ପ୍ରସ୍ତାବରେ ମୋହର ଲାଗିବା ସମ୍ଭାବନା ରହିଛି । ତେବେ କ୍ୟାବିନେଟ ଏଜେଣ୍ଡାକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା କେତେକ ଯୋଜନା ସମେତ କ୍ୟାଡର ପୁନର୍ଗଠନ, ପାନୀୟ ଜଳ ପ୍ରକଳ୍ପ ଆଦିକୁ କ୍ୟାବିନେଟରେ ଅନୁମୋଦନ ମିଳିବ। ଏଥିସହିତ ମହିଳା ଓ ଶିଶୁ ବିକାଶ, ସାଧାରଣ ପ୍ରଶାସନ, ରାଜସ୍ୱ, ଗୃହ ଓ ନଗର ଉନ୍ନୟନ, ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ଅନୁସୂଚିତ ଜାତି ଓ ଜନଜାତି ଓ ସ୍ୱାସ୍ଥ୍ୟ ବିଭାଗର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବା ସମ୍ଭାବନା ରହିଛି।

**ଅହମ୍ମଦାବାଦ: ଭିଡ଼ ଉପରେ ମାଡ଼ିଗଲା କାର୍, ୯ ମୃତ**

ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ନାଟୋ, ଜେଲେନ୍ସ୍କି ଓ ପୁଟିନ**

# ତୁମେ ନ ହେଲେ ଆମେ କରିବୁ

**ଭାଜପା ଶାସିତ ତଥା ହିଂସା ପ୍ରଭାବିତ ମଣିପୁରରେ କୁକି-ଜୁ ସମ୍ପ୍ରଦାୟର ଆଦିବାସୀ ମହିଳାଙ୍କୁ ଉଲଗ୍ନ ପରେଡ୍ ପରେ ଗଣବଳାତ୍କାର କରିବା ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଛି। ଅଢ଼େଇ ମାସ ତଳର ଏ ସମ୍ପର୍କିତ ୨୬ ସେକେଣ୍ଡର ଭିଡିଓ ଫୁଟେଜ୍‌କୁ ନେଇ ଗୁରୁବାର ସଡ଼କରୁ ନେଇ ସଂସଦ ପର୍ଯ୍ୟନ୍ତ ହଟ୍ଟଗୋଳ ଦେଖିବାକୁ ମିଳିଥିବାବେଳେ ସୁପ୍ରିମକୋର୍ଟ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, ଏକ ସାମ୍ବିଧାନିକ ଗଣତନ୍ତ୍ରରେ ଏପରି ଘଟଣା ଆଦୌ ଗ୍ରହଣୀୟ ନୁହେଁ। କେନ୍ଦ୍ର ଓ ରାଜ୍ୟ ସରକାର ଅପରାଧୀମାନଙ୍କୁ ଧରିବା ଏବଂ ଏପରି ଅମାନୁଷିକ ଘଟଣାର ପୁନରାବୃତ୍ତି ଏଡ଼ାଇବା ପାଇଁ କି ପଦକ୍ଷେପ ନେଇଛନ୍ତି ଜଣାଇବାକୁ ସିଜେଆଇ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଯଦି ରାଜ୍ୟ ଓ କେନ୍ଦ୍ର ସରକାର କାର୍ଯ୍ୟାନୁଷ୍ଠାନ ନେଇ ପାରୁନାହାନ୍ତି ତେବେ ଆମେ ନେବୁ ବୋଲି ସିଜେଆଇ କହିଛନ୍ତି। ମଣିପୁରରେ ଦୁଇ ମହିଳାଙ୍କ ଉପରେ ହୋଇଥିବା ଅତ୍ୟାଚାର ଜାତୀୟ ଲଜ୍ଜା ଭାବେ ଉଭା ହୋଇଛି। ଏହାର ପ୍ରତିବାଦରେ ମଣିପୁରର ଚୁରାଚାନ୍ଦପୁରରେ ଏକ ବୃହତ୍ ପ୍ରତିବାଦ ରାଲି ହୋଇଥିବା ଦେଖିବାକୁ ମିଳିଛି। ଘଟଣାକୁ ନେଇ ବିବାଦ ବିସ୍ଫୋରକ ରୂପ ଧାରଣ କରିଥିବା ବେଳେ ଏହାର ମାଷ୍ଟରମାଇଣ୍ଡଙ୍କୁ ଥୋଉବାଲ ଜିଲାରୁ ଗିରଫ କରାଯାଇଛି।**

## କେନ୍ଦ୍ର ଓ ମଣିପୁରକୁ ସୁପ୍ରିମକୋର୍ଟ ଚେତାବନୀ

ଇମ୍ଫାଲ/ନୂଆଦିଲ୍ଲୀ,୨୦।୭

ମଣିପୁରରେ ମେଇତି ସମ୍ପ୍ରଦାୟର ଲୋକେ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ମାନ୍ୟତା ଦାବି କରିବା ପରେ ମେ' ୩ରୁ ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ କୁକି ସମ୍ପ୍ରଦାୟ ଉପରେ ଆକ୍ରମଣ ଏବଂ ଜାତିଆଣ ହିଂସା ଲାଗିରହିଛି। ମେ' ୪ରେ ସେନାପତି ଜିଲା କାଙ୍ଗପୋକ୍‌ପିଠାରେ କୁକି-ଜୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଏକ ବିଲକୁ ନେଇ ମେଇତି ସମ୍ପ୍ରଦାୟର ସଶସ୍ତ୍ରଲୋକେ ଗଣବଳାତ୍କାର କରିଥିଲେ। ତାଙ୍କ ସହ ଆଉ ଜଣେ ମହିଳାଙ୍କୁ ଉଲଗ୍ନ କରି ରାସ୍ତାରେ ପରେଡ୍ ମଧ୍ୟ କରିଥିଲେ, ଯାହାର ଭିଡିଓ ବୁଧବାର ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ଜଣେ ପୀଡ଼ିତା କହିଛନ୍ତି, ମେଇତିମାନେ ଆମକୁ ପୋଷାକ ଖୋଲିବାକୁ କହିଥିଲେ। ଏସବୁ ଘଟିଚାଲିଥିବାବେଳେ ୪ ପୋଲିସ କର୍ମଚାରୀ କାର୍‌ରେ ବସି ଦେଖୁଥିଲେ। ସେମାନେ ଆମକୁ କିଛି ସାହାଯ୍ୟ କରି ନ ଥିଲେ। ତାଙ୍କ ବାପା ଓ ଭାଇ ଏହାର ପ୍ରତିବାଦ କରିବାରୁ ଲୋକେ ଦୁହିଁଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ବାପା ଓ ଭାଇଙ୍କ ମୃତ୍ୟୁ ଘଟିଛି। ମଣିପୁର ଜାତିଆଣ ହିଂସାରେ ୧୬୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେନାପତି ଜିଲାରୁ ସଦ୍ୟ ସାମ୍ନାକୁ ଆସିଥିବା ବର୍ବରତା ବିରୋଧରେ ଗୁରୁବାର ଇଣ୍ଡିଜେନସ୍ ଟ୍ରାଇବାଲ୍ ଲିଡର୍ସ ଫୋରମ୍ (ଆଇଟିଏଲ୍ଏଫ୍) ପକ୍ଷରୁ ଚୁରାଚାନ୍ଦପୁରରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି। ଗୁରୁବାର ପାର୍ଲାମେଣ୍ଟ ମୌସୁମୀ ଅଧିବେଶନର ପ୍ରଥମ ଦିନରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି। ☞ପୃଷ୍ଠା-୪

# ବାପାଙ୍କୁ ଫାଶୀ ଦିଆଯାଉ

## ଟେଣ୍ଟା ଆକ୍ରମଣରେ ପୁଅ ମୃତ

ଜଗତ୍‌ସିଂହପୁର, ୨୦।୭ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ରାୟଦଣ୍ଡାରେ ଗୁରୁବାର ଅଭାବନୀୟ ଘଟଣା ଘଟିଛି। ବାପାଙ୍କ ଟେଣ୍ଟା ଆକ୍ରମଣରେ ପୁଅର ମୃତ୍ୟୁ ହୋଇଛି। ମୃତକ ହେଲେ ଦିଲୀପ କୁମାର ଭୋଇ ଓରଫ ଲିପୁ (୨୬)। ଏ ସମ୍ପର୍କରେ ତାଙ୍କ ବଡ଼ ଭାଇ ଦୀପକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ନଂ. ୪୬୪/୨୩ରେ ମାମଲା ରୁଜୁ କରିଛି। ପୋଲିସ ଅଭିଯୁକ୍ତ ବାପା ସୁଦର୍ଶନ ଭୋଇ (୫୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ମାରଣାସ୍ତ୍ର ଜବତ କରିଛି। ଅପରପକ୍ଷେ ଅଭିଯୁକ୍ତ ବାପାଙ୍କୁ ଫାଶୀ ଦିଆଯାଉ ନଚେତ ସେ ଅନ୍ୟମାନଙ୍କୁ ହତ୍ୟା କରିବାକୁ ପଛାଇବେ ନାହିଁ ବୋଲି ବଡ଼ପୁଅ ଓ ସୁଦର୍ଶନଙ୍କ ସ୍ତ୍ରୀ କହିଛନ୍ତି।

ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଭାସତ ରାୟଙ୍କ ସୂଚନା ଅନୁସାରେ, ସୁଦର୍ଶନ କିଛି କୁକୁଡ଼ା ପାଳିଛନ୍ତି। ଗତ ୧୯ ତାରିଖ ସକାଳେ ଗୋଟିଏ କୁକୁଡ଼ାକୁ କଟାସ ମାରି ଦେଇଥିଲା। ଏନେଇ ସୁଦର୍ଶନ



ଅଭିଯୁକ୍ତ ସୁଦର୍ଶନ ଭୋଇ

ନିଶାସକ୍ତ ଅବସ୍ଥାରେ ତାଙ୍କ ସ୍ତ୍ରୀ ସୁଷମାଙ୍କୁ ମାଡ଼ ମାରିଥିଲେ। ତା'ପରେ କୁକୁଡ଼ା ରୋଷେଇ ହୋଇଥିଲା। ଖାଇବାପରେ ସୁଦର୍ଶନ କୁଆଡ଼େ ଚାଲି ଯାଇଥିଲେ। ରାତି ପ୍ରାୟ ୧୦ଟା ବେଳେ ସେ ଘରକୁ ଫେରି ସୁଷମାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ କାନରୁ ରକ୍ତ ବାହାରିଥିଲା। ଏହାର କିଛି ସମୟ ପରେ ଲିପୁ ଘରେ ପହଞ୍ଚି ମା'ଙ୍କ ଏତାଦୃଶ ଅବସ୍ଥା ଦେଖି ବାପାଙ୍କୁ ପଚାରିଥିଲେ। ଏଥିରେ କ୍ରୋଧାନ୍ୱିତ ବାପା ସୁଦର୍ଶନ ଘରେ ଥିବା ଏକ ଟେଣ୍ଟାରେ ଆକ୍ରମଣ କରିଥିଲେ। ଟେଣ୍ଟାଟି ଲିପୁଙ୍କ ବେକରେ ପଶିଯିବାରୁ ସେ ଗୁରୁତର ହୋଇଥିଲେ। ଗାଁର କିଛି ଲୋକଙ୍କ ସହାୟତାରେ ଉକ୍ତ ଟେଣ୍ଟା କଢ଼ାଯାଇ ଲିପୁଙ୍କୁ ଜଗତ୍‌ସିଂହପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଦୀପକ କହିଛନ୍ତି, ବାପା ଯେତେବେଳେ ମଦ୍ୟପାନ କରନ୍ତି ସେତେବେଳେ ନିୟନ୍ତ୍ରଣ ଭିତରେ ରୁହନ୍ତି ନାହିଁ। ଗାଳି କରିବା ସହ ଗଣ୍ଡଗୋଳ କରିବାକୁ ଚେଷ୍ଟା କରିଥାନ୍ତି। ଏହାର ଚରମ ପରିଣତି ବୁଧବାର ଦେଖିବାକୁ ମିଳିଛି। ତେଣୁ ତାଙ୍କୁ ଫାଶୀ ଦିଆଯାଉ ବୋଲି ସେ ଦୁଃଖର ସହ କହିଛନ୍ତି। ସୁଷମା ମଧ୍ୟ ଅନୁରୂପ ଦାବି କରିଛନ୍ତି। ସବୁବେଳେ ସୁଦର୍ଶନ ତାଙ୍କୁ ମାଡ଼ ମାରନ୍ତି। ଏହି ଘଟଣା ପାଇଁ ବାପ ହାତରେ ପୁଅର ଜୀବନ ଯାଇଛି ବୋଲି ସେ କହିଛନ୍ତି। ଏଥିପାଇଁ ସ୍ୱାମୀଙ୍କୁ କଠୋର ଦଣ୍ଡ ଦେବାକୁ ସେ ଦାବି କରିଛନ୍ତି।

# ବିନା ଶୋଭାଯାତ୍ରାରେ ହେବ ମହରମ, ହନୁମାନ ଜୟନ୍ତୀ ପାଳନ



ଶାନ୍ତି କମିଟି ବୈଠକରେ ପ୍ରଶାସନିକ ଅଧିକାରୀ ଓ କମିଟି ସଦସ୍ୟ।

## ଶାନ୍ତି କମିଟି ବୈଠକରେ ନିଷ୍ପତ୍ତି

ସମ୍ବଲପୁର,୨୦।୭(ଶୁଭାଶିଷ ପାଢୀ)

ସମ୍ବଲପୁରରେ ବର୍ଷକ ଭିତରେ ବିନା ଶୋଭାଯାତ୍ରାରେ ମହରମ ଓ ହନୁମାନ ଜୟନ୍ତୀ ପାଳନ କରାଯିବ। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ମହରମ ଶାନ୍ତି ଓ ସମନ୍ୱୟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଗତ ଏପ୍ରିଲରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ସାମ୍ପ୍ରଦାୟିକ ଦଙ୍ଗା ଘଟିଥିଲା। ପ୍ରାୟ ଏକମାସ ପରେ ପରିସ୍ଥିତି ସୁଧାର ଆସିଥିଲା। ଏବେ ମଧ୍ୟ ଶତାଧିକ ଲୋକ ଜେଲରେ ଅଛନ୍ତି। ମହରମ୍‌ରେ ମିଳିତ ଶୋଭାଯାତ୍ରା ହେଲେ ଶତାଧିକ ଲୋକଙ୍କ ସମାଗମ ହେବ। କିଛି ଅଘଟଣ ମଧ୍ୟ ଘଟିପାରେ। ତେଣୁ ମହରମ କମିଟି ଓ ପ୍ରଶାସନ ମିଳିତ ଭାବେ ଆଲୋଚନା କରିବା ପରେ ଆସନ୍ତା ୨୯ତାରିଖରେ ହେବାକୁ ଥିବା ମହରମ ଶୋଭାଯାତ୍ରାକୁ ବନ୍ଦ କରାଯାଇଛି। ବୈଠକ ପରେ ଜିଲାପାଳ ଅନନ୍ୟା ଦାସ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଏସ୍‌ପି ମୁକେଶ ଭାମୁ କହିଛନ୍ତି, ଏବେ ସହରରେ ଶାନ୍ତି ପରିବେଶ ରହିଛି। ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଘଟିଥିବା ଘଟଣା ଆଜି ମଧ୍ୟ ଲୋକଙ୍କ ମନରୁ ଲିଭିନାହିଁ। ମହରମ ଶୋଭାଯାତ୍ରା ସମୟରେ କାଳେ ଅଘଟଣ ଘଟିବ ସେଥିପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ମହରମ ପର୍ବ ଯେଭଳି ଉତ୍ସାହର ସହିତ ପାଳନ କରିବେ ସେଥିପାଇଁ ଥାନାଗୁଡ଼ିକରେ ମହରମ କମିଟି ସଦସ୍ୟ ☞ପୃଷ୍ଠା-୪

# ଅର୍ଥାଭାବରୁ ପୋଡ଼ିବା ବଦଳରେ ପୋତିଲେ

## ହରିଶ୍ଚନ୍ଦ୍ର ଅର୍ଥ ନେଇଗଲେ ଫ୍ରିଜର ମାଲିକ

ରାଉରକେଲା, ୨୦।୭(ସଙ୍ଗୀତା ଜେନା)

ମୁଣ୍ଡରେ ସିମେଣ୍ଟ ବସ୍ତା ବୋହିବା ବେଳେ ଜଣେ ମହିଳା ଶ୍ରମିକ ଦୁର୍ଘଟଣାର ସମ୍ମୁଖୀନ ହେଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଗଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କଲେ। ଅନ୍ୟପକ୍ଷେ ମୃତଦେହ ସତ୍କାର ଲାଗି ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ଉକ୍ତ ପରିବାରକୁ ସହାୟତା ରାଶି ଦିଆଗଲା। ମାତ୍ର ମୃତଦେହ ସତେଜ ରଖିବା ପାଇଁ ଫ୍ରିଜର ବ୍ୟବହୃତ ହୋଇଥିବାରୁ ମାଲିକଙ୍କୁ ଏହି ସହାୟତା ରାଶି ଭରଣା କରାଗଲା। ଶେଷରେ ପାଖରେ ଅର୍ଥ ନ ରହିବାରୁ ପରିବାର ଲୋକେ ମହିଳା ଶ୍ରମିକଙ୍କ ମୃତଦେହକୁ ପୋଡ଼ିବା ବଦଳରେ ଶ୍ମଶାନରେ ପୋତିଦେଇଥିଲେ। ଏଭଳି ଏକ ଅଭାବନୀୟ ଘଟଣା ଷ୍ଟିଲ ସିଟି ରାଉରକେଲାରେ ଗୁରୁବାର ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ଗତ ୨ ତାରିଖରେ ରାଉରକେଲା ସହର ଉପକଣ୍ଠ ଝିରପାଣିର ସୁଷମା ଗୌଡ଼(୫୦) ଜଗଦା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘର ଛାତ ଢଳେଇ କରିବାକୁ ଯାଇଥିଲେ। ସେଠାରେ ସିମେଣ୍ଟ ବସ୍ତା ବୋହୁଥିବା ବେଳେ ତାଙ୍କ ବେକ ଭାଙ୍ଗି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ନ ହେବାରୁ ତାଙ୍କୁ ୧୭ତାରିଖରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଗଲା। ସେଠାରେ ଶଯ୍ୟା ନ ମିଳିବାରୁ ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଗଲା। କଟକରେ ଡାକ୍ତରମାନେ ସୁଷମାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପରିବାର ଲୋକେ ବହୁ କଷ୍ଟରେ ପଡୋଶୀଙ୍କଠାରୁ ଟଙ୍କା ସଂଗ୍ରହ କରି ଗତ ମଙ୍ଗଳବାର ରାତିରେ ମୃତଦେହକୁ କଟକରୁ ଝିରପାଣି ଆଣିଥିଲେ। ତେବେ ଏହି ଘଟଣାରେ ଠିକାଦାର ସହଯୋଗ କରୁ ନ ଥିବା ଦର୍ଶାଇ ସେମାନେ ଝିରପାଣି ଥାନାରେ ଅଭିଯୋଗ କରିବା ସହ ସ୍ଥାନୀୟ ସରପଞ୍ଚଙ୍କ ସହଯୋଗରେ ମୃତଦେହକୁ ଏକ ଫ୍ରିଜରରେ ରଖିଥିଲେ। ଅନ୍ୟପକ୍ଷେ ମୃତଦେହ ସତ୍କାର ପାଇଁ ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରେ ଉକ୍ତ ପରିବାରକୁ ୨ ହଜାର ଟଙ୍କା ଦେଲେ। ଫ୍ରିଜର ମାଲିକ ଭଡ଼ା ବାବଦ ସେଥିରୁ ୧୮ଶହ ଟଙ୍କା ନେଇଯାଇଥିଲେ। ସେପଟେ ପୋଲିସ ଠିକାଦାରଙ୍କୁ ଡାକି ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିଲା। ଅର୍ଥାଭାବ ଯୋଗୁ ମୃତଦେହକୁ ହିନ୍ଦୁ ରୀତିନୀତିରେ ସତ୍କାର କରିବା ଲାଗି ପରିବାର ଲୋକେ ଚିନ୍ତାରେ ପଡିଗଲେ। ଶେଷରେ ସେମାନେ ମୃତଦେହକୁ ଝିରପାଣି ଶ୍ମଶାନକୁ ନେଇ ମାଟି ଖୋଳି ପୋତି ଦେଇଛନ୍ତି। ଏ ସମ୍ପର୍କରେ ମୃତା ମହିଳାଙ୍କ ନାବାଳକ ପୁଅ ☞ପୃଷ୍ଠା-୪



ନେପାଳ ସୀମା ଦେଇ ଭାରତରେ ବେଆଇନ ଭାବେ ପ୍ରବେଶ କରିଥିବା ସୀମା ହାଇଦରଙ୍କଠାରୁ ୫ଟି ପାକିସ୍ତାନ ଅଥରାଇଜ୍ଡ, ଗୋଟିଏ ଅବ୍ୟବହୃତ ପାସ୍‌ପୋର୍ଟ ଜବତ କରାଯାଇଛି। ସୀମା ଓ ତାଙ୍କୁ ଆଶ୍ରୟ ଦେବା ନେଇ ସଚିନଙ୍କୁ ଉତ୍ତରପ୍ରଦେଶ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଜେରା କରୁଛି। ସୀମାଙ୍କ ଫୋନ୍‌ଠାରୁ ଆରମ୍ଭ କରି ତାଙ୍କ ନିକଟରେ ଥିବା ସମସ୍ତ ଦସ୍ତାବିଜ୍‌ର ତନ୍ନତନ୍ନ କରି ଯାଞ୍ଚ କରାଯାଉଥିବା ଉତ୍ତରପ୍ରଦେଶ ଡିଜିପି କହିଛନ୍ତି।



## ସଂକ୍ଷେପରେ

### ରୁଷିଆ ଟାର୍ଗେଟ୍‌ରେ ୟୁକ୍ରେନ୍ ଦକ୍ଷିଣାଞ୍ଚଳ ସହର

**କିଭ୍, ୨୦।୭:** ଲଗାତର ୩ ଦିନ ଧରି ରୁଷିଆ ସେନା ଓଡେସା ସମେତ ୟୁକ୍ରେନ୍‌ର ଦକ୍ଷିଣାଞ୍ଚଳ ସହର ଉପରେ ଘନ ଘନ ଆକ୍ରମଣ କରିଚାଲିଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୧ ଜଣ ଗୁରୁତର ଆହତ ହୋଇଥିବା ଗୁରୁବାର ୟୁକ୍ରେନ୍ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଆକ୍ରମଣ ଅଧିକ ତୀବ୍ର ହେବା ନେଇ ଆଶଙ୍କା କରିଛି କିଭ୍। ଗ୍ରେନ୍ ଡିଲ୍‌ରୁ ଭ୍ଲାଡିମିର ପୁଟିନ୍ ଓହରିଛନ୍ତି। ଏହି ଡିଲ୍ ଅନୁସାରେ ୟୁକ୍ରେନ୍‌କୁ ଖାଦ୍ୟାଭାବ ଭୋଗୁଥିବା ଦେଶଗୁଡ଼ିକୁ ଗହମ ଯୋଗାଣ ଲାଗି ଅନୁମତି ମିଳିଥିଲା। ଗୋଟିଏ ଦିନ ପୂର୍ବରୁ ଓଡେସାରେ ଥିବା ଗହମ ଏବଂ ତେଲ ଟର୍ମିନାଲ ରୁଷିଆର ମିଶାଇଲ ଓ ଡ୍ରୋନ୍ ଆକ୍ରମଣରେ ଧ୍ୱସ୍ତ ହୋଇଯାଇଛି। ଏହି ଆକ୍ରମଣରେ ପାଖାପାଖି ୬୦,୦୦୦ ଟନ୍ ଗହମ ନଷ୍ଟ ହୋଇଥିବା ଜଣାପଡ଼ିଛି। ସେହିପରି ଓଡେସାକୁ ଟାର୍ଗେଟ୍ କରିଥିବା ୧୨ ଇରାନୀୟ ଶହେଡ୍ ଡ୍ରୋନ୍ ଏବଂ ୨ଟି କାଲିବର ମିଶାଇଲ ୟୁକ୍ରେନୀୟ ବାୟୁ ସେନା ନଷ୍ଟ କରିଦେଇଥିବା ଓଡେସା ଗଭର୍ନର ଓଲେହ କିପର କହିଛନ୍ତି।

### ଅଜିତ ପାୱାରଙ୍କୁ ନାଗାଲାଣ୍ଡର ସବୁ ଏନ୍‌ସିପି ବିଧାୟକଙ୍କ ସମର୍ଥନ

**ନୂଆଦିଲ୍ଲୀ, ୨୦।୭:** ନାଗାଲାଣ୍ଡର ସମସ୍ତ ୭ ଜଣ ଯାକ ଏନ୍‌ସିପି ବିଧାୟକ ଅଜିତ ପାୱାରଙ୍କୁ ସମର୍ଥନ ଜଣାଇଛନ୍ତି। ଫଳରେ ଦଳ ଅଧକ୍ଷ ଶରଦ ପାୱାରଙ୍କୁ ଶକ୍ତ ଧକ୍କା ହୋଇଛି। ନାଗାଲାଣ୍ଡ ଏନ୍‌ସିପିର ସମସ୍ତ କର୍ମୀ ଅଜିତ ପାୱାରଙ୍କୁ ସମର୍ଥନ କରନ୍ତି ବୋଲି ବିଧାୟକମାନେ ଗୁରୁବାର ଏକ ବିବୃତିରେ କହିଛନ୍ତି। ଚଳିତ ମାସ ଆରମ୍ଭରେ ଅଜିତଙ୍କ ନେତୃତ୍ୱରେ ତାଙ୍କ ଦଳର ଅନ୍ୟ ୮ ଜଣ ବିଧାୟକ ମହାରାଷ୍ଟ୍ରର ଏକନାଥ ଶିନ୍ଦେ ସରକାରରେ ସାମିଲ ହୋଇଥିଲେ। ଫଳରେ ଶରଦ ପାୱାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏନ୍‌ସିପିରେ ବିଭାଜନ ହୋଇଥିଲା।

### ୪.୩୬ ଲକ୍ଷ ପାଇଛନ୍ତି ସରକାରୀ ଚାକିରି

**ନୂଆଦିଲ୍ଲୀ, ୨୦।୭:** ଦେଶରେ ୫ ବର୍ଷ ମଧରେ ମୋଟ ୪.୩୬ ଲକ୍ଷରୁ ଅଧିକ ପିଲା ସରକାରୀ ଚାକିରି ପ୍ରାପ୍ତ କରିଥିବା ଗୁରୁବାର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ରାଜ୍ୟ ସଭାରେ କହିଛନ୍ତି। ୨୦୧୮ ଏପ୍ରିଲରୁ ୨୦୨୩ ମାର୍ଚ୍ଚ ଭିତରେ ୟୁପିଏସ୍‌ସି, ଏସ୍‌ଏସ୍‌ସି ଏବଂ ଆର୍‌ଆର୍‌ବି ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ଏସ୍‌ସି, ଏସ୍‌ଟି ଏବଂ ଓବିସି ସଂରକ୍ଷଣ କୋଟାରେ ମୋଟ ୪,୬୩,୨୦୫ ଜଣ ଚାକିରି ପାଇଛନ୍ତି।

### ଭିଡ଼ ଉପରେ ମାଡ଼ିଗଲା କାର୍: ୯ ମୃତ

**ଅହମଦାବାଦ,୨୦।୭:** ଗୁଜରାଟ ଅହମଦାବାଦର ସର୍ଖେଜ-ଗାନ୍ଧୀନଗର ହାଇୱେ ଇସ୍କନ ବ୍ରିଜରେ କାର୍ ଦୁର୍ଘଟଣାରେ ୯ ଜଣଙ୍କ ମୃତ୍ୟୁ ଘଟିଛି। ହାଇୱେରେ ପୂର୍ବରୁ ସ୍ପୋର୍ଟ ୟୁଟିଲିଟି ଭେହିକଲ (ଏସ୍‌ୟୁଭି) ଏବଂ ଟ୍ରକ୍ ଦୁର୍ଘଟଣାରେ ଆହତମାନଙ୍କ ଉଦ୍ଧାର ପାଇଁ ଲୋକେ ଏକତ୍ରିତ ହୋଇଥିଲେ। ଠିକ୍ ସେହି ସମୟରେ ଦ୍ରୁତବେଗରେ ଥିବା ଏକ ଜାଗୁଆର କାର୍ ଗହଳି ଉପରକୁ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଜଣେ କନଷ୍ଟେବଲଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଅପରାହ୍ନ ୧ଟା ୩୦ ମିନିଟ୍‌ରେ ଦୁର୍ଘଟଣା ଘଟିଥିବାବେଳେ ଏଥିରେ ଆହତ ୧୩ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାରେ ଜାଗୁଆର ଡ୍ରାଇଭର ୧୯ ବର୍ଷୀୟ ତଥ୍ୟ ପଟେଲ୍ ମଧ ଗୁରୁତର ଆହତ ହୋଇଛନ୍ତି। ଏଫ୍‌ଆଇଆର୍ ଦାଏର ହେବା ପରେ ପୋଲିସ ଘଟଣାର ତଦନ୍ତ ଜଳାଇଛି।

### ମଡେଲ ମୁନ୍‌ମୁନ୍‌ଙ୍କୁ ସିବିଆଇ ଜେରା

**ନୂଆଦିଲ୍ଲୀ, ୨୦।୭:** ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଅଫିସର ସମୀର ୱାଙ୍ଖଡେଙ୍କ ବିରୋଧରେ ଥିବା ଦୁର୍ନୀତି ମାମଲାର ଯାଞ୍ଚ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ମୁନ୍‌ମୁନ୍



ଧମେଚାଙ୍କୁ ଜେରା କରିଛି। ସକାଳେ ମୁନ୍‌ମୁନ୍ ଦିଲ୍ଲୀସ୍ଥିତ ସିବିଆଇ ହେଡ୍ କ୍ୱାର୍ଟର୍ସରେ ହାଜର ହୋଇଥିବାବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତାଙ୍କୁ ଜେରା କରାଯାଉଥିଲା। ମୁମ୍ବାଇ କ୍ରୁଜ୍ ଡ୍ରଗ୍ସ ପାର୍ଟି ମାମଲାରେ ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନଙ୍କ ସହିତ ମୁନ୍‌ମୁନ୍‌ଙ୍କୁ ମଧ ଗିରଫ କରାଯାଇଥିଲା। କ୍ରୁଜ୍ ଶିପ୍‌ରେ ଏନ୍‌ସିବି ଚଢ଼ାଉ ବେଳେ ତାଙ୍କଠାରୁ ୫ ଗ୍ରାମ୍‌ର ଚରସ ଜବତ କରାଯାଇଥିଲା।

# ୮୦ ଦିନ ବିତିଲା, ନେଟ୍ ଦିଅ

## ବିଶ୍ୱରେ ଇଣ୍ଟରନେଟ୍ ଶଟ୍‌ଡାଉନର ରାଜଧାନୀ ପାଲଟିଛି ଭାରତ

**ଆଧୁନିକ ପୃଥିବୀରେ ଡେଟା ଦ୍ୱାରା ଜୀବନ ମପାଯାଉଥିବାବେଳେ ଉତ୍ତର-ପୂର୍ବ ଭାରତର ମଣିପୁରରେ ଲୋକଙ୍କୁ ଅଢ଼େଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଇଣ୍ଟରନେଟ୍ ସୁବିଧାରୁ ବଞ୍ଚିତ କରାଯାଇଛି। ଜାତିଆଣ ହିଂସା ପ୍ରଭାବିତ ଏହି ରାଜ୍ୟର ଭାଜପା ସରକାର ମେ' ୩ରୁ 'ଇଣ୍ଟରନେଟ ଶଟ୍‌ଡାଉନ' ଭଳି ସହଜ ମାଧ୍ୟମକୁ ବାଛିଛନ୍ତି। ଏଥିଯୋଗୁ ମେ' ୪ ତାରିଖରେ ୨ ଜଣ ଆଦିବାସୀ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଯିବାବେଳର ଭିଡିଓ ଲୋକଲୋଚନକୁ ଆସିବା ପାଇଁ ୭୯ ଦିନ ଲାଗିଗଲା।**

**ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର**



ୱାଶିଂଟନ୍/ନୂଆଦିଲ୍ଲୀ/ଇମ୍ଫାଲ,୨୦।୭

ଭାରତରେ ଇଣ୍ଟରନେଟ୍ ବନ୍ଦ କରିବା ଏକ ନିତିଦିନିଆ ଘଟଣା ହୋଇଗଲାଣି। ସରକାର ଦେଶର ବିଭିନ୍ନ ଭାଗରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିବା ପଛରେ ଅଧିକାଂଶ ସମୟରେ ଆଇନ ଓ ବ୍ୟବସ୍ଥା ସୁନିଶ୍ଚିତ କରିବା, ଜାତୀୟ ସୁରକ୍ଷା ବଳବତ୍ତର ରଖିବା ଏବଂ ମିଥ୍ୟା ସୂଚନା ଉପରେ ଲଗାମ ଲଗାଇବା ଅଥବା ଅପପ୍ରଚାର ରୋକିବା ଭଳି କାରଣ ଦର୍ଶାଇଥାଆନ୍ତି। କିନ୍ତୁ ବାରମ୍ବାର ହେଉଥିବା ଇଣ୍ଟରନେଟ୍ ଶଟ୍‌ଡାଉନରେ ସୂଚନା ଓ ଅଭିବ୍ୟକ୍ତିର ମୁକ୍ତ ପ୍ରବାହ ଉପରେ ଗଭୀର ପ୍ରଭାବ ପଡ଼ିଥାଏ।

ବିଶ୍ୱରେ ଇଣ୍ଟରନେଟ୍ ଶଟ୍‌ଡାଉନର ରାଜଧାନୀ ପାଲଟିଛି ଭାରତ। ଏକ୍‌ସେସ୍ ନାଓର ହିସାବ କହୁଛି, ୨୦୧୨ ଜାନୁୟାରୀରୁ ୨୦୨୨ ଜୁନ୍ ମଧରେ ସମଗ୍ର ଭାରତବର୍ଷରେ ସରକାରଙ୍କ ଦ୍ୱାରା ୬୪୭ ଥର ଇଣ୍ଟରନେଟ୍ ଶଟ୍‌ଡାଉନ କରାଯାଇଥିଲା, ଯାହାକି ସାରା ବିଶ୍ୱରେ ସର୍ବାଧିକ। ୨୦୧୬ ପରଠୁ ବିଶ୍ୱର ମୋଟ ଇଣ୍ଟରନେଟ୍ ଶଟ୍‌ଡାଉନ୍‌ର ୫୮% କେବଳ ଭାରତରେ ହୋଇଥିବା ବିଷୟ ଶଟ୍‌ଡାଉନ୍ ଟ୍ରାକର ଅପ୍ଟିମାଇଜେଶନ୍ ପ୍ରୋଜେକ୍ଟ (ଷ୍ଟପ୍ ଡେଟାବେସ୍) ପକ୍ଷରୁ କୁହାଯାଇଛି। ଉଦ୍ଦେଶ୍ୟମୂଳକ ଭାବେ ଇଣ୍ଟରନେଟ୍ ବନ୍ଦ କ୍ଷେତ୍ରରେ ଭାରତ କ୍ରମାଗତ ପଞ୍ଚମ ଥର ପାଇଁ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛି। ବୈଶ୍ୱିକ ଡିଜିଟାଲ ଅଧିକାର ଗୋଷ୍ଠୀ ଏବଂ କିପ୍‌ଇଟ୍‌ଅନ୍ କୋଏଲିଶନ୍ ପକ୍ଷରୁ ପ୍ରସ୍ତୁତ ଡେଟାବେସ୍ ଅନୁସାରେ ୨୦୨୨ରେ ଭାରତରେ ବିଶ୍ୱର ସର୍ବାଧିକ ୮୪ ଥର ଇଣ୍ଟରନେଟ୍ ଶଟ୍‌ଡାଉନ୍ କରାଯାଇଥିଲା। ୨୦୨୨ରେ ମୋଟ ୩୫ ଦେଶରେ ୧୮୭ ଥର ଇଣ୍ଟରନେଟ୍ ବନ୍ଦ କରାଯାଇଥିଲା। ଏହି ୩୫ ଦେଶ ମଧ୍ୟରୁ ୩୩ ରାଷ୍ଟ୍ର ଅଭ୍ୟାସଗତ ଭାବେ ଇଣ୍ଟରନେଟ୍ ଉପରେ କଟକଣା ଜାରି କରିଥିଲେ। ଫଳରେ ଅନ୍‌ଲାଇନ୍ ଯୋଗାଯୋଗ ଠପ୍ ହୋଇଯାଇଥିଲା। ଏଥିଯୋଗୁ ଦୈନନ୍ଦିନ କାର୍ଯ୍ୟ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଥିଲା। ସେହିପରି ୨୦୨୧ରେ ମଧ ଭାରତରେ ୧୦୬ ଥର ଇଣ୍ଟରନେଟ୍ ବନ୍ଦ କରାଯାଇଥିଲା। ଅଣଲାଭକାରୀ ଇଣ୍ଟରନେଟ୍ ସୋସାଇଟି ଏହାର ରିପୋର୍ଟ 'ନେଟ୍‌ଲସ୍'ରେ ଦର୍ଶାଇଛି ଯେ, ୨୦୨୩ ଜାନୁୟାରୀରୁ ଜୁନ୍ ମଧରେ ମଣିପୁର ଓ ପଞ୍ଜାବ ଭଳି ରାଜ୍ୟଗୁଡ଼ିକରେ ଇଣ୍ଟରନେଟ୍ ବନ୍ଦ ଯୋଗୁ ଭାରତୀୟ ଅର୍ଥନୀତିକୁ ୧.୯ ବିଲିୟନ୍ ଡଲାର କ୍ଷତି ସହିବାକୁ ପଡ଼ିଛି। କେବଳ ଏତିକି ନୁହେଁ, ଇଣ୍ଟରନେଟ୍ ଶଟ୍‌ଡାଉନ ଫଳରେ ପ୍ରାୟ ୧୧୮ ନିୟୁତ ଡଲାର ବିଦେଶୀ ପ୍ରତ୍ୟକ୍ଷ ନିବେଶ (ଏଫ୍‌ଡିଆଇ) ଆସି ନ ପାରିବାରୁ ଭାରତରେ ୨୧,୦୦୦ ଜଣ ନିଯୁକ୍ତି ହରାଇଛନ୍ତି। ସରକାରମାନେ ଅଧିକାଂଶ ସମୟରେ ଇଣ୍ଟରନେଟ୍ ଶଟ୍‌ଡାଉନ ଦ୍ୱାରା ବିକ୍ଷୋଭ, ଅଶାନ୍ତି, ଗୁଜବ ଏବଂ ସାଇବର ସିକ୍ୟୁରିଟିଜନିତ କ୍ଷତି ରୋକାଯାଇପାରିବ ବୋଲି ମନେକରନ୍ତି। କିନ୍ତୁ ଇଣ୍ଟରନେଟ୍ ସେବା ବନ୍ଦ କରାଯିବା ଦ୍ୱାରା ଆର୍ଥିକ କାରବାରରେ ବାଧାସୃଷ୍ଟି ହୋଇଥାଏ। ଭାରତରେ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ନିୟମିତ ଭାବେ ଇଣ୍ଟରନେଟ୍ ଶଟ୍‌ଡାଉନ୍ କରାଯାଉଥିବାରୁ ଦେଶରେ ଚଳିତବର୍ଷ ଶଟ୍‌ଡାଉନ୍ ରିସ୍କ ୧୭% ବଢ଼ିଛି। ସରକାର ଏହାର ପରିଣାମକୁ ଅଣଦେଖା ନ କରି ପଦକ୍ଷେପର ଭିନ୍ନ ଉପାୟ ବାହାର କରନ୍ତୁ ବୋଲି ଇଣ୍ଟରନେଟ୍ ସୋସାଇଟି ଅଧକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଆଣ୍ଡ୍ରୁ ସୁଲିଭାନ୍ କହିଛନ୍ତି। ନିକଟରେ ସାଇବର ସିକ୍ୟୁରିଟି ଉପରେ ଅନୁଷ୍ଠିତ ଜି୨୦ ବୈଠକରେ ମଧ ଭାରତରେ ଇଣ୍ଟରନେଟ୍ ଶଟ୍‌ଡାଉନ୍ ନେଇ ଚିନ୍ତାବ୍ୟକ୍ତ କରାଯାଇଛି। ଜେନେଭାସ୍ଥିତ ଇଣ୍ଟରନ୍ୟାଶନାଲ ଡିଜିଟାଲ ହେଲ୍‌ଥ ଆଣ୍ଡ୍ ଏଆଇ ରିସର୍ଚ୍ଚ କୋଲାବୋରେଟିଭ୍‌ର ସାଇବର ସିକ୍ୟୁରିଟି ପ୍ୟାନେଲିଷ୍ଟ ନିନା ନୱାକାନ୍‌ମା କହିଛନ୍ତି, ଭାରତ ମନଇଚ୍ଛା ଇଣ୍ଟରନେଟ୍ ଶଟ୍‌ଡାଉନ ବନ୍ଦ କରିବା ଉଚିତ। କାରଣ ଏପରି କରିବା ଦ୍ୱାରା ସରକାରଙ୍କ ଉପରୁ ଲୋକଙ୍କ ଭରସା ତୁଟିଯାଇଥାଏ।

### ଇଣ୍ଟରନେଟ୍ ବିହୁନେ ମଣିପୁର...

ଇଣ୍ଟରନେଟ୍ ଆମ ଜୀବନଶୈଳୀରେ ନାଟକୀୟ ପରିବର୍ତ୍ତନ ଆଣିଛି। ମୌଳିକ ଆବଶ୍ୟକତାଠାରୁ ନେଇ ଆର୍ଥିକ ଓ ସାମାଜିକ କାର୍ଯ୍ୟକଳାପର ଦିଗ ଉପରେ ଏହା ପ୍ରଭାବ ପକାଉଛି। ବାରମ୍ବାର ଇଣ୍ଟରନେଟ୍ ବନ୍ଦ ହେତୁ ଇ-କମର୍ସ, ପର୍ଯ୍ୟଟନ ଓ ଆଇଟି ସେବା ଭଳି ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ କ୍ଷେତ୍ରଗୁଡ଼ିକର କ୍ଷତି ସାଧିତ ହେଉଛି। ଆଜିର ଭାରତୀୟ ନାଗରିକ ଅନ୍ୟ ରାଷ୍ଟ୍ରଗୁଡ଼ିକର ଲୋକଙ୍କ ତୁଳନାରେ ସର୍ବାଧିକ ଇଣ୍ଟରନେଟ୍ ବ୍ଲାକ୍‌ଆଉଟ୍‌ର ଶିକାର ହେଉଛନ୍ତି।

ଭାରତରେ ପରୀକ୍ଷା ଆୟୋଜନ ବେଳେ କପି ରୋକିବା ଏବଂ ସରକାର ବିରୋଧୀ ବିକ୍ଷୋଭକୁ ପ୍ରତିହତ କରିବା ପାଇଁ ଅଧିକାଂଶ ସମୟରେ ଇଣ୍ଟରନେଟ୍ ବନ୍ଦ କରାଯାଉଛି। ପରୀକ୍ଷାରେ ନକଲ ରୋକିବା ପାଇଁ ଅନ୍ୟ ଉପାୟ ଆପଣାଯାଇପାରେ ଏବଂ କ୍ଷୋଭକାରୀଙ୍କ ସହ ଆଲୋଚନା କରାଯାଇପାରେ। କିନ୍ତୁ ତାହା ନ କରି ଗୋଟା ଇଣ୍ଟରନେଟ୍ ଠପ୍ କରିଦେବା ଫଳରେ ନକାରାତ୍ମକତା ବୃଦ୍ଧି ପାଉଛି। ଲାଭ ଅପେକ୍ଷା କ୍ଷତି ବଢ଼ିଯାଉଛି।

ମଣିପୁର ଦଙ୍ଗାବେଳେ ଇଣ୍ଟରନେଟ୍ ବ୍ୟାନ୍ ଔଷଧ ଯୋଗାଣ ଏବଂ ରିଲିଫ୍ ପ୍ରଦାନ କ୍ଷେତ୍ରରେ ବାଧା ସୃଷ୍ଟି କରୁଛି। ରିଲିଫ୍ କ୍ୟାମ୍ପ୍‌ରେ ଆଶ୍ରୟ ନେଇଥିବା ଜଣେ ବୟସ୍କା ମହିଳା କହିଛନ୍ତି, ଆଜିର ଯୁଗରେ ଇଣ୍ଟରନେଟ୍ ସେବା ଉପରେ କଟକଣା ମାନବାଧିକାର ଉଲ୍ଲଂଘନ ଭିନ୍ନ କିଛି ନୁହେଁ। ରୋଗଣା ଓ ସଂଘର୍ଷରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କ ପାଇଁ ରିଲିଫ୍ କ୍ୟାମ୍ପ୍‌ଗୁଡ଼ିକରେ ଥିବା ଲୋକଙ୍କ ଚିକିତ୍ସା ପାଇଁ ଔଷଧ ଓ ଡାକ୍ତରୀ ଉପକରଣ ଜରୁରୀ ହୋଇପଡ଼ିଛି। ଅର୍ଡର ଦିଆଯାଇ ପାରୁ ନ ଥିବାରୁ ସେମାନେ ଦାବି କରିଛନ୍ତି 'ବହୁତ ହୋଇଗଲା, ଇଣ୍ଟରନେଟ୍ ଦିଅ'। ମେ' ୪ରେ ସ୍ୱଳ୍ପବୟସ୍କା କୁକି ମହିଳାମାନଙ୍କ ଦେହରୁ ଲୁଗା କାଢ଼ି ଗାଁ ରାସ୍ତାରେ ଉଲଗ୍ନ ପରେଡ୍ କରାଗଲା। ଏହି ବର୍ବରତାର ଭିଡିଓ ଲୋକଲୋଚନକୁ ଆସୁ ଆସୁ ୭୯ ଦିନ ଲାଗିଗଲା। ସମ୍ଭବତଃ ଏଥିଯୋଗୁ ୨୦୦ ଟପିଥିବା ମୃତ୍ୟୁସଂଖ୍ୟାକୁ କମ୍ କରି କୁହାଯାଉଛି।



ମଣିପୁରରେ ଇଣ୍ଟରନେଟ୍ ଚାଲୁ ନ ଥିବାରୁ ଦିଲ୍ଲୀରେ ପାଠ ପଢ଼ୁଥିବା ମଣିପୁରୀ ଯୁବତୀମାନେ ଘରୁ ଅନ୍‌ଲାଇନ୍‌ରେ ଆସୁଥିବା ଟଙ୍କା ବନ୍ଦ ହୋଇଯିବା ପରେ ବିକ୍ଷୋଭ କରୁଛନ୍ତି।

- ଇଣ୍ଟରନେଟ୍ ବନ୍ଦ କରିବା ମୁଖ୍ୟତଃ ଟେମ୍ପୋରାରି ସସ୍‌ପେନ୍‌ଶନ ଅଫ୍ ଟେଲିକମ୍ ସର୍ଭିସେସ୍ (ପବ୍ଲିକ୍ ଏମର୍ଜେନ୍ସି ଆଣ୍ଡ ପବ୍ଲିକ୍ ସେଫ୍ଟି) ରୁଲ୍ସ, ୨୦୧୭ ଏବଂ ସିଆର୍‌ପିସି ଧାରା ୧୪୪ ଅଧୀନରେ ଆସୁଛି।
- ୨୦୨୦ ଜାନୁୟାରୀରେ ଅନୁରାଧା ବନାମ ଭାରତ ସରକାର ମାମଲାରେ ସୁପ୍ରିମକୋର୍ଟ କହିଥିଲେ, ଇଣ୍ଟରନେଟ୍ ଜରିଆରେ ସୂଚନା ହାସଲ କରିବା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧) ଅନ୍ତର୍ଗତ ଏକ ମୌଳିକ ଅଧିକାର। ଅତି ଜରୁରୀ ସ୍ଥିତି ଉପୁଜିଲେ ଆଇନର ଅନୁପାଳନ କରି ଏହି କଠୋର ଉପାୟ ଆପଣାଯାଇପାରେ।
- ବର୍ତ୍ତମାନ ବିଶ୍ୱବ୍ୟାପୀ ସୂଚନା ଆଦାନ ପ୍ରଦାନ ପାଇଁ ଇଣ୍ଟରନେଟ୍ ହେଉଛି ସର୍ବାଧିକ ବ୍ୟବହୃତ ଓ ସୁଲଭ ମାଧ୍ୟମ। ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ଜୋର୍ ଦେବାକୁ ଯାଇ ଇଣ୍ଟରନେଟ୍ ଶଟ୍‌ଡାଉନକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତିଷ୍ଠିତ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆବଶ୍ୟକ। ଇଣ୍ଟରନେଟ୍ ଶଟ୍‌ଡାଉନ ପାଇଁ କଡ଼ା ଗାଇଡ୍‌ଲାଇନ ଓ ପ୍ରୋଟୋକଲ ରହିବା କଥା।
- ନିକଟରେ ବାମପନ୍ଥୀ ଏମ୍‌ପିମାନେ ମଣିପୁର ପରିଦର୍ଶନ କରି ସବୁ ଅସୁବିଧା ଦେଖିଥିଲେ। ଲୋକଙ୍କୁ ସ୍ୱାଭାବିକ ଭାବେ ଚଳିବାକୁ ଦେବା ପାଇଁ ପ୍ରଶାସନ ତୁରନ୍ତ ଇଣ୍ଟରନେଟ୍ ସେବା ପ୍ରଦାନ କରୁ ବୋଲି ସାଂସଦମାନେ ଦାବି କରିଥିଲେ। କିନ୍ତୁ ରାଜ୍ୟର ଭାଜପା ସରକାର ସେମାନଙ୍କ କଥା ଶୁଣିଲେ ନାହିଁ।
- ଲୋକ ସଭା ସଦସ୍ୟ ପ୍ରତାପ ରାଓ ଯାଦବ ଅଧକ୍ଷତା କରୁଥିବା ସଂସଦର ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ସମ୍ପର୍କିତ ସ୍ଥାୟୀ କମିଟି ଇଣ୍ଟରନେଟ୍ ଶଟ୍‌ଡାଉନକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛି। ତଥ୍ୟାତ୍ମକ ଅଧ୍ୟୟନ ନ କରି ଇଣ୍ଟରନେଟ୍ ବନ୍ଦ କରାଯିବା ବିଷୟରେ ରେକର୍ଡ ରଖା ନ ଯିବା ନେଇ ଦୂରସଞ୍ଚାର ବିଭାଗ (ଡିଓଟି)କୁ ଭର୍ତ୍ସନା କରିଛି।
- ଜୁଲାଇ ୧୬ରେ ମଣିପୁର ହାଇକୋର୍ଟ ରାଜ୍ୟର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ଇଣ୍ଟରନେଟ୍ ସେବା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ଅନେକ ସଙ୍ଗଠନ ଓ ବ୍ୟକ୍ତିବିଶେଷ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିଥିଲେ। ରାଜ୍ୟ ସରକାର ମଧ ହାଇକୋର୍ଟଙ୍କ ରାୟ ବିରୋଧରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ୧୭ରେ ସିଜେଆଇ ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହା ଉପରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ହାଇକୋର୍ଟଙ୍କ ପରାମର୍ଶ କରି ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ କହିଛନ୍ତି।

**କେନ୍ଦ୍ର ଅଧ୍ୟାଦେଶକୁ ଦିଲ୍ଲୀ ସରକାରଙ୍କ ଚ୍ୟାଲେଞ୍ଜ**

## ସାମ୍ବିଧାନିକ ପୀଠକୁ ଗଲା ପିଟିଶନ

ନୂଆଦିଲ୍ଲୀ, ୨୦।୭(ପି.ଟି.)

ଦିଲ୍ଲୀର ସେବା ପ୍ରଶାସନକୁ ନିୟନ୍ତ୍ରଣ କରିବା ପାଇଁ ମେ' ୧୯ରେ କେନ୍ଦ୍ର ଆଣିଥିବା ଅଧ୍ୟାଦେଶକୁ ଦିଲ୍ଲୀ ସରକାର ଚ୍ୟାଲେଞ୍ଜ କରିଥିବାବେଳେ ଉକ୍ତ ପିଟିଶନ୍‌ର ଶୁଣାଣି ୫ ଜଣିଆ ସାମ୍ବିଧାନିକ ପୀଠରେ ହେବ। ସୁପ୍ରିମକୋର୍ଟ ଗୁରୁବାର ଉକ୍ତ ପିଟିଶନକୁ ସାମ୍ବିଧାନିକ ପୀଠକୁ ପଠାଇଦେଇଛନ୍ତି। ଏହା ସମଗ୍ର ବ୍ୟବସ୍ଥାକୁ ଅଚଳ କରିଦେବ କହି ପିଟିଶନକୁ ସାମ୍ବିଧାନିକ ପୀଠକୁ ପଠାଇବା ଅନାବଶ୍ୟକ ବୋଲି ଦିଲ୍ଲୀ ସରକାର ଦର୍ଶାଇଥିବା



ଯୁକ୍ତିକୁ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରିଦେଇଛନ୍ତି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ବିରୋଧରେ ପିଟିଶନର ଶୁଣାଣି ପରେ ବୃହତ୍ତର ବେଞ୍ଚ୍ ଦିଲ୍ଲୀ ସରକାରଙ୍କ ଆବେଦନର ଶୁଣାଣି କରିବେ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଜଷ୍ଟିସ ପି.ଏସ୍. ନରସିଂହ ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି। ସଂକ୍ଷିପ୍ତ ଶୁଣାଣି ବେଳେ ଖଣ୍ଡପୀଠ ଅଧ୍ୟାଦେଶକୁ ନେଇ ପ୍ରଶ୍ନ ଉଠାଇବା ସହ ଏହା ଦିଲ୍ଲୀ ସରକାରଙ୍କ ସେବା ନିୟନ୍ତ୍ରଣକୁ ଛଡ଼ାଇନେବ ବୋଲି କହିଥିଲେ। ସମ୍ବିଧାନ ଦିଲ୍ଲୀ ସରକାରଙ୍କ ନିୟନ୍ତ୍ରଣରୁ ପୋଲିସ, ଆଇନ ଶୃଙ୍ଖଳା ଓ ଜମିଜମାକୁ ବାଦ୍ ଦେଇଛି। ଏବେ ରାଜ୍ୟ କ୍ଷମତା ତାଲିକାରୁ ସେବା କ୍ଷମତାକୁ ମଧ କେନ୍ଦ୍ର ଅଧ୍ୟାଦେଶ ନେଇଯାଇଥିବା ଖଣ୍ଡପୀଠ କହିଥିଲେ।

## ଚିତା ମୃତ୍ୟୁକୁ ନେଇ ଚିନ୍ତା ପ୍ରକଟ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୦।୭(ପି.ଟି.)

ଦକ୍ଷିଣ ଆଫ୍ରିକା ଏବଂ ନାମିବ୍ୟାରୁ କୁନୋ ଜାତୀୟ ଉଦ୍ୟାନକୁ ଅଣାଯାଇଥିବା ଚିତାଙ୍କ ମଧ୍ୟରୁ ୪ ମାସ ମଧ୍ୟରେ ୪୦ ପ୍ରତିଶତଙ୍କ ମୃତ୍ୟୁ ଘଟିବା 'ଠିକ୍ ଛବି' ଉପସ୍ଥାପନ କରୁନାହିଁ ବୋଲି ଗୁରୁବାର ସୁପ୍ରିମକୋର୍ଟ କହିଛନ୍ତି। ଏହାକୁ କେନ୍ଦ୍ର ସରକାର ସମ୍ମାନର ପ୍ରସଙ୍ଗ ଭାବେ ନ ନେଇ ଚିତାଗୁଡ଼ିକୁ ଅନ୍ୟ ଅଭୟାରଣ୍ୟକୁ ସ୍ଥାନାନ୍ତର କରିବା ସମ୍ଭାବନା ଉପରେ କାର୍ଯ୍ୟ କରିବାକୁ ସର୍ବୋଚ୍ଚ ଅଦାଲତ ପ୍ରସ୍ତାବ ଦେଇଛନ୍ତି। ଚିତାଗୁଡ଼ିକର ମୃତ୍ୟୁକୁ ନେଇ ଜଷ୍ଟିସ ବି.ଆର୍. ଗଭାଇ, ଜେ.ବି. ପର୍ଡିୱାଲା ଏବଂ ପ୍ରଶାନ୍ତ କୁମାର ମିଶ୍ରାଙ୍କ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିବା ସହ ମୃତ୍ୟୁର କାରଣ ଏବଂ ଏହାର ପ୍ରତିକାର ପାଇଁ କ'ଣ ପଦକ୍ଷେପ ନିଆଯାଇଥିଲା ସତ୍ୟପାଠ ଜରିଆରେ ଜଣାଇବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ବିଦେଶରୁ ଅଣାଯାଇଥିବା ୨୦ ଚିତା ମଧ୍ୟରୁ ୮ଟିର ମୃତ୍ୟୁ ଘଟିଲାଣି। ଜଳବାୟୁ ଅନୁକୂଳ ହେଉନାହିଁ, ନା ଅନ୍ୟ କୌଣସି କାରଣରୁ ସେମାନଙ୍କର ମୃତ୍ୟୁ ଘଟୁଛି ବୋଲି ଖଣ୍ଡପୀଠ ଜାଣିବାକୁ ଚାହିଁଥିଲେ। ସେଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର ନ କରି କ'ଣ ପାଇଁ ସମ୍ମାନର ପ୍ରସଙ୍ଗ କରାଯାଉଛି ବୋଲି ଅଦାଲତ ପ୍ରଶ୍ନ କରିଥିଲେ।

## ଭୂସ୍ଖଳନରେ ୧୩ ମୃତ



ମୁମ୍ବାଇ, ୨୦।୭

ମହାରାଷ୍ଟ୍ର ରାଇଗଡ଼ ଜିଲା ଇର୍ଶାଲୱାଡ଼ି ଗ୍ରାମରେ ବୁଧବାର ରାତି ପ୍ରାୟ ୧୧ଟାରେ ଭୂସ୍ଖଳନ ଯୋଗୁ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ଲଗାଣ ବର୍ଷା ପରେ ଭୂସ୍ଖଳନ ହୋଇଥିବା କୁହାଯାଉଛି। କାଦୁଅ ତଳୁ ୧୨ ଜଣଙ୍କ ମୃତଦେହ ଜବତ କରାଯାଇଥିବାବେଳେ ଘଟଣା ସ୍ଥଳରେ ଜଣେ ଉଦ୍ଧାରକାରୀଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ଶିନ୍ଦେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିରୀକ୍ଷଣ କରିଥିଲେ। ଘଟଣାସ୍ଥଳରେ ୪ ଏନ୍‌ଡିଆର୍‌ଏଫ୍ ଟିମ୍ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ମାଟି ତଳେ ଆହୁରି ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ନେଇ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଘୋଷଣା କରିଛନ୍ତି। ଏହାଛଡ଼ା ଆହତଙ୍କ ଚିକିତ୍ସା ପାଇଁ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ବୋଲି କହିଛନ୍ତି।

## ମଣିପୁର ପ୍ରସଙ୍ଗରେ ପାର୍ଲାମେଣ୍ଟ ମୁଲତବୀ

ନୂଆଦିଲ୍ଲୀ, ୨୦।୭

ମଣିପୁର ହିଂସା ପ୍ରସଙ୍ଗରେ ଆଲୋଚନା ଦାବିକରି ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ ଗୁରୁବାର ପ୍ରବଳ ହଟ୍ଟଗୋଳ କରିବାରୁ ମୌସୁମୀ ଅଧିବେଶନର ପ୍ରଥମ ଦିନ ପାର୍ଲାମେଣ୍ଟକୁ ମୁଲତବୀ ରଖାଯାଇଛି। ଆଲୋଚନା ପାଇଁ ସରକାର ପ୍ରସ୍ତୁତ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଏବଂ ଗୃହର ଉପନେତା ରାଜନାଥ ସିଂ ପ୍ରତିଶ୍ରୁତି ଦେବା ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଓ ସ୍ଲୋଗାନବାଜି ଜାରି ରଖିଥିଲେ। ସମସ୍ତ ଆଲୋଚନାକୁ ବନ୍ଦ ରଖି କେବଳ ମଣିପୁର ହିଂସା ଉପରେ ଆଲୋଚନା କରିବା ପାଇଁ ୧୫ ବିରୋଧୀ ଦଳର ଏମ୍‌ପିମାନେ ଅଡ଼ିବସିଥିଲେ। ଲୋକ ସଭାରେ ସରକାର ଗୃହର ନିୟମିତ କାର୍ଯ୍ୟଧାରା ଆରମ୍ଭ କରିବାକୁ ଉଦ୍ୟମ



କଲାବେଳେ ବିରୋଧୀ ସଦସ୍ୟମାନେ 'ମଣିପୁର ମଣିପୁର' ସ୍ଲୋଗାନ ଦେଇଥିଲେ। ସେହିପରି ରାଜ୍ୟ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିବୃତି ଦାବି କରାଯିବାରୁ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା।

ଆଲୋଚନା ଆରମ୍ଭ ହେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ସବିଶେଷ ବିବରଣୀ ଉପସ୍ଥାପନ କରିବେ। ଆଲୋଚନାର ସମୟ ବାଚସ୍ପତି ଧାର୍ଯ୍ୟ କରିବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଥିଲେ। ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ଥିବା କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଚାମ୍ବରରେ ବିରୋଧୀ ନେତାମାନେ ଏକାଠି ହୋଇ ମୌସୁମୀ ଅଧିବେଶନ ପାଇଁ ମିଳିତ ରଣନୀତି ପ୍ରସ୍ତୁତ କରିଥିଲେ। ମଣିପୁରରେ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ହିଂସାକାଣ୍ଡ ଲାଗିରହିଥିବାବେଳେ ଶତାଧିକ ଲୋକଙ୍କ ଜୀବନ ଗଲାଣି। ହଜାର ହଜାର ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ମୁଣ୍ଡ ଗୁଞ୍ଜିଛନ୍ତି। ଏହା ଉପରେ ପ୍ରଧାନମନ୍ତ୍ରୀ ମୁହଁ ନ ଖୋଲିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିବା ଆସୁଛନ୍ତି। ମଣିପୁରରେ ୨ କୁକି ମହିଳାଙ୍କୁ ଉଲଗ୍ନ ପରେଡ୍ କରାଇବାର ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ଅପରାଧୀଙ୍କୁ ଦଣ୍ଡିତ କରାଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଲୋକ ସଭାରେ ପ୍ରଧାନମନ୍ତ୍ରୀଙ୍କ ସହ ସଂକ୍ଷିପ୍ତ ଆଲୋଚନା ଅବସରରେ କଂଗ୍ରେସ ସଂସଦୀୟ ଦଳ ନେତା ସୋନିଆ ଗାନ୍ଧୀ ଗୃହରେ ମଣିପୁର ହିଂସା ପ୍ରସଙ୍ଗରେ ଆଲୋଚନା କରିବାକୁ ଅନୁରୋଧ କରିଥିଲେ।

## ମଣିପୁର ଲଜ୍ଜାଜନକ ଘଟଣାରେ କେନ୍ଦ୍ର ଓ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ତାଗିଦ




# ଖଡ଼ଗ ନଦୀଗର୍ଭ ଜଳାଶୟକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

## ଖର୍ଚ୍ଚ ହେବ ୧୨୬ କୋଟି ଟଙ୍କା

## ଉପକୃତ ହେବେ ବୌଦ୍ଧ, ବଲାଙ୍ଗୀର ଓ କନ୍ଧମାଳର ୨୦ ହଜାର ଲୋକ

**ଭୁବନେଶ୍ୱର,୨୦।୭(ଅନିଲ ଦାସ)**

ଖଡ଼ଗ ନଦୀରେ ନିର୍ମାଣ ହେବ ନଦୀଗର୍ଭ ଜଳାଶୟ। ୧୨୬ କୋଟି ଟଙ୍କାର ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅନୁମୋଦନ କରିଛନ୍ତି। ପୂର୍ବରୁ ଏହି ପ୍ରକଳ୍ପକୁ ବୈଷୟିକ ପରାମର୍ଶଦାତା କମିଟି ମଧ୍ୟ ସ୍ୱୀକୃତି ପ୍ରଦାନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ବୌଦ୍ଧ ଜିଲାର କଣ୍ଟାମାଳ ବ୍ଲକ, କନ୍ଧମାଳ ଜିଲାର ବାଲିଗୁଡ଼ା ବ୍ଲକ ଏବଂ ବଲାଙ୍ଗୀର ଜିଲା ଗୁଡ୍‌ଭେଲା ବ୍ଲକର ପ୍ରାୟ ୨୦ ହଜାରରୁ ଅଧିକ ଲୋକ ଉପକୃତ ହେବେ। ଏହି ଯୋଜନାରେ ବାଲିଗୁଡ଼ା ବ୍ଲକର ଲଡ଼ଗାଁ ଗ୍ରାମ ନିକଟରେ ଏହି ପ୍ରକଳ୍ପ କାର୍ଯ୍ୟ କରାଯିବ।

କୌଣସି ବିସ୍ଥାପନ ବିନା ଏହି ପ୍ରକଳ୍ପ ନିର୍ମାଣ କରାଯିବ। ଏହା ନଦୀଗର୍ଭ ଜଳ ସଂରକ୍ଷଣ କରିବା ସହିତ ଖରାଦିନେ ଏହି ଅଞ୍ଚଳର ପାନୀୟ ଜଳ ଆବଶ୍ୟକତା ପୂରଣ କରିବ। ମାଛଚାଷ ଓ ଭୂତଳ ଜଳସ୍ତର ବୃଦ୍ଧିରେ ମଧ୍ୟ ଏହା ବିଶେଷ ସହାୟକ ହେବ। ସୂଚନାଯୋଗ୍ୟ, ଚଳିତ ମାସ ୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବୌଦ୍ଧ ଜିଲା ଗସ୍ତ ସମୟରେ ସ୍ଥାନୀୟ ଜନସାଧାରଣ ଖଡ଼ଗ ନଦୀରେ ଏକ ବ୍ୟାରେଜ ନିର୍ମାଣ ପାଇଁ ଦାବିପତ୍ର ଦେଇଥିଲେ। ଏ ସମ୍ପର୍କରେ ୫-ଟି ସଚିବ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଜନସାଧାରଣଙ୍କ ଦାବି ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ଅନୁରୋଧକୁ ଗ୍ରହଣ କରିଥିଲେ।

ଏଠାରେ ସୂଚନାଯୋଗ୍ୟ, ନଦୀ ଗର୍ଭ ପୋତି ହେବା ସାଙ୍ଗକୁ ବର୍ଷର ଅଧିକାଂଶ ସମୟ ଶୁଖିଲା ପଡୁଛି। ଭୂତଳ ଜଳ ସ୍ତର ମଧ୍ୟ ହ୍ରାସ ପାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ପ୍ରମୁଖ ନଦୀଗୁଡ଼ିକରେ ୪୦ରୁ ଊର୍ଦ୍ଧ୍ୱ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର ପ୍ରୋଜେକ୍ଟ ୨୦୨୦ରୁ କାର୍ଯ୍ୟକାରୀ କରାଯାଉଛି। ୬ ବର୍ଷ ପାଇଁ ରାଜ୍ୟ ସରକାର ଏହି ପ୍ରକଳ୍ପରେ ୧୧,୭୧୩ କୋଟି ଟଙ୍କା ଖର୍ଚ୍ଚ କରିବେ।

# କୃଷି ଶ୍ରମିକ ଭାରତୀ ରସାୟନ ବିଜ୍ଞାନରେ ପିଏଚ୍‌ଡି

**ଅମରାବତୀ,୨୦।୭**

ସଫଳତାର ଦୁଇଟି ମୂଳ ସୂତ୍ର, ମନୋବଳ ଓ କଠିନ ପରିଶ୍ରମ। ବହୁ ବାଧା, ବିଘ୍ନ ପରେ ଆନ୍ଧ୍ରପ୍ରଦେଶର ସାକେ ଭାରତୀ ନିଜ ଆଶା ପୂରଣ କରିବାରେ ସଫଳ ହୋଇଛନ୍ତି। ବର୍ତ୍ତମାନଠାରୁ ଭାରତୀଙ୍କ ନାଁ ଆଗରେ ଲାଗିବ ଡକ୍ଟର। କାରଣ ଦିନ ମଜୁରିଆ ଭାବେ କାମ କରୁଥିବା ଭାରତୀ ଶ୍ରୀ କ୍ରିଷ୍ଣା ଦେବରାଜ ୟୁନିଭର୍ସିଟିରୁ ରସାୟନ ବିଜ୍ଞାନରେ ପିଏଚ୍‌ଡି ଲାଭ କରିଛନ୍ତି। ଆନ୍ଧ୍ରପ୍ରଦେଶ ନାଗୁଲାଗୁଞ୍ଜମ ଗ୍ରାମରେ ଭାରତୀଙ୍କ ଘର। ନିମ୍ନ ମଧ୍ୟବିତ୍ତ ପରିବାରର ଭାରତୀଙ୍କ ପଢ଼ା କ୍ଷେତ୍ରରେ ବହୁ ସମସ୍ୟା ଉଭା ହୋଇଥିଲେ ବି ସେ ହାର୍ ମାନି ନାହାନ୍ତି। ଭାଇ, ଭଉଣୀଙ୍କ ଭିତରେ ଭାରତୀ ସବୁଠୁ ବଡ଼। ସରକାରୀ ସ୍କୁଲ ଓ କଲେଜରେ ତାଙ୍କ ପାଠପଢ଼ା। ଘରର ଆର୍ଥିକ ସମ୍ବଳ ଅନୁସାରେ ବିବାହ ବେଳକୁ ସେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ଏହାପରେ ଘରଲୋକ ସମ୍ପର୍କୀୟ ମାମୁଙ୍କ ସହ ତାଙ୍କ ବାହାଘର କରିଦେଲେ। ବାହାଘର ପରେ ପରିବାର ଚଳାଇବା ଓ ପାଠ ପଢ଼ା ପ୍ରତି ଥିବା ଆଗ୍ରହକୁ ପୂରା କରିବା ପାଇଁ ଭାରତୀଙ୍କୁ ଜଣେ ଦିନ ମଜୁରିଆ ଓ ଜଣେ ଛାତ୍ରୀ ଭାବେ ଦୁଇଟି ଭୂମିକା ତୁଲାଇବାକୁ ପଡୁଥିଲା। କିନ୍ତୁ ମା' ହେବା ପରେ ଭାରତୀଙ୍କ ପକ୍ଷେ ଦୁଇଟି ଯାକ କାମ କରିବା ସମ୍ଭବପର ନ ଥିଲା। ଫଳରେ ତାଙ୍କୁ ଏସ୍‌ଏସ୍‌ବିଏନ୍ ଡିଗ୍ରୀ ଏବଂ ପିଜି କଲେଜରେ ପାଠ ପଢ଼ା ଅଧାରୁ ବନ୍ଦ କରିବାକୁ ପଡ଼ିଥିଲା। କିଛି ବର୍ଷରେ ପିଲା ବଡ଼ ହୋଇଯିବା ପରେ ଭାରତୀ ପୁଣି ପଢ଼ା ଆରମ୍ଭ କରିଦେଲେ। ପ୍ରତିଦିନ ଭୋରୁ ଉଠି ଘରକାମ ସାରି ୩୦ କି.ମି. ଦୂର କଲେଜକୁ ପଢ଼ିବାକୁ ଯାଆନ୍ତି। ପଢ଼ା କ୍ଷେତ୍ରରେ ଭାରତୀଙ୍କୁ ତାଙ୍କ ସ୍ୱାମୀ ଶିବପ୍ରସାଦ ସମସ୍ତ ପ୍ରକାର ସହଯୋଗ ଯୋଗାଇଥିବା ସେ କୁହନ୍ତି। ରସାୟନ ବିଜ୍ଞାନରେ ପିଜି ହାସଲ କରିସାରିବା ପରେ ଶିକ୍ଷକଙ୍କ ପରାମର୍ଶ କ୍ରମେ ଭାରତୀ ପିଏଚ୍‌ଡି ପାଇଁ ପଢ଼ାପଢ଼ି ଆରମ୍ଭ କଲେ। ଶିକ୍ଷା ବୃତ୍ତିକୁ ନେଇ ଥିବା ତାଙ୍କ ଆଗ୍ରହ ପାଇଁ ଅସୁବିଧା ପରେ ମଧ୍ୟ ଆଜି ସେ ସଫଳ ହୋଇଛନ୍ତି। ନିଜ ପରିବାର ଓ ଶିକ୍ଷକମାନଙ୍କ ସହଯୋଗ ଯୋଗୁ ଭାରତୀ ଏବେ ଡ.ଭାରତୀ ବୋଲାଇବାକୁ ଯାଉଥିବା କହିଛନ୍ତି। ଏହାଛଡ଼ା କଲେଜରୁ ମିଳୁଥିବା ମେଧାବୃତ୍ତି ମଧ୍ୟ ତାଙ୍କୁ ଅନେକାଂଶରେ ସାହାଯ୍ୟ କରିଥିବା ଭାରତୀ କହିଛନ୍ତି। ପିଏଚ୍‌ଡି ପରେ ଭାରତୀ ସ୍ଥାନୀୟ କଲେଜରେ ସହ ଗବେଷକ ଚାକିରି ପାଇଁ ପ୍ରୟାଶ ଆରମ୍ଭ କରିଛନ୍ତି।


ସାକେ ଭାରତୀ

# ୨୩ରେ ହୀରାକୁଦରୁ ପ୍ରଥମ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର,୨୦।୭(ଶୁଭାଶିଷ ପାଢୀ)**

ଆସନ୍ତା ୨୩ ତାରିଖ ରବିବାର ସକାଳ ୯ଟାରେ ହୀରାକୁଦ ଡ୍ୟାମ୍‌ରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହେବ। ଡ୍ୟାମ୍ କର୍ତ୍ତୃପକ୍ଷ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦେଇଛନ୍ତି। ଉପର ମୁଣ୍ଡରେ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି। ତେଣୁ ଗେଟ୍ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ୨୩ରେ କେତୋଟି ଗେଟ୍ ଖୋଲାଯିବ ସେ ନେଇ ଡ୍ୟାମ୍ କର୍ତ୍ତୃପକ୍ଷ ଠିକ୍ ସୂଚନା ଦେଇନାହାନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ୭ ନମ୍ବର ସ୍ଲୁଇସ ଗେଟ୍ ଖୋଲାଯିବା ଆଶା କରାଯାଉଛି। ଗେଟ୍ ଖୋଲାଗଲେ ହୀରାକୁଦ ଡ୍ୟାମ୍ ତଳମୁଣ୍ଡରେ ମହାନଦୀର ଜଳସ୍ତର ବୃଦ୍ଧି ପାଇବା ସହିତ ଏହାର ଶାଖା ନଦୀଗୁଡ଼ିକର ଜଳସ୍ତର ମଧ୍ୟ ବୃଦ୍ଧି ପାଇବ। ତେଣୁ ତଳମୁଣ୍ଡରେ ବସବାସ କରୁଥିବା ଲୋକେ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। କୌଣସି ଦୁର୍ଘଟଣା ଘଟିଲେ ବନ୍ଧ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ନୋଟିସ ଜାରି କରିଛନ୍ତି। ସୂଚନାଯୋଗ୍ୟ, ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଛି। ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୧୨ ଫୁଟ୍ ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୪୦ ହଜାର ୧୪୭ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପ୍ରାୟ ୩୯ ହଜାର ୮୪୨ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଆଗକୁ ପୁଣି ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଜଳଭଣ୍ଡାରରେ ଜଳସ୍ତର କ୍ରମାଗତ ବଢିବାରେ ଲାଗିଥିବାରୁ ବନ୍ୟାଜଳ ନିଷ୍କାସନ କରାଯାଇ ଜଳ ପରିଚାଳନା କରାଯିବ ବୋଲି କୁହାଯାଇଛି। ପ୍ରକାଶଥାଉ କି ୨୦୨୨ରେ ଜୁଲାଇ ୧୮ ଓ ୨୦୨୧ରେ ଜୁଲାଇ ୧୧ ତାରିଖରେ ବନ୍ୟାଜଳ ନିଷ୍କାସନ ହୋଇଥିଲା।



# ଅଗ୍ନିଶମ ସେବା ବିଭାଗରେ ସୃଷ୍ଟି ହେଲା ୨୬ ନୂତନ ପଦବୀ

## ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର,୨୦।୭ (ଅନିଲ ଦାସ)**

ଓଡ଼ିଶା ଅଗ୍ନିଶମ ସେବା ବିଭାଗର ବିଭିନ୍ନ ପାହ୍ୟାରେ ୨୬ଟି ନୂତନ ପଦବୀ ସୃଷ୍ଟି କରାଯାଇଛି। ଏହାକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏଥିରେ ୩ଟି ଷ୍ଟେଶନ ଅଫିସର ପଦବୀ ଥିବାବେଳେ ୩ଟି ଲିଡିଂ ଫାୟାରମ୍ୟାନ ଓ ୨୦ଟି ଫାୟାରମ୍ୟାନ ପଦବୀ ରହିଛି। ଏହି ନୂତନ ପଦବୀ ସୃଷ୍ଟି ହେବା ଫଳରେ ଅଗ୍ନିଶମ ସେବା ବିଭାଗ ଆହୁରି ଅଧିକ ଦକ୍ଷ ଭାବରେ ଲୋକଙ୍କୁ ସେବା ଯୋଗାଇଦେବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି।







**ଆଜିର ମନ୍ତବ୍ୟ**

"ଅଧିବେଶନ ଆରମ୍ଭ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟ ବାହାରେ ମଣିପୁର ସ୍ଥିତି ସମ୍ପର୍କରେ ମନ୍ତବ୍ୟ ରଖିବା ବିଶେଷାଧିକାରର ଉଲ୍ଲଂଘନ। ଉକ୍ତ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଗୃହରେ ବକ୍ତବ୍ୟ ରଖନ୍ତୁ।

–ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜନମ, ମରଣ, ବରଷା
ଏହା କହି ନ ପାରଇ ପୁରୁଷା।**

ମଣିଷର ଜନ୍ମ, ମରଣ ଉପରେ କାହାର ହାତ ନାହିଁ। ସେମିତି ବରଷା କେବେ ହେବ ସେ କଥା ଠିକ୍‌ରେ କହି ହେବନାହିଁ। ଏହି ତିନୋଟି ଅପ୍ରିୟ ସତ୍ୟର ଭବିଷ୍ୟବାଣୀ କରିବାକୁ ମଣିଷ ଅକ୍ଷମ ଅଟେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଜାଣିଥିଲି କି,
ଅଧେ ସୁନା ଅଧେ ପିତ୍ତଳ ବୋଲି ମୁଁ
ନିକିତି ପକାଇ ତୁଳିଥିଲି କି ?**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଉପରେ ପଡ଼ି ଅନ୍ୟକୁ ଉପଦେଶ ଦେଇଥାନ୍ତି। କୌଣସି ବିଷୟରେ ଧାରଣା ନ ଥିଲେ ସୁଦ୍ଧା ନିଜର ମତାମତ ଶୁଣାଇଥାନ୍ତି। ତେବେ କୌଣସି କଥାର ଭିତରେ ନ ପଶି ଉପରେ ଉପରେ ସଫେଇ ଦେବା ଉଚିତ ହୋଇ ନ ଥିବାବେଳେ ବ୍ୟକ୍ତିଙ୍କ ଏପରି ବୟାନ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ୨୫ରେ ଆଉ ଏକ ଲଘୁଚାପ

## ଆଭ୍ୟନ୍ତରୀଣ, ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୦।୭(ଅନିଲ ଦାସ)

ଆସନ୍ତା ୨୫ ତାରିଖରେ ଉତ୍ତର–ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୨୫ ଓ ୨୬ ତାରିଖରେ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ଏବଂ ୨୭ ଓ ୨୮ ତାରିଖରେ ଆଭ୍ୟନ୍ତରୀଣ ଏବଂ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

ଅନ୍ୟପକ୍ଷରେ ଉତ୍ତର–ପଶ୍ଚିମ ବଙ୍ଗୋପସାଗର ଓ ଓଡ଼ିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨ ଦିନ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୨ ତାରିଖରେ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ବରଗଡ଼, ବୌଦ୍ଧ, ସୋନପୁର, ସମ୍ବଲପୁର ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ଅନୁଗୋଳ, ନୟାଗଡ଼, କଟକ, ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୨୩ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ନୂଆପଡ଼ା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଲଘୁଚାପ ସହିତ ରାଜ୍ୟରେ ମୌସୁମୀ ସକ୍ରିୟ ଥିବାରୁ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ମାଲକାନଗିରିରେ ୫୦.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ତାଳଚେର ୪୨, ନୟାଗଡ଼ ୨୩, ପାରଳାଖେମୁଣ୍ଡି ୨୭.୬, ଫୁଲବାଣୀ ୧୩.୨, ଦେବଗଡ଼ ୨୫, ଭଦ୍ରକ ୧୯.୨, ଢେଙ୍କାନାଳ ୧୮, ନୂଆପଡ଼ା ୧୨.୫, ଅନୁଗୋଳ ୨୦, ସମ୍ବଲପୁର ୨୯.୨, ପୁରୀରେ ୧୩.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ପୋଖରୀରେ ବୁଡ଼ିଗଲେ ୨ ଅଙ୍ଗନୱାଡି ଶିଶୁ

## ଜଣେ ମୃତ, ଅନ୍ୟ ଜଣେ ଗୁରୁତର

ଠାକୁରମୁଣ୍ଡା,୨୦।୭(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ କେଶଡିହା ପଞ୍ଚାୟତ ଅଧୀନ ମିରୁଆଣୀ ଗ୍ରାମ ଖେଡ଼ିଆପୋଷି ସାହିରେ ଗୁରୁବାର ଘଟିଛି ଏକ ଦୁଃଖଦ ଘଟଣା। ପୋଖରୀ ପାଖରେ ଖେଳୁଥିବା ବେଳେ ଅସାବଧାନତାରୁ ପାଣିରେ ବୁଡ଼ି ଯାଇଥିଲେ ଦୁଇ ଅଙ୍ଗନୱାଡି ଶିଶୁ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ଶିଶୁ ହେଲେ ସେହି ଗ୍ରାମର ଜୀବନ ନାଏକଙ୍କ ୪ ବର୍ଷର ପୁଅ ଶୁଭମ୍। ଗୁରୁତର ଚିକିତ୍ସା ପାଉଥିବା ୫ ବର୍ଷର ଝିଅ ଭୂମିକାଙ୍କୁ ଚିକିତ୍ସା ପାଇଁ ଘସିପୁରାସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଅଙ୍ଗନୱାଡି ଛୁଟି ହେବା ପରେ ସହାୟିକା କର୍ମୀ ସେମାନଙ୍କୁ ଘର ନିକଟରେ ଛାଡ଼ିଥିଲେ। ମାତ୍ର ଚାଷ ସମୟ ହୋଇଥିବାରୁ ଘରେ ବିଶେଷ ଲୋକ ନ ଥିବାରୁ ଦୁଇ ଶିଶୁ ଘରଠାରୁ କିଛି ଦୂରରେ ଥିବା ପୋଖରୀ କୂଳକୁ ଖେଳିବା ପାଇଁ ଚାଲିଯାଇଥିଲେ। ହଠାତ ଶୁଭମ୍ ପୋଖରୀରେ ପଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଭୂମିକା ମଧ୍ୟ ପାଣିରେ ବୁଡ଼ି ଯାଇଥିଲେ। ପରେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ଶୁଭମ୍‌ଙ୍କୁ ମୃତ ଘୋଷଣା କରିଥିଲେ।

# ସିଏମ୍‌ସି କାର୍ଯ୍ୟାଳୟ ଆଗରେ ମୃତଦେହ ରଖି ଧାରଣା

## ମୁଖ୍ୟ ଡ୍ରେନ୍‌ରେ ପଡ଼ି ଶ୍ରମିକଙ୍କ ମୃତ୍ୟୁ ଘଟଣା

- ୧୦ ଲକ୍ଷ କ୍ଷତିପୂରଣ ପ୍ରଦାନ ଦାବି
- ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ଚିଠି

କଟକ,୨୦।୭ (କାର୍ତ୍ତିକ ସାହୁ)

କଟକ ଦରଘାବଜାର ଥାନା ଅଧୀନ ବକ୍ସିବଜାର ନିକଟ ବାରପଥର ଅଞ୍ଚଳର ମୁଖ୍ୟଡ୍ରେନ୍‌ରେ ପଡ଼ି ଶ୍ରମିକ ପି. ନରସିଂହା(୩୨)ଙ୍କ ମୃତ୍ୟୁ ଘଟଣାରେ ଅଞ୍ଚଳବାସୀ ଗୁରୁବାର ପୁଣି ଅସନ୍ତୋଷ ଜାହିର କରିଛନ୍ତି। ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବିରେ ତାଙ୍କ ପରିବାର ସଦସ୍ୟଙ୍କ ସମେତ ସ୍ଥାନୀୟ ଲୋକେ ମୃତଦେହକୁ କଟକ ମହାନଗର ନିଗମ (ସିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ରଖି ଅପରାହ୍ନ ପ୍ରାୟ ୧ଟାରୁ ଧାରଣାରେ ବସିଛନ୍ତି। କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ଧାରଣା ଚାଲୁରହିବ ବୋଲି ଧାରଣାରେ ବସିଥିବା ସ୍ଥାନୀୟ ବାସିନ୍ଦା ତଥା ୩୫ ନଂ. ୱାର୍ଡ କର୍ପୋରେଟର ଜେ. କାମେଶ୍ୱର ରାଓ କହିଛନ୍ତି।

ସୂଚନା ଅନୁଯାୟୀ, ମୁଖ୍ୟ ଡ୍ରେନ୍ ନିର୍ମାଣ ଦାୟିତ୍ୱରେ ଥିବା ଏକ ଘରୋଇ ସଂସ୍ଥା ମୃତକ ନରସିଂହା ଓ ତାଙ୍କ ଭାଇଙ୍କୁ ବାରପଥର ଅଞ୍ଚଳରେ ଥିବା ମୁଖ୍ୟ ଡ୍ରେନ୍‌ର ସଫେଇ କାମରେ ନିୟୋଜିତ କରିଥିଲା। ବୁଧବାର ଅପରାହ୍ନରେ ନରସିଂହା ମୁଖ୍ୟ ଡ୍ରେନ୍ ଭିତରେ ଥାଇ ସଫେଇ କରି ଅଳିଆ ଏକାଠି କରୁଥିବାବେଳେ ତାଙ୍କ ଭାଇ ଉପରେ ଥାଇ ସେଗୁଡ଼ିକୁ ଟାଣି ଉପରକୁ ଆଣୁଥିଲେ। ଏହି ସମୟରେ ହଠାତ୍ ନରସିଂହା ଡ୍ରେନ୍ ପାଣିରେ ବୁଡ଼ି ଯାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ପରେ ପୋଲିସ ହସ୍ତକ୍ଷେପ ଫଳରେ ରାସ୍ତାରୋକୋ ହଟିଥିଲା।

କର୍ପୋରେଟର ଜେ. କାମେଶ୍ୱର ରାଓଙ୍କ କହିବାନୁସାରେ, ଉକ୍ତ ସଂସ୍ଥାର ଜଣେ ଅଧିକାରୀ ଦରଘାବଜାର ଥାନାରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ସେ ତାଙ୍କ ପରିବାରକୁ ବ୍ୟାଙ୍କ ଖାତା ଓ ଏକ ଦରଖାସ୍ତ ପ୍ରଦାନ କରିବା ନିମନ୍ତେ କହିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ଏହି କ୍ଷତିପୂରଣ ଦିଆଯିବ ବୋଲି ସେ ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ହେଲେ ମୃତଦେହ ବ୍ୟବଚ୍ଛେଦ ସରିବା ପରେ କ୍ଷତିପୂରଣ ଦେବାକୁ ସେ ମନା କରିଥିଲେ। ଫଳରେ ମୃତଦେହ ରଖି ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଧାରଣାରେ ମୃତକଙ୍କ ମାଆ ପି. କାନ୍ତା, ସ୍ତ୍ରୀ ପି. ଈଶ୍ୱରୀ ଆମ୍ମା ଓ ୬ ବର୍ଷର ଝିଅ ପି. ଭାନୁ ବସିଛନ୍ତି। ଏଯାଏ ସିଏମ୍‌ସି ପକ୍ଷରୁ କେହି ସେମାନଙ୍କ ନିକଟକୁ ଆସିନାହାନ୍ତି ବୋଲି କାମେଶ୍ୱର କହିଛନ୍ତି।

ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ଏହା ଏକ ଦୁର୍ଘଟଣା। ଯେଉଁ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି, ସେ ସିଏମ୍‌ସି ଅଧୀନରେ ଆସୁ ନାହାନ୍ତି। ତଥାପି ସରକାରୀ ନିୟମ ଅନୁସାରେ ରେଡ୍‌କ୍ରସ୍ ପାଣ୍ଠିରୁ ତାଙ୍କ ପରିବାରକୁ ୩୦ ହଜାର ଟଙ୍କାର ସହାୟତା ପ୍ରଦାନ ବ୍ୟବସ୍ଥା କରାଯାଇଛି। ହେଲେ ତାଙ୍କ ପରିବାର ଲୋକେ ଉକ୍ତ ଅର୍ଥ ନେବାକୁ ରାଜି ହେଉନାହାନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ନିମନ୍ତେ ସିଏମ୍‌ସି ପକ୍ଷରୁ ଗୃହ ବିଭାଗକୁ ଚିଠି ଲେଖାଯାଇଛି।

ଉଲ୍ଲେଖଯୋଗ୍ୟ, କଟକ ମହାନଗର ନିଗମ ୱାର୍ଡ ନଂ. ୨୬ ଅନ୍ତର୍ଗତ ଝୋଲାସାହି ନିକଟ ମୁକୁଳା ଡ୍ରେନ୍‌ରେ ଗତ ୧୫ ତାରିଖରେ କଟକ ବୁଲିବାକୁ ଆସିଥିବା ରାଜସ୍ଥାନର ବାସିନ୍ଦା ରାହୁଲ ଖଟିକ୍(୨୧)ଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ଜାନୁୟାରୀରେ ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ୯ ବର୍ଷର ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଗତ ମେ' ୩୦ ତାରିଖରେ କେଶରପୁର–ଗହ୍ମାଡିଆ ଅଞ୍ଚଳରେ ବକ୍ସଡ୍ରେନ କାମ ଚାଲୁଥିବାବେଳେ ଲୁହା ପାଇପ୍ ତଳେ ଚାପି ହୋଇ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା।



ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

### ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ ମୋକିମ

ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ବାରପଥର ଅଞ୍ଚଳର ମୃତକ ପି. ନରସିଂହାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ମୃତକଙ୍କ କୁନି ଝିଅର ପାଠପଢ଼ା ଦାୟିତ୍ୱ ନେବା ସହ ତାଙ୍କ ସ୍ତ୍ରୀଙ୍କୁ ଏକ ନିଯୁକ୍ତି ଦେବା ନିମନ୍ତେ ମୋକିମ କହିଛନ୍ତି। ଏଥିସହ ସେ ଉକ୍ତ ପରିବାରକୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଛନ୍ତି।

### ମୁକୁଳା ଡ୍ରେନ୍ ପାର୍ଶ୍ୱରେ ବାଉଁଶ ବ୍ୟାରିକେଡ୍

ଗତ ୫ ଦିନ ମଧ୍ୟରେ ମୁକୁଳା ଡ୍ରେନ୍‌ରେ ପଡ଼ି ଦୁଇ ଜଣଙ୍କ ଜୀବନହାନି ଘଟିବା ପରେ ସିଏମ୍‌ସି କର୍ତ୍ତୃପକ୍ଷଙ୍କର ଚେତା ପଶିଛି। ମୁକୁଳା ଡ୍ରେନ୍‌ଗୁଡ଼ିକ ପାର୍ଶ୍ୱରେ ବାଉଁଶ ଦ୍ୱାରା ବ୍ୟାରିକେଡ୍ କାର୍ଯ୍ୟ ଆରମ୍ଭ ହୋଇଛି। ଗୁରୁବାର ବିଭିନ୍ନ ସ୍ଥାନରେ ଏଭଳି ବ୍ୟାରିକେଡ୍ କରାଯାଇଥିବାବେଳେ ତାହା ଧର୍ମକୁ ଆଖିଠାର ସଦୃଶ ବୋଲି ଲୋକେ କହିଛନ୍ତି। ବ୍ୟାରିକେଡ୍‌ରେ ଏତେ ଫାଙ୍କ ଅଛି ଯେ, ଅତି ସହଜରେ ଡ୍ରେନ୍ ମଧ୍ୟକୁ ଖସି ପଡ଼ିବାକୁ ଅଟକାଇ ପାରିହେବ ନାହିଁ ବୋଲି ମତପ୍ରକାଶ ପାଇଛି। ଏ ନେଇ ମେୟର ସୁବାସ ସିଂ କହିଛନ୍ତି, ସହରର ଯେତେ ମୁକୁଳା ଡ୍ରେନ୍ ରହିଛି, ସବୁଥିରେ ଏହି ବ୍ୟାରିକେଡ୍ କରାଯିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି।

# ପଦ ହରାଇଲେ ବଡ଼ଦୁନ୍ଦୁ ପଞ୍ଚାୟତ ସରପଞ୍ଚ

## ୨ଟି ସ୍ଥାନରେ ଭୋଟର ତାଲିକାରେ ନାମ

ରାଇରଙ୍ଗପୁର,୨୦।୭ (ମନୋରଞ୍ଜନ ତିରିଆ)



ସୁଖିମଣି ସୋରେନ୍

୨ଟି ସ୍ଥାନରେ ଭୋଟର ତାଲିକାରେ ନାମ ଥିବା କାରଣରୁ ମୟୂରଭଞ୍ଜ ଜିଲା ଜାମଦା ବ୍ଲକ ବଡ଼ଦୁନ୍ଦୁ ପଞ୍ଚାୟତର ସରପଞ୍ଚ ସୁଖିମଣି ସୋରେନ୍ ପଦ ହରାଇଛନ୍ତି। ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ଦ୍ୱିତୀୟ ସ୍ଥାନରେ ଥିବା ପ୍ରାର୍ଥିନୀ ସୁମିତ୍ରା ହେମ୍ବ୍ରମଙ୍କୁ ସରପଞ୍ଚ ରୂପେ ନିର୍ବାଚିତ ଘୋଷଣା କରାଯାଇଛି। ରାଇରଙ୍ଗପୁର ସିଭିଲ୍ ଜଜ୍ ଜୁନିୟର ଡିଭିଜନ ଅଦାଲତର ବିଚାରପତି ସିଦ୍ଧାର୍ଥ ଶଙ୍କର ସେନାପତି ଏହି ଆଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବଡ଼ଦୁନ୍ଦୁ ପଞ୍ଚାୟତର ସରପଞ୍ଚ ଭାବେ ସୁଖିମଣି ନିର୍ବାଚିତ ହୋଇଥିଲେ। ମାତ୍ର ତାଙ୍କର ଜାମଦା ବ୍ଲକ ତାଳଗାଁ ପଞ୍ଚାୟତର କାଣ୍ଡସୋର ଏବଂ ବଡ଼ଦୁନ୍ଦୁ ପଞ୍ଚାୟତର ସାନଦୁନ୍ଦୁ ଗ୍ରାମର ଦୁଇଟି ସ୍ଥାନରେ ଭୋଟର ପରିଚୟ ପତ୍ର ରହିଥିଲା। ଏ ସମ୍ପର୍କରେ ବଡ଼ଦୁନ୍ଦୁ ପଞ୍ଚାୟତର ସରପଞ୍ଚ ରୂପେ ପ୍ରତିଦ୍ୱନ୍ଦ୍ୱିତା କରି ଦ୍ୱିତୀୟ ସ୍ଥାନରେ ଥିବା ସୁମିତ୍ରା ରାଇରଙ୍ଗପୁର ସିଭିଲ୍ ଜଜ୍ ଜୁନିୟର ଡିଭିଜନଙ୍କ ଅଦାଲତରେ ମୋକଦ୍ଦମା ଦାଏର କରିଥିଲେ। ସୁମିତ୍ରାଙ୍କ ପକ୍ଷରୁ ଓକିଲ ପ୍ରଦୀପ କୁମାର ଦାସ ଏବଂ ସୁଖିମଣିଙ୍କ ପକ୍ଷରୁ ପ୍ରଭାସ କୁମାର କବି ଓ ଅର୍ଚ୍ଚନା ଦତ୍ତ ମାମଲା ପରିଚାଳନା କରୁଥିଲେ।

# ସଂଘବଦ୍ଧ ଭାବେ ଯୁବକଙ୍କୁ ପିଟି ହତ୍ୟା

## ରାତିସାରା କ୍ଲବ୍ ଘରେ ବାନ୍ଧି ନିର୍ଯାତନା

ଯୋଡ଼ା, ୨୦।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରୀ ଥାନା ଅଧୀନ ସିଲଯୋଡ଼ା ନିକଟସ୍ଥ କୁଦୁର ସାହିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଚୋରି ଘଟଣାକୁ ନେଇ ଗ୍ରାମର କିଛି ଲୋକ ସଂଘବଦ୍ଧ ଭାବେ ଜଣଙ୍କୁ ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ଟେଲେଓରଫ ମକୁରୁ ହେସା(୩୫)। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଥିବା ବେଳେ ପୋଲିସ କେତେଜଣ ଲୋକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂଚନା ମୁତାବକ, ଗ୍ରାମରେ ପୂର୍ବରୁ ଘଟିଥିବା ଏକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ନେଇ ମକୁରୁ ଗ୍ରାମର କେତେଜଣ ଲୋକଙ୍କ ନାମ ପ୍ରକାଶ କରିଥିଲେ। ଏ ନେଇ ଉକ୍ତ ଲୋକଙ୍କ ସହ ତାଙ୍କ ବଚସା ଓ ମାରପିଟ୍ ହୋଇଥିଲା। ନିର୍ଦ୍ଦିଷ୍ଟ ଲୋକେ ଆକ୍ରୋଶ ମୂଳକ ଭାବେ ମକୁରୁଙ୍କୁ ବୁଧବାର ରାତିରେ ଗ୍ରାମର କ୍ଲବ ଘରେ ବାନ୍ଧି ରଖି ରାତିସାରା ମାଡ଼ ମାରିଥିଲେ। ଗୁରୁବାର ସକାଳେ ମଧ୍ୟ ପୁନଃ ତାଙ୍କୁ ପିଟିଥିଲେ। ଅସହ୍ୟ ଯନ୍ତ୍ରଣାରେ ମକୁରୁଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏ ନେଇ ବାମେବାରୀ ଥାନାରେ ଏକ ମାମଲା (ନଂ ୧୨୨/୨୩) ରୁଜୁ ହୋଇଛି। ଆକ୍ରୋଶମୂଳକ ଭାବେ କିଛି ଲୋକ ଏହି ଘଟଣା ଭିଆଇଛନ୍ତି। ଘଟଣାରେ ସମ୍ପୃକ୍ତ ଏକାଧିକ ଲୋକଙ୍କୁ ଅଟକ ରଖି ପଚରାଉଚରା ଚାଲିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

ପ୍ରଥମ ପୃଷ୍ଠାରୁ...

## ତୁମେ ନ ହେଲେ...

ଏଥିସହ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅନୁରୋଧ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ନରେନ୍ଦ୍ର ମୋଦି ସରକାର ଗଣତନ୍ତ୍ରକୁ ଭିଡ଼ତନ୍ତ୍ରରେ ପରିଣତ କରିଦେଇଛନ୍ତି। ମଣିପୁରରେ ମାନବିକତାର ମୃତ୍ୟୁ ଘଟିଛି। ସରକାରଙ୍କଠାରେ କାଣିଚାଏ ବି ଲଜ୍ଜା ରହିଥିଲେ ଜାତିଆଣ ହିଂସା ପ୍ରଭାବିତ ମଣିପୁରରେ କ'ଣ ଘଟିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାହା ପାର୍ଲାମେଣ୍ଟ ଓ ଦେଶକୁ ଜଣାନ୍ତୁ। ତାଙ୍କ ନୀରବତାକୁ ଭାରତ କେବେହେଲେ କ୍ଷମା କରିବ ନାହିଁ। ବିଦେଶ ଯିବା ପାଇଁ ମୋଦିଙ୍କ ସମୟ ଅଛି, କିନ୍ତୁ ମଣିପୁର ପାଇଁ ବେଳ ନାହିଁ। କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ମଧ୍ୟ ମଣିପୁର ସ୍ଥିତି ଉପରେ ଆଲୋଚନା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଲୋକ ସଭାରେ ଦଳର ନେତା ଅଧୀର ରଞ୍ଜନ ଚୌଧରୀ କହିଛନ୍ତି। ଅନେକ ବିରୋଧୀ ଏମ୍‌ପି ହିଂସା ପ୍ରଭାବିତ ମଣିପୁର ସ୍ଥିତିକୁ ନେଇ ଚିନ୍ତାବ୍ୟକ୍ତ କରିବା ସହ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କଠାରୁ ବିବୃତି ଦାବି କରିଛନ୍ତି। ଶିବସେନା (ୟୁବିଟି) ଏମ୍‌ପି ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ସାରା ଦେଶ ପାଇଁ ଏହା ଏକ ଲଜ୍ଜାକର ଘଟଣା। ଏହା ସମସ୍ତଙ୍କୁ ବିଚଳିତ କରିଦେଇଛି। ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟ ଜରିଆରେ ଦେଶବାସୀଙ୍କୁ ଏହାର ଜବାବ ଦିଅନ୍ତୁ। ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଏହା ଉପରେ ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମଣିପୁର ଜଳୁଥିବାବେଳେ ପ୍ରଧାନମନ୍ତ୍ରୀ ନୀରବ ରହିଥିବା ସେ କହିଛନ୍ତି। ଏଏପିର ରାଘବ ଚଢ଼ା ମଣିପୁରବାସୀଙ୍କୁ ସମର୍ଥନ ଓ ସରକାରଙ୍କୁ ବିରୋଧ କରିବାକୁ ଯାଇ କଳା ପୋଷାକ ପିନ୍ଧି ପାର୍ଲାମେଣ୍ଟକୁ ଆସିଥିଲେ। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ମନୋଜ ଝା ରାଜ୍ୟ ସଭାରେ ଅନ୍ୟ ସମସ୍ତ ଗୃହକାର୍ଯ୍ୟ ବନ୍ଦକରି ମଣିପୁର ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ ଦେଇଥିଲେ। ରାଜ୍ୟ ସଭାରେ ଗୃହର ନେତା ତଥା କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ୍ କହିଛନ୍ତି, ସରକାର ମଣିପୁର ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ। କିନ୍ତୁ ବିରୋଧୀ ସଦସ୍ୟମାନେ ପାର୍ଲାମେଣ୍ଟ ଚଳାଇ ନ ଦେବା ପାଇଁ ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି।

ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧିବେଶନ ଆରମ୍ଭ ପୂର୍ବରୁ ଏହି ଘଟଣା ଉପରେ ଦୁଃଖ ପ୍ରକାଶ କରିବା ସହ ସମସ୍ତ ରାଜ୍ୟରେ କଠୋର ଆଇନ ପ୍ରବର୍ତ୍ତନକାରୀ ପଦକ୍ଷେପ ନେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ମଣିପୁରର ଝିଅମାନଙ୍କ ସହ ଯାହା ଘଟିଛି, ତାକୁ କ୍ଷମା କରାଯାଇପାରିବ ନାହିଁ। ସେମାନଙ୍କୁ ଉଲଗ୍ନ ପରେଡ୍ କରାଇବା ଘଟଣା ୧୪୦ କୋଟି ଭାରତୀୟଙ୍କୁ ଲଜ୍ଜିତ କରିଛି। କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ଆଶ୍ୱାସନା ଦେଇଛନ୍ତି। ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ କହିଛନ୍ତି, ଘୃଣ୍ୟକାର୍ଯ୍ୟରେ ଜଡ଼ିତ ସମସ୍ତ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ମୃତ୍ୟୁଦଣ୍ଡ ଦେବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି। ପୀଡ଼ିତାମାନଙ୍କୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଲାଗି କାହାକୁ ବି ଛଡ଼ାଯିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

### ସୋସିଆଲ ମିଡିଆକୁ ଭିଡିଓ ହଟାଇବାକୁ କହିଲା କେନ୍ଦ୍ର

ଇମ୍ଫାଲ/ନୂଆଦିଲ୍ଲୀ,୧୮।୭

ମଣିପୁରର ସେନାପତି ଜିଲାରେ ମେ' ୪ରେ ୨ ଆଦିବାସୀ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଯିବା ବେଳର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ଉକ୍ତ ଭିଡିଓକୁ ନେଇ ତଦନ୍ତ ଜାରି ରହିଥିବାରୁ ଏହାକୁ ହଟାଇବା ପାଇଁ କେନ୍ଦ୍ର ସରକାର ଟୁଇଟର୍ ସମେତ ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ମଧ୍ୟ ଟୁଇଟରକୁ ଭିଡିଓ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭିଡିଓରେ ପୀଡ଼ିତାମାନଙ୍କ ପରିଚୟ ସ୍ପଷ୍ଟ ହେଉଛି, ଯାହାକି ଦଣ୍ଡନୀୟ ଅପରାଧ ବୋଲି ଏନ୍‌ସିଡବ୍ଲ୍ୟୁ ପକ୍ଷରୁ ଟୁଇଟ୍ କରାଯାଇଛି। ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ରେଖା ଶର୍ମା ଘଟଣାକୁ ନିଜ ଆଡୁ ସଜ୍ଞାନକୁ ନେଇ ରାଜ୍ୟ ପୋଲିସକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କୁ ଫୋନ୍ କରି ଏହା ଉପରେ ଆଲୋଚନା କରିଛନ୍ତି।

## ବିନା ଶୋଭାଯାତ୍ରାରେ...

ଆଲୋଚନା କରି ସ୍ଥିର କରିବେ। ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବ। ଜିଲାପାଳ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ପି ଭାମ୍ରୁ, ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ ମିଶ୍ର, ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ସଦର ଏସ୍‌ଡିପିଓ ପ୍ରଦୀପ ସାହୁ, ଡିଏସ୍‌ପି ଡିଆଇବି ଜେମ୍‌ସ ସମଦଙ୍କ ସମେତ ମହରମ କମିଟି ସଦସ୍ୟ, ବିଭିନ୍ନ ଥାନା ଅଧିକାରୀ, ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ସହରରେ ୮ଟି ସ୍ଥାନରେ ମହରମ ଶୋଭାଯାତ୍ରା ହୋଇଥାଏ। ସବୁ ପଡ଼ାରୁ ଶୋଭାଯାତ୍ରା ବାହାରି ମୁଖ୍ୟ ଛକ ଗୋଳବଜାରରେ ଏକାଠି ହୋଇଥାନ୍ତି।

## ଅର୍ଥାଭାବରୁ ପୋଡ଼ିବା...



ମହିଳାଙ୍କ ମୃତଦେହ ପୋତାଯାଇଥିବା ସ୍ଥାନ ନିକଟରେ ଦୁଇ ନାବାଳକ ପୁଅ।

ବିଷ୍ଣୁ କହିଛନ୍ତି, ମା' ଘରର ଏକମାତ୍ର ରୋଜଗାରକ୍ଷମ ଥିଲେ। ବାପା କ୍ୟାନସର ଓ ଟିବି ରୋଗରେ ପୀଡ଼ିତ ଥିବାରୁ ମା' ଔଷଧ କିଣି ବାପାଙ୍କୁ ଦେଉଥିଲେ। ମୁ ଓ ସାନଭାଇ ସୁମିତ ଝିରପାଣି ହାଇସ୍କୁଲରେ ପଢୁଛୁ। ମା'ଙ୍କ ମୃତ୍ୟୁ ପରେ ଏବେ ସମସ୍ତଙ୍କ ଭବିଷ୍ୟତ ଅନ୍ଧକାର ହୋଇପଡିଛି। ଆମ ପରିବାରକୁ ପ୍ରଶାସନ ସହଯୋଗ କରନ୍ତୁ ବୋଲି ବିଷ୍ଣୁ କହିଛନ୍ତି। ସେହିପରି ନିର୍ମାଣ କାର୍ଡ ନବୀକରଣ ହୋଇପାରିନାହିଁ। ଫଳରେ ସରକାରୀ ସୁବିଧା ମିଳିବା ବାଟ ବନ୍ଦ ରହିଛି ବୋଲି ମୃତା ମହିଳାଙ୍କ ସ୍ୱାମୀ ମୋହନ ଗୌଡ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଶନିଦୃଷ୍ଟ ଚନ୍ଦ୍ର ଓ ମଙ୍ଗଳ ଯୋଗୁ ନିଜର ଅନ୍ୟମନସ୍କତା ଓ ଭୁଲ୍ ବୁଝାମଣାରୁ ପରିବାରରେ ଅଶାନ୍ତି ଉପୁଜିପାରେ। ସାମାନ୍ୟ ବିଳମ୍ବିତ ସମୟାନ୍ତରରେ କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ବ୍ୟବସାୟିକ ଦିଗଟି ବେଶ୍ ଭଲ ରହିବ, କିନ୍ତୁ କଠିନ ଶ୍ରମ କରିବାକୁ ପଡ଼ିପାରେ। ସ୍ଥଗିତ କାମ ପାଇଁ ପଦାଧିକାରୀ କୈଫିୟତ୍ ମାଗିପାରନ୍ତି।

**ବୃଷ** – ଶୁକ୍ରଙ୍କ ପ୍ରତି ଶନିଙ୍କ ପ୍ରତ୍ୟକ୍ଷଦୃଷ୍ଟିଜନିତ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଯାଇପାରେ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି। ମୂଲ୍ୟବାନ୍ ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିବ। ପାରିବାରିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ହରାଇ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ।

**ମିଥୁନ** – ମୁଖଭାବରେ ରବି ଓ ବୁଧ ରହିଥିବାରୁ ନିଜ ଜିହ୍ୱାକୁ ନିୟନ୍ତ୍ରଣ ମଧ୍ୟରେ ନ ରଖିଲେ କଳହ ଅବଶ୍ୟମ୍ଭାବୀ। ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ନିଜର ଫାଇଦା ହାସଲ ପାଇଁ ନିକଟ ସମ୍ପର୍କୀୟମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ବନ୍ଧୁଙ୍କ ପ୍ରାୟୋଜିତ କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ** – ବ୍ୟୟାଧିପ ରାଶିସ୍ଥ ଯୋଗୁ ଆଜି ପାଇବେ ଯେତିକି ତା'ଠାରୁ ଅଧିକ କିଛି ହରାଇବାକୁ ପଡ଼ିପାରେ। କଠୋର ପରିଶ୍ରମଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବ। ଆଜିର ସକାଳୁଆ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପରିବାରର ଆର୍ଥିକ ଅବନତିର ସମୀକ୍ଷାକରି ଚିନ୍ତିତ ରହିପାରନ୍ତି।

**ସିଂହ** – ଭାଗ୍ୟାଧିପ କର୍ମାଧିପ ଯୁକ୍ତଜନିତ ସୁଚିନ୍ତିତ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ତତ୍ପର ହେବେ। ଉଦ୍ଦେଶ୍ୟ ପ୍ରଣୋଦିତ ବନ୍ଧୁମାନଙ୍କର ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝିପାରିବେନି। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇଲେ ମଧ୍ୟ ଆବଶ୍ୟକତା ଅପୂରଣ ରହିବ ନାହିଁ। ଉପରିସ୍ଥଙ୍କ ଅଦେଶାନୁସାରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କନ୍ୟା** – ସପ୍ତମାଧିପତି ଦୁଃସ୍ଥାନରେ ଥିବାରୁ ଆଜିର ଯାତ୍ରାରେ ପ୍ରତିବନ୍ଧକ ଦେଖାଦେଇପାରେ। ଭାଇଙ୍କ ସମସ୍ୟାର ସମାଧାନ ପାଇଁ ଚିନ୍ତାଜନକ ସ୍ଥିତି ଉପୁଜିବ। ବ୍ୟବସାୟ କ୍ଷେତ୍ରରେ ଲାଭ କିଛି କମ୍ ନ ହେଲେ ମଧ୍ୟ ବନ୍ଧୁଙ୍କ ସହ ସମ୍ପର୍କ ହାନି ହୋଇପାରେ। ପ୍ରଶାସନିକ ସ୍ତରରେ ସମସ୍ୟାର ଅନ୍ତ ଘଟିବା ସକାଶେ ଚେଷ୍ଟାକଲେ ଅବଶ୍ୟ ଉପକୃତ ହେବେ।

**ତୁଳା** – ଶନିଙ୍କ କୋଣଭାବ ମଣ୍ଡନ ହେତୁ ଆଜି ଆପଣଙ୍କ ସକାଶେ କୌଣସି କାମ ଅସାଧ୍ୟ ରହିବ ନାହିଁ। ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ପରିବାରରେ ମନାନ୍ତର ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତା କାରଣରୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ନିକଟରେ ରହୁଥିବା ବ୍ୟକ୍ତିମାନେ ଶତ୍ରୁତା ଆଚରଣ କରିପାରନ୍ତି।

**ବିଛା** – ଅଷ୍ଟମାଧିପତି କର୍ମସ୍ଥ ଯୋଗୁ ମନକୁ ପାଇଲା ଭଳି କାମ ନ ହେଉଥିବାରୁ ଅସନ୍ତୋଷ ବ୍ୟକ୍ତ କରିପାରନ୍ତି। ଅସାବଧାନତାରୁ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସଭାସମିତି, ପ୍ରଶାସନ, ପ୍ରକାଶନ, ଆଇନ ଓ ଅଦାଲତ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ସାମୟିକ ମନକୁ ଭାରାକ୍ରାନ୍ତ କରିପାରେ।

**ଧନୁ** – ତୃତୀୟସ୍ଥ ଶନିଙ୍କ ଯୋଗୁ ଧୈର୍ଯ୍ୟ ଧରିପାରିଲେ ଉପକୃତ ହେବେ। ପୂର୍ବରାଗ ଶୁଝାଇବାକୁ ଯାଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ବନ୍ଧୁମାନଙ୍କ ସହ ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର** – ଯେତେ ଉପାୟ ଅବଲମ୍ବନକଲେ ସୁଦ୍ଧା କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିବ ହିଁ ବଢ଼ିବ। ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଗୁରୁଚଣ୍ଡାଳ ଯୋଗ ପ୍ରଭାବରୁ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଗୃହସୀମା, ଜମିଜମାରେ ସମସ୍ୟାମୁକ୍ତ ରହିବେ।

**କୁମ୍ଭ** – ପାରିବାରିକ କ୍ଷେତ୍ର ବିବାଦ ବହୁଳ ହେବା କାରଣରୁ ମାନସିକ ସ୍ଥିରତା ରକ୍ଷା କରିବା କଷ୍ଟକର ହେବ। ପୁରାତନ ସମସ୍ୟାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଯୋଗାଯୋଗକଲେ ଉପକୃତ ହେବେ। ଷଷ୍ଠସ୍ଥ ବୁଧଙ୍କ ଯୋଗୁ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ତର୍କର ସମ୍ଭାବନା ରହିଛି।

**ମୀନ** – ବୁଧାଦିତ୍ୟ ଯୋଗରୁ ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ ସୁଚିନ୍ତିତ ନିଷ୍ପତ୍ତିକୁ ଅନ୍ୟମାନେ ସ୍ୱାଗତ କରିବେ। ସାମାନ୍ୟ ପ୍ରତିବନ୍ଧକ ଦେଖାଦେଲେ ମଧ୍ୟ କର୍ମକ୍ଷେତ୍ରରେ ଉପକୃତ ହେବେ। ଅଂଶୀଦାର ବ୍ୟବସାୟୀଙ୍କ ସହ ମାନମନାନ୍ତର ଦେଖା ଦେଇପାରେ। ପରିବାରର ଆବଶ୍ୟକତା ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

ଆଜି ଶ୍ରାବଣ (ମଳ)ଶୁକ୍ଳପକ୍ଷ ଚତୁର୍ଥୀ ଶୁକ୍ରବାର, ଜୁଲାଇ ୨୧ ତାରିଖ। ଦିବା ଘ. ୧୦।୦୫ ଗତେ ମଘା/ସିଂହ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫।୨୨ ଗତେ, ଘ.୦୬।୧୪ ମଧ୍ୟେ, ଘ.୦୭।୦୬ ଗତେ, ଘ.୦୮।୩୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୫ ଗତେ, ଘ.୧୧।୫୩ ମଧ୍ୟେ ରାହୁକାଳ।

# ରୁଙ୍ଗ୍‌ଟା ଷ୍ଟିଲ୍ ପ୍ଲାଣ୍ଟରେ ବିସ୍ଫୋରଣ

- ଇଞ୍ଜିନିୟର, ଠିକାସଂସ୍ଥା ମୁଖ୍ୟ ଆହତ
- ମଧ୍ୟାହ୍ନଭୋଜନ ଥିବାରୁ ବର୍ତ୍ତିଗଲେ ଶ୍ରମିକ
- ତଦନ୍ତ ଆରମ୍ଭ, କ୍ଷତିଗ୍ରସ୍ତ ଫର୍ନେସ୍ ୟୁନିଟ୍ ବନ୍ଦ

ଢେଙ୍କାନାଳ, ୨୦।୭(ରତନ ନାୟାର)

ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପ୍ଲାଣ୍ଟ ଦୁର୍ଘଟଣା ମନରୁ ନ ଲିଭୁଣୁ ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଖାଡ଼ବନ୍ଧସ୍ଥିତ ରୁଙ୍ଗ୍‌ଟା ମାଇନ୍ସ ଷ୍ଟିଲ୍ ପ୍ଲାଣ୍ଟରେ ଗୁରୁବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ଇଞ୍ଜିନିୟର ଏବଂ ଏକ ଠିକାସଂସ୍ଥାର ମୁଖ୍ୟ ଆହତ ହୋଇଛନ୍ତି। ମଧ୍ୟାହ୍ନ ଭୋଜନ ସମୟ ଥିବାରୁ ବହୁ ଶ୍ରମିକ ବର୍ତ୍ତିଯାଇଛନ୍ତି। ଅଘଟଣ ପରେ ପ୍ରଶାସନ ଏବଂ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି। କ୍ଷତିଗ୍ରସ୍ତ ହୋଇଥିବା ଫର୍ନେସକୁ ବନ୍ଦ କରିଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କାରଖାନାର ଏସ୍‌ଏମ୍‌ଏସ୍ ଫେଜ୍-୧ (ବି) ୪ ନମ୍ବର ଇଣ୍ଡକ୍ସନ ଫର୍ନେସ୍‌ର ଜିଏଲ୍‌ଡି ଟ୍ରିପ୍ ହୋଇ ହଠାତ୍ ବନ୍ଦ ହୋଇଯାଇଥିଲା। ଫଳରେ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା। କଏଲଗୁଡ଼ିକ ଲିକେଜ ହୋଇ ତରଳ ଲୁହା ବାହାରି ଆସିଥିଲା। ଯାନ୍ତ୍ରିକ ତ୍ରୁଟି ସମ୍ପର୍କରେ ପୂର୍ବରୁ ଆଭାସ ପାଇଥିବା ଇଞ୍ଜିନିୟରମାନେ ଏହାର ତଦାରଖ କରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଏଥିରେ ଫର୍ନସର ବ୍ୟାପକ କ୍ଷତି ହୋଇଥିବାବେଳେ ସେଠାରେ କାର୍ଯ୍ୟରତ ଇଞ୍ଜିନିୟର, ଠିକାସଂସ୍ଥା ମୁଖ୍ୟ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ମେଡିକାଲକୁ ପଠାଇ ଦିଆଯାଇଛି। ଅନ୍ୟପଟେ ବିସ୍ଫୋରଣ ପରେ କାରଖାନା କର୍ତ୍ତୃପକ୍ଷ ଏବଂ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ତହସିଲଦାର ସୁଶାନ୍ତ ମିଶ୍ର ପ୍ରମୁଖ ପୋଲିସ ସହ ଦୁର୍ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।


ବିସ୍ଫୋରଣ ସମୟରେ କମ୍ପାନୀ ପରିସରରେ ଧୂଆଁ ଉଠୁଛି।

ପ୍ଲାଣ୍ଟରେ କର୍ମଚାରୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେବା ଲାଗି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ କମ୍ପାନୀର ମାନବ ସମ୍ବଳ ବିଭାଗ ମୁଖ୍ୟ ଅଜୟ କୁମାର ଦାସ କୁହନ୍ତି, ଏହି ଦୁର୍ଘଟଣାରେ ବିଶେଷ କ୍ଷତି ହୋଇନାହିଁ। ଫର୍ନେସକୁ ବନ୍ଦ କରିଦିଆଯାଇଛି। ଏସ୍‌ଏମ୍‌ଏସ୍ ଫେଜ୍-୧ (ବି)ରେ ୪ନଂ. ଇଣ୍ଡକ୍ସନ ଫର୍ନେସ ଚାଲୁଥିବା ବେଳେ ଏହି ଘଟଣା ଘଟିଛି। ଏହାର କାରଣ ଜାଣିବା ଲାଗି କମ୍ପାନୀର ଇଞ୍ଜିନିୟରମାନେ ଅନୁଧ୍ୟାନ କରୁଛନ୍ତି।

ସୂଚନାଯୋଗ୍ୟ, ଗତ ଜୁନ୍ ୧୩ରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପରିସରରେ ଅନୁରୂପ ଦୁର୍ଘଟଣା ଘଟିଥିଲା। କାରଖାନାର ବ୍ଲାଷ୍ଟ ଫର୍ନେଶ ଷ୍ଟିମ୍ ଲାଇନ୍ ଫାଟି ଉତ୍ତପ୍ତ ବାଷ୍ପ ନିର୍ଗମନ ହେବାରୁ ୧୯ଜଣ ଆହତ ହୋଇଥିଲେ। ତନ୍ମଧ୍ୟରୁ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ଘଟିଥିଲା।

### ଯେଉଁଠି ଅଛ ପଳାଇଆସ...

ଖାଡ଼ବନ୍ଧସ୍ଥିତ ରୁଙ୍ଗ୍‌ଟା ମାଇନ୍ସ ଷ୍ଟିଲ ପ୍ଲାଣ୍ଟରେ ବିସ୍ଫୋରଣ ପରେ କାରଖାନା ସମେତ ପାର୍ଶ୍ୱବର୍ତ୍ତୀ ଗ୍ରାମ ଥରି ଉଠିଥିଲା। ପ୍ରବଳ ଧୂଆଁ ଉପରକୁ ଉଠିଥିଲା। ଫଳରେ ପ୍ରଥମେ ବଡ଼ଧରଣର ଅଘଟଣ ଘଟିଥିବା ଆଶଙ୍କା କରାଯାଉଥିଲା। ଭୟଭୀତ ଶ୍ରମିକମାନେ ପ୍ରାଣ ବିକଳରେ ଏଣେତେଣେ ଦୌଡ଼ିବା ଆରମ୍ଭ କରିଥିଲେ। କେତେଜଣ ଶ୍ରମିକ ଭୟରେ ଆମ ଲୋକମାନେ କୁଆଡ଼େ ଗଲେ ବୋଲି ପାଟି କରିଥିଲେ। ଅନ୍ୟ କେତେଜଣ ଯେଉଁଠି ଅଛ ପଳେଇଆସ ବୋଲି ଚିତ୍କାର କରୁଥିବା ଦେଖିବାକୁ ମିଳିଥିଲା। ବିସ୍ଫୋରଣ ଶବ୍ଦରେ ଆଖପାଖ ଗ୍ରାମବାସୀ ଭୟଭୀତ ହୋଇ ଘରୁ ପଦାକୁ ବାହାରି ଆସିଥିଲେ।

# ବାୟାପଡ଼ା ଘାଟିରେ ଭୂସ୍ଖଳନ

## ନାକାମାମୁଡ଼ି ପଞ୍ଚାୟତ

- ୧୮ରୁ ଉର୍ଦ୍ଧ୍ୱ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ

ବାଲିମେଳା, ୨୦।୭(ଶିବଦତ୍ତ ସାହୁ)/କୁଡୁମୁଲୁଗୁମ୍ମା (ସୁଜିତ ପଟ୍ଟନାୟକ)/କୋରୁକୋଣ୍ଡା(ଅବିନାଶ ବେହେରା)

ମାଲକାନଗିରି ଜିଲାରେ ଗତ ୩ ଦିନ ଧରି ଲଗାଣ ବର୍ଷା ଜାରି ରହିଛି । ଫଳରେ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ନଦୀ ନାଳ ସମେତ ଚାଷ ଜମିଗୁଡିକରେ ବର୍ଷା ଜଳ ପ୍ରବାହିତ ହେଉଛି। ଆଉ କେତେକ ଅଞ୍ଚଳ ବର୍ଷା ଯୋଗୁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇରହିଛି। ଫଳରେ ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରକାଶ ଯେ, ଗୁରୁବାର ସକାଳେ ପ୍ରବଳ ବର୍ଷା ହେବା ଯୋଗୁ କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡ଼ି ପଞ୍ଚାୟତ ବାୟାପଡା ଘାଟି ରାସ୍ତାରେ ଭୂସ୍ଖଳନ ହୋଇଛି। ରାସ୍ତା ପାର୍ଶ୍ୱରେ ଥିବା ପାହାଡ଼ରୁ ମାଟି ଅତଡ଼ା ଖସି ଉକ୍ତ ଘାଟି ରାସ୍ତା ଉପରେ ମାଟି ଓ ପଥର ଜମା ହାଇଯାଇଛି । ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଆଣ୍ଠୁଏ ଲେଖାଏ କାଦୁଅ ହୋଇଯାଇଛି । ଫଳରେ ୧୮ରୁ ଉର୍ଦ୍ଧ୍ୱ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ସେଗୁଡିକ ହେଲା ବାୟାପଡ଼ା, ସୁରିପଡା, ଦାମୋଦର ବେଡା ନରିଙ୍ଗି ଝୋଲା, ଅମଲି ବେଡା, ବଡାଖିଆ ଗୁଡା, ଟିକରପଡା, ଅଙ୍ଗୁର ଗୁଡା, ଘିସିଂ ବେଡା ଓ ଜଲାଗୁଡା ଆଦି ଗାଁ ରହିଛି। ବାୟାପଡା ଘାଟି ଉପର ଅଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟ ଲାଗି ଉକ୍ତ ରାସ୍ତା ଦେଇ ଯାତାୟାତ କରିଥାନ୍ତି । ଗ୍ରାମବାସୀଙ୍କ ଯାତାୟାତର ସୁବିଧା ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରାୟ ୨ ବର୍ଷ ପୂର୍ବେ ଉକ୍ତ ଘାଟିରେ ଥିବା ପାହାଡ କଟାଯାଇ ଏକ ନୂତନ ରାସ୍ତା ତିଆରି କରାଯାଇଥିଲା। ତେବେ ଭୂସ୍ଖଳନ ହେବା ଯୋଗୁ ରାସ୍ତା ପାର୍ଶ୍ୱରେ ଥିବା ପାହାଡ଼ରୁ ମାଟି ଓ ପଥର ଧସି ଆସି ଏହି ରାସ୍ତା ଉପରେ ଜମା ହୋଇ ରହିଛି। ଫଳରେ ସେଠାରେ ଥିବା ୧୮ରୁ ୨୦ ଗାଁକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ସପ୍ତାହର ଗୁରୁବାର ଦିନ କୁଡୁମୁଲୁଗୁମ୍ମାରେ ସାପ୍ତାହିକ ହାଟ ବସେ। ତେବେ ବାୟାପଡା ଗ୍ରାମ ସମେତ ଘାଟି ଉପର ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ଏହି ହାଟକୁ ଜିନିଷପତ୍ର କିଣା ବିକା ପାଇଁ ଆସିଥାନ୍ତି। ଖାଲି ଏତିକି ନୁହେଁ ଅଧିକାଂଶ ଲୋକ ବ୍ୟାଙ୍କ, ଲ୍ୟାମ୍ପସ୍, ମେଡିକାଲ ଓ ଅନ୍ୟାନ୍ୟ କାର୍ଯ୍ୟ ନେଇ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡିକୁ ଆସିଥାନ୍ତି। ଘାଟିରେ ହୋଇଥିବା ଭୂସ୍ଖଳନ ଯୋଗୁ ହାଟକୁ ଓ ସଦରମୁକାମକୁ ଆସୁଥିବା ଘାଟି ଉପରେ ରହୁଥିବା ଲୋକମାନେ ରାସ୍ତାର ଦୁରବସ୍ଥା ଦେଖି ଭୟରେ ସେମାନଙ୍କ ଘରକୁ ଫେରିଥିଲେ। ଏ ସମ୍ପର୍କରେ ପ୍ରଶାସନ ସୂଚନା ପାଇବା ପରେ ସଙ୍ଗେ ସଙ୍ଗେ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ କେତେକ ଅଧିକାରୀ ଓ କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଯାଇଛି। ଜେସିବି ଓ ଟ୍ରାକ୍ଟର ସାହାଯ୍ୟରେ ଉକ୍ତ ରାସ୍ତାରେ ଜମା ହୋଇଥିବା ମାଟି ଓ ପଥରକୁ ସଫା କରାଯାଉଥିବା ଜଣାପଡ଼ିଛି ।


ଘାଟି ରାସ୍ତାରେ ହୋଇଥିବା ଭୂସ୍ଖଳନ ।

# କେନ୍ଦ୍ର ସଂରକ୍ଷିତ ଐତିହ୍ୟ ସ୍ଥଳରୁ ୨ ବର୍ଷରେ ୧୫ କୋଟି ରାଜସ୍ୱ

ଭୁବନେଶ୍ୱର,୨୦।୭(ଅନିଲ ଦାସ)

କେନ୍ଦ୍ର ସଂରକ୍ଷଣ ତାଲିକାରେ ଓଡ଼ିଶାର ୮୦ଟି ଐତିହ୍ୟ ସ୍ଥଳ ରହିଛି । ସେହିସବୁ ଐତିହ୍ୟ ସ୍ଥଳଗୁଡ଼ିକରୁ ଗତ ୨ ବର୍ଷରେ ୧୪.୯୦ କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ୨୦୨୧-୨୨ରେ ୩.୩୪ କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଇଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ୧୧.୫୬ କୋଟି ଟଙ୍କା ଆଦାୟ କରାଯାଇଛି। ସେହି ରାଜସ୍ୱ ଭାରତ ସରକାରଙ୍କ କନ୍‌ସୋଲିଡେଟେଡ ଫଣ୍ଡରେ ଡିପୋଜିଟ କରାଯାଇଛି । ବିଜେଡି ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ସୁଲତା ଦେଓ ଏବଂ ପ୍ରଶାନ୍ତ ନନ୍ଦଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷାନ ରେଡ୍ଡୀ ଗୁରୁବାର ରାଜ୍ୟ ସଭାରେ ଏହି ସୂଚନା ଦେଇଛନ୍ତି। ସେହିପରି ଶାସ୍ତ୍ରୀୟ ସଙ୍ଗୀତକୁ ସଂରକ୍ଷିତ ରଖିବା ପାଇଁ ନୂଆଦିଲ୍ଲୀରେ ସେଣ୍ଟ୍ରାଲ ମ୍ୟୁଜିକ ଲାଇବ୍ରେରି ସ୍ଥାପନ କରିବା ନେଇ କେନ୍ଦ୍ର ସରକାରଙ୍କ ଯୋଜନା ଅଛି କି ବୋଲି ଅନ୍ୟ ଏକ ପ୍ରଶ୍ନରେ କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ନୂଆଦିଲ୍ଲୀରେ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ସଙ୍ଗୀତ ନାଟକ ଏକାଡେମୀ ଏକ ସ୍ୱୟଂଶାସିତ ସଂସ୍ଥା। ଏହା ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତଗୁଡ଼ିକୁ ସଂରକ୍ଷଣ ଓ ପ୍ରୋତ୍ସାହନ ଦେଇ ଆସୁଛି। ସଙ୍ଗୀତ ନାଟକ ଏକାଡେମୀ ଲୋକସଙ୍ଗୀତ, ଶାସ୍ତ୍ରୀୟ ସଙ୍ଗୀତଗୁଡ଼ିକୁ ସଂରକ୍ଷିତ କରିବା ସହିତ ଶାସ୍ତ୍ରୀୟ ସଙ୍ଗୀତ ବିଶାରଦମାନଙ୍କର ଅଡିଓ ଭିଜୁଆଲଗୁଡ଼ିକୁ ରଖିବା ପାଇଁ ଅଡିଓ ଭିଜୁଆଲ ଲାଇବ୍ରେରି ସ୍ଥାପନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ଆଜି +୨ ସ୍ପଟ୍ ଆଡ୍‌ମିଶନ ଆବେଦନ

ଭୁବନେଶ୍ୱର,୨୦।୭(ଅନୁରାଧା ମହାରଣା) - ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଚାଲିଛି। ୨୭ ତାରିଖରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏଥିପାଇଁ ଶୁକ୍ରବାର ଆବେଦନ କରିବାକୁ ପଡ଼ିବ। ଯେଉଁ ଆବେଦନକାରୀମାନେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ନାମଲେଖାଇବା ପାଇଁ ମନୋନୀତ ହୋଇନାହାନ୍ତି କିମ୍ବା ପୂର୍ବରୁ ନାମ ଲେଖାଇଥିବା କଲେଜ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି, ସେମାନେ ରାତି ୧୧ଟା ୪୫ ମଧ୍ୟରେ ଆବେଦନ କରିପାରିବେ। ବଳକା ଥିବା ସିଟ୍ ଓ ମାର୍କ ଅଧାରରେ ସ୍ପଟ୍ ଆଡମିଶନ ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏହି ପର୍ଯ୍ୟାୟରେ ଆଡମିଶନ ପାଇଁ ମନୋନୀତ ଛାତ୍ରୀଛାତ୍ର ୨୭ ତାରିଖରେ ଇଣ୍ଟିମେଶନ ଲେଟର ଡାଉନଲୋଡ୍ କରିପାରିବେ। ତେବେ ପୂର୍ବରୁ ନାମଲେଖା ପାଇଁ ଆବେଦନ କରି ନ ଥିଲେ ସ୍ପଟ୍ ଆଡମିଶନ ପାଇଁ ଆବେଦନ କରିପାରିବେ ନାହିଁ।

# ଗୁହାଳରୁ ବାଛୁରିକୁ ଟାଣି ନେଇ ଖାଇଲା ବାଘ


ବାଘ ଖାଇଥିବା ବାଛୁରି।

ନୂଆପଡ଼ା,୨୦।୭ (ମକାରୁ ବେମାଲ)

ନୂଆପଡା ଜିଲାରେ ବାଘ, ଭାଲୁ ଆତଙ୍କ ଥମିବାର ନାଁ ନେଉନାହିଁ। ଭାଲୁ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ଏଭଳିସ୍ଥିତିରେ ଏବେ ବାଘ ଆତଙ୍କରେ ଲୋକେ ଆତଙ୍କିତ। ଗତ କିଛିଦିନର ନୀରବତା ପରେ ପୁଣି ନୂଆପଡା ସଦର ରେଞ୍ଜ ଆମାନାରା ବିଟ ତରିଆମହୁଆଭଟା ଗାଁରେ ବାଘ ଆତଙ୍କ ଦେଖାଦେଇଛି। ଗାଁର ଏକ ବାଛୁରିକୁ ଗୁହାଳରୁ ଟାଣି ନେଇ ଖାଇଥିବା ଅଭିଯୋଗ ହୋଇଛି। ବୁଧବାର ସନ୍ଧ୍ୟାରେ ତିରିଆମହୁଆଭଟା ଗାଁର ଗୋବିନ୍ଦ ନାଏକ ଗାଈ, ବାଛୁରିକୁ ଗୁହାଳରେ ବାନ୍ଧି ରଖିଥିଲେ। ଗୁରୁବାର ସକାଳୁ ଚରାଇବାକୁ ନେବା ପାଇଁ ଗୁହାଳେ ପହଞ୍ଚିଲା ବେଳେ ଗୋଟେ ବାଛୁରି ନ ଥିଲା। ଖୋଜାଖୋଜି ପରେ ଗୁହାଳଠାରୁ କିଛି ଦୂରରେ ବାଛୁରିର ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଗୁହାଳ ଚାରିପାଖରେ ପରିବାର ଲୋକେବାଘ ପାଦ ଚିହ୍ନ ଦେଖିଥିଲେ। ବିଳମ୍ବିତ ରାତିରେ କଲରାପତରିଆ ବାଘ ଆସି ବାଛୁରିକୁ ଖାଇଥିବ ବୋଲି ସେମାନେ ସନ୍ଦେହ କରୁଛନ୍ତି। ଚାଷ ସମୟ ହୋଇଥିବାରୁ ଚାଷଜମିକୁ ଯିବାକୁ ଚାଷୀମାନେ ଭୟ କରୁଛନ୍ତି। ନୂଆପଡା ସଦର ରେଞ୍ଜ କର୍ମଚାରୀ ତଦନ୍ତ କରିବା ସହ ଲୋକଙ୍କୁ ସଚେତନ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୧ରୁ କଲରାପତରିଆ ବାଘ ଆତଙ୍କ ଖେଳାଇ ଜଣେ ମଣିଷ, ୬ଟି ଗାଈ, ୧୨ଟି ବାଛୁରି, ଗୋଟେ କୁକୁର, ଗୋଟେ ଘୁଷୁରିକୁ ଖାଇଥିବା ଅଭିଯୋଗ ହୋଇଥିଲା।

# ମିଶ୍ର କ୍ରିଏସନ୍ସ ଅତିରିକ୍ତ ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର,୨୦।୭(ସତ୍ୟଜିତ୍ ରାଉତ)

**ଫ୍ଲାଟ୍ ଦେବା ଆଳରେ ୧୫ କୋଟିରୁ ଊର୍ଦ୍ଧ୍ୱ ଠକେଇ**

ଫ୍ଲାଟ୍ ଦେବାକୁ କହି ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ରିୟଲ ଇଷ୍ଟେଟ୍ କମ୍ପାନୀ ଏମ୍/ଏସ୍ ମିଶ୍ର କ୍ରିଏସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଅତିରିକ୍ତ ନିର୍ଦ୍ଦେଶକଙ୍କୁ ଗୁରୁବାର ଭୁବନେଶ୍ୱରରୁ ଗିରଫ କରିଛି। ସେ ହେଲେ ସନ୍ତୋଷ କୁମାର ରଥ। ଅଭିଯୁକ୍ତ ସନ୍ତୋଷଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ଗତ ମେ’ ତୃତୀୟ ସପ୍ତାହରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଜ୍ୟୋତିରଞ୍ଜନ ମିଶ୍ରଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ସେ ଏବେ ଜେଲରେ ଦିନ କାଟୁଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ଇଓଡବ୍ଲ୍ୟୁର ସୂଚନା ଅନୁଯାୟୀ, ଜ୍ୟୋତିରଞ୍ଜନ ଓ ସନ୍ତୋଷ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ଅଁଳାପାଟଣା ଅଞ୍ଚଳରେ ୟୁଟିଓପିଆଇଏ ପ୍ରୋଜେକ୍ଟରେ ଘର ଦେବାକୁ କହି ୨୦୧୬ରୁ ୧୩୦ଜଣ ଗ୍ରାହକଙ୍କଠାରୁ ୧୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇଥିଲେ। ଏହି ଟଙ୍କା ଦେବାକୁ ଗ୍ରାହକମାନେ ବ୍ୟାଙ୍କରେ ଲୋନ୍ ମଧ୍ୟ କରିଥିଲେ। ଏଥିପାଇଁ ବ୍ୟାଙ୍କ, ଗ୍ରାହକ ଓ ବିଲ୍ଡରଙ୍କ ମଧ୍ୟରେ ଚୁକ୍ତିନାମା ମଧ୍ୟ ହୋଇଥିଲା। ୩୦ ମାସ ମଧ୍ୟରେ ଫ୍ଲାଟ୍ ଦେବାର ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଘର ପାଇଁ ଗ୍ରାହକମାନେ ୯୫ ପ୍ରତିଶତ ଟଙ୍କା ଦେଇଥିଲେ ମଧ୍ୟ ବିଲ୍ଡର ସଂସ୍ଥା ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଥିଲା। ଏପରିକି ୮ ବର୍ଷ ହେଲା ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇ ଗ୍ରାହକଙ୍କୁ ଭୁଆଁ ବୁଲାଯାଇଥିଲା। ରସୁଲଗଡ଼ର ବାସିନ୍ଦା ସ୍ୱଦେଶ ରାୟ ଚୌଧୁରୀ ଏହି ପ୍ରୋଜେକ୍ଟରେ ଏକ ଫ୍ଲାଟ୍ ବୁକ୍ କରି ୧୬ ଲକ୍ଷ ଟଙ୍କା ଦେଇ ଠକେଇର ଶିକାର ହୋଇଥିଲେ। ବିଭିନ୍ନ ଗ୍ରାହକଙ୍କ ସମେତ ସ୍ୱଦେଶ ଏଭଳି ଠକେଇର ଶିକାର ହୋଇଥିବା ନେଇ ସେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ମେ ୧ରେ ଏକ ମାମଲା (ନଂ.୧୬/୨୦୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅଭିଯୁକ୍ତମାନେ ପୂର୍ବରୁ ଏଭଳି ଫ୍ଲାଟ୍ ଦେବାର ପ୍ରତିଶ୍ରୁତି ଦେଇ ବହୁତ ଲୋକଙ୍କଠାରୁ ଟଙ୍କା ନେଇଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି। ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।


ସନ୍ତୋଷ କୁମାର ରଥ


**TP SOUTHERN ODISHA DISTRIBUTION LIMITED** TPSODL
(Procurement Department)
Call Center /Training Center,
Duduma Colony, Ambagada, Berhampur, Odisha-760006

**NOTICE INVITING TENDER** Dt.: 21.07.2023

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for calibration of various testing equipment. | TPSODL/OT/ 2023-24/034 | 0.50 Lacs | 5,000 | 29.07.2023; 18:00 Hrs. |
| 2 | Rate Contract for Construction of 11KV UG Line and LT OH Line & Installation of S/S for Eco-Retreat event at Pati-Sonepur Beach. | TPSODL/OT/ 2023-24/028 | 02 Lacs | 5,000 | 29.07.2023; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. No. : 0674-2395391, Fax No.: 0674-2395291, Website : www.oscsc.in

Tender No. 10694/P-II/96/2023/PDS Dt.20.07.2023

Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of handling & transport contractors for handling and transportation of Custom Milled Rice (CMR) from source districts to recipient districts through Rake in the State of Odisha. |
| 2 | Availability of bid document in the portal | From 22.07.2023 |
| 3 | Last Date / Time for receipt of bids in the portal | Dt. 05.08.2023 up to 5.00 PM. |
| 4 | Date/Time of Opening of Technical Bid | Dt. 07.08.2023 at 11.00 AM |
| 5 | Name and address of the Officer Inviting Tender | Managing Director, OSCSC Ltd., C/2, Nayapalli, Bhubaneswar. |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments / corrigendum / cancellation / retenders etc. if any shall be published only in above websites.

By order of Managing Director
Sd./- General Manager (PDS)

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଚନ୍ଦ୍ରଶେଖରପୁର ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଚନ୍ଦ୍ରଶେଖରପୁର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ଚନ୍ଦ୍ରଶେଖରପୁର ଶାଖା/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ସ୍ୱରାଜ ମେଡିସିନ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ କନ୍ୟାଶ୍ରୀ ଷଡଙ୍ଗୀ, ସା: ପ୍ଲଟ୍ ନଂ.: ସି/୧୬, ବିଡିଏ ଡୁପ୍ଲେକ୍ସ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ସୁଲୋଚନା ବିଶ୍ୱାଳ, ମାର୍ଫତ: ଶ୍ରୀ ସନ୍ତୋଷ ବିଶ୍ୱାଳ, ସା: ବଡ଼ଗୋରଡ଼ା, ପୋ: କେଶରପୁର, ଥାନା: ଶରଣକୁଳ, ଜିଲ୍ଲା: ନୟାଗଡ଼, ପିନ୍-୭୫୨୦୧୯, ୨) ଶ୍ରୀ ମନୋଜ କୁମାର ଷଡଙ୍ଗୀ, ସା: ପ୍ଲଟ୍ ନଂ.: ୩୧୪, ଜଗନ୍ନାଥ ବିହାର, ବାରାଦେବୀ ମନ୍ଦିର ନିକଟ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩ | ୨୭.୧୨.୨୦୨୨ ସୁଦ୍ଧା ଟ.୫୭,୭୮,୨୨୭.୨୭ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୪.୦୨.୨୦୨୩ / ୧୪.୦୭.୨୦୨୩ | ଶ୍ରୀମତୀ ସୁଲୋଚନା ବିଶ୍ୱାଳଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୪୫/୩୨୭୦ (ସବ୍ ପ୍ଲଟ୍ ନଂ.: ୪/ଏ ଭାବେ ଚିହ୍ନଟ), ମୌଜା: ମଳିପଡା, ଖାତା ନଂ.: ୩୬୫/୨୧୫୩, ଥାନା: ଚନ୍ଦକା, ତହସିଲ: ଭୁବନେଶ୍ୱର, ଏଡିଏସ୍‌ଆର୍: ଖଣ୍ଡଗିରି ଏବଂ ଜିଲ୍ଲା: ଖୋର୍ଦ୍ଧା, ଖୋଲା ଜମିର କ୍ଷେତ୍ର: ଏକର୦.୦୫୫.୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରେଭିନ୍ୟୁ ପ୍ଲଟ୍ ନଂ.: ୨୫୩ ଏବଂ ୨୫୪, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୪/ବି ଏବଂ ବିକ୍ରେତାଙ୍କ ଦ୍ୱାରା ଛଡାଯାଇଥିବା ରାସ୍ତା ଅର୍ଥାତ୍ ସବ୍ ପ୍ଲଟ୍ ନଂ.: ୪/ସି ଏବଂ ସବ୍ ପ୍ଲଟ ନଂ.: ୫, ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୨୫୪ ଏବଂ ୨୫୫, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୨୫୦ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୦.୦୭.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi-834031, Jharkhand, India

**NOTICE**

“All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in** /respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in**”

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha
[Accredited with 'A' Grade by NAAC]

**SHORT TENDER CALL NOTICE FOR MULTIPLE WORKS AT NLUO CUTTACK**

Sealed tender documents in prescribed format are invited for the following.
1. Supply of Furniture & Fixtures for the New Library at NLUO, Cuttack. Last date & time of receipt is **31.07.2023**.
2. Supply & Execution of works at NLUO, Cuttack up to **27.07.2023**

For details please visit website: www.nluo.ac.in.

Sd/- Registrar

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No.: C/71, Sector-7, CDA, Cuttack-753014
FORM NO. ITCP-16
**NOTICE FOR ATTACHMENT OF IMMOVABLE PROPERTY**
(See Rule 48 of the Second Schedule as referred to in section 29 of Recovery of Debts due to Banks and Financial Institutions Act, 1993)
R.P No. 152/2018/CTC Next Date: 25.08.2023
(Arising out of OA No.439 of 2015)

**Axis Bank Limited SME Centre, A/69, Mallick Commercial Complex, Gr.Floor, Kharvel Nagar, Bhubaneswar, Dist: Khurda, PIN - 751001 ...Certificate Holder Bank**

Vs.

**Shri Manoranjan Patnaik & others ...Certificate Debtors**

To
1. **Shri Manoranjan Patnaik,** S/o.: Debraj Patnaik, 2/4th Floor, Gagan Awas Apartment, Gajapati Nagar, Bhubaneswar, Dist.: Khurda, PIN - 751015.
2. **Smt. Sujata Patnaik,** W/o.: Manoranjan Patnaik, 2/4th Floor, Gagan Awas Apartment, Gajapati Nagar, Bhubaneswar, Dist.: Khurda, PIN - 751015.
3. **M/s. Arcon Builders Pvt.Ltd.,** At: Plot No.: 392/1772, Patia Square, Nandankanan Road, Bhubaneswar, Dist: Khurda, PIN - 751024.

WHERE as you, **Shri Manoranjan Patnaik,** S/o.: Debraj Patnaik, 2/4th Floor, Gagan Awas Apartment, Gajapati Nagar, Bhubaneswar, Dist.: Khurda, PIN - 751015 and others have failed to pay the sum of **Rs. 25,38,162.00 (Rupees Twenty Five Lakh Thirty Eight Thousand One Hundred Sixty Two Only)** with interest @ 12% per annum with quarterly rests on the amount due w.e.f. the date of filing till realization of the entire dues payable by you in respect of the demand notice issued by the undersigned as per certificate dt. 11.07.2018 arising out of OA No. 439 of 2015 issued by the Presiding Officer, Debts Recovery Tribunal, Cuttack under sub section (22) of the Section 19 of the Recovery of Debts due to Banks and Financial Institutions Act, 1993.

It is ordered that the under mentioned schedule properties are attached and you the said you, **Shri Manoranjan Patnaik,** S/o.: Debraj Patnaik, 2/4th Floor, Gagan Awas Apartment, Gajapati Nagar, Bhubaneswar, Dist.: Khurda, PIN - 751015 and you are hereby prohibited and restrained until the further order of the undersigned from transferring or charging the under mentioned property in any way and that all persons be and that they are, hereby, prohibited from taking any benefit under such transfer of charge.

**Schedule of Mortgaged Property:**
Flat No.: 307, 3rd Floor, ARCON RETREAT, Mouza: Patia, Plot No.: 392/1772, SRO: Khandagiri, P.S.: Infocity, Tahasil: Bhubaneswar, Dist: Khurda, PIN - 751024.

Given under my hand & seal at Cuttack on this **19th day of June, 2023.**

**Sd/- (Prabhupada Dash)**
**Recovery Officer**

Copy to Sub Registrar, Khandagiri, Dist: Khurda for information and necessary action

ମଣିଷ ପ୍ରକୃତିର ଦିବ୍ୟରୂପାନ୍ତର ହେବ ବୋଲି ଆମେ ଯାହା କହୁଛୁ- ତାହା ହେଲା ତା'ପ୍ରକୃତିର ଏକ ସମ୍ପୂର୍ଣ୍ଣ ଓ ସମାଗ୍ରିକ ପରିବର୍ତ୍ତନ। କେହି ଭାବିବା ଉଚିତ ନୁହେଁ ଯେ, ଏହା କେବଳ ଏକପ୍ରକାର ଉଚ୍ଚସ୍ତରୀୟ ମାନବିକତା ମାତ୍ର। ଦିବ୍ୟରୂପାନ୍ତର ହେଲା ଆମ ଅଜ୍ଞାନ ପ୍ରକୃତିର ମିଥ୍ୟାରୁ ମୁକ୍ତ ହୋଇ ଦିବ୍ୟ- ପ୍ରକୃତିର ସତ୍ୟ ସହିତ ଏକାତ୍ମ ହେବା। -ଶ୍ରୀଅରବିନ୍ଦ



# ନାଟୋ, ଜେଲେନ୍‌ସ୍କି ଓ ପୁଟିନ



କୌଶିକ ବସୁ

ଲିଥୁଆନିଆର ଭିଲ୍‌ନ୍ୟୁସ୍‌ରେ ଅନୁଷ୍ଠିତ ମିଳିତ ବାର୍ଷିକ ସମ୍ମିଳନୀ ଅବସରରେ ନାଟୋରେ ଯୋଗଦେବାକୁ ନିମନ୍ତ୍ରଣ ପାଇବାରେ ୟୁକ୍ରେନ୍ ବିଫଳହେବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସମେତ ଅନେକଙ୍କୁ ନିରାଶ କରିଛି। ଯଦିଓ ଶିଖର ସମ୍ମିଳନୀର ସମାପନ ଘୋଷଣାପତ୍ର ୟୁକ୍ରେନ୍ ଯୋଗଦାନ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ପ୍ରଦାନକରି ନ ଥିଲା ତଥାପି ତାହା ଏକତା ଏବଂ ରଣନୀତିକ ଦୂରଦୃଷ୍ଟି ପ୍ରତିପାଦିତ କରିଛି, ଯାହା ଡୋନାଲ୍ଡ ଟ୍ରମ୍ପ୍ ଆମେରିକାର ରାଷ୍ଟ୍ରପତି ହୋଇଥିଲେ ଅସମ୍ଭବ ହୋଇଥାନ୍ତା। ଏହା ନିଶ୍ଚିତ, ନାଟୋ ସହଯୋଗୀମାନଙ୍କ ସହମତି ଏବଂ ଆବଶ୍ୟକ ସର୍ତ୍ତ ପୂରଣ ହୋଇ ବି ୟୁକ୍ରେନ୍‌କୁ ସରକାରୀ ଭାବେ ନିମନ୍ତ୍ରଣ ଦେବାରେ ନାଟୋ ନେତାଙ୍କ ପ୍ରତିଜ୍ଞା କିଛି ମାତ୍ରାରେ ଅସ୍ପଷ୍ଟ ରହିଗଲା। ଏଭଳି ଅସ୍ପଷ୍ଟତାକୁ ନେଇ ଜେଲେନ୍‌ସ୍କି କ୍ରୋଧିତ ହୋଇ ପାଶ୍ଚାତ୍ୟ ଭୂମିକାକୁ ଅପ୍ରତ୍ୟାଶିତ ଓ ନିରର୍ଥକ ବୋଲି ସମାଲୋଚନା କରିଥିଲେ। କିନ୍ତୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଉଚିତ ମତ ଦେଇଛନ୍ତି ଯେ, ୟୁକ୍ରେନ୍‌କୁ ନାଟୋରେ ଯୋଗଦେବାକୁ ଅନୁମତି ଦେବା ପୂର୍ବରୁ ଯୁଦ୍ଧ ଶେଷ ହେବା ଦରକାର।

ପ୍ରକୃତରେ ନାଟୋ ହେଉଛି ଏକ ପ୍ରତିରକ୍ଷା ସହଯୋଗୀ ଗୋଷ୍ଠୀ। ଏଣୁ ଯଦି ଜଣେ ସଦସ୍ୟ ଯୁଦ୍ଧରେ ରହନ୍ତି ତେବେ ସମସ୍ତେ ସେଥିରେ ଅଛନ୍ତି ବୋଲି ବୁଝିବାକୁ ହେବ। ନାଟୋ-ରୁଷିଆ ମଧ୍ୟରେ ଛାୟାଯୁଦ୍ଧର ବିପଦକୁ ଦେଖିଲେ କେବଳ ଆଣବିକ ଯୁଦ୍ଧ ଆଶଙ୍କା ଦେଖାଯାଇଛି ତାହା ନୁହେଁ, ବରଂ ବାଇଡେନ୍ ଏବଂ ନାଟୋର ସତର୍କତା କିଛିଟା ଆଶ୍ୱସ୍ତ କରୁଛି। ଜାରି ରହିଥିବା ବିବାଦ ପରିପ୍ରେକ୍ଷୀରେ ୟୁକ୍ରେନ୍‌କୁ ନେଇ ପାଶ୍ଚାତ୍ୟର ରଣନୀତିରେ ପୁନଃ ମୂଲ୍ୟାୟନକୁ ଅଣଦେଖା କରାଯାଉଛି। ୧୯୬୨ କ୍ୟୁବା ମିଶାଇଲ ସଙ୍କଟ (ଯାହା ମୁଁ ଅନ୍ୟତ୍ର ଲେଖିଛି) ଦର୍ଶାଏ ଯେ ଯୁଦ୍ଧ ସମୟରେ ବିଧ୍ୱଂସକ କ୍ଷମତା ଭଳି ରଣନୀତିକ ଯୋଜନା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସଙ୍କଟ ଦୂରକରିବାରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜନ୍ ଏଫ୍. କେନେଡି ସଫଳ ହୋଇଥିଲେ। ଏହା ଆମେରିକାର ଅର୍ଥନୀତିଜ୍ଞ ଥୋମାସ ସ୍କେଲିଂଙ୍କ ସମେତ ଅନେକଙ୍କ ଗୁରୁତ୍ୱପୂର୍ଣ୍ଣ ରଣନୀତି ଯୋଗୁ ସମ୍ଭବ ହୋଇଥିଲା।

ଦୁର୍ଭାଗ୍ୟବଶତଃ, ୟୁକ୍ରେନ୍ ଯୁଦ୍ଧ ସମ୍ପର୍କିତ ବିତର୍କ ପ୍ରାୟତଃ ସଂଘର୍ଷର ରଣନୀତିକ ଜଟିଳତାକୁ ବୁଝିବାରେ ବିଫଳ ହୋଇଛି। ୟୁକ୍ରେନୀୟମାନେ ଏକ ପାରମ୍ପରିକ ଯୁଦ୍ଧରେ ବିଜୟୀ ହୋଇପାରନ୍ତି ବୋଲି କେତେଜଣ ପାଶ୍ଚାତ୍ୟ ସମୀକ୍ଷକ ପୂର୍ବାନୁମାନ କରିଛନ୍ତି। ଏଭଳି ଏକ ସମ୍ଭାବନା ପ୍ରକାଶ ପାଇଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବୃହତ୍ ଆଣବିକ ଅସ୍ତ୍ରଶସ୍ତ୍ର ବ୍ୟବହାର ଆଶଙ୍କାକୁ ବହୁ ସମୟରେ କମ୍ ଗୁରୁତ୍ୱ ଦିଆଯାଇଆସୁଛି। ଅବଶ୍ୟ, ଆଣବିକ ଆକ୍ରମଣ କରିବା ଅର୍ଥ ନାଟୋ ସହ ମୁହାଁମୁହିଁ ଯୁଦ୍ଧ ଆରମ୍ଭ କରିବା। ତେବେ ଯୁଦ୍ଧରେ ପୁଟିନ୍ ପରାଜୟ ହେଲେ ତାହା ତାଙ୍କ ପାଇଁ ଏକ ବିପଜ୍ଜନକ ସ୍ଥିତି ସୃଷ୍ଟି କରିବ। କିନ୍ତୁ ଏହା ସ୍ପଷ୍ଟ ଯେ, ପାରମ୍ପରିକ ଯୁଦ୍ଧରେ ୟୁକ୍ରେନ୍‌ର ବିଜୟ ସମ୍ଭବ ନୁହେଁ। ଏହା ସମ୍ଭବ ହେବା ପୂର୍ବରୁ ପୁଟିନ୍ ତାଙ୍କ ପାଖରେ ଥିବା ବିକଳ୍ପ ଆଣବିକ ଆକ୍ରମଣକୁ ବ୍ୟବହାର କରିବେ। ସେଥିପାଇଁ ପୁଟିନ୍‌ଙ୍କୁ ପରାସ୍ତ କରିବାର ଚାବି ଯୁଦ୍ଧ କ୍ଷେତ୍ରରେ ନାହିଁ ବରଂ ତାଙ୍କୁ ଗାଦିରୁ ହଟାଇବା ପାଇଁ ରୁଷୀୟମାନଙ୍କ ସଶକ୍ତୀକରଣ କଲେ ତାହା ହୋଇପାରିବ। କିନ୍ତୁ ତାହା କରିବା ପାଇଁ ଗଣତାନ୍ତ୍ରିକ ଦେଶଗୁଡ଼ିକର ଗଣମାଧ୍ୟମଗୁଡ଼ିକ ପ୍ରଥମେ ରୁଷିଆର ନାଗରିକ ଏବଂ କ୍ରେମଲିନ୍ ମଧ୍ୟରେ ଥିବା ଅନ୍ତରକୁ ଅନୁଧ୍ୟାନକରି ସାମ୍ନାକୁ ଆଣିବାକୁ ହେବ।





ବ୍ରିଟେନ୍‌ର ରୟାଲ ୟୁନାଇଟେଡ୍ ସର୍ଭିସେସ୍ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ଏକ ରିପୋର୍ଟ ପ୍ରକାଶ ପାଇଛି। ଏହା ଅନୁଯାୟୀ, ୟୁକ୍ରେନ୍ ଆକ୍ରମଣର ନକ୍ସା ପ୍ରତିରକ୍ଷା ମନ୍ତ୍ରୀ ସରୋଜ ଶୋଏଗୁ ଏବଂ ଜେନେରାଲ ଷ୍ଟାଫ୍ ଭାଲେରି ଜେରାସିମୋଭ ଭଳି ପୁଟିନଙ୍କ ଅତି ନିକଟତର ସଦସ୍ୟଙ୍କ ଦ୍ୱାରା କରାଯାଇଥିଲା। ଐତିହାସିକ ଆମି ନାଇଟ ରୁଷିଆର ନ୍ୟୁଜ ସାଇଟ୍ ମେଡୁଜା ଦ୍ୱାରା କରାଯାଇଥିବା ଏକ ନିରପେକ୍ଷ ସର୍ଭେକୁ ଦର୍ଶାଇ ଉଲ୍ଲେଖ କରିଛନ୍ତି ଯେ, ଅଧିକାଂଶ ରୁଷୀୟ ଯୁଦ୍ଧ ଶେଷ ହେବାକୁ ଚାହୁଁଛନ୍ତି। ପାଶ୍ଚାତ୍ୟ କୂଟନୀତିଜ୍ଞମାନେ ଧ୍ୟାନଦେବା ଉଚିତ ଯେ ଯୁଦ୍ଧ ପାଇଁ ରୁଷିଆର ଜନସାଧାରଣ ଦାୟୀ ନୁହନ୍ତି। ଏହାସହ ପୁଟିନ୍‌ଙ୍କ ପତନ ତାଙ୍କ ଯୋଗୁ ନୁହେଁ ଓ ଏହା ପଛରେ ଆଉ କେହି ଅଛନ୍ତି ବୋଲି ରୁଷୀୟମାନଙ୍କୁ ବୁଝାଇବାକୁ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଗମ୍ଭୀର ଭାବେ ବିଚାର କରିବା ଉଚିତ।

ଏକଚ୍ଛତ୍ରବାଦୀମାନେ ଜନ ଅସନ୍ତୋଷକୁ ଅଟକାଉଥିବାରୁ ସେମାନେ ବାସ୍ତବରେ ଯାହା ସାଧାରଣରେ ତା'ଠାରୁ ଅଧିକ ଲୋକପ୍ରିୟ ସାବ୍ୟସ୍ତ ହୋଇଥାନ୍ତି। ଇଥିଓପିଆର ସମ୍ରାଟ ହେଲି ସେଲାସି ଏହାର ଏକ ଦୃଷ୍ଟାନ୍ତ। ୪ ଦଶନ୍ଧି ଶାସନ କାଳରେ ସେଲାସିଙ୍କୁ ତାଙ୍କ ବିଶ୍ୱସ୍ତ ସମର୍ଥକମାନେ ଘେରି ରହିଥିଲେ ଏବଂ ସେଥିପାଇଁ ସେ ବହୁତ ଲୋକପ୍ରିୟ ମନେ ହେଉଥିଲେ। କିନ୍ତୁ ପୋଲାଣ୍ଡର ସାମ୍ବାଦିକ ରିସର୍ଡ କାପୁସାଇନସ୍କି ୧୯୭୮ରେ ତାଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକରେ ସେଲାସିଙ୍କ ପତନ ବିଷୟରେ ଚମତ୍କାର ଭାବେ ଉଲ୍ଲେଖ କରିଥିଲେ। ସେ ଦର୍ଶାଇଥିଲେ ଯେ, ସେଲାସିଙ୍କ ଦରବାରୀ ବିଶ୍ୱସ୍ତତା ଏକ ଦୁର୍ଭିକ୍ଷ ପରେ ବଦଳିଗଲା ଏବଂ ଅତ୍ୟଧିକ ମୁଦ୍ରାସ୍ଫୀତି ଯୋଗୁ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇଲେ ଏବଂ ତାଙ୍କ ଶାସନକୁ ଦୁର୍ବଳ କରିଦେଲେ। ୧୯୭୪ ମସିହାରେ ସେନା ସେଠାରେ କ୍ଷମତା ଦଖଲକଲା ଓ ସମ୍ରାଟଙ୍କ ସାମ୍ରାଜ୍ୟ ହାତରୁ ଚାଲିଗଲା। ସେହିଭଳି, ରୁଷୀୟମାନେ ପୁଟିନ୍‌ଙ୍କୁ ଘେରି ରହିଥିବା ଛୋଟ ଗୋଷ୍ଠୀ ବିରୋଧରେ ଆନ୍ଦୋଳନ କରିପାରିଥାଆନ୍ତେ, ଯେଉଁମାନେ ସେମାନଙ୍କୁ ଅତ୍ୟାଚାର କରିଛନ୍ତି, ସେମାନଙ୍କୁ ଏକ ଅବାଞ୍ଛିତ ଯୁଦ୍ଧ ଆଡ଼କୁ ଟାଣି ନେଇଛନ୍ତି ଏବଂ ସେମାନଙ୍କ ଅର୍ଥନୀତିକୁ ନଷ୍ଟ କରିଛନ୍ତି। ନିଃସନ୍ଦେହ ଯେ, ଏହି ପ୍ରକାର ଏକ ରାଜନୈତିକ ଆନ୍ଦୋଳନ ପାଇଁ ରଣନୀତିକ ଯୋଜନା ଆବଶ୍ୟକ। ମନେରଖିବାକୁ ହେବ ଯେ, କେବଳ ପୁଟିନ୍‌ଙ୍କ ପତନ ୟୁକ୍ରେନ୍ ଏବଂ ରୁଷିଆକୁ ଏକଚ୍ଛତ୍ରବାଦର ଶିକୁଳିରୁ ମୁକ୍ତ କରିପାରିବ।

ଏହା ନିଶ୍ଚିତ ଯେ, ପୁଟିନ୍‌ଙ୍କ ଶାସନ ଅପେକ୍ଷାକୃତ ସ୍ଥିର ଥିବା ଜଣାପଡୁଛି। ଦେଖିବାକୁ ଗଲେ ୱାଗନର ଗୋଷ୍ଠୀର ନେତା ୟେଗ୍‌ନେଭ ପ୍ରିଗୋଝିନଙ୍କ ବିଦ୍ରୋହ ପୁଟିନ୍‌ଙ୍କ ଶାସନ ପ୍ରତି ବଡ଼ ଆହ୍ୱାନ ଥିଲେ ମଧ୍ୟ ତାଙ୍କୁ ତଡ଼ିବା ଲାଗି ଚାହିଁ ନ ଥିଲା। ତେବେ ପୁରାତନ ସୋଭଏଟ୍ ଯୁଗର ଏକ ପରିହାସାତ୍ମକ କାହାଣୀ ଏକଚ୍ଛତ୍ରବାଦର ବିକୃତ ପ୍ରଭାବର ବାସ୍ତବତାକୁ ବର୍ଣ୍ଣନା କରେ। ଜୋସେଫ୍ ଷ୍ଟାଲିନ୍ ମସ୍କୋ ସ୍କୁଲ ପରିଦର୍ଶନ କରି ଜଣେ ଛାତ୍ରଙ୍କୁ ପଚାରିଲେ, ''ସିଜରଙ୍କୁ କିଏ ହତ୍ୟା କଲା ?'' ପିଲାଟି ସଙ୍ଗେ ସଙ୍ଗେ କାନ୍ଦିବାକୁ ଲାଗିଲା ଏବଂ ଚିତ୍କାର କରି କହିଲା, ''ମୁଁ ଶପଥ କରୁଛି, ମୁଁ ଏହା କରି ନାହିଁ।'' ଷ୍ଟାଲିନ ଶ୍ରେଣୀଗୃହରୁ ବାହାରି ଆସି ଶିକ୍ଷକଙ୍କଠାରୁ ସ୍ପଷ୍ଟୀକରଣ ମାଗିଥିଲେ। ଭୟରେ ଥରୁଥିବା ଶିକ୍ଷକ ଛାତ୍ରଙ୍କୁ ରକ୍ଷାକରି ସୋଭଏଟ୍ ଏକଚ୍ଛତ୍ରବାଦୀ ଶାସକଙ୍କୁ କହିଥିଲେ, ମୁଁ ତାକୁ ବହୁ ଦିନରୁ ଜାଣିଛି ଏବଂ ମୁଁ ଆପଣଙ୍କୁ ନିଶ୍ଚିତ କରିପାରେ ଯେ ସେ ସିଜରଙ୍କୁ ହତ୍ୟା କରିନାହିଁ। ଏଥିରେ ରାଗିଯାଇ ଷ୍ଟାଲିନ୍ ସ୍କୁଲ ପ୍ରିନ୍ସିପାଲଙ୍କୁ ଡକାଇଛନ୍ତି। ସେ ଘଟଣାର ଅନୁସନ୍ଧାନ କରିବାକୁ ପ୍ରତିଶ୍ରୁତି ଦେବା ସହ ବାଳକଟିକୁ ନିର୍ଦ୍ଦୋଷତାକୁ ନିଶ୍ଚିତ କରି ତା' ପରଦିନ ଫେରି ଆସିଛନ୍ତି। ପରେ ଷ୍ଟାଲିନ୍ ଏନ୍‌କେଭିଡିର ମୁଖ୍ୟଙ୍କୁ ଡାକି ଏହି ଘଟଣାରେ ନିଜର କ୍ରୋଧ ପ୍ରକାଶ କରି ସମ୍ପୂର୍ଣ୍ଣ ତଦନ୍ତ ଦାବି କରିଛନ୍ତି। ପରେ ସିକ୍ରେଟ୍-ପୋଲିସ ମୁଖ୍ୟ ତାଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ସେ ଏହାର ତୃଣମୂଳ ସ୍ତରକୁ ଯାଇ ପ୍ରକୃତ ରହସ୍ୟ ବାହାର କରିବେ। ବାସ୍ତବରେ ୨ ଦିନ ମଧ୍ୟରେ ସେ ଷ୍ଟାଲିନ୍‌ଙ୍କ ନିକଟରେ ରିପୋର୍ଟ ପହଞ୍ଚାଇ ଏହି ସମସ୍ୟାର ସମାଧାନ ହୋଇଯାଇଛି ବୋଲି ତାଙ୍କୁ ଅବଗତ କରିଛନ୍ତି। ପିଲାଟି ତା' ଦୋଷ ସ୍ୱୀକାର କରିଥିବା ବି ଦର୍ଶାଇଛନ୍ତି।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ**

# ଚନ୍ଦ୍ର ଅଭିଯାନ



ସୌଭାଗ୍ୟ ରଞ୍ଜନ ମହାନ୍ତି

ଏଥିରେ ସନ୍ଦେହ ନାହିଁ ଯେ, ଭାରତର ଚନ୍ଦ୍ରୟାନ-୩ର ଚନ୍ଦ୍ର ଅଭିଯାନ ମହାକାଶ ଗବେଷଣା କ୍ଷେତ୍ରରେ ଏକ ମାଇଲଷ୍ଟୋନ ଏବଂ ଦେଶ ପାଇଁ ଗୌରବର ମୁହୂର୍ତ୍ତ। କେବଳ ଏତିକି ନୁହେଁ, ଏହା ଦେଶର ବୈଷୟିକ ଜ୍ଞାନକୌଶଳ ଏବଂ ଶକ୍ତି ସାମର୍ଥ୍ୟକୁ ପ୍ରଦର୍ଶିତ କରୁଛି । ଜୁଲାଇ ୧୪ରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ ଗବେଷଣା କେନ୍ଦ୍ରରୁ ଦେଶର ବାହୁବଳି ରକେଟ ଲଞ୍ଚର ଏଲଭିଏମ୍-୩ ସହାୟତାରେ ଚନ୍ଦ୍ରୟାନ-୩ ମହାକାଶକୁ ଉତ୍‌କ୍ଷେପଣ କରିଥିଲା। ମାତ୍ର ୧୬ ମିନିଟ୍ ପରେ ଏହାକୁ କକ୍ଷ୍ୟ ପଥରେ ଅବସ୍ଥାପିତ କରିପାରିଛି। ୨୦୦୩ରେ ଚନ୍ଦ୍ର ଅଭିଯାନ ପାଇଁ ନିଷ୍ପତ୍ତି ନିଆଯାଇ ଏହାର ୫ବର୍ଷ ପରେ ଅର୍ଥାତ୍ ୨୦୦୮ ଅକ୍ଟୋବରରେ ଭାରତ ଚନ୍ଦ୍ରୟାନ-୧ ପ୍ରେରଣ କରିଥିଲା। ଚନ୍ଦ୍ରୟାନ-୧ ଭାରତର ବୈଷୟିକ ଶକ୍ତିକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବାରେ ସମର୍ଥ ହୋଇଥିଲା। ଆମେରିକା, ତତ୍କାଳୀନ ସୋଭିଏଟ୍ ୟୁନିୟନ ୧୯୭୦ ଦଶକ ପୂର୍ବରୁ ଚନ୍ଦ୍ର ବିଜୟ କରିଥିବା ବେଳେ ଚନ୍ଦ୍ରପୃଷ୍ଠରେ 'ଜଳ' ଥିବା ଆବିଷ୍କାର କରିପାରି ନ ଥିଲେ। ଭାରତର ଚନ୍ଦ୍ରୟାନ-୧ ପ୍ରଥମ ଥର ପାଇଁ ଏବଂ ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଚନ୍ଦ୍ରପୃଷ୍ଠରେ ଜଳ ଥିବାର ସନ୍ଦେଶ ଦେଇଥିଲା ; ଯାହାକୁ କି ଆମେରିକା, ରୁଷ ଆଦି ରାଷ୍ଟ୍ର ସହ ବିଶ୍ୱର ମହାକାଶ ବିଜ୍ଞାନୀମାନେ ଗ୍ରହଣ କରିଛନ୍ତି। ଦୁର୍ଭାଗ୍ୟବଶତଃ ଭାରତର ଚନ୍ଦ୍ରୟାନ-୨ ବିଫଳ ହୋଇଥିଲା। ଚନ୍ଦ୍ରଯାନ-୨ରେ ଯାଇଥିବା ଲ୍ୟାଣ୍ଡର 'ବିକ୍ରମ' ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ବିଫଳ ହୋଇଥିଲା। ଚନ୍ଦ୍ରପୃଷ୍ଠର ପ୍ରାୟ ୨୧ କିଲୋମିଟର ଉଚ୍ଚତାରେ ଏହା ସହିତ ପୃଥିବୀ ନିୟନ୍ତ୍ରଣ କେନ୍ଦ୍ରର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ମାତ୍ର ୩ବର୍ଷର ବ୍ୟବଧାନରେ ଚନ୍ଦ୍ରୟାନ-୩ ଚନ୍ଦ୍ର ଅଭିଯାନ କରିଛି। ଚନ୍ଦ୍ରୟାନ-୩ର ଆଉ ଏକ ରେକର୍ଡ ହେଉଛି ଏହାର ସ୍ୱଳ୍ପ ବଜେଟ। ଚନ୍ଦ୍ରୟାନ-୩ ପାଇଁ ମାତ୍ର ୬୧୫ କୋଟି ଟଙ୍କା ବ୍ୟୟ ହୋଇଛି। ବିଶ୍ୱର ଅନ୍ୟ କୌଣସି ରାଷ୍ଟ୍ର ଏତେ କମ୍ ବ୍ୟୟରେ ଚନ୍ଦ୍ରପୃଷ୍ଠକୁ ମହାକାଶ ଯାନ ପଠାଇ ନାହାନ୍ତି। ଚନ୍ଦ୍ରୟାନ-୨ରେ ଦେଖାଯାଇଥିବା ତ୍ରୁଟିରେ ସୁଧାର କରି ଚନ୍ଦ୍ରୟାନ-୩କୁ ପ୍ରେରଣ କରାଯାଇଥିବା ଇସ୍ରୋର ଅଧ୍ୟକ୍ଷ ଏସ.ସୋମନାଥ କହିଛନ୍ତି। ଚନ୍ଦ୍ରୟାନ-୩ ଉତ୍‌କ୍ଷେପଣର ୪୦ଦିନ ପରେ ଅର୍ଥାତ୍ ଅଗଷ୍ଟ ୨୩ କିମ୍ବା ୨୪ ରେ ଏହା ଚନ୍ଦ୍ରପୃଷ୍ଠରେ ଧୀର ଅବତରଣ କରିବା ଲକ୍ଷ୍ୟ ରହିଛି। ଚନ୍ଦ୍ରୟାନର ୩ଟି ଲକ୍ଷ୍ୟ ରହିଛି, ସେଗୁଡ଼ିକ ହେଉଛି ଚନ୍ଦ୍ରପୃଷ୍ଠରେ ଧୀର ଅବତରଣ (ସଫ୍ଟ ଲ୍ୟାଣ୍ଡିଂ) କରିବା, ଚନ୍ଦ୍ରପୃଷ୍ଠରେ ରୋଭର କାର୍ଯ୍ୟକାରିତା ନିରୀକ୍ଷଣ କରିବା ଏବଂ ଚନ୍ଦ୍ରପୃଷ୍ଠର ଭାଗର ବିଶେଷତ୍ୱ ସମ୍ପର୍କରେ ଅଧିକ ଗବେଷଣା ଓ ରାସାୟନିକ ବିଶ୍ଳେଷଣ କରିବା। ତେବେ ଚନ୍ଦ୍ରୟାନ-୩ର ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହେଉଛି, ଏହା ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବ, ଯାହା ଏବେ ବି ବିଶ୍ୱର ଦୃଷ୍ଟି ଆଢୁଆଳରେ ଅନ୍ଧାରରେ ରହିଛି। ଯଦି ସବୁକିଛି ଠିକ୍‌ଠାକ୍ ରହେ ଏବଂ ଦକ୍ଷିଣ ମେରୁରେ ଅବତରଣ କରେ, ତେବେ ଚନ୍ଦ୍ର ବିଜୟ ଅଭିଯାନରେ ଭାରତ ହେବ ବିଶ୍ୱର ଚତୁର୍ଥ ରାଷ୍ଟ୍ର। ପୂର୍ବରୁ ସୋଭିଏଟ୍ ୟୁନିୟନ ବା ବର୍ତ୍ତମାନ ରୁଷ, ଆମେରିକା ଓ ଚାଇନା ଚନ୍ଦ୍ରପୃଷ୍ଠରେ ଅବତରଣ କରିଛନ୍ତି। ଚନ୍ଦ୍ରୟାନ-୩ ଅଭିଯାନରେ ଓଡ଼ିଶାର ଅବଦାନ ମଧ୍ୟ କିଛି କମ୍ ନୁହେଁ। ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି) ୭୫ହଜାର ଉପକରଣ ଯୋଗାଇ ଦେଇଛି। ସିଟିଟିସିର ପ୍ରାୟ ୧୫୦ କର୍ମଚାରୀ ଓ ପ୍ରଶିକ୍ଷକ ଏହି ଯନ୍ତ୍ରାଂଶ ସବୁ ନିର୍ମାଣରେ ନିୟୋଜିତ ଥିଲେ।

ସ୍ମରଣଯୋଗ୍ୟ ଯେ, ୧୯୭୫ ଏପ୍ରିଲ ୧୯ରେ ଦେଶର ପ୍ରଥମ ମହାକାଶ ଅଭିଯାନ ଆରମ୍ଭ ହୋଇଥିଲା। ଏହି ଦିନ ଭାରତ ଦେଶର ପ୍ରଥମ ଉପଗ୍ରହ ଆର୍ଯ୍ୟଭଟ୍ଟ ମହାକାଶକୁ ପଠାଇଥିଲା ; ଯାହା ସଫଳତାର ସହ କାର୍ଯ୍ୟ କରିଥିଲା। ବର୍ତ୍ତମାନ ଭାରତ ମହାକାଶକୁ ୧୪୯ଟି କୃତ୍ରିମ ଉପଗ୍ରହ ପଠାଇ ସାରିଲାଣି। ନିକଟରେ ଭାରତ ଏକକାଳୀନ ୧୩୮ଟି ଉପଗ୍ରହ ଏକ ସଙ୍ଗେ ପଠାଇ ମହାକାଶ ଗବେଷଣା କ୍ଷେତ୍ରରେ ଏକ ବିରଳ ମାଇଲଖୁଣ୍ଟ ସ୍ଥାପନ କରିଛି। ଏସବୁ ଜଳବାୟୁ, ଶିକ୍ଷା, ଯୋଗାଯୋଗ, ପ୍ରତିରକ୍ଷା ଆଦି କ୍ଷେତ୍ରରେ କାର୍ଯ୍ୟ କରୁଛି। ପାଣିପାଗ, ବାତ୍ୟା, ବର୍ଷା, ବନ୍ୟା ସମ୍ପର୍କରେ ଆଗୁଆ ସୂଚନା ଦେଇ ମାନବ ସମାଜର ଅଶେଷ କଲ୍ୟାଣ ସାଧନ କରୁଛି। ଚନ୍ଦ୍ର ଅଭିଯାନରେ ଚନ୍ଦ୍ରୟାନ-୩ ସଫଳ ହୋଇ ଇତିହାସ ସୃଷ୍ଟି କରୁ, ବିଶ୍ୱର ବୃହତ୍‌ଶକ୍ତି ଭାବେ ପରିଚିତ ଆମେରିକା, ରୁଷ, ଚାଇନାର ସମକକ୍ଷ ହେବା ଆମ ସମସ୍ତଙ୍କର ଲକ୍ଷ୍ୟ।

**ସମ୍ମାନ ଭବନ, ଶିଶୁପାଳଗଡ଼**
**ମୋ: ୯୪୩୭୯୯୪୩୭୯**

## ଏଇ ଭାରତରେ

ଅସହାୟ ପିଲାଙ୍କ ଆଶାବାଡ଼ି ପୋର୍ଡିଆ ପୁଟାଟୁଣ୍ଡା। ସେ ତାଙ୍କ ପିତାଙ୍କ ସ୍ମୃତିରେ ଏକ ଆବାସିକ ସ୍କୁଲ ଖୋଲି ମାଗଣାରେ ପିଲାମାନଙ୍କୁ ପଢାଉଛନ୍ତି। ସେମାନଙ୍କୁ ଖାଦ୍ୟ, ଚିକିତ୍ସା, ପୋଷାକ ମାଗଣାରେ ଯୋଗାଉଛନ୍ତି। ପୋର୍ଡିକା ଭାରତର ସବୁଠୁ ଉଚ୍ଚ ଗାଁ କୋମିକରେ ଏହି ସ୍କୁଲ ଖୋଲିଛନ୍ତି। ସେ ପ୍ଲାନେଟ ସ୍ପିତି ଫାଉଣ୍ଡେଶନ ପ୍ରତିଷ୍ଠା କରି ତା' ମାଧ୍ୟମରେ ଉକ୍ତ ସ୍କୁଲ ପରିଚାଳନା କରୁଛନ୍ତି। ପୋର୍ଡିକା ସେହି ପିଲାମାନଙ୍କ ପାଇଁ ମା'ପାଲଟିଯାଇଛନ୍ତି। ସ୍କୁଲରେ ୮ରୁ ୧୦ ବର୍ଷ ବୟସର ପିଲା ରହୁଛନ୍ତି । ପିଲାମାନଙ୍କ ମଧ୍ୟରୁ ଅର୍ଦ୍ଧେକ ସେମାନଙ୍କ ମା' କିମ୍ବା ବାପାଙ୍କୁ ହରାଇଛନ୍ତି। ଆଉ ଯେଉଁମାନେ ରହିଲେ ଅଭିଭାବକ ସେମାନଙ୍କ ଯତ୍ନ ନେବାରେ ଅକ୍ଷମ। ଏହି ସ୍କୁଲରେ ପିଲାମାନଙ୍କ ପାଇଁ ଏକ ପାଠାଗାର ଓ ଖେଳିବାର ବ୍ୟବସ୍ଥା କରାଯାଇଛି। ପୋର୍ଡିକା ପେସାରେ ଜଣେ ସାମ୍ବାଦିକ। ସେ ସିଏନ୍‌ଏନ୍‌ରୁ ୨୦୨୦ରେ ଚାକିରି ଛାଡ଼ି ଏହି କାର୍ଯ୍ୟ କରୁଛନ୍ତି। ସାମ୍ବାଦିକ ଥିବାବେଳେ ସେ କୋମିକ୍‌କୁ ବହୁବାର ଯିବାର ସୁଯୋଗ ପାଇଥିଲେ ଓ ସେଠାରେ ପିଲାଙ୍କ ଦୁର୍ଦ୍ଦଶାକୁ ଦେଖିଥିଲେ। ଏଣୁ ତାଙ୍କ ପିତାଙ୍କ ମୃତ୍ୟୁ ପରେ ତାଙ୍କ ସ୍ମୃତିରେ ସେଠାରେ ଏହି ସ୍କୁଲ ଖୋଲିବାର ନିଷ୍ପତ୍ତି ନେଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଜୁଲାଇ ୧୯୯୮

- ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କଠାରୁ ମୌଖିକ ପ୍ରତିଶ୍ରୁତି ପାଇବା ପରେ ରାଜ୍ୟର ୩ଟି ଯାକ ମେଡିକାଲ କଲେଜର ଜୁନିଅର ଡାକ୍ତରଙ୍କ ଧର୍ମଘଟ ପ୍ରତ୍ୟାହୃତ।
- ରାଷ୍ଟ୍ରୀୟ ଜନତା ଦଳ ଓ ସମାଜବାଦୀ ପାର୍ଟି ଦ୍ୱାରା ନବଗଠିତ ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ମୋର୍ଚ୍ଚାରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍ -ସୋରେନ)ର ଯୋଗଦାନ।
- ପାପୁଆ ନ୍ୟୁଗିନିର ଉତ୍ତର ଉପକୂଳରେ ସାମୁଦ୍ରିକ ଜୁଆର ମାଡ଼ି ଆସିଥିବା ଘଟଣାରେ ମୃତ୍ୟୁସଂଖ୍ୟା ୩୦୦୦କୁ ବୃଦ୍ଧି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 7 | 8 | | | | | |
| | 8 | 6 | 7 | | | 4 | 2 | |
| | | 4 | | | 9 | | 5 | |
| | | | 2 | 5 | | 9 | | 7 |
| | 7 | | | | | | 8 | |
| | | | 4 | | | 5 | | |
| | | | 9 | 2 | 8 | | 1 | |
| | | | | | | | | |
| | | 1 | | 6 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 2 | 1 | 7 | 3 | 4 | 6 | 8 |
| 8 | 1 | 7 | 6 | 4 | 2 | 5 | 3 | 9 |
| 4 | 6 | 3 | 9 | 8 | 5 | 7 | 2 | 1 |
| 3 | 4 | 8 | 7 | 9 | 1 | 6 | 5 | 2 |
| 9 | 5 | 6 | 3 | 2 | 4 | 1 | 8 | 7 |
| 2 | 7 | 1 | 8 | 5 | 6 | 3 | 9 | 4 |
| 6 | 3 | 4 | 2 | 1 | 8 | 9 | 7 | 5 |
| 7 | 8 | 5 | 4 | 6 | 9 | 2 | 1 | 3 |
| 1 | 2 | 9 | 5 | 3 | 7 | 8 | 4 | 6 |

ଗତକାଲିର ଉତ୍ତର

# ବ୍ୟାଧିଗ୍ରସ୍ତ ଗଣତନ୍ତ୍ର



ରବିନାରାୟଣ ସାମଲ

ସେମାନଙ୍କର ଭୋଟ ଦରକାର। ଭୋଟ ପାଇଁ ସେମାନେ ଯାହା କିଛି ବି କରିପାରନ୍ତି। ଲୋକଙ୍କ ଭିତରେ ସିଧାସଳଖ ଟଙ୍କା ବାଣ୍ଟନ୍ତି, ଟିଭି ଓ ଲାପ୍‌ଟପ୍ ଭଳି ଦାମିକା ସାମଗ୍ରୀ ଉପହାର ଦିଅନ୍ତି, ଏସା କରେଙ୍ଗେ- ତେସା କରେଙ୍ଗେ ପ୍ରତିଶ୍ରୁତି ଦିଅନ୍ତି, ଜାତି-ଧର୍ମକୁ ନେଇ ବିଭେଦ ସୃଷ୍ଟି କରନ୍ତି, ସ୍ଥଳ ବିଶେଷରେ ବାହୁବଳର ପ୍ରୟୋଗ କରନ୍ତି, ଶାସନକଳର ଦୁରୁପଯୋଗ କରନ୍ତି, ଭୋଟ ଜାଲିଆତି କରନ୍ତି, ବୁଥ୍ ଜବରଦଖଲ କରନ୍ତି, ଭୋଟ ଗଣତିରେ ଏପଟସେପଟ କରନ୍ତି ଏବଂ ଆବଶ୍ୟକ ସ୍ଥଳେ କାହାର ଜୀବନ ନେବାକୁ ବି ପଛଘୁଞ୍ଚା ଦିଅନ୍ତି ନାହିଁ। କ୍ଷମତାର ମୋହ ଯାବତୀୟ ଅନ୍ୟାୟ, ଅତ୍ୟାଚାର, ଅନୀତି, ଦୁର୍ନୀତି ଓ ଅପରାଧକୁ ପ୍ରୋତ୍ସାହିତ କରିଥାଏ। ଫଳରେ ଅପରାଧୀମାନେ ରାଜନୀତି ଭିତରକୁ ଧସେଇ ପଶନ୍ତି ଓ ଶାସନ କ୍ଷମତାକୁ ଅକ୍ତିଆର କରନ୍ତି। ଆମ ପାର୍ଲାମେଣ୍ଟର ଶତକଡ଼ା ୮୭ ଭାଗ ଏବଂ ଦେଶର ବିଧାନସଭା ସଭ୍ୟମାନଙ୍କ ମଧ୍ୟରୁ ଶତକଡ଼ା ୪୪ ଭାଗ ପ୍ରତିନିଧି ଅପରାଧ ପୃଷ୍ଠଭୂମିସମ୍ପନ୍ନ। ଏଡିଆର୍‌ର ଏହି ତଥ୍ୟ ଆମ ଗଣତନ୍ତ୍ରର ଅସଲ ଚେହେରାକୁ ଉନ୍ମୋଚିତ କରିଥାଏ। ଜୁଲାଇ ୮ ତାରିଖରେ ପଶ୍ଚିମବଙ୍ଗର ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେଲା। ହିଂସାକାଣ୍ଡ, ବୋମାମାଡ଼, ଗୁଳିଚାଳନା, ଗୃହଦାହ, ଭୋଟ ଜାଲିଆତି, ବୁଥ୍ ଜବରଦଖଲ, ଭୋଟବାକ୍ସ ଲୁଟ୍ ଓ ୪୦ ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନହାନି ସମୁଦାୟ ନିର୍ବାଚନ ପ୍ରକ୍ରିୟାକୁ କଳଙ୍କିତ କରି ପକାଇଲା। ସିସିଟିଭି କ୍ୟାମେରା ଲାଗିଥିବା ସତ୍ତ୍ୱେ ବୁଥ୍ ଜବରଦଖଲ ସ୍ୱଚ୍ଛନ୍ଦରେ ଚାଲିଲା। ଏହାର କେତୋଟି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଅପରାଧୀଙ୍କ ଦୌରାତ୍ମ୍ୟରେ ପୋଲିସ ଓ ପୋଲିଂ ଅଫିସରମାନେ ଯେ କେତେ ଅସହାୟ ଭିଡିଓ ଗୁଡ଼ିକରୁ ଜଣାପଡୁଛି।

ବୁଥ୍ କ୍ୟାପ୍‌ଚରିଂ ବା ବୁଥ୍ ଜବରଦଖଲ ଆମ ଦେଶର ନିର୍ବାଚନୀ ଇତିହାସରେ ଅବଶ୍ୟ ନୂଆ କଥା ନୁହେଁ। ଏହା ୧୯୫୭ ମସିହାରୁ ହୋଇ ଆସୁଛି। ବିହାରର ବେଗୁସରାଇରେ ଏହା ପ୍ରଥମେ ଆରମ୍ଭ ହୋଇଥିଲା। କ୍ରମେ କ୍ରମେ ଏହା ସାରା ଦେଶକୁ ଗ୍ରାସ କରିଛି। ସାଧାରଣତଃ ଯେଉଁ ଦଳ ବା ପ୍ରାର୍ଥୀ ଯେଉଁଠି ଅଧିକ ଶକ୍ତିଶାଳୀ ସେମାନେ ସେଠି ବୁଥ୍ ଜବରଦଖଲ କରି ବସୁଛନ୍ତି। କେତେକ ବୁଥ୍‌ରେ ଏଜେଣ୍ଟମାନଙ୍କୁ ଆୟତକରି ବୁଥ୍ କ୍ୟାପ୍‌ଚରିଂ କରାଯାଉଛି ତ ଆଉ କେଉଁଠି ମତଦାତା ଓ ପୋଲିଂ ପାର୍ଟିକୁ ଭୟଭୀତ କରି ଜଣେ ବା ୨ ଜଣ ସମସ୍ତଙ୍କ ଭୋଟ ଦେଇ ଚାଲିଯାଉଛନ୍ତି। ମଲା ଜୀଇଁଲା ବି ବାଦ୍ ପଡୁ ନାହାନ୍ତି। ଏଭଳି ପରିସ୍ଥିତିକୁ ଦେଖି ଭଦ୍ରଲୋକମାନେ ଭୋଟଦାନ କରିବାକୁ ଆଉ ଆଗ୍ରହୀ ହେଉ ନାହାନ୍ତି।

ବୁଥ୍ ଜବରଦଖଲ ରୋକିବାକୁ ୧୯୮୯ ରେ ଲୋକପ୍ରତିନିଧି ଆଇନରେ ସଂଶୋଧନ କରାଗଲା। ଜବରଦଖଲକାରୀଙ୍କୁ ୧୩୫(କ) ଧାରାରେ ଏକରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ ଓ ଜରିମାନା ପାଇଁ ବ୍ୟବସ୍ଥା କରାଗଲା। ତଥାପି ଜବରଦଖଲ କମିଲା ନାହିଁ, ବରଂ ବଢ଼ି ଚାଲିଲା। ୧୯୯୯ ରେ ଇଭିଏମ୍‌ର ପ୍ରଚଳନ ଦ୍ୱାରା ଜାଲିଆତି କମିବ ବୋଲି ଆଶା କରାଯାଉଥିଲା। ମାତ୍ର ତାହା ହେଲା ନାହିଁ। 'ପୋଲିସ ଡାଳେ ଡାଳେ ଚାଲିଲା ବେଳକୁ ଚୋର ପତ୍ରେ ପତ୍ରେ ଚାଲିଲେ'। ଇଭିଏମ୍‌ରେ ଲକିଂ ସିଷ୍ଟମ୍ ଥାଇ ମଧ୍ୟ ଜଣେ ୨ ଜଣ ସମସ୍ତ ଭୋଟରଙ୍କ ପାଇଁ ମତଦାନ କରିଦେଲେ।



ଭୋଟ ଗ୍ରହଣରେ ଅନିୟମିତତା ଦର୍ଶାଇ ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନରେ ୬୯୬ଟି ବୁଥ୍‌ରେ ପୁନି ମତଦାନ କରାଗଲା। ମତଦାନ ପ୍ରାୟ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବା ଲକ୍ଷ୍ୟ କରାଗଲା। ଏହାର ମୁଖ୍ୟ କାରଣ ହେଲା ଦୃଢ଼ ନିରାପତ୍ତା ବ୍ୟବସ୍ଥା। କେନ୍ଦ୍ରୀୟ ନିରାପତ୍ତା ବାହିନୀ ପ୍ରତି ବୁଥ୍‌ରେ ମୁତୟନ ହେବାରୁ ଅପରାଧୀମାନେ ଆଉ ଉତ୍ପାତ କରିପାରିଲେ ନାହିଁ। ଫଳତଃ ପୋଲିଂ ଅଫିସରମାନେ ଭୋଟ ଗ୍ରହଣ କାର୍ଯ୍ୟ ସୁରୁଖୁରୁରେ କରିପାରିଲେ। ଆମ ବିଚାରରେ ସେହିପରି ନିରାପତ୍ତା ବ୍ୟବସ୍ଥା ଯଦି ସାରା ଦେଶରେ କାର୍ଯ୍ୟକାରୀ ହୁଅନ୍ତା ତେବେ ରିଗିଂ ଓ ବୁଥ୍ କ୍ୟାପ୍‌ଚରିଂ ଆଉ ହୋଇପାରନ୍ତା ନାହିଁ।

ଭୋଟ ଜାଲିଆତି, ଭୋଟବାକ୍ସ ଲୁଟ୍, ବୁଥ୍ ଜବରଦଖଲ ଭଳି ଘଟଣାର ଫଟୋ କିମ୍ବା ଭିଡିଓ କ୍ଲିପ୍ ପଠାଇବାକୁ ନିର୍ବାଚନ କମିଶନ 'ସି ଭିଜିଲ' ନାମକ ଏକ ଆପ୍ ପ୍ରଚଳନ କରିଛନ୍ତି। ଏକଥା କିଛି ଜାଣନ୍ତି, କିଛି ଜାଣି ନାହାନ୍ତି ତା' ସତ୍ତ୍ୱେ ଏହି ଆପ୍‌ରେ ହଜାର ହଜାର ସଂଖ୍ୟାରେ କ୍ଲିପ୍ ନିର୍ବାଚନ କମିଶନଙ୍କ ପାଖରେ ପହଞ୍ଚୁଛି। ହେଲେ ତାହା ସେହି ଆପ୍‌ରେ ରହିଯାଉଛି। ଭୋଟଦାନରେ ଅନିୟମିତତା ଏତେ ବ୍ୟାପକ ହୋଇଯାଇଛି ଯେ କାର୍ଯ୍ୟାନୁଷ୍ଠାନ ନେବା ନିମିତ୍ତ ୫ ବର୍ଷ ବି ନିଅଣ୍ଟ ପଡୁଛି। ହାଇକୋର୍ଟରେ ହଜାର ହଜାର ସଂଖ୍ୟାରେ ମାମଲା ଫଇସଲା ନ ହୋଇପାରି ଗଡୁଛି। ଫଳରେ ନିର୍ବାଚନ ପ୍ରକ୍ରିୟା ଉପରୁ ଜନସାଧାରଣଙ୍କ ଆସ୍ଥା ତୁଟିଯାଉଛି।

ସବୁଠାରୁ ବଡ଼ କଥା ହେଉଛି ନିର୍ବାଚନ କମିଶନ ଓ ଅଧିକାରୀଙ୍କ ଦକ୍ଷତା ଓ ନିରପେକ୍ଷତା। ପ୍ରାୟ ପ୍ରତ୍ୟେକଟି ନିର୍ବାଚନରେ ସାଧାରଣ ମତଦାତା ଓ ରାଜନୈତିକ ଦଳ ପକ୍ଷରୁ କିଛି ନା କିଛି ଆପତ୍ତି ଅଭିଯୋଗ ଦରଜ ହୋଇଥାଏ। ମାତ୍ର ତାହାର ପ୍ରତିକାର କିଛି ହୋଇ ନ ଥାଏ। ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ନିମିତ୍ତ ଇଲେକ୍‌ସନ୍ ୱାଚ୍ ଓ ଏଡିଆର୍ ଭଳି ସଂସ୍ଥା ବାରମ୍ବାର ପରାମର୍ଶ ଦେଇଥାନ୍ତି। ତାକୁ ଗ୍ରହଣ କରୁଛି କିଏ ? ଦେଶରେ 'ମୁକ୍ତ, ଅବାଧ ଓ ନିରପେକ୍ଷ' ନିର୍ବାଚନ ପୋଥି ବାଇଗଣ ହୋଇ ରହିଯାଇଥାଏ।

ଅନ୍ୟ ଏକ ବ୍ୟତିକ୍ରମ ହେଉଛି ଲୋକପ୍ରତିନିଧିମାନଙ୍କ ଦଳବଦଳ। ଏଥିଯୋଗୁ ଗୋଟିଏ ଗୋଟିଏ ରାଜ୍ୟର ସରକାର ବି ଭୁଶୁଡ଼ି ପଡୁଛି। ପ୍ରତିନିଧି ପ୍ରତ୍ୟାହାର କ୍ଷମତା ସାଧାରଣ ଭୋଟରଙ୍କ ହାତରେ ଥିଲେ ପ୍ରତିନିଧିମାନେ ଆଉ ଲଗାମଛଡ଼ା ହୋଇପାରନ୍ତେ ନାହିଁ। ସମ୍ପ୍ରତି ମହାରାଷ୍ଟ୍ରର ଘଟଣାବଳୀକୁ ଦେଖିଲେ ଏକଥା ସହଜରେ ଉପଲବ୍ଧି କରିହୁଏ। ୨୦୧୮ ଜୁନ୍ ୨୦ରେ ଜମ୍ମୁ-କଶ୍ମୀର ରାଜ୍ୟପାଳ ଏକ ନିର୍ବାଚିତ ସରକାରକୁ ଭାଙ୍ଗିଦେଲେ। ଏହା ସର୍ବାଦୌ ଅଗଣତାନ୍ତ୍ରିକ। ଏହା କରିବା ଉଚିତ ନ ଥିଲା।

ଆଲୋଚିତ ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ଜମ୍ମୁ-କଶ୍ମୀରର ଘଟଣାବଳୀ ଅଳ୍ପ କେତୋଟି ନମୁନା ମାତ୍ର। ଲୋକପ୍ରତିନିଧି ଆଇନରେ ଆହୁରି ଅନେକ ତ୍ରୁଟିବିଚ୍ୟୁତି ରହିଯାଇଛି। ତାହାର ସଂସ୍କାର ହେବା ନିହାତି ଜରୁରୀ। ନ ହେଲେ ବ୍ୟାଧିଗ୍ରସ୍ତ ଗଣତନ୍ତ୍ରକୁ ବ୍ୟାଧିମୁକ୍ତ କରିହେବ ନାହିଁ।

**ମୋ:୭୯୭୫୦୪୬୪୮୬**

## ପାଠକ ଶ୍ରେଷ୍ଠ ବିଚାରକ

### ନାଗରିକମାନେ ପ୍ରଶ୍ନ କରନ୍ତୁ

ମହାଶୟ,

ସମାଜ ଓ ଦେଶ ସମ୍ମୁଖୀନ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଓ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ନାଗରିକମାନଙ୍କର ସରକାର, ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ପ୍ରଶ୍ନ ପଚାରିବାର ସାମ୍ବିଧାନିକ ଅଧିକାର ଅଛି। ମାତ୍ର ଏହା ଜାଣି ନ ପାରିବା ବା ଅନ୍ୟ କାରଣରୁ ଅନେକେ ନୀରବ ରହୁଛନ୍ତି। ବିଶେଷକରି ବୁଦ୍ଧିଜୀବୀ, ଲେଖକ, ସାହିତ୍ୟିକ, ସାମ୍ବାଦିକ ଓ ସାମାଜିକ କର୍ମୀମାନଙ୍କର ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ରହିଛି। କାରଣ ସେମାନେ ସମାଜର ମାର୍ଗଦର୍ଶକ। ଏବେ ଆମ ଦେଶ ଓ ରାଜ୍ୟରେ ପ୍ରତିଦିନ ବହୁ ମାତ୍ରାରେ ଜନସ୍ୱାର୍ଥକୁ ବ୍ୟାହତକଲା ଭଳି ଘଟଣାମାନ ଘଟୁଛି। ଏହା ସ୍ୱାଭାବିକ ଜୀବନଯାତ୍ରାକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ପ୍ରାୟ ସବୁ ମହଲରୁ ଏହା ଉପରେ ପ୍ରଶ୍ନ ଉତ୍‌ଥାପନ କରାଯିବା ପରିବର୍ତ୍ତେ ନୀରବତା ଅବଲମ୍ବନ କରାଯାଉଛି। ଏହା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମସ୍ତଙ୍କର କ୍ଷତି ସାଧନ କରୁଛି। ଏଣୁ ସମସ୍ତେ ବିଭିନ୍ନ ପ୍ରସଙ୍ଗ ଉପରେ ସରକାର, ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ପ୍ରଶ୍ନ ପଚାରନ୍ତୁ।

**– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିତି କ୍ଷଣେ କ୍ଷଣେ କେତେ ନବ ନବ ଛବି
ମୁହୁର୍ମୁହୁ ପ୍ରାଣେ ଅନୁଭବି
ସବୁ ଛନ୍ଦ ସବୁ ଛବି ଅସୀମରେ ହୁଅଇ ବିଲୀନ
ନ ରହେ ସଙ୍କେତ କାହିଁ ନାହିଁ ରହେ ତିଳେ
ତା'ର ଚିହ୍ନ। **(ସୃଜନ ବ୍ୟଥା)**

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ନ ଦେଲେ ଭୋଟ ନାହିଁ

## ଚେତାବନୀ ଦେଲା କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ

ସୋନପୁର,୨୦।୭(ମୃତ୍ୟୁଞ୍ଜୟ ଶତପଥୀ)

କୋସଲି ଭାଷାର ସାମ୍ବିଧାନିକ ମାନ୍ୟତାକୁ ନେଇ ସବୁ ରାଜନୈତିକ ଦଳ ଭୋଟ ରାଜନୀତି କରୁଥିବା ଅଭିଯୋଗ ହେଉଛି। ତେଣୁ କୋସଲି ଭାଷାର ସାମ୍ବିଧାନିକ ମାନ୍ୟତା ନାହିଁ ତ ଭୋଟ ନାହିଁ ବୋଲି କୋସଲି ସାହିତ୍ୟ ସଂସ୍କୃତି ଏକାଡେମୀ ଗୁରୁବାର ଚେତାବନୀ ଦେଇଛି। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜୁ ଜନତା ଦଳ ତାର ନିର୍ବାଚନୀ ଇସ୍ତାହାରରେ ସମ୍ବଲପୁରୀ/କୋସଲି ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ କରିବା ପାଇଁ ଉଲ୍ଲେଖ କରିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତତ୍କାଳୀନ କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂ ଏବଂ ପରେ ଅମିତ ଶାହାଙ୍କୁ ଭେଟି ଏ ସଂପର୍କରେ ଆଲୋଚନା କରିଥିବା ବିଷୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। କୋସଲି/ସମ୍ବଲପୁରୀ ଭାଷାର ସାମ୍ବିଧାନିକ ମାନ୍ୟତା ସକାଶେ ପାର୍ଲାମେଣ୍ଟରେ ରାଜ୍ୟସଭା ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ସସ୍ମିତ ପାତ୍ର ଓ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ପ୍ରମୁଖ ବିଭିନ୍ନ ସମୟରେ ତର୍କ ବିତର୍କରେ ଅଂଶଗ୍ରହଣ କରିଛନ୍ତି। ମାତ୍ର ସମସ୍ତଙ୍କ ପ୍ରଚେଷ୍ଟା ସତ୍ତ୍ୱେ କିଛି ସୁଫଳ ମିଳିନାହିଁ। ଅନ୍ୟପକ୍ଷରେ ପଶ୍ଚିମ ଓଡିଶାରେ ପ୍ରାଥମିକ ସ୍ତରରେ ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷା କୋସଲି/ସମ୍ବଲପୁରୀରେ ଶିକ୍ଷାଦାନ ପାଇଁ କେନ୍ଦ୍ର ସରକାରଙ୍କ ୨୦୨୦ ଶିକ୍ଷାନୀତିରେ ପ୍ରାବଧାନ ଥିବା ସତ୍ତ୍ୱେ କେନ୍ଦ୍ର କିମ୍ବା ରାଜ୍ୟ ସରକାରୀ ସ୍ତରରେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ବରଂ ପଶ୍ଚିମ ଓଡିଶାର ଶିଶୁମାନଙ୍କ ଉପରେ ଓଡିଆ ଭାଷାକୁ ଲଦି ଦେବା ପାଇଁ ଚକ୍ରାନ୍ତ ହେଉଥିବା ଏକାଡେମୀ ପକ୍ଷରୁ ଅଭିଯୋଗ ହୋଇଛି। କିଛିଦିନ ପୂର୍ବରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବଲାଙ୍ଗୀର ଗସ୍ତ ସମୟରେ ଏହି ଗୁରୁତର ସମସ୍ୟାର ସମାଧାନ ପାଇଁ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ତରଫରୁ ଏକ ସ୍ମାରକପତ୍ର ସଭାପତି ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା ଏବଂ ସମ୍ପାଦକ ଗୋରେଖନାଥ ସାହୁଙ୍କ ତରଫରୁ ପ୍ରଦାନ କରାଯାଇଥିଲା। ତେବେ କୌଣସି ସୁଫଳ ମିଳି ନାହିଁ। ମାତୃଭାଷାରେ ପଶ୍ଚିମ ଓଡିଶାର ଶିଶୁମାନଙ୍କୁ ପ୍ରାଥମିକ ସ୍ତରରେ ଶିକ୍ଷାଦାନ କରା ଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇବା ସହ ଅଧାରୁ ପାଠ ଛାଡୁଥିବା ଅଭିଯୋଗ ହୋଇଛି। ଚଳିତବର୍ଷର ମାଟ୍ରିକ ପରୀକ୍ଷାରେ ମାଲକାନଗିରି, ନବରଙ୍ଗପୁର ଜିଲା ସମେତ ପଶ୍ଚିମ ଓଡିଶାର ଅନେକ ଜିଲାର ଫଳାଫଳ ନୈରାଶ୍ୟଜନକ ରହିଛି। ଆଗକୁ ସାଧାରଣ ନିର୍ବାଚନ ଆସୁଛି। ତେଣୁ ଏଥର କୋସଲି/ସମ୍ବଲପୁରୀ ଭାଷାର ସାମ୍ବିଧାନିକ ମାନ୍ୟତା ନାହିଁ ତ ଭୋଟ ନାହିଁ ବୋଲି ଏକାଡେମୀ ତରଫରୁ ଅଞ୍ଚଳବାସୀଙ୍କୁ ଆହ୍ୱାନ କରାଯାଇ ଚେତାଇ ଦିଆଯାଇଛି।

# ନାବାଳିକା ବଳାତ୍କାରୀଙ୍କୁ ୫ବର୍ଷ ଜେଲଦଣ୍ଡ

ସୋନପୁର,୨୦।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ପୂର୍ଣ୍ଣିମା ଜେନା ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବଳାତ୍କାରୀଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୧୫ ନଭେମ୍ବର ୮ ତାରିଖ ଅପରାହ୍ନରେ ଜିଲାର ଡୁଙ୍ଗୁରିପାଲି ଥାନା ତଥା ବର୍ତ୍ତମାନ ଲଛିପୁର ଥାନା ଅନ୍ତର୍ଗତ ଅସୁରମୁଣ୍ଡା ଗ୍ରାମର ଗୋବିନ୍ଦ ସାହୁ(୩୫) ସମ୍ପୃକ୍ତ ନାବାଳିକାଙ୍କୁ ଡାକି ପ୍ରଲୋଭିତ କରିବା ସହ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପୀଡିତା ଘରକୁ ଆସି ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ କହିଥିଲେ। ପର ଦିନ ପୀଡିତାଙ୍କ ବାପା ଲଛିପୁର ଫାଣ୍ଡିରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଡୁଙ୍ଗୁରିପାଲି ପୋଲିସ ଏକ ମାମଲା ରୁଜୁ କରି ଗୋବିନ୍ଦଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା। ଅଦାଲତ ଏହି ମାମଲାର ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ମୋଟ ୧୨ ଜଣ ଓ ଅଭିଯୁକ୍ତଙ୍କ ପକ୍ଷରୁ ୩ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିଥିଲେ। ପୋଲିସ ପକ୍ଷରୁ ଦାଖଲ କାଗଜପତ୍ରର ତଦାରଖ କରି ଅଭିଯୁକ୍ତ ଗୋବିନ୍ଦଙ୍କୁ ବିଚାରପତି ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଦଶରଥ ମାହାଣା ମାମଲାର ପରିଚାଳନା କରିଥିଲେ।

# ଶିକ୍ଷକ ବଦଳିକୁ ନେଇ ସ୍କୁଲରେ ପଡ଼ିଲା ତାଲା



ସ୍କୁଲରେ ତାଲା ପକାଇ ପ୍ରତିବାଦ କରୁଛନ୍ତି ଛାତ୍ରୀଛାତ୍ର, ଅଭିଭାବକ।

ଘଣ୍ଟାପଡ଼ା,୨୦।୭(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ସିଲେଟପଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର କଅଁରଙ୍କ ବଦଳି ବାତିଲ କରିବାକୁ ଦାବି ଜୋର ଧରିଛି। ଗୁରୁବାର ସକାଳେ ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ମିଳିତ ଭାବେ ସ୍କୁଲରେ ତାଲା ପକାଇ ବଦଳିର ପ୍ରତିବାଦ କରିଛନ୍ତି। ପ୍ରକାଶ ଯେ, ଗତ ଦେଢ଼ ବର୍ଷ ହେବ କଅଁର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ଯୋଗ ଦେଇଥିଲେ। ସେ ଆସିବା ପରେ ବିଦ୍ୟାଳୟର ରୂପରେଖ ବଦଳି ଯାଇଥିଲା। ଉନ୍ନତମାନର ଶିକ୍ଷାଦାନ ଯୋଗୁ ସେ ଛାତ୍ରୀଛାତ୍ର ମହଲରେ ପ୍ରିୟ ହୋଇ ପାରିଥିଲେ। ବର୍ତ୍ତମାନ ସରକାରୀ ସ୍ତରରେ ତାଙ୍କର ପଦୋନ୍ନତି ହୋଇ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଛାତ୍ରୀଛାତ୍ର ତାଙ୍କୁ ଛାଡିବାକୁ ନାରାଜ। ଏପରିକି ତାଙ୍କ ସ୍ଥାନରେ ଯୋଗ ଦେବାକୁ ଥିବା ଶିକ୍ଷକଙ୍କୁ ସ୍କୁଲରୁ ଘଉଡାଇ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ମଧ୍ୟ କଅଁର ନ ଯିବାକୁ କଣ୍ଟାମାଳ ବିଇଓଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଠାରୁ ଶିକ୍ଷକ ବଦଳି ବାତିଲ ହୋଇପାରିବ ନାହିଁ ଶୁଣିବା ପରେ ସ୍କୁଲରେ ତାଲା ପକାଇ ଦେଇଛନ୍ତି। ତାଲା ପଡିବା କଥା ବିଭାଗୀୟ ଅଧିକାରୀଗଣ ଜାଣି ସୁଦ୍ଧା ସମାଧାନ ପାଇଁ ଘଟଣାସ୍ଥଳ ପରିଦର୍ଶନ କରି ନ ଥିବାକୁ ସ୍କୁଲ ପରିଚାଳନା କମିଟିର ଅଧକ୍ଷ ସଦାନନ୍ଦ ରଣା, ଉପାଧ୍ୟକ୍ଷ ଦେବେନ୍ଦ୍ର ପାଣିଗ୍ରାହୀ, ରାମେଶର ରଣା, କପିଳ ରଣା, ସ୍କୁଲ କମିଟିର ସଦସ୍ୟ ଓ ଅଭିଭାବକଙ୍କ ତରଫରୁ ନିନ୍ଦା କରାଯାଇଛି।

# ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବୋଲବମ୍ ଭକ୍ତ ସାମିଲ

ଅମରପାଲି,୨୦।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ଅନ୍ତର୍ଗତ ମହାନଦୀ କୂଳରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ଗୋଧନେଶ୍ୱର ମନ୍ଦିର ପରିସରରେ ୭୪ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଜଟେସିଂହା ବୋଲବମ ସଂଘର ସଦସ୍ୟ ବିନୋଦ ପାଣ୍ଡେଙ୍କ ନେତୃତ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ମନ୍ଦିର ପରିସର ଓ ଅନ୍ୟାନ୍ୟ ସ୍ଥାନରେ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ସଂଘର ପ୍ରଶାନ୍ତ ମାଝୀ, ନବୀନ କୁମାର ପ୍ରଧାନ, ଶାନ୍ତନୁ କୁମାର ମିଶ୍ର, ବାଳକୃଷ୍ଣ ପଣ୍ଡା, ପ୍ରତାପ କୁମାର ପ୍ରଧାନ, ନନ୍ଦି ବିଶାଳ, ମଧୁ ପଧାନ, କପିଳାସ ବିଶାଳ, ରାଜା ବିଶାଳ, ଭରତ ପଧାନ, ଜୈପାଲ ବିଶାଳ, ଅଜିତ ପଧାନ, ପିଙ୍କୁ ବିଶାଳ,କନ୍ଦର୍ପ ପ୍ରଧାନ , ସୁଶାନ୍ତ କୁମାର ପଧାନ, ଆଶିଷ ବିଶାଳ, ଅଶୋକ ସେଠୀ, ମଣ୍ଟୁ ପଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


ଗୋଧନେଶ୍ୱର ମନ୍ଦିରରେ ବୃକ୍ଷରୋପଣ ଅବସରରେ ବୋଲବମ୍ ଭକ୍ତ।

# ୩୦ ପ୍ରକଳ୍ପକୁ ୧କୋଟି ୨୫ ଲକ୍ଷ ଅନୁଦାନ

ବିନିକା,୨୦।୭(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବିଭିନ୍ନ ପଞ୍ଚାୟତରେ ଆଧ୍ୟାତ୍ମିକ ପୀଠ, କଲ୍ୟାଣମଣ୍ଡପ, ମନ୍ଦିର, ମଠ, ଗୋଷ୍ଠୀ କେନ୍ଦ୍ର ପାଇଁ ରାଜ୍ୟ ସରକାର ୧କୋଟି ୨୫ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ବ୍ଲକର ବିଭିନ୍ନ ପଞ୍ଚାୟତରେ ୨୨ଟି ପ୍ରକଳ୍ପ ପାଇଁ ୯୩ ଲକ୍ଷ ଟଙ୍କା ଓ ବିନିକା ସହରାଞ୍ଚଳର ୮ ଗୋଟି ପ୍ରକଳ୍ପ ପାଇଁ ୩୨ ଲକ୍ଷ ମଞ୍ଜୁର ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବିନିକା ଏନଏସି ୱାର୍ଡ ନଂ ୧୦ର ଉର୍ଲେ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ୪ ଲକ୍ଷ, ୱାର୍ଡ ନଂ ୩ରେ ଥିବା ଯୋଗେଶ୍ୱର ମନ୍ଦିର ପାଇଁ ୪ ଲକ୍ଷ, ୱାର୍ଡ ନଂ ୪ ବିନିକାପଡ଼ାର ଭାଗବତ ଟୁଙ୍ଗୀ ପାଇଁ ୪ ଲକ୍ଷ, ୱାର୍ଡ ନଂ ୫ ପୁରୁଣାବସଷ୍ଟାଣ୍ଡ ଦୁର୍ଗାମନ୍ଦିର ପାଇଁ ୪ ଲକ୍ଷ, ୱାର୍ଡ ନଂ ୬ଚଣ୍ଡୀପଡ଼ା କଲ୍ୟାଣମଣ୍ଡପ ପାଇଁ ୪ଲକ୍ଷ, ୱାର୍ଡ ନଂ ୭ କଲ୍ୟାଣ ମଣ୍ଡପ ପାଇଁ ୪ ଲକ୍ଷ, ଗୋପାଳଜୀ ମନ୍ଦିର ପାଇଁ ୪ ଲକ୍ଷ, ୱାର୍ଡ ନଂ ୧୨ ଜାମଛାପର କମ୍ୟୁନିଟି ସେଣ୍ଟର ପାଇଁ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିପରି ବିନିକା ବ୍ଲକ ସିନ୍ଦୁରପୁର ପଞ୍ଚାୟତ ବଲାରଙ୍ଗା ମହାଦେବ ମନ୍ଦିର ପାଇଁ ୪ ଲକ୍ଷ, ସିନ୍ଦୁରପୁର ଗୋପାଳଜୀ ମନ୍ଦିର ପାଇଁ ୪ ଲକ୍ଷ, ଗଣେଶପୁର ସୀତାରାମ ମନ୍ଦିର ପାଇଁ ୪ ଲକ୍ଷ, ବିଶାଳପାଲି କଲ୍ୟାଣମଣ୍ଡପ ପାଇଁ ୪ ଲକ୍ଷ, ବାବୁପାଲି ପଞ୍ଚାୟତ ବାବୁପାଲି କଲ୍ୟାଣମଣ୍ଡପ ପାଇଁ ୪ ଲକ୍ଷ, ସିଂଘିଯୁବା ପଞ୍ଚାୟତ ଭବାନୀପାଲି କଲ୍ୟାଣମଣ୍ଡପ ପାଇଁ ୪ ଲକ୍ଷ, ଖଇରମାଳ ଶିବମନ୍ଦିର ପାଇଁ ୪ ଲକ୍ଷ, ବାଙ୍କିଘିଡି ପଞ୍ଚାୟତ ବାଙ୍କୀଘିଡି ରାଧାକୃଷ୍ଣ ମନ୍ଦିର ପାଇଁ ୫ ଲକ୍ଷ, ସାରଙ୍ଗପାଲି ବୈଷ୍ଣବଦେବୀ ମନ୍ଦିର ପାଇଁ ୫ ଲକ୍ଷ, ଭଣ୍ଡାର ପଞ୍ଚାୟତ ଗୁଲୁଣ୍ଡା ମଠରେ କଲ୍ୟାଣମଣ୍ଡପ ପାଇଁ ୪ ଲକ୍ଷ, ଚରଦା ପଞ୍ଚାୟତ କପିଳେଶ୍ୱର ମନ୍ଦିର ପାଇଁ ୪ ଲକ୍ଷ, ଫୁଲମୁଠି ମାହେଶ୍ୱରୀ ମନ୍ଦିର ପାଇଁ ୪ ଲକ୍ଷ, ଶଙ୍କରା ପଞ୍ଚାୟତ ମାଁ ନାରାୟଣୀ ମନ୍ଦିର ପାଇଁ ୪ ଲକ୍ଷ, କୋଡଡିଆମୁଣ୍ଡା ଭାଗବତ ଟୁଙ୍ଗୀ ପାଇଁ ୪ଲକ୍ଷ, ସିଲାଟୀ ପଞ୍ଚାୟତ ସିଲାଟୀ ଜଗନ୍ନାଥ ମନ୍ଦିର ପାଇଁ ୪ ଲକ୍ଷ ମଞ୍ଜୁର ହୋଇଛି। ଏହାଛଡା ସେଲେଡି ପଞ୍ଚାୟତ ଡୁଲୁଣ୍ଡୁପାଲି ଶିବମନ୍ଦିର ପାଇଁ ୫ ଲକ୍ଷ, ମହାଦେବପାଲି ପଞ୍ଚାୟତ ସକମାରେ କଲ୍ୟାଣମଣ୍ଡପ ପାଇଁ ୪ ଲକ୍ଷ, ଦେହେରୀଗୋଠ ମଣ୍ଡପ ପାଇଁ ୪ ଲକ୍ଷ, ବାଉଁଶୁଣୀ ପଞ୍ଚାୟତ ବାଉଁଶୁନୀ ଜଗନ୍ନାଥମନ୍ଦିର ପାଇଁ ୫ ଲକ୍ଷ, ମେଘେଲା ପଞ୍ଚାୟତରେ କଲ୍ୟାଣମଣ୍ଡପ ପାଇଁ ୪ ଲକ୍ଷ,କୈନ୍ତରା ପଞ୍ଚାୟତ କରଦେଇଗୁଡ଼ି ଠାରେ କଲ୍ୟାଣମଣ୍ଡପ ପାଇଁ ୫ ଲକ୍ଷ, କଟାପାଲିରେ ଶିବ ମନ୍ଦିର ପାଇଁ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡିଛି।

# ହରିଜନ ପଡ଼ାବାସୀ ପାଇଲେ ପାଇପ ପାଣି


ପାଇପ ଫାଟିଥିବା ସ୍ଥାନକୁ ଯନ୍ତ୍ରୀଙ୍କ ପରିଦର୍ଶନ ବେଳେ ହରିଜନପଡ଼ାବାସୀ।

■ପାଇପ ଫାଟି ଯିବାରୁ ବନ୍ଦ ଥିଲା ଜଳଯୋଗାଣ

■୫ଦିନ ତଳେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ବିଭାଗୀୟ ଯନ୍ତ୍ରୀ

ଡୁଙ୍ଗୁରିପାଲି,୨୦।୭(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ହରିଜନପଡାକୁ ଜଳଯୋଗାଣ ପାଇଁ ଯାଇଥିବା ପାଇପ ଲାଇନ ଫାଟିଯିବା ଫଳରେ ପ୍ରାୟ ୧ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜଳଯୋଗାଣ ବ୍ୟାହତ ହୋଇଥିଲା। ତେବେ ବିଭାଗୀୟ ଯନ୍ତ୍ରୀଙ୍କ ପରିଦର୍ଶନର ୫ଦିନ ପରେ ବୁଧବାର ଉକ୍ତ ପଡ଼ାକୁ ଜଳଯୋଗାଣ ସ୍ୱାଭାବିକ ହୋଇଛି। ୨ ୱାର୍ଡ଼ ବିଶିଷ୍ଟ ଦିଗଶିରା ଗ୍ରାମର ହରିଜନପଡ଼ାକୁ ଅଙ୍ଗନଦୀରୁ ଜଳଯୋଗାଣ ହେଉଛି। କିନ୍ତୁ ପାଇପ ଫାଟି ଯିବାରୁ ହରିଜନପଡାବାସୀ ପାଣି ପାଇଁ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଦୀର୍ଘଦିନ ଧରି ମରାମତି ନ ହେବାରୁ ଖରାଦିନେ ପରିସ୍ଥିତି ସଙ୍ଗୀନ ହୋଇ ପଡିଥିଲା। ଏ ସଂକ୍ରାନ୍ତରେ ଗତ ମେ ୧୫ ତାରିଖ ଦିନ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଡୁଙ୍ଗୁରିପାଲି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ପଟେଲ ପାଇପ ଫାଟି ଯାଇଥିବା ସ୍ଥାନ ପରିଦର୍ଶନ କରିଥିଲେ। ଆବଶ୍ୟକ ମରାମତି କରାଯାଇ ନୂତନ ପାଇପ ସଂଯୋଗ ହେବା ପରେ ପଡ଼ାବାସୀଙ୍କୁ ପାଇପ ପାଣି ମିଳିଥିଲା। ହେଲେ କିଛି ଦିନ ଗଲା ପରେ ଅନ୍ୟତ୍ର ଏକ ସ୍ଥାନରେ ପାଇପ ଫାଟି ରାସ୍ତା ଉପରେ ପାଣି ଚାଲିଲା। ଏନେଇ ୧୦ ନମ୍ବର ୱାର୍ଡର ପୂର୍ବତନ ୱାର୍ଡ ସଭ୍ୟ ଦୀନବନ୍ଧୁ ସୁନାଙ୍କ ସହ ଯୁବ ଗୋଷ୍ଠୀ, ପଡ଼ାବାସୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ଷାଋତୁକୁ ଦୃଷ୍ଟିରେ ରଖି ଦିଗଶିରା ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ତଥା ପୂର୍ବତନ ସରପଞ୍ଚ ଲବ ମେହେର ଶୀଘ୍ର ନୂତନ ପାଇପ ଲାଇନ ସଂଯୋଗ କରି ଜଳଯୋଗାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ଫଳରେ ଗତ ୧୪ ତାରିଖ ଦିନ ବିଭାଗୀୟ ଯନ୍ତ୍ରୀ ପଟେଲ ଦିଗଶିରା ହରିଜନପଡ଼ାକୁ ପରିଦର୍ଶନରେ ଯାଇ ପୁରୁଣା ପାଇପ ହେବା ଦ୍ୱାରା ପାଇପ ଫାଟିବା ସମସ୍ୟା ଲାଗି ରହିଥିବା ପରିଲକ୍ଷିତ କରିଥିଲେ। ଯନ୍ତ୍ରୀଙ୍କ ପରିଦର୍ଶନ ବେଳେ ପୂର୍ବତନ ୱାର୍ଡ ସଭ୍ୟ ଦୀନବନ୍ଧୁ ସୁନା, ସୁରେଶ ବାଗ, ଫକିର ସୁନା, ହିମାଂଶୁ ସୁନା, ଜିତୁ ସୁନା, ରାଜେଶ ଦୀପ, ମକରଧ୍ୱଜ ହରିପାଲ, ଗଜ ବାଗ, ବଳିଷ୍ଠ ହରିପାଲ, ପଙ୍କଜ ମେହେର, ପାଣ୍ଡବ ମେହେର, କରାଖାଉ ଦଣ୍ଡସେନା, ରାମଜୀ ଡାଙ୍ଗ, ମହୀପାଲ ଦୀପଙ୍କ ସମେତ ପଡ଼ାବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭାଗୀୟ ଯନ୍ତ୍ରୀ ପଟେଲ ଶୀଘ୍ର ନୂତନ ପାଇପ ଲାଇନ ସଂଯୋଗ କରି ଜଳଯୋଗାଣ କରାଯିବ ବୋଲି ପଡ଼ାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ଏସିଏମ ଭଜମନ ସେଠ ଓ ଅନ୍ୟ କର୍ମଚାରୀମାନେ ନୂତନ ପାଇପ ଲାଇନ ସଂଯୋଗ କାର୍ଯ୍ୟରେ ନିୟୋଜିତ ଥିଲେ। ଫଳରେ ବୁଧବାର ପାଇପ ଯୋଗେ ଅଙ୍ଗନଦୀରୁ ପଡାବାସୀଙ୍କୁ ଜଳଯୋଗାଣ ହୋଇପାରିଛି।


OFFICE OF THE EXECUTIVE ENGINEER
MURAN DAM DIVISION, UIDC, KHATIGUDA
At/P.O.: Khatiguda, Dist.: Nabarangpur, PIN - 764085
E-mail id: eemurandamdivision@gmail.com

EEMDD No. 1117 Dated: 18.07.2023

TENDER CALL NOTICE No.: EEMDD-05(02)/2023-24 Dated: 18.07.2023

No. A-357: The Executive Engineer, Muran Dam Division, At/P.O.: Khatiguda, Dist. Nabarangpur (Odisha) on behalf of Hon'ble Governor of Odisha invites tender in the prescribed form to be eventually drawn in P.W.D. form No. F2 from the **Registered Travel Agency/Tour Operators/ Private Individuals Light vehicle owners authorized to use the vehicle for commercial purpose,** having commercial registration certificate, GST Registration No. & PAN or IT, for "Deployment of two nos. of light Commercial Vehicle (Bolero/TUV-300/SUMO Gold/Ertiga on hire basis to be engaged for official use of Executive Engineer, Muran Dam Division and Office of the Sub-Divisional Officer, Muran Dam Sub-Division-IV under UIDC, Khatiguda for one year /12 (Twelve) calendar months from the date of Agreement along with driver.

**N.B.:** All details can be seen in the tender booklet from the Office of the Executive Engineer, Muran Dam Division, UIDC, Khatiguda, Dist.: Nabarangpur from Dt.24.07.2023, 11.00 A.M. to 31.07.2023 upto 1.00 P.M. regarding tender.

Bid documents consist of the schedule of quantities and the set of terms & conditions of contract and all other details can be seen from the Office of the undersigned & issuing the tender documents during the office hours every day except on Sunday and public holidays till last day of sale of tender papers.

Sd./- Executive Engineer, Muran Dam Division, Khatiguda
OIPR-32230/11/0002/2324



E-Mail ID- eepwdcuttack2@gmail.com,
Tele/Fax No. (0671)- 2973399
OFFICE OF THE SUPERINTENDING ENGINEER
GOVERNMENT OF ODISHA "e" procurement Notice
e-procurement Notice for Building Work
Bid identification No. S.E. CTC (R&B)-II-15 of 2023-24

No.B-516:-

| | | | |
|---|---|---|---|
| 1. | Name of the work | :- | 01 No. of Building Work |
| 2. | Estimated Cost | :- | Rs.79,91,575/- |
| 3. | Period of completion | :- | 06 (Six) calendar Months |
| 4. | Date & time of sale & receipt of bid document | :- | From 24.07.2023 to 5 PM of 07.08.2023 |
| 5. | Last date/time of receipt of bids | :- | 5 PM of 07.08.2023 |
| 6. | Date & time of Opening of Bids | :- | 11 AM of 08.08.2023 |
| 7. | Name and address of the Officer Inviting Bid | :- | Superintending Engineer, Cuttack (R&B) Division-II, Cuttack |

Further details can be seen from the e-procurement portal **http://www.tendersorissa.gov.in**. Any addendum/ corrigendum/ cancellation of tender can also be seen in the said website.

Sd./- Superintending Engineer,
Cuttack (R&B) Division No.II
OIPR-34137/11/0017/2324



OFFICE OF THE
DEPUTY DIRECTOR OF TEXTILES, BARGARH
At/PO/DISTT.-BARGARH,PIN-768028
E.mail-ddtbargarh@gmail.com
QUOTATION CALL NOTICE
Notice No-2443 Dated– 19.07.2023

No. PP-19:- Sealed Quotations are invited in two separate bidders like Technical Bidder & Financial Bidder from the registered Suppliers/ Manufacturers / Dealers / Firms having valid PAN & GST registration with up to date Income Tax & GST clearance certificate, for supply of different handloom items like Frame loom, Pit loom, Weaving Accessories, Sley, Wefting Machine, Tie & Dye frame & other related accessories, Dyeing utensils etc under "Technological Intervention" and skill upgradation training component for the weavers under the scheme "Promotion of Handloom Industries" for the year of programme 2022-23 of Bargarh Textiles Zone.

Interested suppliers may submit their quotation on or before **dt.10.08.2023 by 5.00 P.M.** through Registered/Speed Post only and the same will be opened on **dt.11.08.2023 at 11.00 A.M.** in the office D.D.T., Bargarh.

For more details, terms & condition etc, please visit the official website **www.sadhacodisha.org**, **www.boyanika.com**, **www.textiles.odisha.gov.in** or **www.sambalpuribastralaya.com**.

The undersigned reserves the right to reject or accept any or all the quotations without assigning any reason thereof.

Sd./- S.K.Nag
OIPR-31032/11/0001/2324 Deputy Director of Textiles, Bargarh



Government of JharkhandJharkhand State Rural Roads Development Authority
Rural Works Department
F.F.P. Building, 3rd Floor, Dhurwa, Ranchi – 834004.

WALK –IN-INTERVIEW

Advertisement No. …./JSRRDA/686/2023-943 Dated: 19.07.2023

Jharkhand State Rural Road Development Authority (JSRRDA), an Authority under Rural Work Department Government of Jharkhand is responsible for planning, execution & maintenance of Rural Roads in the State sanctioned under Pradhan Mantri Gram Sadak Yojna (PMGSY) & RCPLWEA. JSRRDA invites application for filling up contractual posts of its head office from persons of requisite qualifications and experiences as mentioned below.

| Name of the post | Number of posts | Eligibility, Age, Criteria and Experience | Salary/ Monthly Emolument |
|---|---|---|---|
| Forest Officer | 1 (One) | Retired Forest Officer not below the rank of Di vision Forest Officer with age limit of 65 years (as on 01.08.2023) of good working knowledge of Forest Diversion act , FRA & obtaining Forest clearance from Forest Department including wild life sanctuary / Reserve Forest by GoI/GoJ. | Retired Government Servant will be paid in accordance with the Rules / Circular of Finance Department of Govt. of Jharkhand. |

*Format in Annexure 'A'*

General Condition

- Period of contract shall be 01 year which may be extended on the basis of performance.
- Claim for regularization of service is not acceptable.
- Decision of JSRRDA regarding no. of post, qualification, experience etc. is final and binding. The right to cancel the appointment process without assigning any reason at any time lies with the Authority.
- No TA/DA will be admissible for attending interview at Ranchi.
- Walk-in-Interview will be conducted on 31.07.2023 from 11.00 AM onward in the office of Chief Engineer, JSRRDA, RWD 3rd floor, F.F.P. Building, Dhurwa, Ranchi.

Chief Engineer
JSRRDA, Ranchi.
PR 302830 Rural Work Department(23-24)D



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର
+୨ ନାମଲେଖା ବିଜ୍ଞାପନ
Student Academic Management System

ବିଜ୍ଞାପନ ସଂ.: ୧୭୪୮/ଉ.ସ.ମ. ତା୧୯।୦୭।୨୦୨୩ରିଖ

No. RR-13: ଚଳିତ ୨୦୨୩-୨୪ ଶିକ୍ଷାବର୍ଷରେ, SAMS ମାଧ୍ୟମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ନିମନ୍ତେ ନିର୍ଦ୍ଧାରିତ ତାରିଖ:

| | | |
|---|---|---|
| ୧. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର +୨ ପାଠ୍ୟକ୍ରମରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ନିମନ୍ତେ **www.samsodisha.gov.in** ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ CAF ଉପଲବ୍ଧ ହେବାର ତାରିଖ | ତା୨୦।୦୭।୨୦୨୩ରିଖ (ଦିବା ୧୨ ଘଟିକା) |
| ୨. | **www.samsodisha.gov.in** ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ CAF ଆବେଦନ କରିବାର ଶେଷ ତାରିଖ | ତା୨୯।୦୭।୨୦୨୩ରିଖ (ରାତ୍ର ୧୧.୫୯ ଘଟିକା) |
| ୩. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଦେବା ନିମନ୍ତେ **www.samsodisha.gov.in** ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ଆଡ୍‌ମିଟ୍ କାର୍ଡ଼ ଡାଉନଲୋଡ୍ ପାଇଁ ଉପଲବ୍ଧ ହେବାର ତାରିଖ | ତା୦୧।୦୮।୨୦୨୩ରିଖ (ଅପରାହ୍ନ ୨ ଘଟିକା) |
| ୪. | ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବାର ତାରିଖ | ତା୦୩।୦୮।୨୦୨୩ରିଖ ଏବଂ ତା୦୪।୦୮।୨୦୨୩ରିଖ |
| ୫. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବା ପରେ ନାମଲେଖା ନିମନ୍ତେ ଦ୍ୱିତୀୟ ମେରିଟ୍ ତାଲିକା ପ୍ରକାଶନ ହେବାର ତାରିଖ | ତା୦୭।୦୮।୨୦୨୩ରିଖ (ଅପରାହ୍ନ ୨ ଘଟିକା) |
| ୬. | ଦ୍ୱିତୀୟ ପର୍ଯ୍ୟାୟରେ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ନାମଲେଖା ହେବାର ତାରିଖ | ତା୦୯।୦୮।୨୦୨୩ରିଖ (ଦିବା ୯ ଘଟିକାରୁ ୨ ଘଟିକା) |

ପରବର୍ତ୍ତୀ ସମୟରେ ଅନ୍ୟ କୌଣସି +୨ ଇ-ଆଡ୍‌ମିଶନ କାର୍ଯ୍ୟକଳାପ ସମ୍ବନ୍ଧରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା SAMS ୱେବ୍‌ସାଇଟ୍ **www.samsodisha.gov.in** ମାଧ୍ୟମରେ ପ୍ରକାଶନ କରାଯିବ।

ବି.ଦ୍ର.:
(କ) ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ପ୍ରାର୍ଥୀଙ୍କ ବୟସ ତା୦୧।୦୭।୨୦୨୩ରିଖ ସୁଦ୍ଧା ୨୦ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବ, ସେ ସାଧାରଣ ଦକ୍ଷତା ପରୀକ୍ଷା ୨୦୨୩ ଦେବା ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ CAF ଆବେଦନ କରିପାରିବେ।
(ଖ) ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ନିମ୍ନଲିଖିତ ବିଷୟରେ ଅନୁଷ୍ଠିତ ହେବ:-
ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ଓଡ଼ିଶୀ ପଖାଉଜ (ମର୍ଦ୍ଦଳ), ତବଲା, ବଂଶୀ, ସୀତାର, ବେହେଲା ଓ ନାଟକ।

ସ୍ୱା./- ଡ. ବିଜୟ କୁମାର ଜେନା, ଅଧ୍ୟକ୍ଷ, ଉ.ସ.ମ.

ଅଧିକ ବିବରଣୀ ନିମନ୍ତେ ଦୟାକରି ଇ-ଆଡମିଶନ ହେଲ୍ପଲାଇନ୍ (ଟୋଲ ଫ୍ରି ନମ୍ବର) ସହିତ ଯୋଗାଯୋଗ କରନ୍ତୁ - ୧୫୫୩୩୫/୧୮୦୦-୩୪୫-୬୭୭୦ କିମ୍ବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର (Help Desk)।

OIPR-03011/11/0004/2324



कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमंडल,रामगढ़

ई–निविदा आमंत्रण सूचना

ई–निविदा संख्या:- 02/2023-24/RWD/RAMGARH दिनांक :- 20.07.2023

कार्यपालक अभियंता, ग्रामीण कार्य विभाग, कार्य प्रमण्डल, रामगढ़ द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि |
|---|---|---|---|---|---|
| | | | अंक में | अक्षर में | |
| 1. | RWD/ RAMGARH/ 02/2023-24 | पतरातू प्रखण्ड अन्तर्गत छोटकी सिद्धवार से बंजारीमंदिर तक पथ का सुदृढ़ीकरण कार्य (लं–5.400 कि0मी0) | 3,53,79,200.00 | तीन करोड़ तिरेपन लाख उनासी हजार दो सौ रू0 मात्र | 09 माह |

2. वेबसाईट में निविदा प्रकाशन की तिथि:– **01.08.2023**
3. ई–निविदा प्राप्ति की अंतिम तिथि एवं समय:– **16.08.2023** अपराह्न 5.00 बजे तक।
4. **(क)** मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा **(ख)** जिला नियंत्रण कक्ष, **राँची** अथवा **(ग)** जिला नियंत्रण कक्ष, **रामगढ़** में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:– **17.08.2023** अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी कार्यपालक अभियंता, ग्रामीण कार्य विभाग, कार्य प्रमण्डल, रामगढ़, नयानगर, घुटुवा, बरकाकाना, रामगढ़ झारखण्ड, पिन– 829103 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (17.08.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय:– **18.08.2023** अपराह्न 11.30 बजे।
7. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, रामगढ़, नयानगर, घुटुवा, बरकाकाना, रामगढ़ झारखण्ड, पिन– 829103
8. ई–निविदा प्रकोष्ठ का दूरभाष सं0– 8709388730
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक / राष्ट्रीयकृत बैंक / अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, **रामगढ़** के पक्ष में एवं **रामगढ़** में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग कार्य प्रमण्डल, रामगढ़
PR302826 (District)23-24*D

## ସଂକ୍ଷେପରେ

### ୨ ବାଇକ୍ ପୋଡ଼ି, ଥାନାରେ ଅଭିଯୋଗ

କୁଆଁରମୁଣ୍ଡା,୨୦।୭(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ସିଟି ସ୍କୁଲ ନିକଟ ଏକ କାରଖାନା ଗେଷ୍ଟ ହାଉସ୍‌ରେ ରହୁଥିବା ଗଣେଶ ସାହୁ ନାମକ ଜଣେ କର୍ମଚାରୀଙ୍କ ୨ଟି ବାଇକ୍‌କୁ କେହି ଦୁର୍ବୃତ୍ତ ବୁଧବାର ବିଳମ୍ବିତ ରାତିରେ ପୋଡି ଦେଇଛନ୍ତି। ଏ ନେଇ ଗଣେଶ ଗୁରୁବାର କୁଆଁରମୁଣ୍ଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

### କୂଅରେ ପଡି ଚାଷୀଙ୍କ ମୃତ୍ୟୁ

କୁତ୍ରା,୨୦।୭(ଦେବାଶିଷ ସାହୁ) : ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ କିରିଙ୍ଗସେରା ଗ୍ରାମ ଖଡ଼ିଆପଡାର ଜଣେ ଚାଷୀଙ୍କ କୂଅରେ ପଡି ମୃତ୍ୟୁ ଘଟିଛି। ମୃତକ ହେଲେ ଅନସେଲ ଡୁଙ୍ଗଡୁଙ୍ଗ(୫୩)। କୁତ୍ରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଅନସେଲ ଚାଷ କାମ ସାରି ଏକ କୂଅ ଉପରେ ବିଶ୍ରାମ ନେଉଥିଲେ। ଭାରସାମ୍ୟ ହରାଇ ସେ କୂଅ ଭିତରକୁ ଖସି ପଡ଼ିଥିଲେ। ଏନେଇ ପରିବାର ଲୋକେ ଜାଣିବାପରେ ତାଙ୍କୁ କୂଅରୁ ଉଦ୍ଧାର କରି କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସଂସ୍କୃତ ଶିକ୍ଷକଙ୍କ ଅକାଳ ବିୟୋଗ

ବିଶ୍ରା,୨୦।୭(ବଟକୃଷ୍ଣ ସ୍ୱାଇଁ): ବିଶ୍ରା ବନ୍ଧମୁଣ୍ଡାସ୍ଥିତ ଦୁମର୍ଟିତା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଗଜାନନ ପତି(୫୫)ଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗତ କିଛିଦିନ ଧରି ଅସୁସ୍ଥତା ଯୋଗୁ ସେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ସନ୍ଧ୍ୟାରେ ହୃଦ୍‌ଘାତରେ ତାଙ୍କର ବିୟୋଗ ଘଟିଛି। ବେଦବ୍ୟାସରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପୂର୍ଣ୍ଣ ହୋଇଥିଲା। ଅନ୍ତ୍ୟେଷ୍ଟିକ୍ରିୟାରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଯୋଗଦେଇଥିଲେ।

# ନିମ୍ନ ମାନର ରାସ୍ତା କାମ

**■ ଯାତାୟାତରେ ସମସ୍ୟା**
**■ ଶୁଣୁ ନାହାନ୍ତି ଅଧିକାରୀ**

କୁଆଁରମୁଣ୍ଡା,୨୦।୭(ମହେନ୍ଦ୍ର କୁମାର ସାହୁ)

ସରକାର ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କ ଯାତାୟାତ ନିମନ୍ତେ କଂକ୍ରିଟ ରାସ୍ତା ନିର୍ମାଣ କରୁଛନ୍ତି। ମାତ୍ର ସରକାରୀ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନ ହେବା ପରିବର୍ତ୍ତେ କେତେକ ଅସାଧୁ କର୍ମଚାରୀ ଓ ଠିକାଦାରଙ୍କ ସଲାସୁତୁରା ଯୋଗୁଁ ତାହା ଫସର ଫାଟୁଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକରେ। ଏହି ବ୍ଲକରେ ଉନ୍ନୟନ କାର୍ଯ୍ୟ ହେଉଥିଲେ ମଧ୍ୟ ତାହା ବାସ୍ତବିକ ସାଧାରଣ ଲୋକଙ୍କ କାର୍ଯ୍ୟରେ ଲାଗୁନାହିଁ। ଏ ନେଇ ନିରୀହ ଆଦିବାସୀ ସମ୍ପ୍ରଦାୟର ଲୋକେ ଅଭିଯୋଗ କଲେ ମଧ୍ୟ ତାହାକୁ ଅଧିକାରୀମାନେ କର୍ଣ୍ଣପାତ ନ କରି ଓଲଟି ଚପାଇ ଦେବାକୁ ଚେଷ୍ଟା କରୁଛନ୍ତି। ଏହି କ୍ରମରେ କାଷଲାସିହିରିଆ ପଞ୍ଚାୟତ ଯୋଯୋ ବସ୍ତିରେ ୨୦୨୧-୨୨ ଆର୍ଥିକ ବର୍ଷରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୨ଲକ୍ଷ ୨୦ ହଜାର ବ୍ୟୟ ଅଟକଳରେ ଏକ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଉକ୍ତ କାର୍ଯ୍ୟଟି ଡିପାର୍ଟମେଣ୍ଟାଲ କାର୍ଯ୍ୟ ହୋଇଥିଲେ ମଧ୍ୟ ଏହାକୁ ଜଣେ ଠିକାଦାରଙ୍କୁ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା।



ନିୟମ ଅନୁଯାୟୀ, କଂକ୍ରିଟ ରାସ୍ତା ନିର୍ମାଣ ସମୟରେ ରାସ୍ତାର ୨ ପାର୍ଶ୍ୱରେ କଟ ଅଫ୍,ରାସ୍ତାରେ ବାଲି ଫିଲିଂ ସହ ୨ରୁ ଅଢେଇ ଇଞ୍ଚ ମେଟାଲିଂ କରାଯାଇ ୩ରୁ ୪ ଇଞ୍ଚ ଉଚ୍ଚତାରେ କଂକ୍ରିଟୀକରଣ କରାଯିବା କଥା। ହେଲେ ଏ ସବୁକୁ ଉଲ୍ଲଂଘନ କରାଯାଇ ମନମୁଖିଭାବେ ଏକ ଫୁଟ ମାଟି ପକାଇ ତାହା ଉପରେ କେବଳ ଦେଢ ଇଞ୍ଚ କଂକ୍ରିଟ ଢାଳି ରାସ୍ତା ନିର୍ମାଣ କରାଯାଇଛି। ଫଳରେ ଉକ୍ତ ରାସ୍ତାରେ ଗାଡି ଯା'ଆସ ବେଳେ ରାସ୍ତା ସମ୍ପୂର୍ଣ୍ଣଭାବେ ଫାଟି ଖାଲ ସୃଷ୍ଟି ହୋଇଛି। ଅନ୍ୟ ପକ୍ଷରେ ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ଅର୍ଥକୁ କିଭଳି ବିନା ତଦାରଖରେ ବିଲ୍ ପାସ୍ କରାଗଲା ଏବଂ ଏବେ କେଉଁ ଅର୍ଥରେ ପୁନଃନିର୍ମାଣ କରାଯିବ ତାହାର ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି। ଅନୁରୂପଭାବେ ଜିଲା ପ୍ରଶାସନ ଏହି ନିମ୍ନମାନର ନିର୍ମାଣ କାର୍ଯ୍ୟର ତ୍ୱରିତ ତଦନ୍ତ କରିବାକୁ କାଲୋସିହିରିଆ ଯୋଯୋବସ୍ତି ବାସିନ୍ଦା ଦୃଢ ଦାବି କରିଛନ୍ତି। ଏ ନେଇ କୁଆଁରମୁଣ୍ଡା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଚୈତନ୍ୟ ହେମ୍ବ୍ରମଙ୍କୁ ପଚରାଯିବାରୁ, ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ସ୍ୱୀକାର କରିବା ସହ ତାଙ୍କ ସମୟରେ ଏହା ହୋଇ ନ ଥିବା କହିଛନ୍ତି। ତୁରନ୍ତ ରାସ୍ତା ମରାମତି କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ପୂର୍ବତନ ବ୍ୟାଙ୍କ କ୍ଷେତ୍ର ଅଧିକାରୀଙ୍କୁ ୨ ବର୍ଷ ଜେଲଦଣ୍ଡ

**ଲାଞ୍ଚ ମାମଲାର ଶୁଣାଣି**

ସୁନ୍ଦରଗଡ,୨୦।୭(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ଗୁରୁବାର ଏକ ଲାଞ୍ଚ ମାମଲାର ଶୁଣାଣୀ କରି କାର୍ଡ ବ୍ୟାଙ୍କ( କେନ୍ଦ୍ର କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ)ର ପୂର୍ବତନ କ୍ଷେତ୍ର ଅଧିକାରୀ ଦେବାନନ୍ଦ ସାଙ୍କୁ ୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ହଜାର ଟଙ୍କା ଜୋରିମାନା ଓ ଅନାଦେୟ ହେଲେ ଅଧିକ ୨ମାସ ଜେଲଦଣ୍ଡ ପାଇଁ ଆଦେଶ ଦେଇଛନ୍ତି। ଅଭିଯୁକ୍ତ ସା ୨୦୦୮ରେ ବଡଗାଁ ଥାନା ଅନ୍ତର୍ଗତ ପଦମପୁର ଗ୍ରାମର ଅଭିଯୋଗକାରୀ କୁନ୍ତଳା ଗୌଡଙ୍କ ଠାରୁ ବ୍ୟାଙ୍କରୁ ଋଣ ନେଇ ପରିଶୋଧ ପରେ ବନ୍ଧକ ଥିବା ତାଙ୍କ ଶଶୁର ସ୍ୱର୍ଗତ ସତ୍ୟବାଦୀ ଗୌଡଙ୍କ ଜମି ପଟ୍ଟା ଫେରସ୍ତ ପାଇଁ ୧ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହାପରେ ଅଭିଯୁକ୍ତ ସାଙ୍କ ବିରୁଦ୍ଧରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ସମ୍ବଲପୁର ଭିଜିଲାନ୍ସ ଥାନାରେ କେଶ ନଂ ୪୮/୮/୯/୨୦୦୮ରେ ଏକ ମାମଲା ରୁଜୁ ହୋଇଥିଲା। ସ୍ୱତନ୍ତ୍ର ଜଜ୍ ଗୁରୁବାର ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ସାଙ୍କୁ ସୁନ୍ଦରଗଡ ଜେଲକୁ ପଠାଦେଇଛନ୍ତି। ଏହି ମାମଲାର ଅନ୍ୟତମ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିସାରିଛି। ଝାରସୁଗୁଡା ଭିଜିଲାନ୍ସ ୟୁନିଟର ତତ୍କାଳୀନ ଇନ୍ସପେକ୍ଟର ଧୀରେନ୍ଦ୍ର କୁମାର ଦାସ ଓ ସୁନ୍ଦରଗଡ ୟୁନିଟର ତତ୍କାଳୀନ ଇନିସ୍‌ପେକ୍ଟର ପରମେଶ୍ୱର କିଷାନ ଏହି ମାମଲାର ତଦନ୍ତ କାରୀ ଅଫିସର ଥିବା ବେଳେବେଳେ ସରକାରଙ୍କ ପକ୍ଷରୁ ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସ୍ୟୁକୁଟର ଶ୍ୟାମ ସୁନ୍ଦର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ଘୋଘର ଇବ୍ ପୋଲ ଉପରେ ଗର୍ତ୍ତ

**ଦୁର୍ଘଟଣା ଆଶଙ୍କା**

ସୁନ୍ଦରଗଡ,୨୦।୭(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ଘୋଘର ଗ୍ରାମ ନିକଟରେ ଥିବା ଇବ୍ ପୋଲ ଉପରେ ଏକ ବିରାଟକାୟ ଗର୍ତ୍ତ ସୃଷ୍ଟି ହେବା ସହ ଗେଟି ଉଠି ଲୁହା ଛଡ଼ ବାହାରି ପଡ଼ିଛି। ବେଳ ଥାଉ ଥାଉ ଏହାର ମରାମତି କରା ନ ଗଲେ କୌଣସି ମୁହୂର୍ତ୍ତରେ ବଡ଼ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଛଡ଼ ବାହାରକୁ ଲମ୍ବି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ଅଜଣା ଲୋକ ଏହି ରାସ୍ତା ଦେଇ ଯା' ଆସ କଲେ ଦୁର୍ଘଟଣା ସୁନିଶ୍ଚିତ। ଗାଁ ଲୋକେ ମଧ୍ୟ ରାତିରେ ଯିବା ଆସିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ରାସ୍ତା କାମ କରିବାକୁ ସାଧାରଣରେ ଦାବି ହେଉଛି।



ପୋଲ ଉପରେ ସୃଷ୍ଟି ହୋଇଥିବା ଗର୍ତ୍ତ।

# ବଢୁଛି ଶିଶୁ ଶ୍ରମିକଙ୍କ ସଂଖ୍ୟା

**ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

ଲାଠିକଟା, ୨୦।୭(ରାମେଶ୍ୱର ଖାଡ଼ଙ୍ଗା)

ସାରନଗରୀ ଓ ଲାଠିକଟା ଅଞ୍ଚଳରେ ବୃଦ୍ଧି ପାଇଛି ଶିଶୁ ଶ୍ରମିକଙ୍କ ସଂଖ୍ୟା। ସନ୍ଧ୍ୟା ସମୟରେ ସାରନଗରୀର ବିଭିନ୍ନ ଛୋଟ ବଡ଼ ଠେଲା ଦୋକାନଗୁଡ଼ିକରେ ଏଭଳି ଶିଶୁ ଶ୍ରମିକଙ୍କୁ ଦେଖିବାକୁ ମିଳୁଛି। ଅଳ୍ପ ଟଙ୍କା ଦେଇ ପିଲାଙ୍କୁ ବହୁତ୍ ଖଟାଉଛନ୍ତି ଦୋକାନୀ। ଏହି କୋମଳ ମତି ଶିଶୁମାନେ ସ୍କୁଲ ଯିବା ପରିବର୍ତ୍ତେ କାମ କରିବାକୁ ପସନ୍ଦ କରୁଛନ୍ତି। ଦିନ ସାରା ବୁଲାବୁଲି କରିବା ପରେ ସନ୍ଧ୍ୟା ହେଲେ କାମ କରିବାକୁ ବାହାରି ଯାଉଛନ୍ତି। ତେବେ ଏଥିପ୍ରତି ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିବା ସହ ଯେଉଁ ଦୋକାନୀମାନେ ଶିଶୁଙ୍କୁ କାମରେ ଲଗାଉଛନ୍ତି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି।

### ପରିବହନ ବିଭାଗ ଡ୍ରାଇଭରଙ୍କୁ ଗାଡି ଚଢାଇ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ସୁନ୍ଦରଗଡ,୨୦।୭(ଜୟ ନାରାୟଣ ମେଣ୍ଡୁଲି): କରମଡିହି-ସବ୍‌ଡେଗା ରାସ୍ତାର ଗିଲକୁଦରଠାରେ ବୁଧବାର ସନ୍ଧ୍ୟାରେ ସୁନ୍ଦରଗଡ ଆଞ୍ଚଳିକ ପରିବହନ ବିଭାଗର ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ଗାଡିମଟର ଯାଞ୍ଚ କରୁଥିଲେ। ଏହି ସମୟରେ ସବ୍‌ଡେଗା ପଟୁ ଆସୁଥିବା ଏକ ବୋଲର ଗାଡ଼ି ବିଭାଗର ଡ୍ରାଇଭର ଦୀପକ ଟପ୍ପୋଙ୍କୁ ଧକ୍କା ଦେଇଥିଲା। ଫଳରେ ଦୀପକ ଆହତ ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ଓ ପରେ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ବୋଲର ଡ୍ରାଇଭର ଯୁଧିଷ୍ଠର ସାହୁଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି।

# ଶ୍ରମ, ଇଏସ୍‌ଆଇ ମନ୍ତ୍ରୀଙ୍କ ରାଜଗାଙ୍ଗପୁର ଗସ୍ତ



ଶ୍ରମମନ୍ତ୍ରୀ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ରାଜଗାଙ୍ଗପୁର,୨୦।୭(ଅଶୋକ ପାଣି)

ଶ୍ରମ ଓ ଇଏସଆଇ ମନ୍ତ୍ରୀ ଶାରଦା ପ୍ରସାଦ ନାୟକ ଗୁରୁବାର ରାଜଗାଙ୍ଗପୁର ଗସ୍ତରେ ଆସି ଇଏସଆଇ ଚିକିତ୍ସାଳୟ ଏବଂ କାଂସବାହାଲଠାରେ ଥିବା ଇଏସଆଇ ଚିକିତ୍ସାଳୟ ପରିଦର୍ଶନ କରିବା ସହ ଏହାର ସ୍ଥିତି ଅନୁଧ୍ୟାନ ଓ ଉନ୍ନତୀକରଣ ଉପରେ ଆଲୋଚନା କରିଥିଲେ। ଏହି ସମୟରେ ବିଭିନ୍ନ ଶ୍ରମିକ ସଂଗଠନ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗ ମାନ ରଖିଥିଲେ। ମନ୍ତ୍ରୀ ଏହାର ସମାଧାନ ପାଇଁ ସୂଚନା ଦେଇଥିଲେ। ମନ୍ତ୍ରୀଙ୍କ ସହିତ ଆଞ୍ଚଳିକ ନିର୍ଦ୍ଦେଶକ ଇଏସଆଇ କର୍ପୋରେସନ ଭୁବନେଶ୍ୱରର ପାର୍ଥସାରଥି ପଣ୍ଡା ଓ ନିର୍ଦ୍ଦେଶକ ଇଏସଆଇ ରାଜ୍ୟ ସରକାର ଓଡ଼ିଶା ଅଶୋକ ପଣ୍ଡା, ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ବିଜେଡି ଟାଉନ ସଭାପତି ରାଜେନ୍ଦ୍ର ଲେଙ୍କା, ବେନେଦିକ ତିର୍କୀ, ଜ୍ୟୋତି ରଞ୍ଜନ ନାୟକଙ୍କ ସହ ଅନ୍ୟ ବିଜେଡି ନେତୃବୃନ୍ଦ ଓ କର୍ମୀବୃନ୍ଦ ମଧ୍ୟ ରହିଥିଲେ।

# ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଅଧ୍ୟାପିକା




ଅସହାୟ ବୃଦ୍ଧା ଓ ଅନ୍ୟମାନଙ୍କ ସହ ଜନ୍ମଦିନ ପାଳନ କରୁଛନ୍ତି ଅଧ୍ୟାପିକା ।

ସୁନ୍ଦରଗଡ,୨୦।୭(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ଯୋଗୀମାଲ କଲେଜ ଅଧ୍ୟାପିକା ସ୍ନିଗ୍ଧା ରାଣୀ ପଟେଲ ନିଆରା ଢଙ୍ଗରେ ତାଙ୍କ ଜନ୍ମଦିନ ପାଳନ କରିଛନ୍ତି। ବୁଧବାର ଅଧ୍ୟାପିକା ପଟେଲଙ୍କ ଥିଲା ୩୭ତମ ଜନ୍ମ ଦିନ। ଏହି ଦିନ ସେ ସବ୍‌ଡେଗା ବ୍ଲକ ଜାଇସର ପଞ୍ଚାୟତ ରାଶିପତ୍ରା ଗ୍ରାମର ୬୦ ବର୍ଷୀୟା ଅସହାୟ ବୃଦ୍ଧା ନୁହୁରୀ ଓରାମଙ୍କ ପାଖକୁ ଯାଇ ତାଙ୍କୁ ସହାୟତାର ହାତ ବଢାଇ ଜନ୍ମଦିନ ପାଳନ କରିଥିଲେ। ତାଙ୍କୁ ଚାଉଳ, ଡାଲି, ତେଲ, ଲୁଣ, ଶାଢୀ, ଛତା, ଖାଦ୍ୟ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପ୍ରଦାନ କରି ତାଙ୍କ ସହିତ ସମୟ ବିତାଇଥିଲେ। ୩୫ବର୍ଷ ତଳୁ ଏହି ବୃଦ୍ଧାଙ୍କ ସ୍ୱାମୀ ନିଖୋଜ ଥିବା ବେଳେ ଏକ ମାତ୍ର ପୁଅ ଆରପାରିକୁ ଚାଲିଯାଇଛନ୍ତି। ଝିଅକୁ ବିବାହ କରିଦେଇଛନ୍ତି। ଦୁର୍ଦ୍ଦଶାରେ ଦିନ କାଟୁଥିବା ଏହି ବୃଦ୍ଧାଙ୍କ ଦୁଃଖ ଅନେକ। ଆଧାର କାର୍ଡରେ ବୟସ ୬୦ ବଦଳରେ ୫୩ ରହିଛି। ଏଥିଯୋଗୁ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ସେ ବଞ୍ଚିତ ଅଛନ୍ତି। ସ୍ୱାମୀଙ୍କ ମୃତ୍ୟୁର କୌଣସି ପ୍ରମାଣ ନ ଥିବାରୁ ସରକାରଙ୍କ ତରଫରୁ ଅନ୍ୟ କୌଣସି ସହାୟତା ମଧ୍ୟ ତାଙ୍କୁ ମିଳିପାରୁ ନାହିଁ। ଏହି ବୃଦ୍ଧାଙ୍କୁ କିଭଳି ସରକାରୀ ସହାୟତା ମିଳିପାରିବ ସେ ନେଇ ଅଧ୍ୟାପିକା ପଟେଲ ପ୍ରଶାସନ ଓ ସରକାରଙ୍କ ନଜରକୁ ନେବେ ବୋଲି କହିଛନ୍ତି। ଶୀତଦିନେ ଅସହାୟ ଲୋକଙ୍କୁ ରାତି ଅଧିଆ ଶୀତ ବସ୍ତ୍ର ବଣ୍ଟନ କରି ତଥା ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ କରି ଏବଂ ମୃତ୍ୟୁ ପରେ ତାଙ୍କ ଶରୀରକୁ ବୁର୍ଲା ମେଡିକାଲ କଲେଜକୁ ଡାକ୍ତରୀ ଛାତ୍ରଙ୍କ ପାଠପଢା ପାଇଁ ଦାନ କରିବା ପାଇଁ ଚୁକ୍ତିବଦ୍ଧ କରି ଚର୍ଚ୍ଚାକୁ ଆସିଥିବା ଏହି ଅଧ୍ୟାପିକାଙ୍କ ଏଭଳି ନିଆରା କାର୍ଯ୍ୟକୁ ସବୁରି ମହଲରେ ପ୍ରଶଂସା କରାଯାଇଛି। ବୃଦ୍ଧାଙ୍କୁ ସହାୟତା ପ୍ରଦାନବେଳେ ସ୍ଥାନୀୟ ସରପଞ୍ଚ ପଙ୍କଜିନୀ ମାଝି ଓ ରାଜ କୁମାର ଗର୍ଡିଆ ଉପସ୍ଥିତ ଥିଲେ।


**OFFICE OF THE EXECUTIVE ENGINEER**
**MURAN DAM DIVISION, UIDC, KHATIGUDA**
At/P.O.: Khatiguda, Dist.: Nabarangpur, PIN - 764085
E-mail id: eemurandamdivision@gmail.com
EEMDD No. 1117 Dated: 18.07.2023
TENDER CALL NOTICE No.: EEMDD-05(02)/2023-24 Dated: 18.07.2023
No. A-357: The Executive Engineer, Muran Dam Division, At/P.O.: Khatiguda, Dist. Nabarangpur (Odisha) on behalf of Hon'ble Governor of Odisha invites tender in the prescribed form to be eventually drawn in P.W.D. form No. F2 from the **Registered Travel Agency/Tour Operators/ Private Individuals Light vehicle owners authorized to use the vehicle for commercial purpose,** having commercial registration certificate, GST Registration No. & PAN or IT, for "Deployment of two nos. of light Commercial Vehicle (Bolero/TUV-300/SUMO Gold/Ertiga on hire basis to be engaged for official use of Executive Engineer, Muran Dam Division and Office of the Sub-Divisional Officer, Muran Dam Sub-Division-IV under UIDC, Khatiguda for one year /12 (Twelve) calendar months from the date of Agreement along with driver.
**N.B.:** All details can be seen in the tender booklet from the Office of the Executive Engineer, Muran Dam Division, UIDC, Khatiguda, Dist.: Nabarangpur from Dt.24.07.2023, 11.00 A.M. to 31.07.2023 upto 1.00 P.M. regarding tender.
Bid documents consist of the schedule of quantities and the set of terms & conditions of contract and all other details can be seen from the Office of the undersigned & issuing the tender documents during the office hours every day except on Sunday and public holidays till last day of sale of tender papers.
Sd./- Executive Engineer, Muran Dam Division, Khatiguda
OIPR-32230/11/0002/2324



E-Mail ID- eepwdcuttack2@gmail.com,
Tele/Fax No. (0671)- 2973399
**OFFICE OF THE SUPERINTENDING ENGINEER**
GOVERNMENT OF ODISHA "e" procurement Notice
**e-procurement Notice for Building Work**
**Bid identification No. S.E. CTC (R&B)-II-15 of 2023-24**
No.B-516:-

| | | | |
|---|---|---|---|
| 1. | Name of the work | :- | 01 No. of Building Work |
| 2. | Estimated Cost | :- | Rs.79,91,575/- |
| 3. | Period of completion | :- | 06 (Six) calendar Months |
| 4. | Date & time of sale & receipt of bid document | :- | From 24.07.2023 to 5 PM of 07.08.2023 |
| 5. | Last date/time of receipt of bids | :- | 5 PM of 07.08.2023 |
| 6. | Date & time of Opening of Bids | :- | 11 AM of 08.08.2023 |
| 7. | Name and address of the Officer Inviting Bid | :- | Superintending Engineer, Cuttack (R&B) Division-II, Cuttack |

Further details can be seen from the e-procurement portal **http://www.tendersorissa.gov.in**. Any addendum/ corrigendum/ cancellation of tender can also be seen in the said website.
Sd./- Superintending Engineer, Cuttack (R&B) Division No.II
OIPR-34137/11/0017/2324



**OFFICE OF THE DEPUTY DIRECTOR OF TEXTILES, BARGARH**
At/PO/DISTT.-BARGARH,PIN-768028
E.mail-ddtbargarh@gmail.com
**QUOTATION CALL NOTICE**
Notice No-2443 Dated– 19.07.2023
No. PP-19:- Sealed Quotations are invited in two separate bidders like Technical Bidder & Financial Bidder from the registered Suppliers/ Manufacturers / Dealers / Firms having valid PAN & GST registration with up to date Income Tax & GST clearance certificate, for supply of different handloom items like Frame loom, Pit loom, Weaving Accessories, Sley, Wefting Machine, Tie & Dye frame & other related accessories, Dyeing utensils etc under "Technological Intervention" and skill upgradation training component for the weavers under the scheme "Promotion of Handloom Industries" for the year of programme 2022-23 of Bargarh Textiles Zone.
Interested suppliers may submit their quotation on or before **dt.10.08.2023 by 5.00 P.M.** through Registered/Speed Post only and the same will be opened on **dt.11.08.2023 at 11.00 A.M.** in the office D.D.T., Bargarh.
For more details, terms & condition etc, please visit the official website **www.sadhacodisha.org**, **www.boyanika.com**, **www.textiles.odisha.gov.in** or **www.sambalpuribastralaya.com**.
The undersigned reserves the right to reject or accept any or all the quotations without assigning any reason thereof.
Sd./- S.K.Nag
Deputy Director of Textiles, Bargarh
OIPR-31032/11/0001/2324



**Government of JharkhandJharkhand State Rural Roads Development Authority**
**Rural Works Department**
F.F.P. Building, 3rd Floor, Dhurwa, Ranchi – 834004.
***WALK –IN-INTERVIEW***
Advertisement No. …./JSRRDA/686/2023-943 Dated: 19.07.2023
Jharkhand State Rural Road Development Authority (JSRRDA), an Authority under Rural Work Department Government of Jharkhand is responsible for planning, execution & maintenance of Rural Roads in the State sanctioned under Pradhan Mantri Gram Sadak Yojna (PMGSY) & RCPLWEA. JSRRDA invites application for filling up contractual posts of its head office from persons of requisite qualifications and experiences as mentioned below.

| Name of the post | Number of posts | Eligibility, Age, Criteria and Experience | Salary/ Monthly Emolument |
|---|---|---|---|
| Forest Officer | 1 (One) | Retired Forest Officer not below the rank of Di vision Forest Officer with age limit of 65 years (as on 01.08.2023) of good working knowledge of Forest Diversion act , FRA & obtaining Forest clearance from Forest Department including wild life sanctuary / Reserve Forest by GoI/GoJ. | Retired Government Servant will be paid in accordance with the Rules / Circular of Finance Department of Govt. of Jharkhand. |

***Format in Annexure 'A'***
**General Condition**
- Period of contract shall be 01 year which may be extended on the basis of performance.
- Claim for regularization of service is not acceptable.
- Decision of JSRRDA regarding no. of post, qualification, experience etc. is final and binding. The right to cancel the appointment process without assigning any reason at any time lies with the Authority.
- No TA/DA will be admissible for attending interview at Ranchi.
- Walk-in-Interview will be conducted on 31.07.2023 from 11.00 AM onward in the office of Chief Engineer, JSRRDA, RWD 3rd floor, F.F.P. Building, Dhurwa, Ranchi.

Chief Engineer
JSRRDA, Ranchi.
PR 302830 Rural Work Department(23-24)D



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
**ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର**
+୨ ନାମଲେଖା ବିଜ୍ଞାପନ
**Student Academic Management System**
ବିଜ୍ଞାପନ ସଂ.: ୧୭୪୮/ଉ.ସ.ମ. ତା୧୯।୦୭।୨୦୨୩ରିଖ
No. RR-13: ଚଳିତ ୨୦୨୩-୨୪ ଶିକ୍ଷାବର୍ଷରେ, SAMS ମାଧ୍ୟମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ନିମନ୍ତେ ନିର୍ଦ୍ଧାରିତ ତାରିଖ:

| | | |
|---|---|---|
| ୧. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର +୨ ପାଠ୍ୟକ୍ରମରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ନିମନ୍ତେ **www.samsodisha.gov.in** ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ CAF ଉପଲବ୍ଧ ହେବାର ତାରିଖ | ତା୨୦।୦୭।୨୦୨୩ରିଖ (ଦିବା ୧୨ ଘଟିକା) |
| ୨. | **www.samsodisha.gov.in** ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ CAF ଆବେଦନ କରିବାର ଶେଷ ତାରିଖ | ତା୨୯।୦୭।୨୦୨୩ରିଖ (ରାତ୍ର ୧୧.୫୯ ଘଟିକା) |
| ୩. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଦେବା ନିମନ୍ତେ **www.samsodisha.gov.in** ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ଆଡ୍‌ମିଟ୍ କାର୍ଡ଼ ଡାଉନଲୋଡ଼ ପାଇଁ ଉପଲବ୍ଧ ହେବାର ତାରିଖ | ତା୦୧।୦୮।୨୦୨୩ରିଖ (ଅପରାହ୍ନ ୨ ଘଟିକା) |
| ୪. | ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବାର ତାରିଖ | ତା୦୩।୦୮।୨୦୨୩ରିଖ ଏବଂ ତା୦୪।୦୮।୨୦୨୩ରିଖ |
| ୫. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଅନୁଷ୍ଠିତ ହେବା ପରେ ନାମଲେଖା ନିମନ୍ତେ ଦ୍ୱିତୀୟ ମେରିଟ୍ ତାଲିକା ପ୍ରକାଶନ ହେବାର ତାରିଖ | ତା୦୭।୦୮।୨୦୨୩ରିଖ (ଅପରାହ୍ନ ୨ ଘଟିକା) |
| ୬. | ଦ୍ୱିତୀୟ ପର୍ଯ୍ୟାୟରେ +୨ ପ୍ରଥମ ବର୍ଷ (ଧନ୍ଦାମୂଳକ) ପାଠ୍ୟକ୍ରମରେ ନାମଲେଖା ହେବାର ତାରିଖ | ତା୦୯।୦୮।୨୦୨୩ରିଖ (ଦିବା ୯ ଘଟିକାରୁ ୨ ଘଟିକା) |

ପରବର୍ତ୍ତୀ ସମୟରେ ଅନ୍ୟ କୌଣସି +୨ ଇ-ଆଡ୍‌ମିଶନ କାର୍ଯ୍ୟକଳାପ ସମ୍ବନ୍ଧରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା SAMS ୱେବ୍‌ସାଇଟ୍ **www.samsodisha.gov.in** ମାଧ୍ୟମରେ ପ୍ରକାଶନ କରାଯିବ।
ବି.ଦ୍ର.:
(କ) ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ତଥା ପ୍ରାର୍ଥୀଙ୍କ ବୟସ ତା୦୧।୦୭।୨୦୨୩ରିଖ ସୁଦ୍ଧା ୨୦ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବ, ସେ ସାଧାରଣ ଦକ୍ଷତା ପରୀକ୍ଷା ୨୦୨୩ ଦେବା ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ CAF ଆବେଦନ କରିପାରିବେ।
(ଖ) ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ନିମ୍ନଲିଖିତ ବିଷୟରେ ଅନୁଷ୍ଠିତ ହେବ:-
ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ଓଡ଼ିଶୀ ପଖାଉଜ (ମର୍ଦ୍ଦଳ), ତବଲା, ବଂଶୀ, ସୀତାର, ବେହେଲା ଓ ନାଟକ।
ସ୍ୱା./- ଡ. ବିଜୟ କୁମାର ଜେନା, ଅଧ୍ୟକ୍ଷ, ଉ.ସ.ମ.
ଅଧିକ ବିବରଣୀ ନିମନ୍ତେ ଦୟାକରି ଇ-ଆଡମିଶନ ହେଲ୍ପଲାଇନ୍ (ଟୋଲ ଫ୍ରି ନମ୍ବର) ସହିତ ଯୋଗାଯୋଗ କରନ୍ତୁ - ୧୫୫୩୩୫/୧୮୦୦-୩୪୫-୬୭୭୦ କିମ୍ବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର (Help Desk) ।
OIPR-03011/11/0004/2324



**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल,रामगढ़**
**ई-निविदा आमंत्रण सूचना**
ई-निविदा संख्या:- **02/2023-24/RWD/RAMGARH** दिनांक :- **20.07.2023**
कार्यपालक अभियंता, ग्रामीण कार्य विभाग, कार्य प्रमण्डल, रामगढ़ द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि |
|---|---|---|---|---|---|
| 1. | RWD/ RAMGARH/ 02/2023-24 | पतरातू प्रखण्ड अन्तर्गत छोटकी सिद्धवार से बंजारीमंदिर तक पथ का सुदृढ़ीकरण कार्य (लं-5.400 कि0मी0) | 3,53,79,200.00 | तीन करोड़ तिरेपन लाख उनासी हजार दो सौ रू0 मात्र | 09 माह |

2. वेबसाईट में निविदा प्रकाशन की तिथि:- **01.08.2023**
3. ई-निविदा प्राप्ति की अंतिम तिथि एवं समय:- **16.08.2023** अपराह्न 5.00 बजे तक।
4. **(क)** मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा **(ख)** जिला नियंत्रण कक्ष, **राँची** अथवा **(ग)** जिला नियंत्रण कक्ष, **रामगढ़** में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:- **17.08.2023** अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी कार्यपालक अभियंता, ग्रामीण कार्य विभाग, कार्य प्रमण्डल, रामगढ़, नयानगर, घुटुवा, बरकाकाना, रामगढ़ झारखण्ड, पिन- 829103 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (17.08.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय:- **18.08.2023** अपराह्न 11.30 बजे।
7. निविदा आमंत्रित करने वाले पदाधिकारी का नाम एवं पता:- कार्यपालक अभियंता, ग्रामीण कार्य विभाग, कार्य प्रमण्डल, रामगढ़, नयानगर, घुटुवा, बरकाकाना, रामगढ़ झारखण्ड, पिन- 829103
8. ई-निविदा प्रकोष्ठ का दूरभाष सं0- 8709388730
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, **रामगढ़** के पक्ष में एवं **रामगढ़** में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
कार्यपालक अभियंता
ग्रामीण कार्य विभाग कार्य प्रमण्डल, रामगढ़
PR302826 (District)23-24*D

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୧ ଜୁଲାଇ, ୨୦୨୩

**ଏନ୍‌ଏଚ୍‌ରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ**

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡିଆଳଠାରେ ସହରୀ ଆଲୋକ ସେବା ନେଇ ବ୍ୟାପକ ପଦକ୍ଷେପ ନେଇଛନ୍ତି। ସହର ଦେଇ ଅତିକ୍ରମ କରିଥିବା ଜାତୀୟ ରାଜପଥରେ ସହର ଆଲୋକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହାତକୁ ନେଇଛନ୍ତି। ନିଶ୍ଚିତ ରୂପେ ଏହା ସହର ଶୋଭାବର୍ଦ୍ଧିତ କରୁଛି। ଆମ୍ବେଦକର ଛକଠାରୁ ବୋଡ଼େନ ଛକ ପର୍ଯ୍ୟନ୍ତ ଆଲୋକ ସେବାରେ ଜାତୀୟ ପତାକାର ତ୍ରିରଙ୍ଗା ଆଲୋକ ଲାଇଟ ଖଞ୍ଜା ଯାଇଛି।



## ସଂକ୍ଷେପରେ

### ବିଷ ପାନ କରି ମହିଳାଙ୍କ ଆତ୍ମହତ୍ୟା

**ଖଡ଼ିଆଳ,୨୦।୭(ସୁଜିତ୍ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ଥାନା ଦାବରୀ ଗ୍ରାମର ମହାନ୍ତି ମାଝି (୬୫) ବିଷ ପାନ କରି ଆତ୍ମହତ୍ୟା କରିଛନ୍ତି। ଏ ନେଇ ପୁଅ ଗିରିଧାରୀ ମାଝି ଖଡ଼ିଆଳ ଥାନାରେ ଅଭିଯୋଗ କରିଥିଲେ। ସୂଚନା ମତେ ଦାବରୀ ଗ୍ରାମର ସ୍ୱର୍ଗତ ଗମ୍ଭୀର ମାଝିଙ୍କ ସ୍ତ୍ରୀ ମହାନ୍ତି ମାଝି ସକାଳ ୮ଟାରେ ଘରେ କିଏ ନ ଥିବା ସମୟରେ ବିଷ ପାନ କରିଦେଇଥିଲେ। ପରିବାର ଲୋକେ ଆସି ଦେଖିବା ବେଳକୁ ମହାନ୍ତି ଛଟପଟ ହେଉଛନ୍ତି। ତାଙ୍କୁ ସାଙ୍ଗେ ସାଙ୍ଗେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗୁରୁତର ହେବାରୁ ମିଶନ ହସ୍ପିଟାଲରେରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଅପରାହ୍ଣରେ ତାଙ୍କର ମୃତ୍ୟୁ ଘଟିଥିଲା। ଖଡ଼ିଆଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



**କର୍ଲାମୁଣ୍ଡା,୨୦।୭(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ଗ୍ରାମପଞ୍ଚାୟତ ସଭାଗୃହଠାରେ ଗୁରୁବାର ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହି ଅବସରରେ ସରପଞ୍ଚ ପଞ୍ଚାନନ ବାଗ ଓ ସମିତି ସଭ୍ୟ ଆନନ୍ଦ ନାଗ ଯୋଗଦେଇ ମଧୁବାବୁ ପେନସନ ଯୋଜନାରେ ପଞ୍ଚାୟତର ରିଞ୍ଜା, ଦେଓଗାଁ, ଟକାରୁମଲ, ରେଙ୍ଗାଲିର ୮ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ରୋଜଗାର ସେବକ ଶିବ କୁମାର ଭୋଇ, ଯୋଗାଣ ସହାୟକ ଫକୀର ଚରଣ ବାଗଙ୍କ ସମେତ ୱାର୍ଡ ସଭ୍ୟା/ସଭ୍ୟମାନେ ଉପସ୍ଥିତ ଥିଲେ।

### ସାପ କାମୁଡ଼ାରେ ଆଦିବାସୀ ଯୁବତୀ ଗୁରୁତର

**ଲାଞ୍ଜିଗଡ଼,୨୦।୭(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତର ଧଅଁରାଭଟା ଗ୍ରାମର ଜଣେ ଆଦିବାସୀ ଯୁବତୀ ସାପକାମୁଡ଼ାରେ ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବିଶ୍ୱନାଥପୁର ସିଏଚସିରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ ବେନଗାଁ ପଞ୍ଚାୟତ ଧଅଁରାଭଟା ଗ୍ରାମର ବଟକା ମାଝି (୨୦) ଆଦିବାସୀ ଯୁବତୀ ଜମିରେ ଘାସ ବାଛିବାକୁ ପରିବାର ଲୋକମାନଙ୍କ ସହ ଯାଇଥିଲେ। ଘାସ ବାଛିବା ସମୟରେ ଏକ ସାପ ଆସି ଯୁବତୀଙ୍କୁ କାମୁଡି ଦେବାରୁ ସେ ଚିତ୍କାର କରିଥିଲେ। ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ବିଶ୍ୱନାଥପୁର ସିଏଚସିରେ ଆଣି ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ସିଏଚସି ଡାକ୍ତର ସୌମ୍ୟ ରଞ୍ଜନ ମାଝି ପ୍ରକାଶ କରିଛନ୍ତି।

### ୨ଟି ଦୋକାନରୁ ଚୋରି କଲେ ଦୁର୍ବୃତ୍ତ

**ଜୁନାଗଡ଼,୨୦।୭(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ ସହରର କଲମପୁର ଛକ ନିକଟରେ ଥିବା ୨ଟି ଦୋକାନରୁ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଛାତ କାଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଛନ୍ତି। ଏ ନେଇ ଦୋକାନୀ ମାଲିକ ଗୁରୁବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରଜୁ କରିବା ସହ ଘଟଣାସ୍ଥଳକୁ ସାଇଣ୍ଟଫିକ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, କଲମପୁର ଛକ ନିକଟରେ ଥିବା ଏକ ଜ୍ୱେଲର୍ସ ଓ ଡେଲି ନିଡ୍ସ ଦୋକାନକୁ ବୁଧବାର ରାତିରେ ଦୁର୍ବୃତ୍ତ ଛାତ କାଟି ଦୋକାନରେ ଥିବା ଟଙ୍କା ଓ ରୂପା ଅନ୍ୟାନ ମୂଲ୍ୟବାନ ଜିନିଷକୁ ଚୋରି କରିନେଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୮ଲକ୍ଷ ହେବ ବୋଲି ଜଣାପଡିଛି। ତେବେ ଦୁର୍ବୃତ୍ତ ଚୋରି କରୁଥିବା ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ଗତ ସୋମବାର ରାତିରେ ସହରର ୫ ନଂ. ୱାର୍ଡର ଶିକ୍ଷକ ମନୋରଞ୍ଜନ ସିଂଙ୍କ ବାଇକ କେହି ଦୁର୍ବୃତ୍ତ ରାତିରେ ଘରୁ ଚୋରି କରିନେଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ପୋଲିସ ବାଇକ୍ ଚୋରଙ୍କୁ ଗିରଫ କରିପାରିନାହିଁ।

# ବର୍ଷାରେ ତେଲନଦୀ ପୋଲ ଗାର୍ଡୱାଲ ଭାଙ୍ଗିଲା

**ଗୋଲାମୁଣ୍ଡା,୨୦।୭(ବଟକୃଷ୍ଣ ପଣ୍ଡା)**

■ପୋଲ ତଳେ ହେଉଛି ବେଆଇନ ବ୍ଲାଷ୍ଟିଂ

■ପୋଲର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବଡଚେରଗାଁ ଠେମରା ମଧ୍ୟରେ ଥିବା ତେଲନଦୀ ପୋଲ ଗାର୍ଡୱାଲ ବର୍ଷାରେ ଭାଙ୍ଗି ଯାଇଛି। ଗାର୍ଡୱାଲ ସଂଯୋଗ ରାସ୍ତାକୁ ସୁରକ୍ଷା ଦେଉଥିବା ବେଳେ ବର୍ତ୍ତମାନ ପୋଲର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲ କାର୍ଯ୍ୟ ସରିବାର ୫ ବର୍ଷ ନ ହେଉଣୁ ଗାର୍ଡୱାଲ ଭାଙ୍ଗିବା ନେଇ ସ୍ଥାନୀୟ ଲୋକେ ନିର୍ମାଣକାରୀ ଠିକା ସଂସ୍ଥା ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟୀ କରିଛନ୍ତି। ଭାଙ୍ଗି ଯାଇଥିବା ପୋଲ ଗାର୍ଡୱାଲ ଯଥାଶୀଘ୍ର ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସୂଚନା ଯେ, ଗୋଲାମୁଣ୍ଡା ବ୍ଲକ ବଡଚେରଗାଁ ଠେମରା ମଧ୍ୟରେ ଥିବା ତେଲ ନଦୀରେ ରାଜ୍ୟ ସରକାର ୨୦୧୭-୧୮ରେ ବିଜୁ ସେତୁ



ତେଲନଦୀ ପୋଲ ଗାର୍ଡୱାଲ ଭାଙ୍ଗିଛି।

ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରାୟ ୧୯ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିନିମୟରେ ପୋଲ ନିର୍ମାଣ କରିଥିଲେ। ନିର୍ମାଣ ସମୟରେ ନିମ୍ନମାନର କାମ ହେଉଥିବା ନେଇ ସ୍ଥାନୀୟ ଲୋକେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଅଭିଯୋଗ କରିଥିଲେ। କିନ୍ତୁ ଏହି ଅଭିଯୋଗକୁ ବିଭାଗ ଭ୍ରୂକ୍ଷେପ କରି ନ ଥିଲା। ଫଳରେ ଏବେ ଏପରି ଅବସ୍ଥା ହୋଇଥିବା ବେଳେ ଆଗକୁ ବଡ ବର୍ଷା ହୋଇ ବନ୍ୟା ଆସିଲେ ପୋଲ ସଂଯୋଗ ରାସ୍ତା ଧୋଇଯିବାର ଆଶଙ୍କା ରହିଛି। ଯଦି ଏହି ପୋଲ ରାସ୍ତା ଧୋଇ ହୋଇଗଲେ ଏହା ଉପରେ ନିର୍ଭର କରୁଥିବା ୧୦ରୁ ଊର୍ଦ୍ଧ୍ୱ ଗ୍ରାମପଞ୍ଚାୟତ ଲୋକେ ହଇରାଣ ହେବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ ପୋଲ ତଳେ ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ନଦୀରୁ ମାଛ ଧରିବା ପାଇଁ ବେଆଇନ ବ୍ଲାଷ୍ଟିଂ କରୁଥିବାରୁ ପୋଲ ଉପରେ ଏହାର ପ୍ରଭାବ ପଡୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିବା ବେଳେ ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳି ପାରିନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ହିତାଧିକାରୀଙ୍କ ୪୯୦ କୁଇଣ୍ଟାଲ ଚାଉଳ ଆତ୍ମସାତ

**ନୂଆପଡ଼ା,୨୦।୭(ମକାରୁ ବେମାଲ)**

**ସିନାପାଲି ଥାନାରେ ଅଭିଯୋଗ କଲେ ବିଡିଓ**

ନୂଆପଡ଼ା ଜିଲା ସିନାପାଲି ବ୍ଲକରେ ପିଡିଏସ ଚାଉଳ ଦୁର୍ନୀତିକୁ ନେଇ ଚର୍ଚ୍ଚାରେ ରହି ଆସିଥିବା ବେଳେ ପୁଣି ଏକ ମହାଦୁର୍ନୀତି ନଜରକୁ ଆସିଛି। ସିନାପାଲି ସଦର ପଞ୍ଚାୟତରେ ହିତାଧିକାରୀଙ୍କ ୩ ମାସର ୪୯୦ କୁଇଣ୍ଟାଲ ଚାଉଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଚୁକ୍ତିଭିତ୍ତିକ ଯୋଗାଣ ସହାୟକ ମିଶି ଆତ୍ମସାତ କରିଥିବା ସିନାପାଲି ଥାନାରେ ବିଡିଓ ସର୍ବେଶ୍ୱର ଜାଲ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ସରକାର ହିତାଧିକାରୀମାନଙ୍କୁ ମାଗଣାରେ ପ୍ରତି ତିନି ମାସର ଚାଉଳ ଏକା ସାଙ୍ଗରେ ଆଗତୁରା ପ୍ରଦାନ କରୁଛନ୍ତି। ପ୍ରଥମେ ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚର ଚାଉଳ ପ୍ରଦାନ କରାଯାଇଥିବା ବେଳେ ପରବର୍ତ୍ତୀ ଏପ୍ରିଲ, ମେ ଓ ଜୁନ ମାସର ଚାଉଳ ହିତାଧିକାରୀଙ୍କୁ ପ୍ରଦାନ କରା ନ ଯାଇ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ସିନାପାଲି ସଦର ପଞ୍ଚାୟତ ନିର୍ବାହୀ ଅଧିକାରୀ ଚିନ୍ମୟ ବାରିକ ଓ ଚୁକ୍ତି ଭିତ୍ତିକ ଯୋଗାଣ ସହାୟକ ପୃଥ୍ୱୀରାଜ ମେହେର ମିଶି ଆତ୍ମସାତ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ସିନାପାଲି ବିଡିଓଙ୍କ ଅଭିଯୋଗ ପାଇ ପୋଲିସ ଦଫା ୪୦୯, ୩୪ ଆଇପିସିରେ ଏକ ମାମଲା (ନଂ.୧୫୬/୨୩) ରୁଜୁ କରି ତଦନ୍ତ କରୁଥିବା ଖଡିଆଳ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ପ୍ରକାଶ କରିଛନ୍ତି। ଏହାର ତଦନ୍ତ ଚାଲିଛି, ସବିଶେଷ ତଥ୍ୟ ହସ୍ତଗତ ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଡବ୍ଲ୍ୟୁଓଡିସି ସିଇଓଙ୍କ କୋକସରା ବ୍ଲକ ଗସ୍ତ

**କୋକସରା,୨୦।୭ (ଦୁଷ୍ମନ୍ତ କୁମାର ପାଟଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗସ୍ତ କରିଛନ୍ତି ଡବ୍ଲ୍ୟୁଓଡିସି ସିଇଓ ଡ଼. ଅଜିତ କୁମାର ମିଶ୍ର। ସେ ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରି ଫେରିଛନ୍ତି। ଧର୍ମଗଡ଼ରୁ କୋକସରା ବ୍ଲକକୁ ଆସି ପ୍ରଥମେ ଆମପାଣି ପଞ୍ଚାୟତର ଶିଳ୍ପୀ ଗ୍ରାମ କନ୍ଦାଗଡ଼ରେ ପହଞ୍ଚିଥିଲେ। ସେଠାରେ ଥିବା ପଥର ଖୋଦେଇ କେନ୍ଦ୍ର ପରିଦର୍ଶନ କରି କାରିଗରମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ପରେ ଆମପାଣିସ୍ଥିତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା 'କରକ' ଜଳପ୍ରପାତ ପରିଦର୍ଶନ କରିବା ସହ ଆବଶ୍ୟକ ଭିତ୍ତିଭୂମି ଉପରେ ଅନୁଦାନ ପାଇଁ ଦୃଷ୍ଟି ଦିଆଯିବା ବୋଲି କହିଛନ୍ତି। ଆମପାଣି ବୁଢ଼ରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ବୃକ୍ଷରୋପଣ କରିବା ସହିତ ବିଦ୍ୟାଳୟ ବିଭିନ୍ନ ସମସ୍ୟା ବିଷୟରେ ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗଙ୍କୁ ପଚାରି



ସିଇଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।

**ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା**

ବୁଝିଥିଲେ। ଛାତ୍ରୀଛାତ୍ରମାନେ ଅତିରିକ୍ତ ଶ୍ରେଣୀ ଗୃହ ପାଇଁ ସିଇଓଙ୍କୁ ଜଣାଇଥିଲେ। ଏହାପରେ କାଉଡୋଲା ୫-ଟି ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବ୍ଲକର ଆମପାଣି, କାଉଡୋଲା, ଛିଲିପାମାଲଠାରେ ନିର୍ମାଣାଧୀନ ପୋଖରୀ ଉନ୍ନୟନ କାର୍ଯ୍ୟ ଦେଖିବା ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ। ସିଇଓଙ୍କ ଗସ୍ତ ସମୟରେ ଜିଲା ପ୍ରକଳ୍ପ ସମୀକ୍ଷା ବିଭାଗ ଅଧିକାରୀ, ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ବିଡିଓ ଉତ୍ତମ କୁମାର ବାଗ, ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶର ପ୍ରଧାନ, କୋକସରା ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ବିଜେଡି ଦଳୀୟ କର୍ମକର୍ତ୍ତା ଆଶୁତୋଷ ପୁରୋହିତ, ଶିବରାମ ପାତ୍ରଙ୍କ ସମେତ ବ୍ଲକର କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ୬ ଦିନ ହେଲା ବିଏସ୍‌ଏନ୍‌ଏଲ୍ ନେଟୱର୍କ ନାହିଁ

**ଲାଞ୍ଜିଗଡ଼,୨୦।୭(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ପୁଣି ଥରେ ୬ ଦିନ ହେଲା ବିଏସ୍‌ଏନ୍‌ଏଲ୍ (ଭାରତ ସଞ୍ଚାର ନିଗମ ଲିମିଟେଡ୍) ନେଟୱର୍କ ନାହିଁ। ଜିଲାର ଲାଞ୍ଜିଗଡ ଏକ ଶିଳ୍ପାଞ୍ଚଳ ହୋଇଥିବା ବେଳେ ଅନେକ ଲୋକ ବିଭିନ୍ନ ପ୍ରକାର ସିମ ବ୍ୟବହାର କରିଥାନ୍ତି। ବିଏସଏନଏଲ ଏକ ପୁରୁଣା ଟେଲିକମ ହୋଇଥିବା କେତେବେଳେ ନେଟୱର୍କ ରହୁଛି ତ କେତେବେଳେ ରହୁନାହିଁ। ଅନ୍ୟ ନେଟୱର୍କ ତୁଳନାରେ ବିଏସଏନଏଲ ନେଟୱର୍କ ପ୍ରତି ମାସରେ ୫ରୁ ୬ଦିନ ନେଟୱର୍କ ଉଭାନ ହେଇଯାଏ। ସୂଚନା ଥାଉକି ଗତ ଏପ୍ରିଲରେ ୯ ଦିନ, ଗତ ମେରେ ୫ ଦିନ ଏବଂ ଜୁନରେ ମଧ୍ୟ ୫ ଦିନ ନେଟୱର୍କ ନ ଥିଲା। ଆଜକୁ ୬ ଦିନ ହେଲା ଲାଞ୍ଜିଗଡ ଏବଂ ଏହାର ଆଖପାଖ ଅଞ୍ଚଳରେ ବିଏସଏନଏଲର ନେଟୱର୍କ ନାହିଁ। ବାରମ୍ବାର ଅଭିଯୋଗ କଲେ ମଧ କୋଣସି ସୁଫଳ ମିଳୁନାହିଁ। ଏହାକୁ ନେଇ ଆନ୍ଦୋଳନ ପାଇଁ ସଜବାଜ ହେବାକୁ ବସିଲେଣ। ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନକୁ ଏଡାଇ ଦିଆ ଯାଇ ନ ପାରେ।

# ଚାକିରି ନିୟମିତ ପାଇଁ ଡ୍ରାଇଭର ସଂଘର ଦାବିପତ୍ର



ଦାବିପତ୍ର ଦେବା ପାଇଁ ଆସିଥିବା ଡ୍ରାଇଭର ସଂଘ ସଦସ୍ୟମାନେ।

**ନୂଆପଡ଼ା,୨୦।୭(ମକାରୁ ବେମାଲ)**

ନୂଆପଡା ଜିଲାରେ କାର୍ଯ୍ୟରତ ସରକାରୀ ମୋଟର ଚାଳକମାନଙ୍କ ଚାକିରୀ ନିୟମିତ କରିବା ପାଇଁ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ ମଧ୍ୟ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଓଡିଶା ମୋଟର କର୍ମଚାରୀ ସଂଘ ନୂଆପଡା ଶାଖା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାସ୍ତରୀୟ ଡ୍ରାଇଭରମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ସେଥି ମଧ୍ୟରୁ ଚୁକ୍ତିଭିତିକ, ଏନଏମଆର, ଡିଏଲଆର, ଏଚଆର ଡ୍ରାଇଭର ରହିଛନ୍ତି। ସରକାରୀଙ୍କ ନୀୟମାନୁଯାୟୀ ୬ ବର୍ଷ କାର୍ଯ୍ୟ ପରେ ନିୟମିତ ହେବାର କଥା। ହେଲେ ୨୫ରୁ ୩୦ ବର୍ଷ କରିବା ପରେ ମଧ୍ୟ ନିୟମିତ ହୋଇ ପାରୁନାହିଁ। କମ ଦରମାରେ ପରିବାର ପ୍ରତିପୋଷଣ କରିବା କଷ୍ଟ ହେଉଛି। ଏକ ମାସ ମଧ୍ୟରେ ଆମ ଦାବି ପୁରଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଓଡିଶା ମୋଟର କର୍ମଚାରୀ ସଂଘ ନୂଆପଡା ଶାଖା ପକ୍ଷରୁ ଚେତାବନୀ ଦିଆଯାଇଛି। ସରକାରୀ ମୋଟର କର୍ମଚାରୀ ସଂଘ ନୂଆପଡା ସଭାପତି ପ୍ରମାନନ୍ଦ ବେମାଲ, ସମ୍ପାଦକ ସୁନିଲ କୁମାର ହୋତା, ଦୁର୍ବଦଳ ଦଣ୍ଡସେନା, ସପ୍ନେଶ୍ୱର ଯୋଶୀ, ବାସୁଦେବ ମେହେର, ସଞ୍ଜିବ କୁମାର ନାଏକ, ଦୁଶାସନ ପୁଞ୍ଜି, ଲକ୍ଷ୍ମୀଧର କେତକି, ଧୋବଲେଶ୍ୱର ବିଭାର ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିତୀୟ ଦିନରେ ତହସିଲ ସମ୍ମୁଖରେ ଚାଷୀଙ୍କ ଧାରଣା

**ଭବାନୀପାଟଣା,୨୦।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା କଲମପୁର ବ୍ଲକ କୋଟାଗାଁ ମଣ୍ଡିର ପରିଚାଳନା ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ପରିବର୍ତ୍ତେ ପ୍ରାଥମିକ କୃଷି ସମବାୟ ସମିତିକୁ ପ୍ରଦାନ କରିବା ଓ ରବିରତୁରେ ଧାନ ବିକ୍ରି କରିଥିବା ଚାଷୀଙ୍କ ପ୍ରାପ୍ୟ ପ୍ରଦାନ ଦାବି ନେଇ ବୁଧବାର ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ତାଲା ପକାଇ ଚାଲିଥିବା ଚାଷୀଙ୍କ ଗଣଧାରଣା ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ହିମାଂଶୁ ଶେଖର ମେହେର, ସୁଧୀର ପଟ୍ଟଯୋଶୀ ଓ ବରିଷ୍ଠ କଂଗ୍ରେସ ନେତା ଦିଗାମ୍ବର ଦୁରିଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଗଣଧାରଣାରତ ଚାଷୀଙ୍କ



ଦ୍ୱିତୀୟ ଦିନରେ ତହସିଲ ସମ୍ମୁଖରେ ଚାଷୀଙ୍କ ଗଣଧାରଣା।

**ପ୍ରାଥମିକ କୃଷି ସମବାୟ ସମିତିକୁ ଧାନ କିଣା ଦାୟିତ୍ୱ ଦିଆଯାଉ**

ଆନ୍ଦୋଳନରେ ସାମିଲ ହୋଇଥିଲେ। ଚାଷୀଙ୍କ ନ୍ୟାର୍ଯ୍ୟ ଦାବି ପୂରଣ କରିବା ପାଇଁ ସେମାନେ ପ୍ରଶାସନଠାରେ ଦାବି କରିଥିଲେ। ଧର୍ମଗଡ଼ ଏଆରସିଏସ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇ ପାରିନାହିଁ। ଧର୍ମଗଡ଼ ଏସଡିପିଓ ଧୀରଜ ଚୋପଦାର ମଧ୍ୟ ଆନ୍ଦୋଳନକାରୀ ଚାଷୀମାନଙ୍କୁ ବୁଝାଇବା ସହ ଆଇନକୁ ହାତକୁ ନ ନେବା ପାଇଁ ଆଲୋଚନା କରିଥିଲେ। ଏପଟେ ଘଟଣାସ୍ଥଳରେ କୌଣସି ଅପ୍ରିତିକର ପରିସ୍ଥିତି ଯେମିତି ନ ଘଟେ ସେଥିପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଖବର ଲେଖାଯିବା ଯାଏ କୌଣସି ସମାଧାନ ହୋଇ ନାହିଁ। ବର୍ତ୍ତମାନ ବି ଆନ୍ଦୋଳନ ଜାରି ରହିଛି।

# ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଲାଞ୍ଜିଗଡ଼,୨୦।୭(ରମେଶ ଚନ୍ଦ୍ର ନାୟକ)**

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ଜଗନ୍ନାଥପୁରରେ ଜଣେ ମହିଳାଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ଶାଶୁଘର ଲୋକେ ସୂଚନା ଦେଇଥିବାବେଳେ ନିର୍ଯାତନା ଦେଇ ହତ୍ୟା କରିଥିବା ନେଇ ଅଭିଯୋଗ ଆଣିଛନ୍ତି ମୃତକଙ୍କ ପରିବାର ଲୋକେ। ଏ ନେଇ ଲାଞ୍ଜିଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବାବେଳେ ମୃତ ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ପୋଲିସ ପଚରାଉଚୁରା କରୁଛି। ସୂଚନାନୁଯାୟୀ, ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ମସ୍କାପଦର ଗାଁର ମିତା ହରିଜନଙ୍କୁ ଜଗନ୍ନାଥପୁରର ପ୍ରଶାନ୍ତ ଦୁର୍ଗା ନାମକ ଜଣେ ଯୁବକ ବିବାହ କରିଥିଲେ। ବିବାହ ପରଠୁ ତାଙ୍କୁ ନିର୍ଯାତନା ଦିଆଯିବା ସହ ସ୍ୱାମୀ ପ୍ରଶାନ୍ତ ମାରଧର କରୁଥିବା ନେଇ ଝିଅଘର ଲୋକେ ଏତଲାରେ ଦର୍ଶାଇଛନ୍ତି। ବୁଧବାର ତାଙ୍କୁ ମାରଧର କରିଥିବାବେଳେ ଗୁରୁବାର ଶାଶୁଘର ଲୋକେ ମିତାଙ୍କୁ ବିଷ ପିଆଇ ମାରି ଦେଇଥିବା ନେଇ ଅଭିଯୋଗ କରିଛନ୍ତି। ଲାଞ୍ଜିଗଡ଼ ଥାନାଧିକାରୀ ଉତ୍ତମ କୁମାର ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଏ ନେଇ ଥାନାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଖଇରାଗୁଜିଆ ଡଙ୍ଗରରେ ମଞ୍ଜିବୁଣା କାର୍ଯ୍ୟକ୍ରମ

**ନୂଆପଡ଼ା,୨୦।୭(ମକାରୁ ବେମାଲ)**

ନୂଆପଡା ଜିଲା ବୋଡେନ ବ୍ଲକ ଖଇରା ପଞ୍ଚାୟତ ଗାଁ ପାଖ ଗୁଜିଆ ଡଙ୍ଗରରେ ମଞ୍ଜିବୁଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତି ବନ୍ଧୁ ଅରୁଣ ବିଶ୍ୱାଳ ମଞ୍ଜି ବୁଣା କାର୍ଯ୍ୟକ୍ରମ କରି ଯୁବ ଅନୁଷ୍ଠାନ, ଗ୍ରାମବାସୀ, ସ୍ୱୟଂ ସହାୟକ ମହିଳା ଗୋଷ୍ଠି, ସାମାଜିକ କର୍ମୀମାନଙ୍କ ସାହାଯ୍ୟରେ ଜଙ୍ଗଲକୁ ଯାଇ ବିଭିନ୍ନ ପ୍ରକାର ଫଳ ଗଛ ମଞ୍ଜି ବୁଣୁଛନ୍ତି। ମଞ୍ଜି ବୁଣିବାର ଯଥାର୍ଥ ହେଲା ବର୍ତ୍ତମାନ ଜଙ୍ଗଲ ସବୁ ସଫା ହୋଇ ଗଲାଣି। ଯେଉଁ ସବୁ ଗଛ ରହିଅଛି ଫଳ ଗଛ ନାହିଁ। ଜଙ୍ଗଲରେ ବାସ କରୁଥିବା ପଶୁପକ୍ଷୀ ପାଇଁ ଖାଦ୍ୟାଭାବ ଦେଖା ଗଲାଣି। ସେଥିପାଇଁ ଚାରା ପରିବର୍ତ୍ତେ ମଞ୍ଜି ବୁଣାଯାଉଛି। କେବଳ ଫଳ ଗଛ ମଞ୍ଜି ବୁଣାଯାଉଛି। ସେଥିରେ ଘୋଳି ଜାମୁନ ମଞ୍ଜିର ମାତ୍ରା ଅଧିକ ରହିଛି। ଘୋଳି ଜାମୁନଙ୍କୁ ଅଧିକାଂଶ ପଶୁ ଖାଇବା ସହ ପକ୍ଷୀ ମଧ ଖାଇଥାନ୍ତି। ମଞ୍ଜି ବୁଣା କାର୍ଯ୍ୟକ୍ରମରେ ଖଇରା ସରପଞ୍ଚ କୈଳାସ ଚନ୍ଦ୍ର ଦଳ, ନୂତନ ଛତ୍ରିଆ, ଗିରିଧାରୀ ଦଳ, କ୍ଷମା ହଂସ, ପ୍ରସନ୍ନ ବେମାଲ ଓ ବନ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଶ୍ୱାଳଙ୍କ ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।



ମଞ୍ଜି ବୁଣା ସମୟରେ ଉପସ୍ଥିତ ବ୍ୟକ୍ତି।

# ବିନା ହେଲମେଟରେ ପେଟ୍ରୋଲ ନ ଦେବା ଉପରେ ଗୁରୁତ୍ୱ

**ନୂଆପଡ଼ା,୨୦।୭(ମକାରୁ ବେମାଲ)**

**ଜିଲା ସଡକ ସୁରକ୍ଷା କମିଟି ବୈଠକ**

■ବୁଲା ଗୋରୁଙ୍କୁ ନିୟନ୍ତ୍ରଣ ପାଇଁ ପରିବହନ ବିଭାଗର ପ୍ରସ୍ତାବ

ନୂଆପଡା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ସଡକ ସୁରକ୍ଷା କମିଟି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସାଏଙ୍କ ଅଧ୍ୟକ୍ଷତାରେ ଆଞ୍ଚଳିକ ପରିବହନ ଅଧିକାରି ମାନା ସିଂ, ମୋଟର ଭାଇକିଲ ଇନ୍ସପେକ୍ଟର ବିଜୟ କୁମାର ବେହୁରିଆ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଳା, ଟ୍ରାଫିକ ସବଇନ୍ସପେକ୍ଟର ପ୍ରଜ୍ଞାପରିମିତା ଭୋଳ, ଖରିଆର ରୋଡ ଏନ୍‌ଏସି ନିର୍ବାହୀ ଅଧିକାରୀ କମଳାସନ ରଥ, ଅବକାରୀ ଇନ୍ସପେକ୍ଟର ହିରାବତି ଥାଟି ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଦେଇ ଯାଇଥିବା ୩୫୩ ନମ୍ବର ଜାତୀୟ ରାଜପଥ, ବିଜୁ ଏକ୍ସପ୍ରେସ ୱେର ସୁରକ୍ଷା ନେଇ ବିଶେଷ ଆଲୋଚନା ହୋଇଥିଲା। ନୂଆପଡାଠାରୁ ଖରିଆର ରୋଡ ପର୍ଯ୍ୟନ୍ତ ଜାତୀୟ ରାଜପଥ ଉପରେ ୩ଟି ବ୍ଲାକ ସ୍ପଟ ଚିହ୍ନଟ କରାଯାଇଛି ବୋଲି ମୋଟର ଭାଇକିଲ ଇନ୍ସପେକ୍ଟର ବେହୁରିଆ ସୂଚନା ଦେଇଥିଲେ। ନୂଆପଡା ପଟୁ ଖରିଆର ରୋଡ ଯିବା ରାସ୍ତା ଉପରେ ବଡ ବଡ ସ୍ପିଡ ବ୍ରେକର କାରଣରୁ ଅନେକ ସମୟରେ ଦୁର୍ଘଟଣା ଘଟିଯାଉଛି। ତାକୁ ତୁରନ୍ତ ପ୍ରତ୍ୟାହାର କରି ସେଠାରେ ରମ୍ବଲର ଲଗାଇବା ସହ ସଚେତନ ବୋର୍ଡ ଲଗାଇବା ପାଇଁ ଜିଲାପାଳ ଜାତୀୟ ରାଜପଥ ସହକାରୀ ଯନ୍ତ୍ରୀ ସପନ କୁମାର ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲା ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେରେ



ବୈଠକରେ ଉପସ୍ଥିତ ଅଧିକାରୀବୃନ୍ଦ।

ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଥିବାରୁ ଏହାକୁ ନେଇ ଉଦବେଗ ପ୍ରକାଶ କରିବା ସହ ତାର ନିରାକରଣ ଦିଗରେ କ'ଣ ସବୁ ପଦକ୍ଷେପ ନିଆଯାଇଛି ଜଲାପାଳ ଜାଣିବାକୁ ଚାହିଁଥିଲେ। ବିଜୁ ଏକ୍ସପ୍ରେସ ୱେରେ ଡିଭାଇଡର ପାସ ନିକଟରେ କୌନସି ସଙ୍କେତ ଦିଆଯାଇନାହିଁ କିମ୍ବା ରେଟୋରିଫ୍ଲେକ୍ଟର ମଧ୍ୟ ଲଗାଯାଇନାହିଁ। ସେହି ସ୍ଥାନରେ ମେଡିଆନ ପେଟିଂ ବା କଳା, ଧଳା ମାର୍କିଂ କରିବା ରମ୍ବଲର ଦେବା ଉପରେ ସଭାରେ ମତ ପ୍ରକାଶ ପାଇଥିଲା। ବିଜୁ ଏକ୍ସପ୍ରେସ ୱେରେ ମେଡିଆନ ପେଟିଂ କରିବା, ସିସି ଟିଭି କ୍ୟାମେରା ଲଗାଇବା, ରିଫ୍ଲେକ୍ଟର ଟେପ ଲଗାଇବା ଓ ସଚେତନ କରିବା ବାବଦକୁ ପ୍ରାୟ ୩୦ ଲକ୍ଷ ୩୬ ହଜାର ଟଙ୍କା ବ୍ୟୟ ଅଟକଳ କରି ସରକାରଙ୍କ ଅନୁମୋଦନ ପାଇଁ ଯାଇଥିବା ଅବଗତ କରାଯାଇଥିଲା। ଏହାସହ ବିଭିନ୍ନ ସ୍ଥାନରେ ଗାଡି ଯାଞ୍ଚ, ବିନା ହେଲମେଟରେ ପେଟ୍ରୋଲ ନ ଦେବା ଆଦିକୁ କଡାକଡି ପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲାର ୩ଟି ଏନ୍‌ଏସି, ଜାତୀୟ ରାଜପଥ, ବିଜୁ ଏକ୍ସପ୍ରେସ ୱେ ଉପରେ ବୁଲା ଗାଈଗୋରୁଙ୍କୁ ନିୟନ୍ତ୍ରଣ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା।

## ସଂକ୍ଷେପରେ

### ପ୍ରୀତମ ମେହେର ହାଉସିଂ ବୋର୍ଡ ସଦସ୍ୟ ମନୋନୀତ



**ପଦ୍ମପୁର,୨୦।୭(ପ୍ରଦୀପ୍ତ ଦାଶ):** ପଦ୍ମପୁରର ଯୁବନେତା ପ୍ରୀତମ ମେହେର ଓଡିଶା ରାଜ୍ୟ ହାଉସିଂ ବୋର୍ଡର ସଦସ୍ୟଭାବେ ମନୋନୀତ ହୋଇଥିବାରୁ ଅଞ୍ଚଳରେ ଆନନ୍ଦର ଲହରୀ ଖେଳି ଯାଇଛି। ଓଡିଶା ଗୃହ ନିର୍ମାଣ ଓ ସହରାଞ୍ଚଳ ଉନ୍ନୟନ ବିଭାଗ ପତ୍ର ସଂଖ୍ୟା ଏଚୟୁଡି-ଏଚୟୁ-ଏଡିଏମ୍-୦୦୦୫-୨୦୨୨/୧୧୩୩/ଏଚୟୁଡି ଅନୁସାରେ ତାଙ୍କୁ ନିଯୁକ୍ତି ପତ୍ର ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ସୁଶାନ୍ତ ସିଂହ ଓ ଜିଲା ପ୍ରଭାରୀ ସୁଧିର ସାମଲଙ୍କୁ ମେହେର କୃତଜ୍ଞତା ଜଣାଇଛନ୍ତି।

### ୧୩ରେ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ପଦ୍ମପୁର,୨୦।୭ (ପ୍ରଦୀପ୍ତ ଦାଶ):** ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନର ୧୯୮୧ରୁ ଅଦ୍ୟାବଧି ଉତ୍ତିର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଙ୍କ ବନ୍ଧୁମିଳନ ପବିତ୍ର ନୃସିଂହନାଥରେ ଅଗଷ୍ଟ ୧୩ରେ ଅନୁଷ୍ଠିତ ହେବ। ଏନେଇ ଏକ ବୈଠକ ଡା. ପ୍ରଦୀପ ଦୋରାଙ୍କ ସଭାପତିତ୍ୱରେ ପଦ୍ମପୁର ଠାରେ ଅନୁଷ୍ଠିତ ହୋଇଥିଲା। ଡ. ଚୈତନ୍ୟ ସାହୁ, ଡ.ଦେବଦତ୍ତ ମହାନ୍ତି, ଡ.ଚିତ୍ତରଞ୍ଜନ ସାହୁ, ଡ. ସାଲେଗ୍ରାମ ସାହା, ଡ.ଯୋଗେନ୍ଦ୍ର ପ୍ରଧାନ, ଡ.ମନୋରଞ୍ଜନ ଦେବତା, ଡ.ଲମ୍ବୋଦର ପଣ୍ଡା, ଡ. ଚିତ୍ତରଞ୍ଜନ ଦାନୀତା, ନାରାୟଣ ପୁରୋହିତ ଉପସ୍ଥିତ ଥିଲେ। ସମସ୍ତ ପୁରାତନ ଛାତ୍ରୀଛାତ୍ର ନଂ. ୮୪୩୭୨୫୬୬୫୫ରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି। ସେହିଦିନ କର୍ମକର୍ତ୍ତା ଚୟନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

### ଦଲିଲ ଲେଖକ ମହାସଂଘ ସଭାପତିଙ୍କ ପରଲୋକ

**ବରଗଡ଼,୨୦।୭(ପ୍ରେମାନନ୍ଦ ଖମାରୀ):** ପଶ୍ଚିମ ଓଡ଼ିଶା ଦଲିଲ ଲେଖକ ମହାସଂଘ ସଭାପତି ଭବାନୀ ଶଙ୍କର ଦାଶଙ୍କ ପରଲୋକ ହୋଇଛି। ତାଙ୍କ ପରଲୋକରେ ବରଗଡ଼ ଜିଲା ଦଲିଲ ଲେଖକ ସଂଘ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି। ସଂଘ ସଭାପତି ଆନନ୍ଦ ମହାପାତ୍ର, ସମ୍ପାଦକ ପଞ୍ଚାନନ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟବୃନ୍ଦ ବରଗଡ଼ କଚେରୀ ପରିସରରେ ଉପସ୍ଥିତ ରହି ନୀରବ ପ୍ରାର୍ଥନା ସହିତ ସ୍ୱର୍ଗତ ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ସ୍କୁଲ ପରିଚାଳନା ପରିଷଦ ଗଠିତ

**ଅମରପାଲି,୨୦।୭(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ୫-ଟି ହାଇସ୍କୁଲର ନୂତନ ସ୍କୁଲ ପରିଚାଳନା ପରିଷଦ ବୁଧବାର ଗଠିତ ହୋଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା ପରିଷଦର ସମସ୍ତ ସଦସ୍ୟାସଦସ୍ୟ ଯୋଗ ଦେଇଥିଲେ। ଗତ ସୋମବାର ସ୍କୁଲ ପରିଚାଳନା ପରିଷଦର ସଭ୍ୟାସଭ୍ୟ ଚୟନ କରାଯାଇଥିଲା। ବୁଧବାର ସମସ୍ତ ସଭ୍ୟାସଭ୍ୟଙ୍କ ଉପସ୍ଥିତିରେ ସର୍ବସମ୍ମତି କ୍ରମେ ସ୍କୁଲ ପରିଚାଳନା ପରିଷଦ ସଭାପତି ଓ ଉପସଭାପତି ଚୟନ କରାଯାଇଛି। ସ୍କୁଲ ପରିଚାଳନା ପରିଷଦରେ ସୁଦାମ ମେହେର, କାର୍ତ୍ତିକ ମେହେର, ସଦାନନ୍ଦ ମହାନନ୍ଦ, ଗୋପାଲ ବେହେରା, ଦୁର୍ଯ୍ୟୋଧନ ନାଏକ, ପ୍ରଦ୍ୟୁମ୍ନ ପୋଢ, ରିଙ୍କି ସାହୁ, ଲକ୍ଷ୍ମୀପ୍ରିୟା ଭୋଇ, ଇନ୍ଦିରା ଦାଶ, ଭଗବତୀ ମେହେର, କୁନି ରାଜହଂସ, ଗୀତାଞ୍ଜଳୀ ବେହେରା ପ୍ରମୁଖ ସଭ୍ୟାସଭ୍ୟ ଭାବେ ଚୟନ ହୋଇଥିଲେ। ଉକ୍ତ ସଭ୍ୟାସଭ୍ୟମାନେ ସର୍ବସମ୍ମତି କ୍ରମେ ସଦାନନ୍ଦ ମହାନନ୍ଦଙ୍କୁ ପରିଚାଳନା ପରିଷଦର ସଭାପତି ଏବଂ ରିଙ୍କି ସାହୁଙ୍କୁ ଉପସଭାନେତ୍ରୀ ଭାବେ ଚୟନ କରିଛନ୍ତି।

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**ବାଉଁଶୁଣୀ,୨୦।୭(ଦେବାଶିଷ ନେପାକ):** ବୌଦ୍ଧ ଜିଲା ମନମୁଣ୍ଡା ଥାନା ଗୁଦୁଗୁଦା ଜାମ୍ବନାଲ ନିକଟରେ ଥିବା ଏକ ଗଛରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି । ସ୍ଥାନୀୟ ଲୋକେ ଗଛରେ ବୃଦ୍ଧଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ। ଏହା ହତ୍ୟାକାଣ୍ଡ କିମ୍ବା ଆତ୍ମହତ୍ୟା ଜଣାପଡ଼ିନାହିଁ। ବୃଦ୍ଧଙ୍କ ପରିଚୟ ମିଳିନାହିଁ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ପାଟ୍ରୋଲିଂ ଢିଲା, ବଢୁଛି ଅପରାଧ

**ବରଗଡ଼,୨୦।୭(ପ୍ରେମାନନ୍ଦ ଖମାରୀ)**


ବରଗଡ଼ ସହରରେ ରହିଥିବା ଫାଣ୍ଡି ନଂ-୧ରେ ତାଲା ଝୁଲୁଛି ।

- ଜୋର୍ ଧରିଛି ନିଶା ଓ ସଟ୍ଟା କାରବାର
- ପୁରୁଣା ପୋଲିସ ଫାଣ୍ଡିରେ ଝୁଲୁଛି ତାଲା
- ଛକ ଜଗିଛି ପୋଲିସ, ଗଳିରେ ଅପରାଧ

ବରଗଡ଼ ସହର ଅପରାଧୀଙ୍କ ଆଖଡ଼ାସ୍ଥଳୀ ପାଲଟିଛି। ଛୋଟ ବଡ଼ ଚୋରି, ଲୁଟ୍‌ଠାରୁ ଆରମ୍ଭ କରି ହତ୍ୟାକାଣ୍ଡ ଭଳି ଅପରାଧ ଘଟୁଛି। କଥାକଥାକେ ଲୋକଙ୍କୁ ହତ୍ୟା କରାଯାଉ ଥିବାବେଳେ ଦିନ ଦ୍ୱିପ୍ରହରରେ ମୋବାଇଲ, ସାଇକେଲ, ବାଇକ୍ ଚୋରି ହେଉଛି। ସେହପରି ରାତିରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଚୋରି କରୁଛନ୍ତି । ଗତ ସପ୍ତାହକ ମଧ୍ୟରେ ଏଠାରେ ୨ଜଣ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇ ଥିବାବେଳେ ଗୋଟିଏ ରାତିରେ ଶାନ୍ତି ନଗରରେ ଘର ତାଲା ଭାଙ୍ଗି ଚୋରି ହେବା ସହିତ ୨ଟି ବାଇକ୍ ଚୋରି ହୋଇଛି। ସହରରେ ଚାଲିଥିବା ନିଶା ଏବଂ ସଟ୍ଟା କାରବାର ଯୋଗୁ ଏଠାରେ ଅପରାଧ ବଢ଼ି ଚାଲିଛି। ପୋଲିସର ଢିଲା ପାଟ୍ରୋଲିଂର ସୁଯୋଗ ନେଇ ଅପରାଧୀମାନେ ସକ୍ରିୟ ହୋଇ ପଡ଼ିଥିବା ମତପ୍ରକାଶ ପାଇଛି ।

ବରଗଡ଼ ସହରରେ ଜିଲା ପୋଲିସ ମୁଖ୍ୟାଳୟ, ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମେତ ଟାଉନ ଥାନା ରହିଛି। ସହରର ପୂର୍ବପଟେ ବରାହଗୋଡ଼ା ଟୋଲପ୍ଲାଜା ନିକଟରେ ଗ୍ରାମାଞ୍ଚଳ ଥାନା ଥିବାବେଳେ ପଶ୍ଚିମପଟେ ଅନତି ଦୂରରେ ସଦର ଥାନା ରହିଛି। ସହର ମଧ୍ୟରେ ୨ ପୋଲିସ ଫାଣ୍ଡି ମଧ୍ୟ ରହିଛି। ଲମ୍ବା ବିଲ୍ଡିଂ-ଭଟଲି ଛକ ରାସ୍ତାପାର୍ଶ୍ୱରେ ଫାଣ୍ଡି ନଂ-୧ ରହିଥିବାବେଳେ ଜିଲାପାଳ ଏବଂ ଏସ୍‌ପିଙ୍କ ଆବାସିକ କାର୍ଯ୍ୟାଳୟ ରାସ୍ତାପାର୍ଶ୍ୱରେ ଫାଣ୍ଡି ନଂ-୨ ରହିଛି। ସେହିପରି ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରାଫିକ୍ ଟାୱାର ରହିଛି। ଏଭଳି ଥାନା, ଫାଣ୍ଡିଠାରୁ ଆରମ୍ଭ କରି ପୋଲିସ ମୁଖ୍ୟାଳୟ ରହିଥିବା ସତ୍ତ୍ୱେ ସହରରେ ଅପରାଧୀମାନେ ପୋଲିସକୁ ଚ୍ୟାଲେଞ୍ଜ କଲା ଭଳି ଦିନକୁ ଦିନ ଅଧିକ ସକ୍ରିୟ ହୋଇ ପଡୁଛନ୍ତି। ପୋଲିସ ସହରର କେତେକ ନିର୍ଦ୍ଦିଷ୍ଟ ଛକ ସ୍ଥାନରେ ଜଗି ରହି ରାତ୍ରିକାଳୀନ ପାଟ୍ରୋଲିଂ କରୁଛନ୍ତି। ଅନ୍ୟପଟେ ସହରର ଗଳିକନ୍ଦି, ଖୋଲା ପଡ଼ିଆକୁ ନିରାପଦ ସ୍ଥାନ ଭାବି ଅପରାଧୀମାନେ ସେଠାରେ ସଟ୍ଟା, ନିଶା କାରବାରଠାରୁ ଆରମ୍ଭ କରି ଚୋରି, ହତ୍ୟା ଭଳି ଅପରାଧ ଯୋଜନା କରୁଛନ୍ତି।

ସହରର ବିଭିନ୍ନ ଗଳିକନ୍ଦିରେ କଫ ସିରପ୍ ବୋତଲ ପଡ଼ି ରହିଛି। ଏପରିକି ଏସ୍‌ପି ଅଫିସ କାନ୍ଥକୁ ଲାଗି ପୌର କାର୍ଯ୍ୟାଳୟ ପଟକୁ ଯାଇଥିବା ଗଳିରାସ୍ତା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ସେଠାରେ ମଧ୍ୟ ବହୁ ପରିମାଣର କଫ ସିରପ୍ ବୋତଲ ପଡ଼ି ରହିଥିବା ପରିଲକ୍ଷିତ ହୋଇଛି। ସେହିପରି ଜର୍ଜ ହାଇସ୍କୁଲ ପଡ଼ିଆ, ନୂଆ ଜିରା ବ୍ରିଜ ନିକଟ, ରେଳ ଷ୍ଟେଶନ ରାସ୍ତା, ପାଣିଛତର ଓଭରବ୍ରିଜ, କଟାପାଲି ରାସ୍ତା, ସହର ଉପକଣ୍ଠରେ ଯାଇଥିବା ଫୋରଲେନ୍ ରାସ୍ତାରେ ଦ୍ୱିପ୍ରହର ଏବଂ ସନ୍ଧ୍ୟା ସମୟରୁ ରାତି ପର୍ଯ୍ୟନ୍ତ ମେଳି କରି ସେଠାରେ ନିଶା କାରବାର ଚାଲୁଥିବା ଅଭିଯୋଗ ହେଉଛି।

ସହରରେ ଏଭଳି ଅପରାଧ ବଢ଼ି ଚାଲିଥିବାବେଳେ ପୋଲିସ ପାଟ୍ରୋଲିଂ ମଧ୍ୟ ଦିନକୁ ଦିନ ଢ଼ିଲା ହୋଇ ଯାଉଥିବା ପରିଲକ୍ଷିତ ହେଉଛି। ଧର୍ମକୁ ଆଖିଠାର ଭଳି ପିସିଆର୍ ପଇଁତରା ମାରୁଛି। ହେଲେ ପୂର୍ବଭଳି ଆଉ ପିସିଆର୍ ବାଇକ୍ ସହରରେ ବୁଲୁଥିବା ଦେଖିବାକୁ ମିଳୁନାହିଁ। ସେହିପରି ସହରରେ ରହିଥିବା ଫାଣ୍ଡି ନଂ-୧ରେ ପୂର୍ବରୁ ପୋଲିସ କର୍ମଚାରୀମାନେ ଅବସ୍ଥାନ କରି ରାତ୍ରିକାଳୀନ ପାଟ୍ରୋଲିଂ ପାଇଁ ବାହାରୁଥିଲେ। କିନ୍ତୁ ଉକ୍ତ ଫାଣ୍ଡିରେ ଏବେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ସେହିପରି ସହରରେ ଅପରାଧୀମାନେ ସକ୍ରିୟ ହେଲେ ପୂର୍ବରୁ ପୋଲିସ ବିଭିନ୍ନ ଛକ ସ୍ଥାନରେ ନାକା ବନ୍ଦୀ କରି ଯାଞ୍ଚ କରୁଥିଲା। କିନ୍ତୁ ତାହା ମଧ୍ୟ ଆଉ ହେଉନାହିଁ। ଏଭଳି ଢିଲା ପାଟ୍ରୋଲିଂର ସୁଯୋଗ ନେଇ ସହରରେ ଅପରାଧୀମାନେ ପୂର୍ବାପେକ୍ଷା ଅଧିକ ସକ୍ରିୟ ହୋଇ ପଡ଼ିଛନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ନୂତନ ଅଙ୍ଗନୱାଡି କୋଠା ଉଦ୍‌ଘାଟିତ

**ଅମରପାଲି,୨୦।୭(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅଡାଲ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର -୩ର ନୂତନ କୋଠାଘର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଏବଂ ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ବ୍ଲକ ଅଙ୍ଗନୱାଡି ସଂଘ ସଭାନେତ୍ରୀ ମମତା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଅନୁସୟା ଜଗଦାଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ କେନ୍ଦ୍ରରେ ୩୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ପୂର୍ବରୁ ଏକ ଭଙ୍ଗାଘରେ ପାଠପଢା ଚାଲୁଥିଲା। ୨୦୧୭ ମସିହାରୁ ନୂତନ ଅଙ୍ଗନୱାଡି କୋଠା ନିର୍ମାଣ ସରିଥିଲେ ମଧ ତାହା ହସ୍ତାନ୍ତର ହୋଇ ନ ଥିଲା। ବ୍ଲକ ଉପାଧ୍ୟକ୍ଷ ଓ ବ୍ଲକ ଅଙ୍ଗନୱାଡି ସଂଘର ସଭାନେତ୍ରୀଙ୍କ ପ୍ରଚେଷ୍ଟାରେ ଉକ୍ତ କେନ୍ଦ୍ର ହସ୍ତାନ୍ତର ହେବା ସହିତ ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ଉତ୍ସବରେ ଅଙ୍ଗନୱାଡି କେନ୍ଦ୍ରର ପରିଚାଳନା କମିଟି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ଯୁବକଙ୍କୁ ହତ୍ୟା, ୩ ସନ୍ଦିଗ୍ଧ ଅଟକ

**ସପ୍ତାହକରେ ସହରରେ ୨ ହତ୍ୟାକାଣ୍ଡ**

**ବରଗଡ଼,୨୦।୭(ପ୍ରେମାନନ୍ଦ ଖମାରୀ)**


ଘଟଣାସ୍ଥଳରେ ସନ୍ଧାନୀ କୁକୁର ଧରି ପୋଲିସ ତଦନ୍ତ କରୁଛି।


ଘଟଣାସ୍ଥଳରୁ ଜବତ ହୋଇଥିବା ଛୁରି ।

ବରଗଡ଼ ସହରର ମାଲପଡ଼ା (ଭୁର୍ସୁନବନ୍ଧ) ନିକଟରେ ବୁଧବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ବରଗଡ଼ ସହର ନିଲିବନ୍ଧ ପଡ଼ାର ରାଜୁ ଓରଫ ରାକେଶ ପ୍ରଧାନ(୧୯)। ପୋଲିସ ଘଟଣାସ୍ଥଳରୁ ଏକ ଛୁରି ଓ ମୋବାଇଲ ଜବତ କରିଛି। ଏ ନେଇ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୪୮୦/୨୩) ରୁଜୁ କରିଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ପୋଲିସ ଏହି ଘଟଣାରେ ୩ ସନ୍ଦିଗ୍ଧ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି। ସନ୍ଦିଗ୍ଧ ଯୁବକମାନେ ମୃତକଙ୍କ ସାଙ୍ଗ ଏବଂ ତାଙ୍କ ସହିତ ଅଧିକ ମିଳାମିଶା କରୁଥିଲେ ବୋଲି ଆଲୋଚନା ହେଉଛି। ଘଟଣା ନେଇ ତଦନ୍ତ ଜାରି ରହିଛି ବୋଲି ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ କହିଛନ୍ତି।

ପ୍ରକାଶ ଯେ, ଚନ୍ଦ୍ରକାନ୍ତ ପ୍ରଧାନଙ୍କ ପରିବାର ଲୋକେ ପଦ୍ମପୁର ଅଞ୍ଚଳରୁ ଆସି ବରଗଡ଼ ସହରରେ ଭଡ଼ାଘରେ ଦୀର୍ଘଦିନ ହେଲା ରହୁଛନ୍ତି। ସେମାନେ ଅନ୍ୟର କାମ କରି ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। ତେବେ ଗତବର୍ଷ ଚନ୍ଦ୍ରକାନ୍ତଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ତ୍ରୀ ଭୂମିସୁତା ୨ପୁଅ, ୧ଝିଅଙ୍କୁ ଧରି ନିଲିବନ୍ଧ ପଡ଼ାର ଏକ ଭଡ଼ାଘରେ ରହୁଥିଲେ। ବଡ଼ପୁଅ ରାଜୁ ହେମାଲି କାମ କରୁଥିଲେ ଏବଂ ଭୂମିସୁତା ମଧ୍ୟ ଶ୍ରମିକ କାମ କରି ପରିବାର ଚଳାଉଥିଲେ। ବୁଧବାର ସନ୍ଧ୍ୟାରେ ରାଜୁ ବାହାରୁ ଆସୁଛି କହି ଘରୁ ଯାଇଥିଲେ ମଧ ଆଉ ଫେରି ନ ଥିଲେ ବୋଲି ଭୂମିସୁତା କହିଛନ୍ତି। ଅପରପକ୍ଷେ ଭୁର୍ସୁନବନ୍ଧ ନିକଟ ଏକ ନିର୍ମାଣାଧୀନ ଘର ପାଖରେ ରାଜୁଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଗୁରୁବାର ସକାଳୁ ଦେଖିବାକୁ ମିଳିଥିଲା। ଖବର ପାଇ ଟାଉନ ଥାନା ଆଇଆଇସି କଣ୍ଡାନକେଲ ସଦଳବଳ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ପୋଲିସ ତାହା ଏକ ହତ୍ୟାକାଣ୍ଡ ବୋଲି ଜାଣିପାରି ତଦନ୍ତକୁ ଆଗେଇଥିଲା। ଘଟଣାସ୍ଥଳରୁ ଛୁରି ଏବଂ ମୋବାଇଲ ଜବତ କରିବା ସହିତ ସନ୍ଧାନୀ କୁକୁରର ଗତିବିଧି ଲକ୍ଷ୍ୟ କରି ପୋଲିସ ୩ ସନ୍ଦିଗ୍ଧଙ୍କୁ ଥାନାକୁ ଆଣି ଅଟକ ରଖିଛି। ସୂଚନାଯୋଗ୍ୟ, ଗତ ସପ୍ତାହକ ମଧ୍ୟରେ ସହରରେ ୨ଟି ହତ୍ୟାକାଣ୍ଡ ଘଟିବା ସାଧାରଣରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ ସହିତ ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇପଡ଼ିଛି। ତେବେ ପୋଲିସ ଅଟକ ରଖିଥିବା ଯୁବକଙ୍କଠାରୁ ହତ୍ୟାକାଣ୍ଡର ଖିଅ ପାଇ ସାରିଥିବା ଚର୍ଚ୍ଚା ଚାଲିଛି। ପ୍ରକାଶଥାଉକି, ଗତ ୧୪ତାରିଖରେ ବରଗଡ଼ ସହରରେ ଅନ୍ୟ ଏକ ହତ୍ୟାକାଣ୍ଡ ଘଟିଥିଲା ଏବଂ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## କେନ୍ଦୁପତ୍ର ଉପରୁ ହେଉ ଜିଏସ୍‌ଟି ପ୍ରତ୍ୟାହାର: ରାଜୁ ଘିବେଲା

**ପଦ୍ମପୁର,୨୦।୭(ପ୍ରଦୀପ୍ତ ଦାଶ)**



ରାଜ୍ୟ ସରକାର କେନ୍ଦୁପତ୍ର ହିତାଧିକାରୀଙ୍କ ପାଇଁ ୫୬ କୋଟିର ବୋନସ ଓ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ଏହାକୁ ବିଜେଡି ପକ୍ଷରୁ ସ୍ୱାଗତ କରାଯିବା ସହିତ ଭାଜପାର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଦେଇଥିବା ମନ୍ତବ୍ୟକୁ ଦଳର ରାଜ୍ୟ ସମ୍ପାଦକ ରାଜୁ ଘିବେଲା ନିନ୍ଦା କରିଛନ୍ତି। ଗୁରୁବାର ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଆହୂତ ଖବରଦାତା ସମ୍ମିଳନୀରେ ଘିବେଲା ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ଐତିହାସିକ କହିବା ସହିତ ୨୦୨୨ ଶସ୍ୟ ବର୍ଷରେ ଏହା ବନ୍ଧାଳି ଓ ତୋଳାଳିଙ୍କ ପାଇଁ ସର୍ବକାଳୀନ ରେକର୍ଡ ସହାୟତା ବୋଲି କହିଥିଲେ। ସେହିପରି ପଦ୍ମପୁରର ପୂର୍ବତନ ବିଧାୟକ ପୁରୋହିତ ନିଜର ରାଜନୈତିକ ଫାଇଦା ପାଇଁ କେନ୍ଦୁପତ୍ର ବନ୍ଧାଳି, ତୋଳାଳି ଓ କର୍ମଚାରୀଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଘିବେଲା କହିଥିଲେ। ଯଦି ପୂର୍ବତନ ବିଧାୟକ ପୁରୋହିତଙ୍କ କେନ୍ଦୁପତ୍ର ତୋଳାଳି, ବନ୍ଧାଳିଙ୍କ ପ୍ରତି ଦରଦ ଅଛି ସେ କେନ୍ଦ୍ର ସରକାରଙ୍କ ନିକଟରେ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର ପାଇଁ ଦାବି କରନ୍ତୁ ବୋଲି ଘିବେଲା ଆହ୍ୱାନ ଦେଇଥିଲେ। ଏହା ସହିତ ଦଳମତ ନିର୍ବିଶେଷରେ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିବା ପାଇଁ କହିଥିଲେ।

## ମହିଳା କଲେଜରେ ଚାରାରୋପଣ



ମହିଳା କଲେଜରେ ଚାରାରୋପଣ କାର୍ଯ୍ୟକ୍ରମ ।

**ବରଗଡ଼,୨୦।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ମହିଳା କଲେଜ ଜାତୀୟ ସେବା ସଂସ୍ଥା (ଏନ୍‌ଏସ୍‌ଏସ୍) ପକ୍ଷରୁ ବୁଧବାର ବନ ମହୋତ୍ସବ ଅବସରରେ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ରଞ୍ଜୁଲତା କଅଁରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଦଧିବାମନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବନ ମହୋତ୍ସବ ପାଳନର ଆଭିମୁଖ୍ୟ ତଥା ବୃକ୍ଷରୋପଣର ଉପକାରିତା ଉପରେ ସେ ଛାତ୍ରୀମାନଙ୍କୁ ସଚେତନ କରାଇବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ କଲେଜ ପରିସରରେ ଛାତ୍ରୀମାନେ ନିମ୍ବ, ଦେବଦାରୁ, ପିଜୁଳି, କରଞ୍ଜ, ପଣସ, ଅଁଳା ଆଦି ଚାରା ରୋପଣ କରିଥିଲେ। ଅଧ୍ୟାପିକା ରୀନା କୁମାରୀ ମେହେର, ପ୍ରଭାସିନୀ ସାହୁ, ବିଶ୍ୱଜିତ ଭୋଇ, ଧରମୁ ଭିତରିଆ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଭୋଟଦାନ କେନ୍ଦ୍ର ପାଇଁ ଦାବିପତ୍ର ଦେଲେ ଗ୍ରାମବାସୀ

**ପଦ୍ମପୁର,୨୦।୭(ପ୍ରଦୀପ୍ତ ଦାଶ)**


ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବରଗଡ଼ ଜିଲା ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡଙ୍ଗରମୁଣ୍ଡା ଗାଁରେ ଭୋଟ୍‌ଦାନ କେନ୍ଦ୍ର ନାହିଁ। ଫଳରେ ଭୋଟରମାନେ ୬ କି.ମି ଦୂର ଏକ କେନ୍ଦ୍ରକୁ ଭୋଟ୍ ଦେବା ପାଇଁ ଯାଉଛନ୍ତି। ଫଳରେ ନିଜ ଗାଁରେ ଭୋଟ୍‌ଦାନ କେନ୍ଦ୍ର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ସେମାନେ ପଦ୍ମପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, ଡଙ୍ଗରମୁଣ୍ଡା ଗାଁରେ ଉକ୍ତ ଗ୍ରାମରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି। ଏଠାରେ ଭୋଟଦାନ କେନ୍ଦ୍ର ନ ଥିବାରୁ ଏଠାକାର ଭୋଟର ୬ କି.ମି ଦୂର ତାଲପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସେମେଲମୁଣ୍ଡା ଗ୍ରାମକୁ ଯାଇଥାନ୍ତି। ବାର୍ଦ୍ଧକ୍ୟ ଅବସ୍ଥାରେ ଏତେ ଦୂରକୁ ଯିବା ସମ୍ଭବ ହେଉ ନ ଥିବାରୁ ଅନେକ ବୟସ୍କ ଲୋକ ଭୋଟ ଦେବାରୁ ବଞ୍ଚିତ ହେଉଛନ୍ତି। ଫଳରେ ସମାଜସେବୀ ସୁଶାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗୁରୁବାର ଗ୍ରାମବାସୀ ପଦ୍ମପୁର ଭାରପ୍ରାପ୍ତ ଉପଜିଲାପାଳଙ୍କୁ ଏକ ଦାବିପତ୍ର ଦେଇ ଆସନ୍ତା ସାଧାରଣ ନିର୍ବାଚନରେ ସେମାନଙ୍କ ଗ୍ରାମରେ ଭୋଟଦାନ କେନ୍ଦ୍ର କରିବା ପାଇଁ ଅନୁରୋଧ କରିଛନ୍ତି। ସେମାନଙ୍କ ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବା ପାଇଁ ସେମାନେ ନିଷ୍ପତ୍ତି ନେଇଛନ୍ତି।

## ଆଇନ ସଚେତନତା ଶିବିର

**ବୌଦ୍ଧ,୨୦।୭ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସରସରା ଗ୍ରାମସ୍ଥିତ ବାବା ବୈଦ୍ୟନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ନାବାଳକମାନଙ୍କ ପାଇଁ ନ୍ୟାୟ, ଯତ୍ନ ଓ ସୁରକ୍ଷା ଅଧିନିୟମ ଏବଂ ସରକାରଙ୍କ ଦ୍ୱାରା ୬ ରୁ ୧୪ ବର୍ଷ ବୟସ ଶିଶୁମାନଙ୍କ ପାଇଁ ବାଧ୍ୟତାମୂଳକ ଶିକ୍ଷା ଦେବାର ବ୍ୟବସ୍ଥା ଉପରେ ଏକ ଆଇନ ସଚେତନତା ଶିବିର ଗୁରୁବାର ଦିନ ଅନୁଷ୍ଠିତ ହୋଥିଲା । ଜିଲା ଆଇନସେବା ପ୍ରାଧିକରଣ ସଚିବ ଶାଶ୍ୱତି ମିଶ୍ରଙ୍କ ଅଧକ୍ଷତାରେ ଏହି ଶିବିର ହୋଇଥିଲା । ଶିଶୁ କଲ୍ୟାଣ କମିଟିର ସଦସ୍ୟ ରାଜୀବ ନାୟକ, ଆଇନଜୀବୀ ବିକାଶ ଚନ୍ଦ୍ର ବେହେରା ଏବଂ ବାବା ବୈଦ୍ୟନାଥ ଉଚ୍ଚ ମାଧମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଖଡ଼ଙ୍ଗ ନଦୀରେ ହେବ ଜଳଭଣ୍ଡାର

**ଘଣ୍ଟାପଡ଼ା,୨୦।୭(ପ୍ରଭାତ କୁମାର ସାହୁ )**

- ସରକାରଙ୍କ ୧୨୬ କୋଟି ଟଙ୍କା ମଞ୍ଜୁର
- ଉପକୃତ ହେବେ ୩୪ ପଞ୍ଚାୟତର ଚାଷୀ
- ଦୀର୍ଘଦିନର ସ୍ୱପ୍ନ ପୂରଣ ହେଲା-ବିଧାୟକ

ବୌଦ୍ଧ, କନ୍ଧମାଳ, ବଲାଙ୍ଗୀର ଓ କଳାହାଣ୍ଡି ଜିଲାର ୩୪ଟି ପଞ୍ଚାୟତ ପାଇଁ ରାଜ୍ୟ ସରକାର ଆଣି ଦେଇଛନ୍ତି ଖୁସି ଖବର। କନ୍ଧମାଳ, ବୌଦ୍ଧ ଓ ବଲାଙ୍ଗୀର ଅଞ୍ଚଳ ଦେଇ ପ୍ରବାହିତ ଖଡ଼ଙ୍ଗ ନଦୀରେ ହେବାକୁ ଥିବା ଜଳଭଣ୍ଡାର ଚାଷୀଙ୍କ ପାଇଁ ଭାତହାଣ୍ଡି ସାଜିବ । ବୌଦ୍ଧ ଜିଲାର କଣ୍ଟାମାଳ ବ୍ଲକ, ବଲାଙ୍ଗୀରର ଗୁଡଭେଲା ବ୍ଲକ, କନ୍ଧମାଳର ବାଲିଗୁଡା ବ୍ଲକ, କଳାହାଣ୍ଡିର ମଦନପୁର ରାମପୁର ବ୍ଲକ ପରି ଅନୁନ୍ନତ ତଥା ଚିର ମରୁଡ଼ି ପ୍ରପୀଡିତ ଅଞ୍ଚଳରେ ଜଳସେଚନର ସୁବିଧା ପାଇଁ କଣ୍ଟାମାଳ ବିଧାୟକ ମହାଧର ରଣା ବହୁବାର ସରକାରଙ୍କ ନିକଟରେ ଦାବି କରିଥିଲେ । ଶେଷରେ ଗତ ୧୯ ତାରିଖରେ କନ୍ଧମାଳ ଜିଲାରୁ ବାହାରିଥିବା ଖଡ଼ଙ୍ଗ ନଦୀର ଲଣ୍ଡାଗାଁ ନିକଟ ନଦୀରେ ଆନିକଟ ପାଇଁ ୧୨୬ କୋଟି ଟଙ୍କା ମଞ୍ଜୁର ହୋଇଥିବା ଜଣାପଡିଛି। ଉକ୍ତ ଖବର ଧରିତ୍ରୀ ଖବରକାଗଜରେ ପ୍ରକାଶ ପାଇବା ପରେ ଚାରିଆଡୁ ବିଧାୟକଙ୍କୁ ପ୍ରଶଂସାର ଛୁଅ ଛୁଟିଛି। ପ୍ରତିକ୍ରିୟାରେ ବିଧାୟକ ରଣା କହିଛନ୍ତି, ଚାଷୀମାନଙ୍କ ପାଇଁ ଏହି ଖଡ଼ଙ୍ଗ ପ୍ରୋଜେକ୍ଟ ମୋର ସ୍ୱପ୍ନ ଥିଲା, ଯାହା ଆଜି ବାସ୍ତବରେ ପରିଣତ ହୋଇଛି। ସେଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ସ୍ମାର୍ଟ କ୍ଲାସ୍ ପରିଦର୍ଶନ କଲେ ଏଡିଇଓ





ଏଡିଇଓ ସ୍ମାର୍ଟ କ୍ଲାସ ପରିଦର୍ଶନ କରୁଛନ୍ତି । ଏଡିଇଓଙ୍କ ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ।

**ବରଗଡ଼,୨୦।୭ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଗୁରୁବାର ଅତିରିକ୍ତ ଜିଲା ଶିକ୍ଷାଧିକାରୀ (ଏଡିଇଓ) ଜ୍ୟୋତିକାନ୍ତ ସାହୁ ପରିଦର୍ଶନରେ ଯାଇଥିଲେ। ଏହି ଅବସରରେ ସେ ସ୍ମାର୍ଟ କ୍ଲାସ ପାଠ୍ୟଦାନ ତଦାରଖ ସହିତ ଛାତ୍ରୀମାନଙ୍କ ସହିତ ଭାବ ବିନିମୟ କରିଥିଲେ। ପାଠପଢ଼ା ପ୍ରତି ଛାତ୍ରୀଙ୍କ କିଭଳି ଆଗ୍ରହ ରହୁଛି, ସେ ସମ୍ପର୍କରେ ଏଡିଇଓ ସାହୁ ଛାତ୍ରୀଙ୍କୁ ପଚାରି ବୁଝିଥିଲେ।

ସେହିପରି ତାଙ୍କ ପରିଦର୍ଶନ ସମୟରେ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀ ସୁକାନ୍ତି ସାହୁଙ୍କ ସ୍ମାର୍ଟକ୍ଲାସ ପାଠ୍ୟଦାନ ନିରୀକ୍ଷଣ କରିଥିଲେ। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନେଇ ସେ ଶ୍ରେଣୀଗୃହ ପାଠ୍ୟଦାନ ସମ୍ପର୍କିତ ଏକ ବୈଠକ କରିଥିଲେ। ଏହା ସହିତ ପାଠପଢ଼ା ପ୍ରତି ଛାତ୍ରୀମାନେ କିଭଳି ଅଧିକ ଆଗ୍ରହ ପ୍ରକାଶ କରିବେ, ସେ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ସମୟରେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା, ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ, ବରିଷ୍ଠ ଶିକ୍ଷକ ବିବେକାନନ୍ଦ ଅଦାବର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପାରିବାରିକ କଳହରୁ ଛାତ୍ରୀଙ୍କ ଆତ୍ମହତ୍ୟା

**ରାଉରକେଲା,୨୦।୭(ଦିନେଶ ମିଶ୍ର):** ପାରିବାରିକ କଳହରୁ ବନ୍ଧମୁଣ୍ଡା ଥାନା ଅଧୀନ ତିଳକାନଗର ଅଞ୍ଚଳର ଜଣେ ଛାତ୍ରୀ ଗୁରୁବାର ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀ ହେଲେ ଶ୍ରୁତି ଲୋହାର(୧୪)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ତିଳକାନଗର ପାଣିଟାଙ୍କି ସମ୍ମୁଖ ବସ୍ତିର ଶ୍ରୁତି ଫୁଲବାଡି ହାଇସ୍କୁଲରେ ଦଶମ ଶ୍ରେଣୀର ଛାତ୍ରୀ। ସେ ଗୁରୁବାର ସକାଳ ସାଢେ ୯ଟାରେ ସ୍କୁଲକୁ ବାହାରୁଥିବା ବେଳେ କୌଣସି କଥାକୁ ନେଇ ତାଙ୍କ ମା'ଙ୍କ ସହ ପାଟିତୁଣ୍ଡ ହୋଇଥିଲା। ପରେ ସେ ଏକ କୋଠରୀକୁ ଯାଇ ଆଜବେଷ୍ଟସ ଲୁହା ପାଇପ୍‌ରେ ଚୁନି ବାନ୍ଧି ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନିଖୋଜ ଯୁବକଙ୍କ ମୃତଦେହ ଚିହ୍ନଟ

**ରାଉରକେଲା,୨୦।୭(ଦିନେଶ ମିଶ୍ର):** ଜଣେ ଯୁବକଙ୍କ ନିଖୋଜକୁ ନେଇ ଗତ ୧୯ତାରିଖରେ ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ନିଖୋଜ ଯୁବକଙ୍କ ମୃତଦେହକୁ ଗୁରୁବାର ରାଉରକେଲା ସରକାରୀ ଡାକ୍ତରଖାନାରେ ଚିହ୍ନଟ କରାଯାଇଛି। ମୃତକ ହେଲେ ଜଲଦା ସି ବ୍ଲକ ଅଞ୍ଚଳର ଜଗବନ୍ଧୁ ସିଂ(୩୭)। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ଗତ ୧୫ ତାରିଖରେ ଜଗବନ୍ଧୁ କୌଣସି କାମ ଅଛି କହି ଏକ ସାଇକେଲ ଯୋଗେ ବେଦବ୍ୟାସ ବାହାରିଥିଲେ। ସନ୍ଧ୍ୟା ଯାଏ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ। ୪ ଦିନ ଧରି ଘରକୁ ନ ଫେରିବାରୁ ତାଙ୍କ ସାନଭାଇ ଗଣେଶ ସିଂ ରଘୁନାଥପାଲି ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ଜଗବନ୍ଧୁ ବେଦବ୍ୟାସ ଅଞ୍ଚଳରୁ କାମସାରି ସନ୍ଧ୍ୟା ସମୟରେ ଘରକୁ ଫେରୁଥିବା ବେଳେ ତାଙ୍କୁ କାର୍ମେଲ ସ୍କୁଲ ନିକଟରେ ଏକ ଗାଡି ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତି ସାଢେ ୭ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଥାନାକୁ ଫୋନ୍ ଯୋଗେ ଅବଗତ କରାଯିବା ପରେ ନିଖୋଜ ଯୁବକଙ୍କ ଫଟୋ ସହ ମୃତକଙ୍କ ଫଟୋ ମିଶିବାରୁ ପୋଲିସ ପରିବାର ଲୋକଙ୍କୁ ଡାକି ମୃତଦେହକୁ ଚିହ୍ନଟ କରାଇଥିଲା।

### ଯୁବକଙ୍କୁ ବ୍ଲେଡରେ ଆକ୍ରମଣ, ଜଣେ ଗିରଫ

**ରାଉରକେଲା, ୨୦।୭(ସଙ୍ଗୀତା ଜେନା):** ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳରେ ଜଣେ ଯୁବକଙ୍କୁ ବୁଧବାର ସନ୍ଧ୍ୟାରେ ବ୍ଲେଡରେ ଆକ୍ରମଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଏମ୍‌ଡ଼ି ମୁନ୍ନା। ଏ ନେଇ ପୋଲିସ ଏକ ମାମଲା (ନଂ.୨୨୭/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି।

# ବିପଦସଙ୍କୁଳ ସ୍କୁଲ, ଶିକ୍ଷାଦାନରେ ସମସ୍ୟା

ରାଉରକେଲା,୨୦।୭(ଦିନେଶ ମିଶ୍ର)



ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବାସନ୍ତୀ ବିଦ୍ୟାପୀଠ।

- ଅବ୍ୟବସ୍ଥା ଘେରରେ ବାସନ୍ତୀ ବିଦ୍ୟାପୀଠ
- ୫ ଶ୍ରେଣୀ ପାଇଁ ୨ ଶିକ୍ଷୟିତ୍ରୀ
- ସ୍କୁଲ କାନ୍ଥ ଫାଟି ଆଁ, ଛାତରୁ ଖସୁଛି ଅତଡା

ରାଉରକେଲା ବାସନ୍ତୀ କଲୋନୀର ଡିଏଲ ବ୍ଲକରେ ଥିବା ବାସନ୍ତୀ ବିଦ୍ୟାପୀଠ ପ୍ରାଥମିକ ସ୍କୁଲ ଏବେ ନାନା ଅବ୍ୟବସ୍ଥା ଦେଇ ଗତି କରୁଛି। ଏହି ସ୍କୁଲରେ ମୌଳିକ ସୁବିଧା ନ ଥିବାରୁ ପିଲାମାନଙ୍କ ପାଠପଢାରେ ସମସ୍ୟା ହେଉଛି। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ୧୯୮୬ ଅକ୍ଟୋବର ୩ ରେ ଏହି ସ୍କୁଲ ଉଦଘାଟିତ ହୋଇଥିଲା। ଏଠାରେ ପ୍ରଧାନ ଶିକ୍ଷକଙ୍କ ଅଫିସ ଗୃହ ସହ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫ଟି ଗୃହ ନିର୍ମାଣ କରାଯାଇଥଲା। ସ୍କୁଲ ଖୋଲିବାର ୧୦ ବର୍ଷ ସବୁ ଠିକ୍‌ଠାକ୍ ଚାଲିଥିଲା। ସମୟ କ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଭାଙ୍ଗିଯିବା ଅବସ୍ଥାକୁ ଆସିଗଲାଣି। ସବୁ ଶ୍ରେଣୀ ଗୃହ ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖଣ୍ଡ ଖସୁଥିବା ବେଳେ କାନ୍ଥଗୁଡିକ ଫାଟି ଆଁ କରିଛି। ବର୍ତ୍ତମାନ ସ୍କୁଲ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ନିକଟରେ ଥିବା ଏକ ଛୋଟ ଘରେ ପ୍ରଥମରୁ ପଞ୍ଚମ ଯାଏ ୭୦ ଜଣ ବିଦ୍ୟାର୍ଥୀଙ୍କୁ ପାଠ ପଢ଼ାଯାଉଛି। ଏତେ ସଂଖ୍ୟକ ବିଦ୍ୟାର୍ଥୀଙ୍କ ପାଇଁ ମାତ୍ର ୨ ଜଣ ଶିକ୍ଷୟିତ୍ରୀ ଥିବାରୁ ଶିକ୍ଷାଦାନରେ ଅସୁବିଧା ସମ୍ମୁଖୀନ ହେଉଛି। ସେହିପରି ସନ୍ଧ୍ୟା ହେଲେ ସ୍କୁଲ ପଡିଆରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ସକାଳ ସ୍କୁଲ ଖୋଲିଲେ ବିଦ୍ୟାଳୟ ପରିସରରେ ମଦବୋତଲ ମିଳୁଛି। ଏ ନେଇ ସ୍କୁଲର ପୁରାତନ ଛାତ୍ର ସଂଗ୍ରାମ କେଶରୀ ପାଣିଗ୍ରାହୀ କୁହନ୍ତି, ମୁ ୧୯୯୨ରୁ ଏହି ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଯାଏ ପାଠ ପଢ଼ିଥିଲି। ବର୍ତ୍ତମାନ ସ୍କୁଲ ପରିସ୍ଥିତି ଦେଖି ଦୁଃଖ ଲାଗୁଛି। ଏଥିରେ ସୁଧାର ଆସିବା ନିତାନ୍ତ ଆବଶ୍ୟକ। ସେହିପରି ଅନ୍ୟ ଜଣେ ଛାତ୍ର ଅମରେଶ କୁମାର ଷଡ଼ଙ୍ଗୀ କୁହନ୍ତି, ବାସନ୍ତୀ ବିଦ୍ୟାପୀଠ ସ୍କୁଲରେ ମୁ ୭ ବର୍ଷ ପାଠ ପଢ଼ିଛି। ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ସ୍କୁଲ ପ୍ରତି ଶିକ୍ଷା ବିଭାଗ ଦୃଷ୍ଟିଦେବା ଆବଶ୍ୟକ। ଏ ସମ୍ପର୍କରେ ସୁନ୍ଦରଗଡ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଏ ନେଇ ମୋ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଆଗାମୀ ଦିନରେ ମୁ ରାଉରକେଲା ଗସ୍ତ କରି ଉକ୍ତ ବିଦ୍ୟାଳୟ ପରିଦର୍ଶନ କରି ସମସ୍ୟା ସମାଧାନ କରିବି।

# ଗ୍ରାମୀଣ ପିଲାଙ୍କୁ ସ୍ୱାସ୍ଥ୍ୟବାନ କରାଉଛି ଆର୍‌ଏସ୍‌ପି



ଗ୍ରାମୀଣ ପିଲାଙ୍କୁ ଦୁଗ୍ଧ ଉପହାର ପ୍ରଦାନ କରାଯାଉଛି।

ରାଉରକେଲା,୨୦।୭(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସପି ସିଏସ୍‌ଆର ପଦକ୍ଷେପ ଅନୁସାରେ ଗିଫ୍ଟ ମିଲ୍କ ବା ଦୁଗ୍ଧ ଉପହାର କାର୍ଯ୍ୟକ୍ରମ ଗ୍ରହଣ କରିଛି। ଏହା ବିଦ୍ୟାଳୟକୁ ଆସୁଥିବା ପିଲାଙ୍କ ମଧ୍ୟରେ ଅସନ୍ତୁଳିତ ପୌଷ୍ଟିକତାର ୩ଟି ପ୍ରଭେଦ ଯାହା ପୃଷ୍ଟିହୀନତା, ଲୁକ୍କାୟିତ କ୍ଷୁଧା ଓ ମେଦବହୁଳତା ଭଳି ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରୁଛି। ପିଲାଙ୍କ ମଧ୍ୟରେ ନିରାପଦ, ପୃଷ୍ଟିକର ଓ ସମ୍ପୂର୍ଣ୍ଣ ପୋଷଣଯୁକ୍ତ ଖାଦ୍ୟ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟର ଦ୍ୱିତୀୟ ସର୍ବସ୍ୱ ଅନୁପାଳନ ଅନୁଯାୟୀ ଏହି କାର୍ଯ୍ୟକ୍ରମ ଜାରି ରହିଛି। କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଆର୍‌ଏସପି ନ୍ୟାଶନାଲ ଡାଏରୀ ଡେଭଲପମେଣ୍ଟ ବୋର୍ଡ (ଏନଡିଡିବି) ଗୁଜୁରାଟ, ଆନନ୍ଦ ଏବଂ ଜିଲା ପ୍ରଶାସନ ସହିତ ସହଭାଗିତା କରିଛି। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ବିଶ୍ରା ବ୍ଲକର ୨୨ ସ୍କୁଲର ୧୧୫୦ ପିଲାଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ସିଏସଆର ପଦକ୍ଷେପର ଏକ ଅଂଶ ଭାବେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ଅଭିବୃଦ୍ଧି ଏବଂ ପୃଷ୍ଟିକର ଉନ୍ନତି ପାଇଁ ସରକାରୀ ବିଦ୍ୟାଳୟ ପରିସରରେ ସମସ୍ତ କାର୍ଯ୍ୟ ଦିବସରେ ପ୍ରତ୍ୟେକ ପିଲାଙ୍କୁ ବୋତଲରେ ୨ଶହ ମିଲିଟର ଦୁଗ୍ଧ ଯୋଗାଇ ଦିଆଯାଉଛି। ଏହି କ୍ଷୀରକୁ ଏନ୍‌ଡିଡିବି ଦ୍ୱାରା ନିୟୋଜିତ ଓଡିଶା ମିଲ୍କ ଫେଡେରେଶନ(ଓମଫେଡ) ଯୋଗାଉଛି। ଏହାବ୍ୟତୀତ ଆରଏସ୍‌ପି ଅକ୍ଷୟ ପାତ୍ର ଯୋଜନା ଅଧୀନ ରାଉରକେଲା ତଥା ଏହାର ଆଖପାଖରେ ଥିବା ବିଭିନ୍ନ ବିଦ୍ୟାଳୟର ୩୮ହଜାରରୁ ଅଧିକ ଛାତ୍ରୀଛାତ୍ରଙ୍କୁ ପ୍ରତ୍ୟେହ ପୃଷ୍ଟିକର ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି।

# ବିନା ଏସିରେ ଚାଲିଛି ଚିକିତ୍ସା

**ଆର୍‌ଜିଏଚ୍ ପୋଡ଼ାଜଳା ବିଭାଗ**

ରାଉରକେଲା,୨୦।୭(ବିପ୍ଳବ ରଞ୍ଜନ ଦାଶ)



ପୋଡଜଳା ବିଭାଗରେ ଚିକିତ୍ସାଧୀନ ରୋଗୀ।

ରାଉରକେଲା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଡ଼ାଜଳା ରୋଗୀମାନଙ୍କ ପାଇଁ ୬ଟି ଉତ୍କୃଷ୍ଟମାନର ପ୍ରକୋଷ୍ଠ ରହିଛି। ପ୍ରତି ପ୍ରକୋଷ୍ଠରେ ରୋଗୀମାନଙ୍କ ପାଇଁ ଉନ୍ନତ ଶଯ୍ୟା, ଫ୍ୟାନ ଓ ଏୟାର କଣ୍ଡିଶନର ଲାଗିଛି। ମାତ୍ର ଏଠାରେ ୪ଦିନ ହେଲା ଶୀତତାପ ଯନ୍ତ୍ର (ଏସି) ବ୍ୟବହାର ହେଉ ନ ଥିବା ଚିକିତ୍ସିତ ହେଉଥିବା ରୋଗୀମାନେ କହିଛନ୍ତି।

ସୂଚନା ଅନୁସାରେ, ଆର୍‌ଜିଏଚ୍‌ର ଏହି ବିଭାଗରେ ସର୍ବଦା ପୋଡଜଳା ରୋଗୀଙ୍କ ଭିଡ଼ ଲାଗିରୁହେ। ରାଉରକେଲା ସମେତ ପଡୋଶୀ ଝାଡ଼ଖଣ୍ଡର ରୋଗୀମାନେ ମଧ୍ୟ ଆରଜିଏଚ୍‌କୁ ଆସିଥାନ୍ତି। ମାତ୍ର ୪ଦିନ ହେଲା ଏସି ବ୍ୟବହାର କରାଯାଉ ନ ଥିବା ଯୋଗୁ ପୋଡାଜଳା ରୋଗୀମାନେ ଡହଳ ବିକଳ ହେଉଥିବା କହିଛନ୍ତି। ଗୁରୁବାର ପୋଡଜଳା ବିଭାଗରେ ୧୫ରୁ ଊର୍ଦ୍ଧ୍ୱ ରୋଗୀ ଥିଲେ। କେଉଁ ରୋଗୀ ଦୁଇଦିନ ହେଲା ଭର୍ତ୍ତି ହୋଇଛନ୍ତି ତ ଆଉ କିଏ ୪ଦିନ ହେଲା ଆସିଛନ୍ତି। ଏ ନେଇ ରାଉରକେଲା ଧାମରାଡିହିରୁ ପୋଡାଜଳା ବିଭାଗରେ ଭର୍ତ୍ତି ହୋଇଥିବା ରୋଗୀ ସଣ୍ଟୁ ସିଂ ଓ ରୋହିତ ସିଂ କୁହନ୍ତି, ୪ଦିନ ହେଲା ପୋଡଜଳା ବିଭାଗରେ ଏସି ବ୍ୟବହାର ହେଉନାହିଁ। ଫଳରେ ଆମେ ଡହଳ ବିକଳ ହେଉଛୁ। ସେହିପରି ଅନ୍ୟ ଜଣେ ରୋଗୀ କ୍ରୀଷ୍ଣା ଯାଦବ କହିଛନ୍ତି, ମୁ ଦୁଇଦିନ ହେଲା ଏଠାରେ ଚିକିତ୍ସିତ ହେଉଛି। ମାତ୍ର ଗୋଟିଏ ଫ୍ୟାନ ଭରସାରେ ଦିନ କରୁଛି। ଏ ନେଇ ଆର୍‌ଜିଏଚ୍ ନିର୍ଦ୍ଦେଶକ ସନ୍ତୋଷ ସ୍ୱାଇଁଙ୍କୁ ପଚାରିବାରୁ ଏସି ବ୍ୟବହାର ହେଉ ନ ଥିବା ବିଷୟରେ ମୁ ଅବଗତ ନ ଥିଲି। ତୁରନ୍ତ ଏ ନେଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

### ରଘୁନାଥପାଲି ବିଧାୟକଙ୍କ ଆଇଜିଏଚ୍ କଲୋନୀ ପରିଦର୍ଶନ

ରାଉରକେଲା, ୨୦।୭(ସଙ୍ଗୀତା ଜେନା)

ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଗୁରୁବାର ସେକ୍ଟର-୧୯ ଆଇଜିଏଚ୍ କଲୋନୀ ପରିଦର୍ଶନ କରିଛନ୍ତି। ସେ ପାନୀୟ ଜଳ, ରାସ୍ତାଘାଟ ଅସୁବିଧା ବିଷୟରେ ଲୋକଙ୍କୁ ପଚାରି ବୁଝିବା ସହ ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ୨୫-୩୦ ବର୍ଷରୁ ଊର୍ଦ୍ଧ୍ୱ ରାସ୍ତାଘାଟ ତିଆରି ହୋଇଥିବା ବେଳେ ସମ୍ପ୍ରତି ତାହା ଜରାଜୀର୍ଣ୍ଣ ହୋଇପଡ଼ିଛି। ପାନୀୟ ଜଳ ସୁବିଧା ନ ଥିବା ଲୋକେ କୂଅ ଉପରେ ନିର୍ଭର କରୁଛି। ଏହି ଅଞ୍ଚଳର ପରିଚାଳନା କରୁଥିବା ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ପାରିପାର୍ଶ୍ୱିକ ବିକାଶ ପାଣ୍ଠିରୁ ଉକ୍ତ ଅଞ୍ଚଳର ବିକାଶ କରିବା କଥା। କିନ୍ତୁ ସେମାନେ ଏହି ଅଞ୍ଚଳ ଗୁଡିକ ଉପରେ ଧ୍ୟାନ ଦେଉନାହାନ୍ତି। ଅଞ୍ଚଳବାସୀଙ୍କୁ ମୌଳିକ ସୁବିଧା ଉପଲବ୍ଧ ନ ହେଲେ ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ପକ୍ଷରୁ ଆଗାମୀ ଦିନରେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ବିଧାୟକ ତରାଇ କହିଥିଲେ।

# ବିଦ୍ୟୁତ୍ ଗ୍ରାହକଙ୍କୁ ଶୋଷଣ ବିରୋଧରେ ବିକ୍ଷୋଭ




ଉଦିତନଗରସ୍ଥିତ ବିଦ୍ୟୁତ୍ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ବିବେକ)

ରାଉରକେଲା, ୨୦।୭(ସଙ୍ଗୀତା ଜେନା)

ବିଦ୍ୟୁତ୍ ଗ୍ରାହକଙ୍କୁ ଶୋଷଣ ବିରୋଧରେ ସିପିଆଇ(ଏମ) ରାଉରକେଲା ଆଞ୍ଚଳିକ କମିଟି ଓ ରଘୁନାଥପାଲି ଆଞ୍ଚଳିକ ସାଙ୍ଗଠନିକ କମିଟି ପକ୍ଷରୁ ଉଦିତନଗରସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିପିଆଇ (ଏମ୍) ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳର ଜିଲା ସମ୍ପାଦକ ମଣ୍ଡଳୀ ଶ୍ରୀମନ୍ତ ବେହେରା, ବିମାନ ମାଇତି, ଜିଲା କମିଟି ସଦସ୍ୟ ବି. ପି. ମହାପାତ୍ର, ବସନ୍ତ ନାୟକ, ଅଜୟ ଶର୍ମା, ରଘୁନାଥପାଲି ଆବାହକ ହୃଦାନନ୍ଦ ଯାଦବ, ଚନ୍ଦ୍ରଭାନୁ ଦାସ, ନିରଞ୍ଜନ ଦାସ, ବସନ୍ତ ପାଢ଼ି, ସାଗର ଛୋଟରାୟ, ଜୟନ୍ତୀ ମୋହିନୀ, କୁନ୍ଦନ ବେହେରା, ସୁବାସ ଗୌଡ଼ଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦେଇ ବିଦ୍ୟୁତ୍ ବିତରଣ କମ୍ପାନୀର ମନମୁଖୀ କାର୍ଯ୍ୟ ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଦଳ ତରଫରୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ସମସ୍ତ ପରିବାରକୁ ୨ଶହ ୟୁନିଟ ଯାଏ ବିଜୁଳି ଦେୟ ମୁକ୍ତ, ଦର ହ୍ରାସ, ବାରମ୍ବାର ବିଦ୍ୟୁତ୍ କାଟ୍ ବନ୍ଦ କରିବା, ମିଟର ରିଡ଼ିଂ ଓ ବିଲିଂରେ ସ୍ୱଚ୍ଛତା ଆଦି ଦାବି କରାଯାଇଥିଲା।

# ଆନ୍ଦୋଳନ ସ୍ଥଗିତ, ସୋମବାର ଚୂଡାନ୍ତ ନିଷ୍ପତ୍ତି

ରାଉରକେଲା, ୨୦।୭(ସଙ୍ଗୀତା ଜେନା)




କମ୍ପାନୀର ସଦସ୍ୟ ଓ ଆନ୍ଦୋଳନକାରୀ।

**ସ୍ୱସ୍ତିକ ଇସ୍ପାତରେ କର୍ମଚାରୀ ଅସନ୍ତୋଷ ଘଟଣା**

କୁଆଁରମୁଣ୍ଡାସ୍ଥିତ ସ୍ୱସ୍ତିକ ଇସ୍ପାତ ପ୍ରାଇଭେଟ ଲିମିଟେଡ୍‌ର କର୍ମଚାରୀ ଓ ପ୍ରଶାସନ ମଧ୍ୟରେ ଗୁରୁବାର ଅପରାହ୍ନରେ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ସହାୟକ ସବ୍‌କଲେକ୍ଟର ସରୋଜିନୀ କୁଲୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱସ୍ତିକ କମ୍ପାନୀରୁ ବହିଷ୍କୃତ କର୍ମଚାରୀ, ଶ୍ରମ ବିଭାଗର ଡିଏଲଓ ଦିବ୍ୟଜ୍ୟୋତି ନାଏକ, କୁଆଁରମୁଣ୍ଡା ତହସିଲଦାର ରାଜେଶ ସାହୁ, କୁଆଁରମୁଣ୍ଡା ନାଗରିକ ସମିତିର ଆବାହକ ରାଜେଶ କେର୍କେଟା, ଲାଲୁ ସିଂଦେଓ, ଉପଦେଷ୍ଟା ମନୋଜ ଶତପଥୀ, ସଦସ୍ୟ ଈଶ୍ୱର ପାଲ, ବିରମିତ୍ରପୁର ଥାନାଧିକାରୀ ମନୋଜା ମଞ୍ଜରୀ ନାୟକ, କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ, ଶ୍ରମିକ ନେତା ଚନ୍ଦ୍ରମୋହନ ବିଶୋୟୀଙ୍କ ସମେତ ୨୫ ଜଣ ଉପସ୍ଥିତ ଥିଲେ। ତେବେ ବୈଠକରେ ସୋମବାର ପର୍ଯ୍ୟନ୍ତ କାରଖାନା ବନ୍ଦ ରହିବ, ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ବିରତି ହେବେ, କାରଖାନା ବାହାରେ ମାଲ ସହ ଛିଡ଼ା ହୋଇଥିବା ଟ୍ରକଗୁଡ଼ିକୁ ଅନଲୋଡ଼ ପାଇଁ ଅନୁମତି, କାରଖାନାରୁ ମାଲ ବାହାରକୁ ଆସିପାରିବ ନାହିଁ ଆଦି ନିଷ୍ପତ୍ତି ନିଆଯାଇଥିଲା। ସୋମବାର ପୁନଃ ଦ୍ୱିତୀୟ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ପ୍ରଶାସନ ନେବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୧ତାରିଖରୁ କାରଖାନା କର୍ତ୍ତୃପକ୍ଷ ସ୍ୱସ୍ତିକରୁ ୮ଜଣ କର୍ମଚାରୀଙ୍କୁ ବହିଷ୍କୃତ କରିଥିଲେ। ଏହାର ପ୍ରତିବାଦ କରି ଅନ୍ୟ କର୍ମଚାରୀ କାରଖାନା ବାହାରେ ଆନ୍ଦୋଳନ କରୁଥିଲେ।

# କ୍ରିକେଟ: ଜିଏସ୍‌ଏ ଚାମ୍ପିୟନ

ରାଉରକେଲା,୨୦।୭(ଦିନେଶ ମିଶ୍ର)



ଟୁର୍ନାମେଣ୍ଟରେ ଟ୍ରଫି ସହ ଚାମ୍ପିୟନର ଦଳର ଖେଳାଳିଗଣ।

ସେକ୍ଟର-୧୩ ସ୍ଥିତ ଦୁର୍ଗାପୂଜା ପଡିଆରେ ଜୟ ମା' ତାରିଣୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଟ୍ରାଙ୍ଗୁଲାର କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଗ୍ରୀନ୍ ସ୍ପୋର୍ଟସ ଏକାଡେମୀ (ଜିଏସ୍‌ଏ) ଓ ଜେଟିସିସି ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଜେଟିସିଟି ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ନୀଳକଣ୍ଠ ଦାସ ୩୪ ବଲ ଖେଳି ସର୍ବାଧିକ ୬୬ ରନ୍ ସଂଗ୍ରହ କରିଥିଲେ। ଜବାବରେ ଜିଏସ୍‌ଏ ଦଳ ମାତ୍ର ୧୮ ଓଭରରେ ୫ ଉଇକେଟ୍ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସିଦ୍ଧାର୍ଥ ବାରିକ ୪୯ ବଲ ଖେଳି ସର୍ବାଧିକ ୬୧ ରନ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ସରୋଜ ପରିଡା ଓ ମ୍ୟାନ ଅଫ ଦ ସିରିଜ ଭାବେ ସିର୍ଦ୍ଧାଥ ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା।

# ମୁକ୍ତା ତାଲିମ ନେଲେ ଏସ୍‌ଏଚ୍‌ଜି ମହିଳା

ରାଉରକେଲା,୨୦।୭(ବିପ୍ଳବ ରଞ୍ଜନ ଦାଶ)




ତାଲିମ ଶିବିରରେ ମଞ୍ଚାସୀନ ଅତିଥି ଏବଂ ଉପସ୍ଥିତ ଏସ୍‌ଏଚ୍‌ଜି ମହିଳା।

ରାଉରକେଲା ସହରରେ ତୃଣମୂଳ ସ୍ତରରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ(ମୁକ୍ତା)ର ସଫଳ କାର୍ଯ୍ୟକାରିତା ନେଇ ଉଦିତନଗର ସଭାଗୃହରେ ଏକ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟେକ୍ନିକାଲ ସପୋର୍ଟ ୟୁନିଟ୍(ଟିଏସ୍‌ୟୁ) ମାଧ୍ୟମରେ ମିଶନ ଶକ୍ତି ଗୋଷ୍ଠୀ ସମୂହ ଓ ମୁକ୍ତା ସହିତ ଜଡିତ ମ୍ୟୁନିସିପାଲ କର୍ପୋରେଶନର ଅଧିକାରୀମାନେ ସହରର ସମୁଦାୟ ୨୦୦ ଏସ୍‌ଏଚ୍ ମହିଳା ଗୋଷ୍ଠୀଙ୍କୁ ତାଲିମ ପ୍ରଦାନ କରିଥିଲେ। ରାଉରକେଲା ମହାନଗର ନିଗମ ତରଫରୁ ଅନୁଷ୍ଠିତ ଏହି ଶିବିରରେ ସହରାଞ୍ଚଳ ଉନ୍ନୟନ ସଂସ୍ଥା(ସୁଡା)ର ନିର୍ଦ୍ଦେଶକ ତଥା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା ଭର୍ଚୁଆଲ ମାଧ୍ୟମରେ ଯୋଗଦାନ କରି ଅଂଶଗ୍ରହଣକାରୀଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ କହିଥିଲେ। ମିଶନ ଶକ୍ତି ମା'ମାନେ କିଭଳି ରୋଜଗାରକ୍ଷମ ହୋଇ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବେ ତାହା ଉପରେ ଯୁଗ୍ମ ସଚିବ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଡ. ଶୁଭଙ୍କର ମହାପାତ୍ର ଯୋଗଦେଇ ମିଶନ ଶକ୍ତିର ମା'ମାନେ ମୁକ୍ତା ଯୋଜନାରେ କାର୍ଯ୍ୟାଦେଶଠାରୁ ବିଲ୍ ପାଇବା ପର୍ଯ୍ୟନ୍ତ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ଓ ତାର ସମାଧାନ ଉପରେ ଆଲୋଚନା କରିଥିଲେ। ମହାନଗର ନିଗମର ଉପାୟୁକ୍ତ ସୁଧାଂଶୁ ଭୋଇ ଓ ସୀତାଦେବୀ ମାଝୀଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ମିଶନ ଶକ୍ତିର ମା'ମାନଙ୍କୁ ମୁକ୍ତାର କାର୍ଯ୍ୟକାରିତା ପଦ୍ଧତି, ମୁକ୍ତା ପ୍ରକଳ୍ପ ଚିହ୍ନଟୀକରଣ ପ୍ରକ୍ରୀୟା, କାର୍ଯ୍ୟାଦେଶ ଏବଂ ଡକୁମେଣ୍ଟ, ମଷ୍ଟର ରୋଲ, ବ୍ୟାଙ୍କ ଋଣ ପାଇଁ ଗୋଷ୍ଠୀର ଯୋଗ୍ୟତା ମାନଦଣ୍ଡ, ନିର୍ମାଣ କାର୍ଯ୍ୟର ମାପ ଏବଂ ଶ୍ରମିକମାନଙ୍କୁ ମଜୁରୀ ଦେୟ, ବିଲ୍ ଦେୟ, ରେକର୍ଡ ରକ୍ଷଣାବେକ୍ଷଣ ଆଦି ବିଷୟରେ ତାଲିମ ଦିଆଯାଇଥିଲା। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସର୍ବେଶ୍ୱର ସିଂ ସାହୁ, ରଶ୍ମିତା ବେହେରା ତାଲିମ ପ୍ରଦାନ କରିଥିଲେ। ଏଥିରେ ୪୦ଜଣ ୱାର୍ଡ ଅଧିକାରୀ, ମୁକ୍ତା ସଂଯୋଜକ, ପ୍ରକଳ୍ପ ସଂଯୋଜକ, ସମସ୍ତ ସିଟି ମ୍ୟାନେଜର ଓ ଇମ୍ପ୍ଲିମେଣ୍ଟେଶନ ଏକ୍ସପର୍ଟ, ଆକାଉଣ୍ଟ ଏକ୍ସପର୍ଟମାନେ ଉପସ୍ଥିତ ଥିଲେ।

**ତିନିଦିନିଆ ଫାଷ୍ଟଏଡ୍ ତାଲିମ ଶିବିର**

ସମ୍ବଲପୁର (ବି.ଶଙ୍କର): ସମ୍ବଲପୁର ଜିଲା ରେଡକ୍ରସ ପକ୍ଷରୁ ତିନିଦିନିଆ ଫାଷ୍ଟଏଡ୍ ତାଲିମ ଶିବିର ସ୍ଥାନୀୟ ଦଳେଇପଡା କଲ୍ୟାଣ ମଣ୍ଡପଠାରେ ଆରମ୍ଭ ହୋଇଛି। ଶିବିରରେ ଜିଲା ରେଡକ୍ରସର ନବୀନ ଓ ପ୍ରବୀଣ ସାମାଜିକ ଦାୟିତ୍ୱ ବହନ କରୁଥିବା ଆଜୀବନ ସଦସ୍ୟଙ୍କୁ ତାଲିମ ଦିଆଯାଉଛି। ସୁମନ୍ତ ଦ୍ୱିବେଦୀ ଓ ଲିଲା ପୂର୍ଣ୍ଣ୍ୟତୀର୍ଥ ସ୍ୱାଇଁ ତାଲିମ ପ୍ରଦାନ କରୁଛନ୍ତି। ରେଡକ୍ରସ ସମ୍ପାଦକ ଜୟ ଜର୍ଜ ତାଲିମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଦୁର୍ଘଟଣା ପରେ ଡାକ୍ତରଖାନା ନେବା ପୂର୍ବରୁ ଅନେକଙ୍କ ମୃତ୍ୟୁ ଘଟୁଥିବାରୁ ଫାଷ୍ଟଏଡ୍ ତାଲିମକୁ ଗୁରୁତ୍ୱ ଦିଆଯାଉଛି। ଜିଲା ରେଡକ୍ରସର କର୍ମକର୍ତ୍ତା ପରିଚାଳନା କରୁଛନ୍ତି।

## ସଂକ୍ଷେପରେ

### ୧୦୫ କେଜି ଗଞ୍ଜେଇ ଜବତ, ୩ ଗିରଫ

**ସମ୍ବଲପୁର,୨୦।୭(ଶୁଭାଶିଷ ପାଢୀ) :** ସମ୍ବଲପୁର ପୋଲିସ ୧୦୫ କେଜି ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଝାରସୁଗୁଡା ଜିଲା ବନହରପାଲି ଗ୍ରାମର ଶ୍ରୀବତ୍ସ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ , ଦେବଗଡ ଜିଲା ମାନେଶ୍ୱରର ଦିଲୀପ ସ୍ୱାଇଁ। ସେମାନଙ୍କ ନିକଟରୁ ଏକ ପିକ୍‌ଅପ, ୩ ମୋବାଇଲ ଫୋନ ଜବତ ହୋଇଛି। ଏ ନେଇ ଧନୁପାଲି ଥାନାରେ ଏକ ମାମଲା (ନଂ.୨୨୭/୨୩) ରୁଜୁ ହୋଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଧନୁପାଲି ପୋଲିସ ଭତରା ନିକଟରେ ଗାଡିମୋଟର ଯାଞ୍ଚ କରୁଥିବାବେଳେ ପିକ୍‌ଅପ୍ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ଥିଲା ବୋଲି ଏସ୍‌ଡିପିଓ ପ୍ରଦିପ ସାହୁ ସୂଚନା ଦେଇଛନ୍ତି।

### ୧୨୦ ଲିଟର ରନ୍ଧା ମଦ ଜବତ: ଜଣେ ଗିରଫ

**କୁଚିଣ୍ଡା,୨୦।୭(ବିରଞ୍ଚି ଦର୍ଶା):** ଗୋବିନ୍ଦପୁର ଥାନା ଦେହୁରିପଡା (ଗଡପୋଷ)ରେ ଗୁରୁବାର ଗୋବିନ୍ଦପୁର ଅବକାରୀ ବିଭାଗ ଚଢାଉ କରି ୧୨୦ଲିଟର ମହୁଲି ରନ୍ଧା ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଦେହୁରିପଡାର ପପୁ ସିଂଙ୍କୁ ବିଭାଗ ପକ୍ଷରୁ ଗିରଫ କରାଯାଇ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଗୋବିନ୍ଦପୁର ଅବକାରୀ ବିଭାଗ କେସ ନଂ.୯୬/୨୩-୨୪ରେ ଏକ ମାମଲା ରୁଜୁ କରିଛି। ପପୁ ମହୁଲି ରନ୍ଧା ମଦ କାରବାର କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବିଭାଗ ଚଢାଉ କରିଥିଲା। ଚଢାଉରେ ଗୋବିନ୍ଦପୁର ଭାରପ୍ରାପ୍ତ ଅବକାରୀ ଅଧିକାରୀ ଟଙ୍କଧର କିଷାନ, କୁଚିଣ୍ଡା ଅବକାରୀ ଏଏସ୍‌ଆଇ ସମୀର କୁମାର ସ୍ୱାଇଁ, କନଷ୍ଟେବଲ ଜଗନ୍ନାଥ ମୁଣ୍ଡା, ସୁବାସିନୀ ମାଝି, ମୋଜେସ ଲମଗା ପ୍ରମୁଖ ସାମିଲ ହୋଇଥିଲେ।

### ଧୋଇଗଲା ମାଟିରାସ୍ତା, ଯାତାୟାତ ବାଧାପ୍ରାପ୍ତ

**କୁଚିଣ୍ଡା,୨୦।୭(ବିରଞ୍ଚି ଦର୍ଶା):** କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ଲାଡ ଗ୍ରାମର ଏକ ମାଟି ରାସ୍ତା ବର୍ଷାରେ ସମ୍ପୂର୍ଣ୍ଣ ଧୋଇଯାଇଛି। ଫଳରେ ଗ୍ରାମବାସୀ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ରବିବାର ପ୍ରବଳ ବର୍ଷାରେ ଲାଡ ଅଙ୍ଗନୱାଡି କେନ୍ଦ୍ରଠାରୁ ଡଙ୍ଗାଘାଟ ପଡାକୁ ସଂଯୋଗ କରୁଥିବା ରାସ୍ତା ଉପରେ ରହିଥିବା ଏକ କଲଭର୍ଟ ମାଟି ରାସ୍ତାଟି ଧୋଇଯାଇ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଲୋକେ ୫ଦିନ ହେଲା ଯାତାୟାତ ପାଇଁ ଅସୁବିଧାର ଭୋଗୁଛନ୍ତି। ଏହାର ମରାମତି ପାଇଁ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରା ଯାଇନାହିଁ। ଏ ସମ୍ପର୍କରେ କୁଚିଣ୍ଡା ବିଡ଼ିଓ ନିରଞ୍ଜନ ସାଙ୍କୁ ପଚାରିବାରେ ସେ ଏ ବାବଦରେ ଜାଣି ନ ଥିବା କହି ଶୁକ୍ରବାର କୌଣସିମତେ ଏହାର ମରାମତି କରାଯିବ ବୋଲି କହିଛନ୍ତି।

### ଜଳିଗଲା ସ୍କୁଟି, ବର୍ତ୍ତିଲେ ଚାଳକ

**କୁଚିଣ୍ଡା,୨୦।୭(ବିରଞ୍ଚି ଦର୍ଶା):** କୁଚିଣ୍ଡା-ବାମରା ୨୪ନଂ. ରାଜ୍ୟ ରାଜପଥ ପାରୁଆଭାଡି ନିକଟ ବଡପୋଲଠାରେ ଗୁରୁବାର ଶର୍ଟସର୍କିଟ ଯୋଗୁ ଏକ ୫-ଜି ଆକ୍ଟିଭା ସ୍କୁଟି (ନଂ-ଓଡି୧୫ଏଲ-୪୬୨୨) ସମ୍ପୂର୍ଣ୍ଣ ଜଳିଯାଇଛି। ହେଲେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସମ୍ବଲପୁର ନିକଟ ସିଂପାଲି ଗ୍ରାମର ପରେଶ ଚନ୍ଦ୍ର ଭୋଇ କୌଣସି କାମରେ ଝାରସୁଗୁଡା ଦେଇ କୁଚିଣ୍ଡାକୁ ଆସୁଥିଲେ। ବାଟବଣା ହୋଇ ସେ ଖଣ୍ଡୋକଟାରୁ ଭାୟା ପାରୁଆଭାଡି ଦେଇ ଯିବା ବାଟରେ ବଡପୋଲ ନିକଟରେ ହଠାତ୍ ସ୍କୁଟିରୁ ଧୂଆଁ ବାହାରିଥିଲା। ଏହାଦେଖି ଚାଳକ ଭୋଇ ସ୍କୁଟିକୁ ଛିଡା କରି ଷ୍ଟାର୍ଟ ବନ୍ଦ କରି ଦେଇଥିଲେ। ହେଲେ ସ୍କୁଟିଟି ଆପେ ଷ୍ଟାର୍ଟ ହୋଇ ସମ୍ପୂର୍ଣ୍ଣ ଜଳିଯାଇଥିଲା।

# ଟେଣ୍ଡରରେ ବିଡିଓଙ୍କ ପକ୍ଷପାତ

**ସମ୍ବଲପୁର,୨୦।୭ (ଶୁଭାଶିଷ ପାଢୀ)**

ରାଜ୍ୟ ସରକାର ଆଦିବାସୀ ସ୍କୁଲର ମରାମତି ଓ ସାମଗ୍ରୀ କ୍ରୟ ପାଇଁ ଅନୁଦାନ ଦେଉଛନ୍ତି। ଆର୍ଥିକ ବର୍ଷ ୨୦୨୨-୨୩ରେ ସମ୍ବଲପୁର ଜିଲାର ବିଭିନ୍ନ ବ୍ଲକକୁ ଏହି ଅନୁଦାନ ଆସିଥିଲା। ଅନ୍ୟ ବ୍ଲକରେ କେତେକ ପ୍ରକଳ୍ପ ନିର୍ମାଣାଧୀନ ଥିବାବେଳେ କେତେକ ଶେଷ ମଧ ହୋଇଯାଇଛି। ହେଲେ ନାକଟିଦେଉଳ ବ୍ଲକରେ ଦୁଇଗୋଷ୍ଠୀ ବିବାଦ ଯୋଗୁ କାମ ହୋଇପାରୁ ନାହିଁ। ଶେଷରେ ଜିଲାପାଳ ଅନନ୍ୟା ଦାସ ସମସ୍ତ ପ୍ରକଳ୍ପର ଟେଣ୍ଡର ଆହ୍ୱାନ କରି କାମ କରିବାକୁ ବିଡିଓ ବିବେକାନନ୍ଦ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିଡିଓ ସାହୁ ଟେଣ୍ଡର ଆହ୍ୱାନ କରିବାରେ ପକ୍ଷପାତ କରିଥିବା ଅଭିଯୋଗ ହେଉଛି। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଜଣେ ନେତାଙ୍କ ପାଇଁ ସେ ନିୟମ ଭାଙ୍ଗିଥିବା ଏଠାରେ ଚର୍ଚ୍ଚା ହେଉଛି। ଏପରିସ୍ଥଳେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବିଜେଡି ନେତା ସୁଦର୍ଶନ ସାହୁ ଗୁରୁବାର ବିଡିଓ ସାହୁଙ୍କୁ ଭେଟି ଟେଣ୍ଡର ଅନିୟମିତତା ବିଷୟରେ ଅଭିଯୋଗ କରିଛନ୍ତି।



ନାକଟିଦେଉଳ ବ୍ଲକ୍ ସେବାଶ୍ରମ ସ୍କୁଲରେ ଚାଲିଥିବା କାମ।

ତାଙ୍କ ଅଭିଯୋଗକ୍ରମେ ଟେଣ୍ଡର ଆହ୍ୱାନ କରି କାମ କଲେ ସ୍ୱଚ୍ଛତା ଆସିଥାଏ। ଏହାକୁ ମଧ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥାଏ। ଏହି ବ୍ଲକରେ ମାସ ମାସ ଧରି ଅନୁଦାନ ଆସିବା ପରେ କାମ ହୋଇ ନ ଥିଲା। ବାରମ୍ବାର ଦାବି ପରେ ଟେଣ୍ଡର ଡକାଯାଇଥିଲା। ପ୍ରସ୍ତାବିତ ସମସ୍ତ ପ୍ରକଳ୍ପ ଟେଣ୍ଡର ହୋଇଥିବା ବେଳେ ସରାପାଲି

**ନେତାଙ୍କ ପାଇଁ ନିୟମ ଭାଙ୍ଗିଥିବା ଚର୍ଚ୍ଚା**

ପଞ୍ଚାୟତ ଗଉରପଡା ସେବାଶ୍ରମ ସ୍କୁଲ ପ୍ରକଳ୍ପ ଟେଣ୍ଡର କରାଗଲା ନାହିଁ। ସରକାରଙ୍କ ନିୟମ ପ୍ରକାରେ ୧୦ ଲକ୍ଷ ଟଙ୍କାରୁ ଅଧିକ ହେଲେ ଟେଣ୍ଡର ହେବ। ୧୦ ଲକ୍ଷରୁ ଅଧିକ ଅନୁଦାନ ଥିବା ଅନ୍ୟ ପ୍ରକଳ୍ପ ଟେଣ୍ଡର ହୋଇଛି। ହେଲେ ଏହି ପ୍ରକଳ୍ପ ପାଇଁ ୧୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳ ରହିଛି। କାହା ସ୍ୱାର୍ଥରେ ଏହି ପ୍ରକଳ୍ପକୁ ବାଦ୍ ଦିଆଯାଇଛି। ବିନା ଟେଣ୍ଡରରେ ଏବେ କେହି ଜଣେ କାମ ଆରମ୍ଭ କରିଛନ୍ତି। ସରକାରୀ ନିୟମ ସମସ୍ତ ପ୍ରକଳ୍ପ ପାଇଁ ସମାନ। ହେଲେ ଏଠାରେ ବ୍ୟତିକ୍ରମ ଦେଖାଦେଇଛି। ଏ ନେଇ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସୁଦର୍ଶନ ଦାବି କରିଛନ୍ତି। ଏ ସମ୍ପର୍କରେ ନାକଟିଦେଉଳ ବିଡିଓ ସାହୁଙ୍କୁ ପଚାରିବାରୁ ସେ ସେମିତି କିଛି ହୋଇ ନାହିଁ କହି ଅଭିଯୋଗକୁ ଏଡାଇ ଦେଇଥିଲେ ।

# ପେଟ୍ରୋଲ ପମ୍ପ୍‌ରେ ହାତୀ ଆତଙ୍କ

**ସମ୍ବଲପୁର,୨୦।୭(ଶୁଭାଶିଷ ପାଢୀ)**

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ୫୫ନଂ ଜାତୀୟ ରାଜପଥର ଭବାନୀପାଲି ଗ୍ରାମ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପକୁ ଗୁରୁବାର ଦନ୍ତା ହାତୀ ପଶିଆସିଥିଲା। ପ୍ରାୟ ୧୦ ମିନିଟ ଧରି ହାତୀଟି ଆତଙ୍କ ଖେଳାଇଥିଲା। ପମ୍ପ କର୍ମଚାରୀ ଓ ତେଲ ପକାଇବାକୁ ଆସିଥିବା ଲୋକମାନେ ଭୟଭୀତ ହୋଇ ଏଣେତେଣେ ଦୌଡିଥିଲେ। ବନ ବିଭାଗ ସ୍କ୍ୱାଡ୍ ପହଞ୍ଚି ହାତୀ ଘଉଡାଇବାକୁ ଚେଷ୍ଟା କରିଥିଲେ। ହେଲେ ହାତୀ ସେମାନଙ୍କୁ ଆକ୍ରମଣ କରିବାକୁ ଗୋଡାଇଥିଲା। କିଛିସମୟ ପରେ ହାତୀଟି ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲା। ଦନ୍ତାହାତୀଟି ପ୍ରାୟ ୩ମାସ ହେଲା ଅଞ୍ଚଳରେ ବୁଲାବୁଲି କରି ଘରଦ୍ୱାର ଭାଙ୍ଗୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ବନ ବିଭାଗ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି ।



ପେଟ୍ରୋଲ ପମ୍ପରେ ଦନ୍ତା ହାତୀ।

# ବିଏସ୍‌ଏନ୍‌ଏଲ୍ ଜିଏମ୍ ଅଫିସ ସମ୍ମୁଖରେ କର୍ମଚାରୀ ସଂଘର ବିକ୍ଷୋଭ

**ସମ୍ବଲପୁର,୨୦।୭(ବି.ଶଙ୍କର)**

ସମ୍ବଲପୁର ବିଏସ୍‌ଏନ୍‌ଏଲ୍ ଜିଏମ୍ ଅଫିସ ସମ୍ମୁଖରେ ଗୁରୁବାର ବିଭିନ୍ନ ଦାବି ନେଇ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ବିଏସ୍‌ଏନ୍‌ଏଲ୍ କାଜୁଆଲ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରାଙ୍କ ନେତୃତ୍ୱରେ ବହୁ ଅସ୍ଥାୟୀ କର୍ମଚାରୀ ଏଥିରେ ସାମିଲ ଥିଲେ। ଘରୋଇକରଣ ବନ୍ଦ କରାଯିବା, ଅସ୍ଥାୟୀ କର୍ମଚାରୀଙ୍କ ଛଟେଇ ବନ୍ଦ, ଅସ୍ଥାୟୀ କର୍ମଚାରୀଙ୍କ ବକେୟା ଦରମା ତୁରନ୍ତ ପ୍ରଦାନ, ଶ୍ରମ ଆଇନ ଆଧାରରେ ଅସ୍ଥାୟୀ କର୍ମଚାରୀଙ୍କୁ ସର୍ବନିମ୍ନ ଦରମା ଆଦି ଦାବି କରି କର୍ମଚାରୀମାନେ ଆନ୍ଦୋଳନ କରିଥିଲେ। ପରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।




ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଗାଁକୁ ଯାଇ ଭତ୍ତା ବାଣ୍ଟିଲେ ସରପଞ୍ଚ

**ଜମନକିରା, ୨୦।୭ (ରବୀନ୍ଦ୍ର ପ୍ରସାଦ ଦାନି)**

ବର୍ତ୍ତମାନ ସମୟରେ ପଞ୍ଚାୟତ ଅଫିସକୁ ଯାଇ ଭତ୍ତା ଆଣିବା ଅନେକ ବୃଦ୍ଧାବୃଦ୍ଧଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଏହାକୁ ଦୃଷ୍ଟିରେ ରଖି ଜମନକିରା ବ୍ଲକ ଟିକିବା ପଞ୍ଚାୟତର ସରପଞ୍ଚ ମମତା ଭେଙ୍ଗ୍ରା ଗାଁକୁ ଯାଇ ଲୋକଙ୍କୁ ଭତ୍ତାବାଣ୍ଟି ପ୍ରଶଂସା ସାଉଁଟିଛନ୍ତି। ଜମନକିରାର ଅଧିକାଂଶ ଗ୍ରାମ ବଣପାହାଡ ଘେରା ଅଞ୍ଚଳ। ସରପଞ୍ଚ ଭେଙ୍ଗ୍ରା ଅନେକ ସମୟରେ ପଞ୍ଚାୟତ ଅଫିସରୁ ୭ରୁ ୮ କିଲୋମିଟର ପରିଧି ମଧ୍ୟରେ ଥିବା ହିତାଧିକାରୀଙ୍କ ଘରକୁ ଯାଇ ସୁବିଧାଅସୁବିଧା ବୁଝିଥାନ୍ତି। ପାହାଡିଆ ରାସ୍ତା ଅତିକ୍ରମ କରି ଭତ୍ତା ନେବା ପାଇଁ ଅସମର୍ଥ ଥିବା ବୃଦ୍ଧାବୃଦ୍ଧଙ୍କ ପାଖକୁ ଯାଇ ଭତ୍ତା ବାଣ୍ଟିଛନ୍ତି। ତାଙ୍କର ଏଭଳି କାର୍ଯ୍ୟ ପାଇଁ ହିତାଧିକାରୀମାନେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି।



ଏକ ଗାଁରେ ଭତ୍ତା ବାଣ୍ଟୁଛନ୍ତି ସରପଞ୍ଚ।

# ପିସିସି ସଭାପତିଙ୍କ ପୋଷ୍ଟର ପୋଡ଼ିଲେ କଂଗ୍ରେସ କର୍ମୀ

**ସମ୍ବଲପୁର,୨୦।୭(ଶୁଭାଶିଷ ପାଢୀ)**

ବିଧାୟକ ମହମ୍ମଦ ମୋକିମ ଓ ନେତା ଚିରଞ୍ଜିବୀ ବିଶ୍ୱାଳଙ୍କୁ ରାଜ୍ୟ କଂଗ୍ରେସରୁ ନିଲମ୍ବିତ କରାଯାଇଛି। ଏଭଳି କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ଜିଲାରେ ସେମାନଙ୍କ ସମର୍ଥକମାନେ ବିରୋଧ କରୁଛନ୍ତି। ସମ୍ବଲପୁରରେ ମଧ ନିଲମ୍ବନ ନିଆଁ ଦେଖିବାକୁ ମିଳିଛି। ସମର୍ଥକମାନେ ଦେବର ନୂଆପାଲିଠାରେ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ପୋଷ୍ଟର ପୋଡ଼ି ପ୍ରତିବାଦ କରିଥିଲେ। କଂଗ୍ରେସ ଯୁବ ନେତ୍ରୀ ବବିତା ବଡ଼ପଣ୍ଡାଙ୍କ ନେତୃତ୍ୱରେ ଏଭ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନେତା ଓ କର୍ମୀ ଯୋଗଦେଇ ପିସିସି ସଭାପତି ପଟ୍ଟନାୟକଙ୍କ ବିରୋଧରେ ନାରାବାଜି କରିଥିଲେ। ସଭାପତି ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ କଂଗ୍ରେସ ସଂଗଠନ ଭୁଶୁଡ଼ି ପଡ଼ିଥିବା ସେମାନେ ଅଭିଯୋଗ କରିଥିଲେ। ଏହିନିଲମ୍ବନ ପଛରେ ଷଡଯନ୍ତ୍ର ରହିଛି, କେନ୍ଦ୍ରୀୟ ହାଇକମାଣ୍ଡ ପୁନଃ ବିଚାର କରିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଷ୍ଟି ନାଏକ, ମନୋଜ ମେହେର, କମଳ ଦଣ୍ଡିଆ, ସଞ୍ଜୟ ପଧାନ, କରନ ବେହେରାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ୫-ଟି ସ୍କୁଲ ରୂପାନ୍ତରଣରେ ଅନିୟମିତତା

**ସମ୍ବଲପୁର,୨୦।୭ (ଶୁଭାଶିଷ ପାଢୀ)**

ରାଜ୍ୟ ସରକାର ୫-ଟି ଯୋଜନାରେ ହାଇସ୍କୁଲ ରୂପାନ୍ତରଣ କାମ ହାତକୁ ନେଇଛନ୍ତି। ଏହି ଯୋଜନାରେ ସ୍ୱଚ୍ଛତା ଓ ମାନ ଉପରେ ଗୁରୁତ୍ୱ ଦିଆଯାଉଛି। ହେଲେ ସମ୍ବଲପୁର ଜିଲା କବରାପାଲି ହାଇସ୍କୁଲରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ସ୍କୁଲର ରୂପାନ୍ତରଣ କାମ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ନୂତନ ଭାବେ କେତେକ କୋଠା ନିର୍ମାଣ କରାଯାଇଥିବା ବେଳେ ମରାମତି କାମ ମଧ କରାଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗକ୍ରମେ, ପୁରୁଣା କାନ୍ଥ ଉପରେ ରଙ୍ଗ ଲଗାଯାଇ ସରକାରୀ ଅର୍ଥ ହରିଲୁଟ କରାଯାଉଛି। ଏହି ହାଇସ୍କୁଲର ରୂପାନ୍ତରଣ କାମ ୪୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିଲା। ଯୁଯୁମୁରା ବ୍ଲକ ପ୍ରଶାସନର ତଦାରଖ ଓ ପରିଚାଳନାରେ କାମ ହେଉଛି। ମାତ୍ର ୩୦ ପ୍ରତିଶତ କାମ ସରିଛି, ତାହା ପୁଣି ନିମ୍ନମାନର। ୫-ଟିରେ ସାମିଲ ହେବା ପରେ ସ୍କୁଲ ରୂପାରେଖ ବଦଳିଯିବ ବୋଲି ଛାତ୍ରୀଛାତ୍ର ଓ ଅଭିଭାବକ ଆଶା କରିଥିଲେ। ବିଜ୍ଞାନ ଲାବରେଟୋରି, ଇ-ଲାଇବ୍ରେରୀ, ଶୌଚାଳୟ, ଅତ୍ୟାଧୁନିକ ଶ୍ରେଣୀ କୋଠରି ନିର୍ମାଣ ହେବାକୁ ରହିଛି। ଶ୍ରେଣୀ କୋଠରିରେ ପାଣି ଗଳୁଛି। ଆଜବେଷ୍ଟସ୍ ଭାଙ୍ଗିଯାଇଥିବାରୁ କେତେବେଳେ ବିପଦ ସୃଷ୍ଟି କରିପାରେ। ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ବିଡିଓ ନୀଳାମ୍ବର ମହାନନ୍ଦ କହିଛନ୍ତି, ପ୍ରକଳ୍ପ କାମ ନିର୍ମାଣାଧୀନ ରହିଛି। ନିମ୍ନମାନର ହୋଇଥିଲେ କାମ ପୁଣି ଥରେ କରାଯିବ। କାମ ସରି ନାହିଁ କି ହସ୍ତାନ୍ତର ମଧ ହୋଇ ନାହିଁ। ଅତ୍ୟାଧୁନିକ କ୍ଲାସ ରୁମ୍ କାମ ଅତି ସୁନ୍ଦର ଭାବେ ହୋଇଛି ବୋଲି ସେ କହିଥିଲେ ।

# ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି



ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

**ନାକଟିଦେଉଳ,୨୦।୭(ବୈକୁଣ୍ଠନାଥ ସାହୁ)**

ନାକଟିଦେଉଳ ବ୍ଲକ ସଭାକକ୍ଷରେ ଗୁରୁବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ଚାଲିଥିବା ଉନ୍ନୟନମୂଳକ କାମର ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ଉପଜିଲାପାଳ ପବିତ୍ର କୁମାର ବେହେରା ସଭାପତିତ୍ୱ କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜିଲା ଲୋକପାଳ ବ୍ରଜକିଶୋର ପଣ୍ଡା, ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ, ଏବିଡିଓ ବିଦ୍ୟାଧର ରାଉତରାୟ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଏହି ଯୋଜନାରେ ହେଉଥିବା କାମ ସ୍ୱଚ୍ଛତାର ସହ ସମ୍ପାଦିତ କରିବାକୁ ପରାମର୍ଶ ଦେଇଥିଲେ। ଶିବିରରେ ୨୦୨୨-୨୩ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା କାମ ଓ ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ଅକ୍ଟୋବର ୨୦୨୨ରୁ ମାର୍ଚ୍ଚ ୨୦୨୩ ମଧ୍ୟରେ ହୋଇଥିବା ଉନ୍ନୟନମୂଳକ କାମର ସମୀକ୍ଷା କରାଯାଇଥିଲା। ଏହି ସମୟ ମଧ୍ୟରେ ବ୍ଲକର ସମସ୍ତ ୧୪ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସମୁଦାୟ ୬୪୦୯ ପରିବାରକୁ କାମ ଯୋଗାଇ ଦିଆଯାଇଥିବା ବେଳେ ସେଥିରୁ ୨୧୮ ପରିବାରକୁ ୧୦୦ଦିନର କାମ ଯୋଗାଇ ଦିଆଯାଇଛି। ୩ଲକ୍ଷ ୫୪୪ଟି ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ନେଇ ଶିବିରରେ ସୂଚନା ଦିଆଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଘୋଷରାମାଳ ସମିତିସଭ୍ୟ ସୁଦର୍ଶନ ସାହୁ, ସରପଞ୍ଚ ପ୍ରେମଶୀଳା ପ୍ରଧାନ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର ସାହୁ, ସାହେବୀ ସରପଞ୍ଚ ରାମପ୍ରସାଦ ସାହୁ, ପାଣିମୁରା ସରପଞ୍ଚ ଜଗନ୍ନାଥ ପ୍ରଧାନଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ, ଭିଆରପି, ଗାଁ ସାଥୀ ଓ ଜିଆର୍‌ଏସ୍ ଉପସ୍ଥିତ ଥିଲେ।

# ଇପିଏଫ୍ ପେନ୍‌ସନର୍ସ ସଂଘର ଦାବିପତ୍ର

**ସମ୍ବଲପୁର,୨୦।୭ (ଶୁଭାଶିଷ ପାଢୀ)**

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ପକ୍ଷରୁ ୪ଦଫା ଦାବି ନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ସମ୍ବଲପୁର ଆର୍‌ଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସର୍ବନିମ୍ନ ମାସିକ ପେନ୍‌ସନ୍ ୯୦୦୦ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନ୍‌ସନ୍ ପ୍ରଦାନ, ସମସ୍ତ ଇପିଏଫ୍ ପେନ୍‌ସନ୍ ଭୋଗୀଙ୍କୁ ଚିକିତ୍ସା ଭତ୍ତା କିମ୍ବା ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରି ମାଗଣା ଚିକିତ୍ସା ସୁବିଧା, ପେନସନ ଭୋଗୀ ବରିଷ୍ଠ ନାଗରିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ଭଳି ଦାବି ରହିଥିଲା।



ଆର୍‌ଡିସି ଅଫିସରେ ଇପିଏଫ୍ ପେନ୍‌ସନ୍‌ଭୋଗୀ।

### ଶାଳଗଣ୍ଡି ବୋଝେଇ ପିକ୍‌ଅପ୍ ଜବତ

**ରେଢ଼ାଖୋଲ,୨୦।୭(ଅଚ୍ୟୁତାନନ୍ଦ ପୁରୋହିତ)**

ରେଢ଼ାଖୋଲ ବନଖଣ୍ଡର ବଡମାଳ ରେଞ୍ଜ ଅଧୀନ ସାତସମା ଗ୍ରାମ ନିକଟରୁ ବନ କର୍ମଚାରୀ ଗୁରୁବାର ଶାଳଗଣ୍ଡି ବୋଝେଇ ଏକ ପିକ୍‌ଅପ୍ ଜବତ କରିଛନ୍ତି। ତେବେ ବନକର୍ମଚାରୀଙ୍କୁ ଦେଖି ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ଜଣାପଡିଛି। ସୂଚନାମତେ ବନ କର୍ମଚାରୀ ରାତି ପାଟ୍ରୋଲିଂ କରୁଥିବା ବେଳେ ଭୋର ସମୟରେ ପିକ୍‌ଅପ୍ ଭ୍ୟାନ (ଓଆର୧୫ଡି-୨୩୨୧) ଯୋଗେ ୧୨ଟି ଶାଳଗଣ୍ଡି ବଡମାଳ ଅଞ୍ଚଳରୁ ସମ୍ବଲପୁର ଚୋରା ଚାଲାଣ ହେଉଥିବା ସୂଚନା ପାଇ ସାତଶମା ଗ୍ରାମ ନିକଟରେ ଗାଡିକୁ ଅଟକାଇଥିଲେ। ତେବେ ଚୋରା ଚାଲାଣକାରୀ ଗାଡି ଛାଡି ଫେରାର ହୋଇଯାଇଥିବାବେଳେ କର୍ମଚାରୀମାନେ କାଠ ବୋଝେଇ ଗାଡିକୁ କାର୍ଯ୍ୟାଳୟକୁ ଆଣିଥିଲେ। ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ କହିଛନ୍ତି।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଆର୍ଥିକ ସାକ୍ଷରତା ତାଲିମ

**ସମ୍ବଲପୁର,୨୦।୭(ବି.ଶଙ୍କର)**

ଆଦିତ୍ୟ ଆଲୁମିନିୟମ ସିଏସ୍‌ଆର୍ ବିଭାଗ ପକ୍ଷରୁ ଆର୍ଥିକ ସାକ୍ଷରତା ତାଲିମ କାର୍ଯ୍ୟକ୍ରମ ଗୁରୁବାର ଲପଙ୍ଗା ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଡିଆପାଲି, ସର୍ଦ୍ଧାପାଲି, ମାଲିଆଟିକିକ୍ରା ଓ ଲାପଙ୍ଗାର ୨୦ ଏସ୍‌ଏଚ୍‌ଜିର ୪୫ ସଭ୍ୟା ଭାଗ ନେଇଥିଲେ । ସେମାନଙ୍କୁ ଆର୍ଥିକ ସାକ୍ଷରତା ଓ ପୁସ୍ତକ ରଖିବା ଉପରେ ଦୁଇଦିନିଆ ତାଲିମ ଦିଆଯାଇଥିଲା। ଅତିଥି ଭାବେ ଲପଙ୍ଗା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱଜିତ ଶର୍ମା, ୱାର୍ଡ ସଦସ୍ୟା ଚନ୍ଦ୍ରକାନ୍ତ କୁମରା, ପ୍ରଶିକ୍ଷକ ଗଣେଶ ବାରିକ ଓ କେତକି ବେହେରା ଯୋଗଦେଇଥିଲେ। ସିଏସ୍‌ଆର୍ ମୁଖ୍ୟ ଶ୍ୱେତା ଉପାଧ୍ୟାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଆର୍ଥିକ ସାକ୍ଷରତା ତାଲିମ କାର୍ଯ୍ୟକ୍ରମ।

# ସିୟୁଇଟି ପରୀକ୍ଷାରେ ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା

**ସମ୍ବଲପୁର,୨୦।୭(ବି.ଶଙ୍କର)**

ଚଳିତ ବର୍ଷ ପ୍ରକାଶିତ ସିୟୁଇଟି (କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ)ରେ ସମ୍ବଲପୁର ବିକାଶର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଗୁରୁବାର ଏ ନେଇ ଏକାଡେମିକ ଡାଇରେକ୍ଟର ଜି. ରାମକ୍ରିଷ୍ଣାଙ୍କ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଦ୍ୱାଦଶ ଶ୍ରେଣୀର ଛାତ୍ର ମିଥିଲେଶ ଖୁଣ୍ଟିଆ ୭୩୫ ମାର୍କ ରଖି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇଛନ୍ତି।



ମିଥିଲେଶ



ନିକିତା



ଆଲୋକ

ଗତ ବୋର୍ଡ଼ ପରୀକ୍ଷାରେ ମଧ ସେ ସ୍କୁଲ ଟପ୍ପର ହୋଇଥିଲେ। ଉକ୍ତ ପରୀକ୍ଷାରେ ମୋଟ ୯ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ସେହିପରି ନିକିତା ୫୯୬, ଆଲୋକ ୫୧୧, ଉନ୍ନତି ୪୬୫, ଅମରେଶ ୪୧୮, ମମତା ୩୭୯, ସିପୁନ ୩୪୧, ସୁବାସ ୩୪୦, କ୍ରିତିକା ୩୩୩ ମାର୍କ ରଖିଛନ୍ତି। ଏକାଡେମିକ ଅଧିକାରୀ ପୁଷ୍ପିତା ପଣ୍ଡା କହିଛନ୍ତି, ବୋର୍ଡ଼ ସହ ସିଇୟୁଟି ଏଣ୍ଟ୍ରାନ୍ସ କୋଚିଂ ଯୋଗୁ ଏହା ସମ୍ଭବ ହୋଇପାରିଛି। ଏହି ସମସ୍ତ ଛାତ୍ରୀଛାତ୍ର ଭାରତର ସୁନାମଧନ୍ୟ ସେଣ୍ଟ୍ରାଲ୍ ୟୁନିଭର୍ସିଟିଗୁଡିକରେ ସିଟ୍ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଏହି ସଫଳତା ଲାଗି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଟଙ୍କା ଆସିଛି, ଟେଣ୍ଡର ହୋଇନି

ଲାଠୋର, ୨୦।୭(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ଗ୍ରାମରେ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୫-ଟିରେ ଅନ୍ତର୍ଭୁକ୍ତ ହୋଇଛି। ହେଲେ ଶ୍ରେଣୀ କୋଠରୀର ଅଭାବ ହେତୁ ଷଷ୍ଠ ଏବଂ ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ର ସାଇକେଲ ଷ୍ଟାଣ୍ଡ ଏବଂ ଡ଼ାଇନିଂ ହଲରେ ଗତଦୁଇ ବର୍ଷ ହେବ ପାଠ ପଢୁଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ କାହା ନଜର ପଡୁନାହିଁ। ୧୯୫୧ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୬୬୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୫ ଶ୍ରେଣୀ ପାଇଁ ପାଞ୍ଚଟି ଶ୍ରେଣୀଗୃହ ଥିଲା। ସରକାର ସମ୍ପୃକ୍ତ ବିଦ୍ୟାଳୟକୁ ଗତ ୨୦୨୧ ମସିହାରେ ୫-ଟିରେ ଅନ୍ତର୍ଭୁକ୍ତ କରି ରୂପାନ୍ତରୀକରଣ କଲେ। ଏଥିଯୋଗୁଁ ୫ ଶ୍ରେଣୀଗୃହ ମଧ୍ୟରୁ ଗୋଟିଏ କୋଠରୀକୁ ଇ-ଲାଇବ୍ରେରୀ ଏବଂ ଆଉ ଏକ କୋଠରୀକୁ ବିଜ୍ଞାନ ପରୀକ୍ଷାଗାର କରାଗଲା। ଫଳରେ ଷଷ୍ଠ ଏବଂ ସପ୍ତମ ଶ୍ରେଣୀ ପିଲାଙ୍କ ପାଇଁ ଶ୍ରେଣୀ ଗୃହ ଅଭାବ ହେଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ଉପାୟଶୂନ୍ୟ ହୋଇ ଷଷ୍ଠ ଶ୍ରେଣୀର ୧୪୩ ପିଲାଙ୍କୁ ବିଦ୍ୟାଳୟର ସାଇକେଲ ଷ୍ଟାଣ୍ଡ ଏବଂ ସପ୍ତମ ଶ୍ରେଣୀର ୧୪୪ ପିଲାଙ୍କୁ ଡ଼ାଇନିଂ ହଲରେ ପାଠ ପଢାଉଛନ୍ତି। ଶ୍ରେଣୀ କୋଠରୀ ଯୋଗାଇ ଦେବାକୁ ବିଦ୍ୟାଳୟ ପକ୍ଷରୁ ବାରମ୍ବାର ଅନୁରୋଧ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଶେଷରେ ଅନୁସୁଚୀତ ଜାତି ଜନ ଜାତି ଉନ୍ନୟନ ବିଭାଗ ଦ୍ୱାରା ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ମାଲପଡ଼ାରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇ ୨୪ ଲକ୍ଷ ଟଙ୍କାର ଅନୁଦାନ ରାଶି ଖପ୍ରାଖୋଲ ବ୍ଲକକୁ ପ୍ରଦାନ କରାଗଲା। ହେଲେ ତତ୍କାଳୀନ ବିଡିଓ ମାଲପଡ଼ାରେ ଶ୍ରେଣୀଗୃହ ନିର୍ମାଣ ପାଇଁ କୌଣସି ପଦକ୍ଷେପ ନ ନେଇ କେତେକ ବୈଷୟିକ ସମସ୍ୟା ହେତୁ ଟେଣ୍ଡର ହୋଇପାରି ନାହିଁ ବୋଲି କହି କଥାକୁ ଏଡ଼ାଇ ଦେଇଥିଲେ। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଟେଣ୍ଡର ହେବ ବୋଲି ବିଡ଼ିଓ ଜଣାଇଥିବା କହିଥିଲେ। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।



ସାଇକେଲ ଷ୍ଟାଣ୍ଡରେ ପିଲାଙ୍କୁ ଶିକ୍ଷାଦାନ କରାଯାଉଛି।

### ୫-ଟି ସ୍କୁଲରେ ଶ୍ରେଣୀ ଗୃହ ନିର୍ମାଣ

# ପିଇଓ ଚାକିରି ପାଇଁ ଟଙ୍କା ଆଦାୟ ଅଭିଯୋଗ, ୨ କୋର୍ଟ ଚାଲାଣ

ଭବାନୀପାଟଣା, ୨୦।୭(ଉତ୍ତମ କୁମାର ଦାଶ)

ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଚାକିରି କରାଇ ଦେବା ପାଇଁ ଟଙ୍କା ଆଦାୟ କରୁଥିବା ଅଭିଯୋଗରେ କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେସିଙ୍ଗା ଥାନା ଘାଟପଡା ଗ୍ରାମର ଶୋକ ସନ୍ତାପ ସିଂ ଓ ଅନ୍ୟ ଜଣେ ଭବାନୀପାଟଣା ସହର ହିଲଟାଉନର ସଞ୍ଜୀବ ଶତପଥି। ପ୍ରକାଶ ଯେ, କେସିଙ୍ଗା ଥାନା ଅର୍ନ୍ତଗତ ଘାଟପଡା ଗ୍ରାମର ଶୋକ ସନ୍ତାପ ସିଂ ବିଭିନ୍ନ ଛାତ୍ରୀଛାତ୍ରଙ୍କୁ ପିଇଓ ଚାକରି କରାଇ ଦେବ କହି ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଥିଲା। ଏ ନେଇ ପାଷ୍ଟିକୁଡି ଗ୍ରାମର ଜଣେ ଝିଅ ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେ ପିଇଓ ଚାକରି ପାଇଁ ଶୋକ ସନ୍ତାପଙ୍କୁ ୭୦ ହଜାର ଟଙ୍କା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୨୫୩/୨୩)ରୁଜୁ କରି ଘଟଣାର ତଦନ୍ତ କରି ଘଟଣାରେ ସମ୍ପୃକ୍ତ ଥିବା ଶୋକସନ୍ତାପଙ୍କୁ ଗରିଫ କରିଥିଲା। ତେବେ ଶୋକ ସନ୍ତାପ ଏହି ଟଙ୍କାକୁ ସଞ୍ଜୀବ ଶତପଥିଙ୍କୁ ଦେଇଥିବା କହିବା ପରେ ପୋଲିସ ତାଙ୍କୁ ମଧ୍ୟ ଗିରଫ କରିଥିଲା। ପରେ ପୋଲିସ ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

# ବଡ଼ଭାଇଙ୍କ ପଥର ମାଡ଼ରେ ସାନ ମୃତ

ସିନାପାଲି, ୨୦।୭(ମନଫୁଲ ମେହେର)

### ଆବାସ ଯୋଜନା ଟଙ୍କାକୁ ନେଇ ହତ୍ୟାକାଣ୍ଡ

ନୂଆପଡ଼ା ଜିଲା ସିନାପାଲି ଥାନା ଅଧୀନ ଭରୁଆମୁଣ୍ଡା ଗ୍ରାମରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଟଙ୍କାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ବଡ ଭାଇଙ୍କ ପଥର ମାଡ଼ରେ ସାନ ଭାଇର ମୃତ୍ୟୁ ଘଟିଛି। ମୃତକ ହେଲେ ତ୍ରିନାଥ ମାଝି(୩୮)। ହତ୍ୟାକାରୀ ବଡଭାଇ ନିରଞ୍ଜନ ମାଝି (୪୨)ଙ୍କୁ ସିନାପାଲି ପୋଲିସ ଗିରଫ କରିଛି।

ଘଟଣାରୁ ପ୍ରକାଶ ଯେ, ନିରଞ୍ଜନଙ୍କ ସ୍ତ୍ରୀ ନାମରେ ଆବାସ ଯୋଜନା ଗୃହ କାର୍ଯ୍ୟାଦେଶ ମିଳିଛି। ଏହି ବାବଦକୁ ସରକାରଙ୍କ ପକ୍ଷରୁ ଅଗ୍ରିମ ମିଳିଥିବା ୪୦ ହଜାର ଟଙ୍କାରୁ ଖର୍ଚ୍ଚ ପାଇଁ ନିରଞ୍ଜନ ତାଙ୍କ ସ୍ତ୍ରୀଙ୍କୁ ଟଙ୍କା ମାଗିଥିଲା। ହେଲେ ଟଙ୍କା ନ ଦେବାରୁ ନିରଞ୍ଜନ ସ୍ତ୍ରୀ ଓ ଝିଅପୁଅଙ୍କୁ ମାଡ଼ ମାରିଥିଲେ। ଜୀବନ ବିକଳରେ ସେମାନେ ତ୍ରିନାଥଙ୍କ ଘରକୁ ଦୌଡ଼ି ପଳାଇଥିଲେ। ସେମାନଙ୍କୁ ଗୋଡାଇ ନିରଞ୍ଜନ ସେଠାରେ ପହଞ୍ଚି ମାରପିଟ ମାରିଥିଲେ। ଏଥିରେ ସାନଭାଇ ତ୍ରିନାଥ ହସ୍ତକ୍ଷେପ କରିବାରୁ ନିରଞ୍ଜନ ଏକ ପଥରରେ ତ୍ରିନାଥଙ୍କ ମୁହକୁ ଆଘାତ କରିଥିଲେ। ଏଥିରେ ତ୍ରିନାଥ ତଳେ ପଡିଯିବା ପରେ ନିରଞ୍ଜନ ତାଙ୍କ ପେଟ ଓ ଛାତିରେ ପଥର କଚାଡି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖଡିଆଳ ମିଶନ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତ୍ରିନାଥଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ମଝିଆ ଭାଇ ପରମେଶର ମାଝି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦଫା ୩୦୨ରେ ଏକ ମାମଲା (ନଂ. ୧୫୯/୨୩) ରୁଜୁ କରି ପୋଲିସ ନିରଞ୍ଜନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

**GOVERNMENT OF ODISHA** No. C-857

**OFFICE OF THE EXECUTIVE ENGINEER P.H. DIVISION, SAMBALPUR**

Phone No.: (0663) 2412135, Fax No.: (0663) 2412335
Email ID: eephdsbp@gmail.com, eephsbp@nic.in

**NOTICE INVITING TENDERS**

**NATIONAL COMPETITIVE BIDDING THROUGH e-Procurement**

Bid Identification No. EEPHSBP-02/2023-24 Dt.13.07.2023

| | | |
|---|---|---|
| 01. Name of the Work | : | 2 Nos. Work |
| 02. Type of Bid | : | Two Bid System |
| 03. Estimated Cost | : | Rs.56.35 lakhs to Rs.82.70 lakhs |
| 04. Period of Completion | : | 4 (Four) Calendar Months |
| 05. Date & time of availability of bid document in the portal | : | From 11.00 A.M. of Dt.21.07.2023 to 5.00 P.M. of 04.08.2023 |
| 06. Last date/time of receipt of bids in the portal | : | 5.00 P.M. of 04.08.2023 |
| 07. Date & time of opening of Technical Bids | : | At 11.30 A.M. of 05.08.2023 |
| 08. Name and address of the Officer Inviting Bid | : | Executive Engineer, P.H. Division, Sambalpur, Brooks' Hill, Near Stadium, At/P.O.: Motijharan, Dist.- Sambalpur - 768 001 |

Further details can be seen from the website http://tenders.ori.nic.in or www.tendersorissa.gov.in.

Sd./- Executive Engineer
P.H. Division, Sambalpur
OIPR-13026/11/0002/2324

# ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ବଲାଙ୍ଗୀର, ୨୦।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବହଲପଦର ଦମୟନ୍ତୀ ହାଇସ୍କୁଲଠାରେ ଗୁରୁବାର ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଦିଲୀପ କୁମାର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜାମଗାଁ ସିଏଚ୍‌ସି ପକ୍ଷରୁ ସୁନୀଲ କୁମାର ଖଟୁଆ ଓ ବ୍ଲେସିନା ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ନାରାୟଣ ମିଶ୍ର। ଏହି ଅବସରରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ କୌଶଲ୍ୟା ପଧାନ ପ୍ରଥମ, ରାହୁଲ ମହାନନ୍ଦ ଦ୍ୱିତୀୟ, ଅନୁପମା ପଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ଯୋଶୀ ଛତ୍ରିଆ ପ୍ରଥମ, ରାହୁଲ ମହାନନ୍ଦ ଦ୍ୱିତୀୟ, ଅଜିତ କୁମାର ନାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଆୟୁଷ ସେଠ୍ ପ୍ରଥମ, କୌଶଲ୍ୟା ପଧାନ ଦ୍ୱିତୀୟ, ବାକିନ୍ ଛତ୍ରିଆ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟଅତିଥି ବାରିକଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

**GOVERNMENT OF ORISSA** No. O-426

**OFFICE OF THE EXECUTIVE ENGINEER, RURAL WORKS DIVISION, RAYAGADA**

Email: rw_rayagada@yahoo.co.in, Phone No.: 06856-222188

**E-Procurement Notice**

No. 1784 Bid Identification No. EERWRGD-Online-02/2023-24 Date: 19.07.2023

| | | |
|---|---|---|
| 1. Name of the Work | : | Maintenance of Road works for the year 2023-24. |
| 2. Total No. of Works | : | 42 Nos. (Percentage rate tender) |
| 3. Estimated Cost | : | Varies from 5.08 lakhs to 88.53 lakhs |
| 4. Class of Contractor | : | "D", "C" & "B" |
| 5. Time of Completion | : | Specified in DTCN |
| 6. Mode of submission of tender | : | Tender should be submitted only in online https://www.tendersodisha.gov.in. |
| 7. Other details | : | Opening of the financial Bid for the work vide Sl. No. 1 & 42 will be intimated later. Detailed tender ccondition specified in DTCN. |

| Procurement Officer | Bid Identification No. | No. of Works | Availability of Tender Online for Bidding | | Date & Time of opening of tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Rayagada | EERWRGD Online - 02/2023-24 | 42 (Fourty Two) Nos. | 01.08.2023 at 11.00 A.M. | 11.08.2023 upto 5.00 P.M. | 14.08.2023 at 11.00 A.M. |

Further details can be seen from the website: www.tendersodisha.gov.in.
OIPR-25072/11/0002/2324 Sd./- Executive Engineer, R.W. Division, Rayagada

**GOVERNMENT OF ODISHA**
**"e"-PROCUREMENT NOTICE**
**OFFICE OF THE NOTIFIED AREA COUNCIL, ODAGAON**

Tender Call Notice No.1242, Dt.20.07.2023
E-mail: nacodagaon@gmail.com
Bid Identification No. NAC-Odagaon-02/2023-24

**No.C-860:** The Executive Officer, NAC, Odagaon, Dist - Nayagarh inviting percentage rate bid in online mode for the works as detailed in the Annexure from eligible contractors for construction of civil works as detailed in the table below:

| | | |
|---|---|---|
| 1. Nature of Work | : | Civil Works |
| 2. No. of Work | : | 20 Nos. |
| 3. Value of Work | : | As mentioned in DTCN. |
| 4. Class of Contractor | : | C & D Class |
| 5. Available of Bid Document in the Website. | : | From Dt.24.07.2023 at 11.00 A.M to Dt.02.08.2023 Up to 5.00 P.M. |
| 6. Date & time of submit the documents | : | Dt. 03.08.2023 at 11.00 A.M. to 2.00 PM |
| 7. Date & time of opening Bid | : | Dt. 04.08.2023 at 11.00 A.M. |

8. The Bidders have to participate in ONLINE bidding only. Further details can be seen from the website:https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

Sd./- Executive Officer, NAC, Odagaon
OIPR-13142/11/0009/2324

**ODISHA HYDRO POWER CORPORATION LTD.,**
OHPC
**O/o. Sr- GENERAL MANAGER, HIRAKUD HYDRO ELECTRIC PROJECT,**
POST BOX. NO. 5, BURLA-768017, DISTRICT: SAMBALPUR (ODISHA),
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-WK-202/ 3571 Date : 20.07.2023

**e-TENDER CALL NOTICE NO. HHEP-50/2023**

**No.CAD-1372:** Unit Head, HHEP, Burla invites percentage rate e-tender in single cover system from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received online mode only for the following work in the portal https://tendersodisha.gov.in. Only those bidders who successfully remit their cost of tender paper & EMD online would be able to eligible in the tender.

| Name of work | Approx.tender value of work (in Rs.) excluding GST, EPF & ESI | Cost of Tender Paper (Non-refundable) | EMD in Rs. | Availability of bids online | Last date and time of receipt of bid online | Date & Time of opening of tender | Class of Contractor |
|---|---|---|---|---|---|---|---|
| Renovation of outside toilet at Power House of HHEP, Burla | 6,39,471/- | Rs.4720/- (Rs. 4000/-+ GST 18%) | 6400/- | 24.07.2023 (11.00 AM) to 07.08.23 upto 04.00 PM | 07.08.23 upto 04.00 PM | 07.08.23 at 04.30 PM | 'D' & 'C' |

The bidders shall have to participate in online only in the portal https://tendersodisha.gov.in.
Further details can be seen from the e-procurement portal https://tendersodisha.gov.in. / www.ohpcltd.com
OIPR-04007/11/0025/2324 Sd./- Unit Head, HHEP, Burla

# ନାବାଳିକା ଅସଦାଚରଣକାରୀଙ୍କୁ ୪ବର୍ଷ ଜେଲ

ବଲାଙ୍ଗୀର, ୨୦।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ଗୋପବନ୍ଧୁ ଗଡନାୟକ ଗୁରୁବାର ଏକ ମାମଲାର ଶୁଣାଣି କରି ନାବାଳିକା ଅସଦାଚରଣକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ଜେଲ ଦଣ୍ଡାଦେଶ ଦେବା ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରମାନା ଅନାଦାୟ ଆହୁରି ୩ ମାସ ଜେଲଦଣ୍ଡ ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ବଲାଙ୍ଗୀର ସଦର ଥାନା ବାରପୁଡୁଗିଆ ଗାଁର ସଚ୍ଚିକାନ୍ତ ବରିହା(୪୫)।୨୦୧୭ ମାର୍ଚ୍ଚ ମାସରେ ନାବାଳିକା ପରିଶ୍ରା କରିବା ପାଇଁ ଘରୁ ବାହାରିବା ବେଳେ ଅଭିଯୁକ୍ତ ତାଙ୍କୁ ଅସଦାଚରଣ କରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ଥାନାରେ ମାମଲା (୫୩/୨୦୧୭) ରୁଜୁ ପରେ ପୋଲିସ ଅଭିଯୁକ୍ତ ବରିହାଙ୍କୁ ଗିରଫ କରିଥିଲେ। ଏହି ମାମଲା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ବିଚାର କରାଯାଇଥିଲା। ଏହି ମାମଲାକୁ ଆଡଭୋକେଟ ପ୍ରିୟରଞ୍ଜନ ବହିଦାର ପରିଚାଳନା କରିଥିଲେ।

**OFFICE OF THE PURI MUNICIPALITY, PURI**

Mail ID: purim.hud@nic.in, purim.hud@gmail.com
Letter No. 6691 Dated: 20.07.2023

**NOTICE INVITING TENDER**

No. C-863: Sealed tenders are invited from intending manufacturers/suppliers/agencies having valid GST, PAN & Registration Certificate for supply & installation of double arm system light on the divider from Two Hall Chhaka to Mochi Sahi Chhaka of Puri Municipality area. The tender paper along with terms & conditions shall be submitted to the Office of the Executive Officer, Puri Municipality, Puri on or before Dt.01.08.2023 at 05 P.M. through Speed Post/ Regd. Post only. The tender documents should be submitted clearly superscribed on envelope as "BID DOCUMENT FOR THE SUPPLY AND INSTALLATION OF DOUBLE ARM SYSTEM LIGHT". The tenders will be opened at 11.30 A.M. on Dt.02.08.2023 in presence of bidders or their authorized representatives, who may present at the time of opening of the tenders, Puri Municipality will in no way be responsible for any postal delay. Tenders received beyond the schedule date shall be rejected. The details of Terms & Condition and specifications may be downloaded from the website **www.purimunicipality.in** & **www.puri.nic.in**.

The authority reserves the right to reject any or all the tenders without assigning any reason thereof.

OIPR-13159/11/0021/2324 Sd./- Executive Officer
Puri Municipality, Puri

# ଡବ୍ଲ୍ୟୁଓଡିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

ଦେଓଗାଁ, ୨୦।୭
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକକୁ ଗୁରୁବାର ପଶ୍ଚିମ ଓଡିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ କୁମାର ମିଶ୍ର ଗସ୍ତ କରି ପରିଷଦ ଆବଣ୍ଟିତ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ପ୍ରଥମେ ଧଣ୍ଡାମାଲ ପଞ୍ଚାୟତ ଅନ୍ତର୍ଗତ ଅନ୍ତର୍ଲାରେ ନିର୍ମାଣ ହୋଇଥିବା ମୁଖ୍ୟମନ୍ତ୍ରୀ ସଭାଗୃହକୁ ବୁଲି ଦେଖିବା ସହ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତିକୁ ନେଇ ସମୀକ୍ଷା କରିଥିଲେ। ଏ ଅବସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଦେଓଗାଁ ମୁଖ୍ୟାଳୟରେ ଏକ କଲ୍ୟାଣ ମଣ୍ଡପର ନିତ୍ୟାନ୍ତ ଆବଶ୍ୟକତା ରହିଥିବା ନେଇ ଜଣାଇଥିଲେ। ଏହି ଅବସରରେ ଦେଓଗାଁ ସମିତି ସଭ୍ୟା ମୀନା କୁମାରୀ ସା, ବିଡିଓ ସୁରେନ୍ଦ୍ର କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପ୍ରାୟ ୪୦ଲକ୍ଷ ଟଙ୍କା ମଞ୍ଜୁର କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ବ୍ଲକ ଅଧ୍ୟକ୍ଷ ଖମାରୀ ସୂଚନା ଦେଇଛନ୍ତି।

**OFFICE OF PANCHAYAT SAMITI, JHUMPURA**

Letter No. 2430 Date: 19.07.2023

**DETAIL TENDER CALL NOTICE 01/BDO, JHUMPURA OF 2023-24**

No. i-249: The Block Development Officer, Jhumpura invites sealed percentage rate composite bid tenders in Single Cover System on behlaf of Governor of Odisha from registered and eligible class of Civil Contractor of the State P.W.D. (R&B)/Water Resources/Rural Works/M.I./C.P.W.D. conformity with the DTCN are invited from the "C" & "B" Class Contractors for execution of the following works (Composite work i.e. Civil Work, EI Work & PH Work) eventually to be drawn up in the P.W.D. P-2 forms in conformity with the Detailed Tender Call Notice. The Block Development Officer, Jhumpura reserve the right to reject any or all the tenders without assigning any reasons thereof. Other details can be seen in the bidding documents.

| Sl. No. | Name of the work with Location | Scheme | Est. Cost Put to Tender (Rs.) | EMD @ 1% | Cost of Tender Document (Non-refundable) (Rs.) | Class of Contractors | Time of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Const. of Proposed Sub Centre Building at Chauthia Under Jhumpura Block | OMBADC (NHM) | 38,98,100.00 | 39000.00 | 6000.00 | "C" & "B" | 9 (Nine) Calendar Months |
| 2 | Const. of Proposed Sub Centre Building at Nayagarh Under Jhumpura Block | OMBADC (NHM) | 38,98,254.00 | 39000.00 | 6000.00 | "C" & "B" | 9 (Nine) Calendar Months |
| 3 | Const. of Proposed Sub Centre Building at Arsala Under Jhumpura Block | OMBADC (NHM) | 38,97,841.00 | 39000.00 | 6000.00 | "C" & "B" | 9 (Nine) Calendar Months |
| 4 | Const. of Proposed Sub Centre Building at Naradpur Under Jhumpura Block | OMBADC (NHM) | 38,98,187.00 | 39000.00 | 6000.00 | "C" & "B" | 9 (Nine) Calendar Months |

**Terms and Conditions:**

1. **Cost of Tender Paper:** The tender specification can be obtained from the Office of the Block Development Officer, Jhumpura on payment towards the cost of tender papers as mentioned above (Non-Refundable) in shape of Bank Draft drawn in favour of Block Development Officer, Jhumpura in any Nationalized Bank having its branch at Keonjhar on any working day from 24.07.2023 to 02.08.2023 for the above work.
2. **Sale of Tender Papers:** The tender documents will be sold from 24.07.2023 to 02.08.2023 at Block office, Jhumpura between 11.00 A.M. to 1.00 P.M. on working days only.
3. **Date of receipt and mode of submission of Tender Papers:** The tenderers must submit the sealed tender papers in complete shape through Registered Post/Speed Post only, by directly sending it to the B.D.O., Jhumpura in his official postal address. The last date of receipt of tender paper is 04.08.2023 upto 4.00 P.M. The undersigned will not be responsible for postal delay if any or non-receipt of the papers in time. The tenders must superscribed the name of the work/project on the sealed envelope.
4. **Date of Opening of Tender Paper:** The tender paper shall be opened on 07.08.2023 at 11.00 A.M. in the presence of the tenderers or their authorized representative having written authorization for the purpose and the tender committee in the conference hall of Jhumpura Block Office.
5. **Documents to be attached:** The following document should be furnished with the tender papers failing which the tender will be liable to rejection.
(a) An affidavit regarding "Bid Security Declaration".
(b) Self attested copy of Contractor Registration Certificate.
(c) Self attested copy of PAN Card/Certificate of GSTIN.
(d) Original money receipt granted by B.D.O., Jhumpura towards cost of tender papers.
(e) Self attested copy of caste certificate issued by competent authorities in case of SC/ST contractors desirous of availling preference.
(f) The bidders must produce an original affidavit in support of the authenticity of documents attached with the tender papers.
(g) Joint venture consortium agreements are not allowed to participate in tender.
6. Shortfall of any required document(s) and tender paper is liable for rejection.
7. **Additional Performance Security Deposit:** The affidavit in lieu of APS will be submitted by the successful bidder for the cost of less quoted in percentage of the amount put to tender before the signing of the agreement of the contract. (Vide works Department Letter No. 16659/W Date: 20.09.2018, Govt. of Odisha, Works Department). As per office Memorandum No. 6559 Dated 05.06.2021 of works Deptt., Govt. of Odisha modification to APS will be followed as detailed below:

| Sl. No. | Range of Difference between the estimated cost put to tender and Bid Amount | Additional Performance Security to be deposited by the successful bidder |
|---|---|---|
| 1 | Below 5% | No Additional Performance Security |
| 2 | From 5% and above and below 10% | 50% of (Difference between estimated cost put to tender and Bid Amount) |
| 3 | From 10% and above | 150% of (Difference between estimated cost put to tender and Bid Amount) |

8. Submission of more than one tender paper by a bidder for a single work will be liable for rejection of all such tender papers.
9. The Block Development Officer, Jhumpura reserve the right to reject any or all the tenders without assigning any Reasons thereof. Other details can be seen in the bidding documents.
10. If the rate quoted by the bidder is more less than (14.99% Less) of the tendered amount, then such a bid shall be rejected and the tender shall be finalized basing on merits of rest bids. But if more than one bid is quoted at 14.99% (Decimal upto two numbers will be taken for practical purpose) less than the estimated cost, the tendered accepting authorities will finalize the tender through a transparent lottery system where all bidders/authorized representatives, the concerned Block Development Officer and the tender committee will remain present.

OIPR-19108/11/0001/2324 Sd./- Block Development Officer, Jhumpura

# ପୋଲ କାମ ସରୁନି, ଯାତାୟାତ ବାଧାପ୍ରାପ୍ତ



କୁମୁଣ୍ଡେ ବାଲିପଟା ନାଳ ଉପରେ ନିର୍ମାଣାଧୀନ ପୋଲ।

ଲୋଇସିଂହା, ୨୦।୭
(ସୁଶାନ୍ତ ବାରିକ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ପଞ୍ଚାୟତ ଅନ୍ତର୍ଗତ କୁମୁଣ୍ଡେ ଗ୍ରାମର ପ୍ରବେଶ ପଥରେ ଥିବା ବାଲିପାଟା ନାଳ ଉପରେ ଉଚ୍ଚ ଓ ପ୍ରଶସ୍ତପୋଲ ନିର୍ମାଣ ଚାଲିଛି । ବର୍ଷାଦିନ ପୂର୍ବରୁ ଏହି କାମ ସରି ନ ଥିବାରୁ ଅଞ୍ଚଳବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଳମ୍ବିତ କାମକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଗଲାପାଲି ଭାୟା ଦେଇ ସୁବର୍ଣ୍ଣପୁର ଜିଲା କୁମୁଣ୍ଡେ ଗ୍ରାମବସ୍ତି ଦେଇ ମେଣ୍ଡାକୁ ରାସ୍ତା ସଂଯୋଗୀକରଣ ରହିଛି। ସୋନପୁର ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ମେଣ୍ଡାରୁ କୁମୁଣ୍ଡେ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାମ ହେଉଛି। ଦୀର୍ଘବର୍ଷ ହେଲା କାମ ଚାଲିଥିଲେ ବି ସରୁନି ବୋଲି ଅଞ୍ଚଳବାସୀ ଅଭିଯୋଗ କରଛନ୍ତି। ମେଣ୍ଡା ପଟରୁ ଆସିଲା ବେଳେ କୁମୁଣ୍ଡେ ଗ୍ରାମର ପ୍ରବେଶ ପଥରେ ଥିବା ବାଲିପଟା ନାଳରେ ଏକ ସଂକୀର୍ଣ୍ଣ ପୋଲ ଥିଲା। ରାସ୍ତା ପ୍ରଶସ୍ତିକରଣ ବେଳେ ଏହି ପୋଲକୁ ଉଚ୍ଚ ଓ ପ୍ରଶସ୍ତ କରାଯାଇଛି। ପ୍ରାୟ ଏକବର୍ଷ ହେବ ଉକ୍ତ ପୋଲ କାମ ଚାଲିଛି। ନିକଟରେ ପୋଲର ଛାତ ପଡିଛି। ପୋଲର ଉଭୟପାର୍ଶ୍ୱରେ ହେବାକୁ ଥିବା ୨୫ ମିଟର ଲେଖାଏ ଗାର୍ଡୱାଲ ଓ ରାସ୍ତା କାମ ହୋଇପାରିନାହିଁ। ଖରାଦିନରେ ଲୋକେ ପୋଲର ବାଇପାସ ରାସ୍ତାରେ ଯିବା ଆସିବା କରୁଥିଲେ। ବର୍ଷା ଆସିଯାଇଥିବାରୁ ବାଇପାସ ରାସ୍ତାରେ ଯାତାୟତ ସମ୍ଭବ ହେଉନାହିଁ। ଫଳରେ ରାଣୀସର୍ଡା ହାଇସ୍କୁଲ, ମେଣ୍ଡା କଲେଜ ଏବଂ ଅନ୍ୟତ୍ର ଯିବା ଆସିବାକୁ ସ୍ଥାନୀୟ ଅଧିବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ୧କୋଟି ୭୬ ଲକ୍ଷ ବ୍ୟୟ ଅଟକଳରେ ଏହି ପୋଲ କାମ ଚାଲିଛି। କାମ ଅଧା ହୋଇଥିଲେ ବି ସୂଚନା ଫଳକ ଲଗାଯାଇନାହିଁ।

**ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ**

**ଧାନ ସଂଗ୍ରହ ବର୍ଷ– ୨୦୨୩–୨୪**

ବିଗତବର୍ଷ ଭଳି ଚଳିତବର୍ଷ ୨୦୨୩–୨୪ ପାଇଁ ଆମ ରାଜ୍ୟରେ ଖରିଫ ଧାନ ସଂଗ୍ରହ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ହେବ । ଏଥିପାଇଁ ଚାଷୀଭାଇମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ପ୍ରାଥମିକ ସମବାୟ ସମିତି (PACS/ LAMPCs) ଜରିଆରେ ୧୫.୦୮.୨୦୨୩ରିଖ ମଧ୍ୟରେ ସେମାନଙ୍କର ନାମ ପଞ୍ଜୀକରଣ କରାଇନେବେ । ସେଥିପାଇଁ ସମିତି (PACs/ LAMPCs) ସ୍ତରରେ ଏକ Help Desk କାର୍ଯ୍ୟ କରିବ ।

**ପଞ୍ଜୀକରଣ ପାଇଁ ଆବଶ୍ୟକୀୟ କାଗଜପତ୍ର**

୧.ବ୍ୟାଙ୍କ ପାସ୍ ବହିର ପ୍ରଥମ ପୃଷ୍ଠାର ନକଲ
୨.ଜମିର ପ୍ରମାଣପତ୍ର ଯଥା ଜମି ପଟ୍ଟା ଇତ୍ୟାଦି
୩.ଆଧାର କାର୍ଡର ନକଲ
୪.ମୋବାଇଲ ନମ୍ବର/ନିଜର ଯଦି ନଥାଏ, ପରିବାରର ଯେକୌଣସି ସଦସ୍ୟଙ୍କର
୫.ଭାଗଚାଷୀଙ୍କ କ୍ଷେତ୍ରରେ ସମ୍ପୃକ୍ତ ଜମି ମାଲିକଙ୍କର ସହମତି ପତ୍ର ସହିତ ଆଧାରକାର୍ଡର ନକଲ
୬.କେଉଁ ମାସ ଓ ତାରିଖରେ ଧାନ ବିକ୍ରୟ କରିବେ ତାହା ପଞ୍ଜୀକରଣ ଫର୍ମରେ ଉଲ୍ଲେଖ କରିବେ
ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଧାନ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବାପାଇଁ ସରକାରଙ୍କର ଲକ୍ଷ୍ୟ ।

**ସମିତିର(PACS ଓ LAMPCS)ର ଦାୟିତ୍ୱ**

ଧାନ ସଂଗ୍ରହ ପାଇଁ ଇଚ୍ଛୁକ ଥିବା ସମସ୍ତ ଚାଷୀମାନଙ୍କୁ ନୂତନ ପଞ୍ଜୀକରଣ ଫର୍ମ ପ୍ରଦାନ କରିବେ । ସମିତି (PACS ଓ LAMPCS) ମାନେ ଡିଜିଟାଇଜେସନ କାର୍ଯ୍ୟ ସତ୍ୟ ଓ ନିର୍ଭୁଲ୍ ଭାବରେ କରି ଯଥାଶୀଘ୍ର ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ କରିବେ ।
ଯଦି କୌଣସି ଅଭିଯୋଗ ଥାଏ, ତେବେ ଦେୟମୁକ୍ତ ନମ୍ବର ୧୯୬୭ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ସମୟ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ ।

**ନିୟନ୍ତ୍ରିତ ବଜାର କମିଟି, କୋରାପୁଟ**

ସ୍ୱା./–ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, କୋରାପୁଟ

# ସର୍ବକାଳୀନ ରେକର୍ଡ ସ୍ତରରେ ନିଫ୍ଟି

## ସେନ୍‌ସେକ୍ସ ୬୮,୦୦୦ ଅଙ୍କ ନିକଟବର୍ତ୍ତୀ

ନୂଆଦିଲ୍ଲୀ,୨୦।୭ (ଅଭୟ ଦାଶ)

ଗତ କିଛି ଦିନ ହେବ ଭାରତୀୟ ଶେୟାର ମାର୍କେଟର କାରବାର ପୂର୍ବାପେକ୍ଷା ଭଲ ରହିଛି। ଏପରିକି କ୍ରମାଗତ ଭାବେ ବଜାରର କାରବାର ବୃଦ୍ଧି ପାଉଥିବାବେଳେ ଉଭୟ ନିବେଶକ ଓ ପଞ୍ଜୀକୃତ କମ୍ପାନୀଗୁଡ଼ିକ ବେଶ ଲାଭବାନ ହେଉଛନ୍ତି। ବିଶେଷ କରି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ଗତ କିଛି ଦିନ ମଧ୍ୟରେ ନିଫ୍ଟି-୫୦ର କାରବାର ଓ ଉତ୍ତମ ପ୍ରଦର୍ଶନ ଯୋଗୁ ଏନଏସଇ ନିଫ୍ଟି-୫୦ର ହାର ୨୦,୦୦୦ ଅଙ୍କ ନିକଟବର୍ତ୍ତୀ ହୋଇପାରିଛି। ଅପରପକ୍ଷରେ ବ୍ୟାଙ୍କ ନିଫ୍ଟି ମଧ୍ୟ ଅଲ ଟାଇମ ହାଇ ୪୬,୨୫୬.୨୦ ଅଙ୍କରେ ପହଞ୍ଚିଛି।



ସେହିଭଳି କ୍ରମାଗତ ୬ଷ୍ଠ ଦିନ ଲାଗି ପୁଞ୍ଜି ବଜାରର କାରବାରରେ ମଧ୍ୟ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ ଦିନର ବଜାର କାରବାର ଉଚ୍ଚ ରହିଛି। ଫଳରେ ଗୁରୁବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ସେନସେକ୍ସ ୪୭୪ ( ୪୭୪.୪୬) ପଏଣ୍ଟ ବଢ଼ି ୬୭,୫୭୨(୬୭,୫୭୧.୯୦) ଅଙ୍କରେ ପହଞ୍ଚିବା ସହ ୬୮,୦୦୦ଅଙ୍କର ନିକଟବର୍ତ୍ତୀ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୪୬ (୧୪୬.୦୦) ପଏଣ୍ଟ ବୃଦ୍ଧି ଘଟି ୧୯,୯୭୯ (୧୯,୯୭୯.୧୫) ଅଙ୍କରେ ପହଞ୍ଚିଛି। ଅପରପକ୍ଷରେ ଗୁରୁବାର ବିଏସଇ ମିଡକ୍ୟାପ ଏବଂ ସ୍ମଲ କ୍ୟାପରେ ମଧ୍ୟ କାରବାର ଭଲ ରହିଥିଲା। ଫଳରେ ଉଭୟ କ୍ୟାପର କାରବାର ଯଥାକ୍ରମେ ୨୯,୬୭୧.୬୦ ଏବଂ ୩୪,୧୯୩.୭୪ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ବିଏସଇ ସେନସେକ୍ସରେ ଆଇଟିସି (୨.୭୮%), କୋଟାକ ମହିନ୍ଦ୍ରା ବ୍ୟାଙ୍କ (୨.୬୮%) ଆଇସିଆଇସିଆଇ ବ୍ୟାଙ୍କ (୨.୨୪%), ମାରୁତି ସୁଜୁକି (୧.୭୫%) ଏବଂ ଏୟାରଟେଲ (୧.୭୨%) ଅଂଶଧନ ବୃଦ୍ଧି କରିଥିବାବେଳେ ନିଫ୍ଟି-୫୦ରେ ଆଇଟିସି (୨.୬୪%), କୋଟାକ ମହିନ୍ଦ୍ରା ବ୍ୟାଙ୍କ (୨.୬୨%), ଆଇସିଆଇସିଆଇ ବ୍ୟାଙ୍କ (୨.୧୯%), ଡକ୍ଟର ରେଡ୍ଡି ଲାବସ (୧.୯୭%) ଏବଂ ଗ୍ରାସିମ ଇଣ୍ଡଷ୍ଟ୍ରି (୧.୯୭%) ଅଂଶଧନ ବୃଦ୍ଧି କରିଛନ୍ତି।

## ରିଅଲ୍‌ମିର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୨୦।୭

ରିଅଲ୍‌ମିର ନୂତନ ଉତ୍ପାଦଗୁଡ଼ିକର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷ କରି ଏହାର ଚାମ୍ପିୟନ୍ ସିରିଜ୍‌ରେ ନୂତନତମ ଯୋଗ ସହ ରିଅଲ୍‌ମି ସି୫୩ ଏବଂ ରିଅଲ୍‌ମି ପ୍ୟାଡ-୨ର ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏପରିକି ଅତ୍ୟାଧୁନିକ ଫିଚର, ଲିପ୍-ଫର୍‌ୱାର୍ଡ ଟେକ୍ନୋଲୋଜିକାଲ ଆଡ୍‌ଭାନ୍ସମେଣ୍ଟ ଓ ଶକ୍ତିଶାଳୀ ପ୍ରଦର୍ଶନରେ ସୁସଜ୍ଜିତ ଏହି ଉତ୍ପାଦଗୁଡ଼ିକ ଶିଳ୍ପରେ ବିପ୍ଳବ ଆଣିବ ବୋଲି ବ୍ରାଣ୍ଡ୍ ପକ୍ଷରୁ କୁହାଯାଇଛି। ସେହିଭଳି ରିଅଲ୍‌ମି ସି୫୩ ସେଗମେଣ୍ଟର ପ୍ରଥମ ଓ ଏକମାତ୍ର ସ୍ମାର୍ଟଫୋନ୍, ଯାହାକି ୩ ଗୁଣ ଇନ୍-ସେନ୍ସର ଜୁମ୍ ସହିତ ୧୦୮ଏମ୍‌ପି ଅଲ୍‌ଟ୍ରା କ୍ଲିୟର କ୍ୟାମେରା, ୮ଏମ୍‌ପି ସେଲ୍‌ଫି କ୍ୟାମେରା ସହିତ ସୁସଜ୍ଜିତ ରହିଛି। ସେହିପରି ରିଅଲ୍‌ମି ପ୍ୟାଡ୍ ୨ ହେଉଛି ସେଗମେଣ୍ଟର ପ୍ରଥମ ଟାବ୍‌ଲେଟ୍ ଯେଉଁଥିରେ ୧୨୦ଏଚ୍‌ଜେଡ୍ ୨କେ ଡିସ୍‌ପ୍ଲେ ରହିଛି ।

## ବିଓଏମ୍‌ର ପ୍ରଥମ ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୨୦।୭



ଏ.ଏସ୍.ରାଜୀବ

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର(ବିଓଏମ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଓଏମ୍‌ର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଖରାପ ଋଣରେ ହ୍ରାସ ଏବଂ ସୁଧ ଆୟରେ ବୃଦ୍ଧି ସହ ୯୫% ଅଭିବୃଦ୍ଧି ହାରରେ ବ୍ୟାଙ୍କ ମୋଟ ୮୮୨ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି। ଯାହା ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୪୫୨କୋଟି ଟଙ୍କା ରହିଥିଲା। ସେହିଭଳି ବ୍ୟାଙ୍କର ମୋଟ୍ ବ୍ୟବସାୟ ୨୪.୮୪% ବୃଦ୍ଧି ପାଇ ୪,୨୦,୦୪୧ କୋଟି ଟଙ୍କାରେ ପହଞ୍ଚିଛି। ଏପରିକି ବ୍ୟାଙ୍କର ଗ୍ରସ୍ ଅଗ୍ରିମ ୨୪.୯୮% ବୃଦ୍ଧି ପାଇ ୧,୭୫,୬୭୬ କୋଟି ଟଙ୍କାରେ ପହଞ୍ଚିଛି। ଚଳିତ ବର୍ଷ ଜୁନ୍ ମାସ ଶେଷ ସୁଦ୍ଧା ବ୍ୟାଙ୍କର ମୋଟ ଜମା ୨୪.୭୩% ବୃଦ୍ଧି ପାଇ ୨,୪୪,୩୬୫ କୋଟି ଟଙ୍କା ହୋଇଥିବା ବେଳେ ମୋଟ ଆୟ ବୃଦ୍ଧି ପାଇ ୫,୪୧୭ କୋଟି ଟଙ୍କାରେ ପହଞ୍ଚିଛି। ଯାହା ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୩,୭୭୪ କୋଟି ଟଙ୍କା ଥିଲା। ବ୍ୟାଙ୍କର ସୁଧ ଆୟରେ ମଧ୍ୟ ବୃଦ୍ଧି ଘଟି ୪,୭୮୯ କୋଟି ଟଙ୍କାରେ ପହଞ୍ଚିଛି। ଯାହା ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୩,୪୫୭ କୋଟି ଟଙ୍କା ଥିଲା। ବ୍ୟାଙ୍କର ନେଟ୍ ସୁଧ ଆୟ ୩୮.୮୦% ଅଭିବୃଦ୍ଧି ହାର ହାସଲ କରି ୨,୩୪୦ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୩ ଜୁନ୍ ଶେଷ ସୁଦ୍ଧା ବିଓଏମର ଗ୍ରସ୍ ଏନ୍‌ପିଏ ୨.୨୮% ହ୍ରାସ ପାଇ ସମ୍ପତ୍ତିର ଗୁଣବତ୍ତାରେ ଉନ୍ନତି ପ୍ରଦର୍ଶନ ହୋଇଛି, ଯାହା ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୩.୭୪% ରହିଥିଲା। ବ୍ୟାଙ୍କର ନେଟ୍ ଏନ୍‌ପିଏ କିମ୍ବା ଅନାଦାୟ ଋଣ ୦.୨୪% କୁ ହ୍ରାସ ପାଇଛି, ଯାହା ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୦.୮୮% ରହିଥିଲା ବୋଲି ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଏସ୍.ରାଜୀବ ମତ ପ୍ରକାଶ କରିଛନ୍ତି।

## ସବ୍‌ସ୍କ୍ରିପଶନ ପ୍ୟାକ୍‌ରେ ୧୪୩%ର ଅଭିବୃଦ୍ଧି

ଭୁବନେଶ୍ୱର,୨୦।୭

ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଓଡ଼ିଶାରୁ ବିଦେଶକୁ ଯାତ୍ରା କରୁଥିବା ଗ୍ରାହକଙ୍କ ପାଇଁ ଏୟାରଟେଲ ସବ୍‌ସ୍କ୍ରିପଶନ ପ୍ୟାକ୍‌ରେ ୧୪୩%ର ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। କନେକ୍ଟେଡ୍ ରହିବାକୁ ସହଜ, ଅନ୍ତର୍ନିହିତକାରୀ ଓ ସୁବିଧାଜନକ କରିବା ପାଇଁ ଏୟାରଟେଲ୍ ତା'ର ଇଣ୍ଟରନ୍ୟାଶନାଲ ରୋମିଂ ପ୍ଲାନ୍‌କୁ ଆକର୍ଷଣୀୟ ଭାବେ ପ୍ରସ୍ତୁତ କରିଛି। ଏହା ଉଭୟ ପ୍ରିପେଡ୍ ଓ ପୋଷ୍ଟପେଡ୍ ସେଗ୍‌ମେଣ୍ଟରେ ଉପଲବ୍ଧ। ସେହିଭଳି ପ୍ୟାକ୍ ସବ୍‌ସ୍କ୍ରିପଶନ କ୍ଷେତ୍ରରେ କମ୍ପାନୀ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ଆଣିଛି। ଏ ସମ୍ପର୍କରେ ଭାରତୀ ଏୟାରଟେଲ୍ ଓଡ଼ିଶା ସିଓଓ ଆଶିଷ ଖୁରାନା କହିଛନ୍ତି, ଆମେ ଆମର ଗ୍ରାହକଙ୍କ ଅନୁଭୂତିକୁ ଉନ୍ନତ କରିବା ପାଇଁ ନିରନ୍ତର ପ୍ରୟାସ କରୁଛୁ। ଆମର ନୂଆ ଅନ୍ତର୍ଜାତୀୟ ରୋମିଂ ପ୍ଲାନ୍‌ଗୁଡ଼ିକ ପୁଣିଥରେ ଗ୍ରାହକଙ୍କୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱ ଦେଉଛି। ବିଦେଶକୁ ଭ୍ରମଣ କରିବା ସମୟରେ ନିର୍ଭରଯୋଗ୍ୟ ସଂଯୋଗ ବର୍ତ୍ତମାନ ସମୟର ଏକ ନିଶ୍ଚିତ ଆବଶ୍ୟକତାରେ ପରିଣତ ହୋଇଛି। ଆମର ଅଗ୍ରଣୀ ରୋମିଂ ପ୍ଲାନ୍‌ଗୁଡ଼ିକ ଖୁବ୍ ସୁଲଭ ଏବଂ ଆମର ଗ୍ରାହକମାନେ ଯେପରି ନିଜର ସିମ୍ କାର୍ଡ କିମ୍ବା ନମ୍ବର ପରିବର୍ତ୍ତନ କରିବାର ସମସ୍ୟା ବିନା ସବୁ ସ୍ଥାନରେ ସବୁ ସମୟରେ କନେକ୍ଟେଡ୍ ରହିପାରିବେ ଏହା ତାହା ସୁନିଶ୍ଚିତ କରୁଛି। ଏୟାରଟେଲ୍‌ର ଅନ୍ତର୍ଜାତୀୟ ରୋମିଂ ପ୍ଲାନ୍ ବାଧାମୁକ୍ତ ସଂଯୋଗ (ନମ୍ବର ପରିବର୍ତ୍ତନର ଆବଶ୍ୟକତା ନାହିଁ) ସର୍ବୋତ୍ତମ ଉପଲବ୍ଧ ନେଟ୍‌ୱର୍କ, ନମନୀୟ ଅବଧି ବିକଳ୍ପ, ଅସୀମିତ ଜରୁରିକାଳୀନ ସଂଯୋଗ, ଏୟାରଟେଲ୍ ଥ୍ୟାଙ୍କସ୍ ଆପ୍ ମାଧ୍ୟମରେ ନିୟନ୍ତ୍ରଣ ଏବଂ ଅନ୍ କଲ୍ ଓ ହ୍ୱାଟ୍‌ସଆପରେ ଉପଲବ୍ଧ ଏକ ସମର୍ପିତ ଟୋଲ୍-ଫ୍ରି ନମ୍ବର ୯୯୧୦୦-୯୯୧୦୦ ସମେତ ସ୍ଥାନୀୟ ସିମ୍‌କାର୍ଡଗୁଡ଼ିକ ଉପରେ ଅନେକ ସୁବିଧା ପ୍ରଦାନ କରୁଛି।

## ବେଦାନ୍ତକୁ ଶ୍ରେଷ୍ଠ କାର୍ଯ୍ୟସ୍ଥଳୀର ମାନ୍ୟତା

ଭୁବନେଶ୍ୱର,୨୦।୭

ଦେଶର ପ୍ରମୁଖ ଶିଳ୍ପସଂସ୍ଥା ବେଦାନ୍ତ ଆଲୁମିନିୟମ ୨୦୨୩ ବର୍ଷ ପାଇଁ ଶ୍ରେଷ୍ଠ କାର୍ଯ୍ୟସ୍ଥଳୀର ମାନ୍ୟତା ହାସଲ କରିଛି। ବିଶେଷକରି ଏଠାରେ ନିଯୁକ୍ତି କ୍ଷେତ୍ରରେ ଉପଯୁକ୍ତ ପରିବେଶ ଓ ନିଯୁକ୍ତିଦାତା ଭାବେ କମ୍ପାନୀର ସ୍ଥିତିକୁ ଆହୁରି ସୁଦୃଢ଼ କରାଯାଇଛି। ଏପରିକି ଏହାର ନୀତି ଓ ଆଦର୍ଶ ଏବଂ କର୍ମ ସଂସ୍କୃତି ବେଶ ପ୍ରଶଂସିତ ହୋଇପାରିଛି। ଫଳରେ କାର୍ଯ୍ୟ କରିବା ପାଇଁ ଶ୍ରେଷ୍ଠ ସ୍ଥାନର ପ୍ରମାଣ ପତ୍ର ସର୍ବଭାରତୀୟ ସ୍ତରରେ ଉଭୟ କର୍ମଚାରୀ ଓ ନିଯୁକ୍ତିଦାତାଙ୍କ ଦ୍ୱାରା ମହତ୍ତ୍ୱପୂର୍ଣ୍ଣ କର୍ମ ସଂସ୍କୃତିର ମାନଦଣ୍ଡ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ବ୍ୟକ୍ତିଗତ ଭାବେ ବେଦାନ୍ତ ଆଲୁମିନିୟମର ୟୁନିଟଗୁଡ଼ିକ୍ ଅନେକ ଥର ଏହି କୃତିତ୍ୱକୁ ପ୍ରମାଣିତ କରିଛି। ବିଶ୍ୱର ବୃହତ୍ ଆଲୁମିନିୟମ ଉତ୍ପାଦକ ଭାବେ ପରିଚିତ ବେଦାନ୍ତ ଆଲୁମିନିୟମ ୬ ଥର ଶ୍ରେଷ୍ଠ କାର୍ଯ୍ୟସ୍ଥଳୀର ପ୍ରମାଣ ପତ୍ର ପାଇଥିଲା ବେଳେ ବାଲକୋ ୟୁନିଟ୍ ୪ ଥର ଏବଂ ଲାଞ୍ଜିଗଡ଼ ୟୁନିଟ୍ ୫ଥର ଏହି ପ୍ରମାଣ ପତ୍ର ଲାଭ କରିଛି।



ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଓଓ (ଆଲୁମିନିୟମ ବ୍ୟବସାୟ) ସୁନୀଲ ଗୁପ୍ତା କହିଛନ୍ତି, କମ୍ପାନୀର କର୍ମଚାରୀମାନେ ଆମର ବଳିଷ୍ଠ ସମ୍ପତ୍ତି। ଏପରିକି ଆମେ ବିଶ୍ୱାସ କରୁ ଯେ ଏହି ସଫଳତା କେବଳ ସେହିମାନଙ୍କ ଯୋଗୁ ସମ୍ଭବ ହୋଇପାରିଛି। ବିଶେଷ କରି ଆମ ଲୋକମାନଙ୍କର ଅଭ୍ୟାସ ଏକ ସହାୟକ ପରିବେଶ ସୃଷ୍ଟି କରିଛି, ଯାହାଫଳରେ ଆମର ଉଭୟ ବ୍ୟକ୍ତିଗତ ଓ ବୃତ୍ତିଗତ ଉନ୍ନତି କରିବାକୁ ସକ୍ଷମ କରିଥାଏ।

## ଗିଫ୍ଟରେ ୨ ଦିନିଆ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨୦।୭

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଗିଫ୍ଟ (ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଟେକ୍ନୋଲୋଜି) ସ୍ୱୟଂଶାସିତ କଲେଜର ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ସେଲ୍ ଏବଂ କମ୍ପ୍ୟୁଟର, ଇଲେକ୍‌ଟ୍ରୋନିକ୍ସ, ଇଲେକ୍ଟ୍ରିକାଲ ବିଭାଗର ମିଳିତ ସହଯୋଗରେ ଏକ ଦୁଇଦିନିଆ ଜାତୀୟ ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ 'ସ୍ମାର୍ଟ କମ୍ପ୍ୟୁଟିଙ୍ଗ୍ କମ୍ୟୁନିକେଶନ ଏନର୍ଜି କନ୍‌ଭର୍‌ସନ୍' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦେଶର ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନରୁ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରି ସେମାନଙ୍କ ଗବେଷଣାତ୍ମକ ନିବନ୍ଧ ପାଠ କରିଥିଲେ। ବିଶେଷ କରି କ୍ଲାଉଡ୍ କମ୍ପ୍ୟୁଟିଙ୍ଗ୍ ଏନର୍ଜି ଷ୍ଟୋରେଜ ଓ କମ୍ୟୁନିକେଶନ ସିଷ୍ଟମ ଉପରେ ବହୁ ଉପାଦେୟ ନିବନ୍ଧ ପାଠ କରାଯାଇଥିଲା।

ଏହି ଅବସରରେ ଟିସିଏସ୍‌ର ଅପରେଶନ ରିସ୍କ ମ୍ୟାନେଜମେଣ୍ଟର ମୁଖ୍ୟ ଡକ୍ଟର ଗୌରକିଶୋର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଡ. ଶରତ କୁମାର ମହାରଣା, ଡିନ୍ ଏକାଡେମିକ୍ ଡ. ଆର୍ ଏନ୍ ପଣ୍ଡା, ଡାଇରେକ୍ଟର ଡ. ପତିତପାବନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀର ଆବାହକ ଡ. ଅମର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଉକ୍ତ ସମ୍ମିଳନୀରେ ସଂପୃକ୍ତ ବିଭାଗର ମୁଖ୍ୟ ସମୂହ ଏବଂ ଆର୍ ଆଣ୍ଡ ଡି ସେଲ୍‌ର ସମସ୍ତ ସଭ୍ୟ ଯୋଗଦେଇଥିଲେ। ସମ୍ମିଳନୀର ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜକ ଡ. ମଧୁସ୍ମିତା ପଣ୍ଡା ପରିଚାଳନା କରିଥିଲେ।

ଫୁର୍‌ସତ



ସାମନ୍ଥା ରୁଥ୍ ପ୍ରଭୁ

## ଆଶ୍ରମରେ ଧ୍ୟାନରତ ସାମନ୍ଥା

**ମୁମ୍ବାଇ:** ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ନିକଟରେ ତାଙ୍କ ସିରିଜ୍‌ର ଶୁଟିଂ ସାରି କିଛି ସମୟ ପାଇଁ ଚଳଚ୍ଚିତ୍ର ଜଗତରୁ ବ୍ରେକ୍ ନେଇଛନ୍ତି। ସେ ଏବେ ନିଜ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉଛନ୍ତି। ନିକଟରେ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ କିଛି ଫଟୋ ଶେୟାର କରିଛନ୍ତି ; ଯେଉଁଥିରେ ସେ ଏକ ଆଶ୍ରମରେ ଧ୍ୟାନରେ ବସିଥିବା ଦେଖିବାକୁ ମିଳିଛି। ସେ ସେହି ଆଶ୍ରମର ଆଉ କିଛି ଭିଡିଓ ମଧ୍ୟ ପୋଷ୍ଟ କରିଛନ୍ତି। ଏଥିରେ ଇନ୍ଦ୍ରଧନୁ ଏବଂ ମୟୂର ନାଚୁଥିବାର ଦୃଶ୍ୟ ନଜରକୁ ଆସିଛି। ଲୋକଙ୍କୁ ଧ୍ୟାନର ମହତ୍ତ୍ୱ ବାବଦରେ ସେ କହିଛନ୍ତି। ଧ୍ୟାନ କରିବା ଫଳରେ ସେ ନିଜକୁ ଶାନ୍ତ ଏବଂ ଶକ୍ତିଶାଳୀ ଅନୁଭବ କରୁଛନ୍ତି। ତାଙ୍କ ପୋଷ୍ଟରେ ଅନେକ ଭିନ୍ନ ଭିନ୍ନ କମେଣ୍ଟ ଦେଇଛନ୍ତି। ସାମନ୍ଥା ନିକଟରେ ରାଜ ଏବଂ ଡିକେଙ୍କ ଦ୍ୱାରା ନିର୍ଦ୍ଦେଶିତ 'ସିଟାଡେଲ ଇଣ୍ଡିଆ'ର ଶୁଟିଂ ଶେଷ କରିଛନ୍ତି। ଏହା ଅକ୍ଟୋବର ୬ରେ ରିଲିଜ୍ ହେବ। ଏଥିରେ ସେ ଅଭିନେତା ବରୁନ ଧାୱନଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି। ଏମାନଙ୍କ ସହ ଶିକନ୍ଦର ଶେଖ୍, ଠାକୁର ଅନୁପ ସିଂ, ଅପୂର୍ବା ଅରୋରାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ସାମନ୍ଥା ୨୦୧୦ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ସେ 'ଶକୁନ୍ତଲମ୍'ରେ ନଜରକୁ ଆସିଥିଲେ। ଏଥିସହ ତାଙ୍କୁ ଟେଲିଭିଜନ ଶୋ' ଏବଂ କିଛି ମ୍ୟୁଜିକ୍ ଭିଡିଓରେ ଦେଖିବାକୁ ମିଳିଛି।

## କକ୍ଷପଥରେ ଗ୍ରହର ସମ୍ଭାବ୍ୟ ମିଳନ

ନୂଆଦିଲ୍ଲୀ

ନିକଟରେ ଜ୍ୟୋତିର୍ବିଜ୍ଞାନିମାନେ ଏକ ଦୂର ତାରାର ସମାନ କକ୍ଷପଥ ଥିବା ଗୋଟିଏ ଗ୍ରହର ସମ୍ଭାବ୍ୟ ଯୁଗଳର ଅନୁସନ୍ଧାନ କରିଛନ୍ତି। ଅନୁସନ୍ଧାନକାରୀମାନେ ଗ୍ରହାବଶେଷଗୁଡ଼ିକର ଏକ ସ୍ଥାନ ଚିହ୍ନଟ କରିଛନ୍ତି, ଯାହା ଗ୍ରହର କକ୍ଷପଥକୁ ସୂଚିତ କରୁଛି। ଏହା ଏକ ନୂଆ ଗ୍ରହ ବିଲ୍ଡିଂର ବ୍ଲକ କିମ୍ବା ପୂର୍ବରୁ ସୃଷ୍ଟି ହୋଇଥିବା ଅବଶିଷ୍ଟାଂଶ ହୋଇପାରେ। ଯଦି ୨ଟି ଏକ୍ସପୋପ୍ଲାନେଟ୍ ଆମ ସୌରଜଗତ ବାହାରେ ଥିବା ଗ୍ରହ ଗୋଟିଏ କକ୍ଷପଥର ଅଂଶବିଶେଷ ହେବା ନିଶ୍ଚିତ ହୋଇଯିବ, ଯାହା ଏପର୍ଯ୍ୟନ୍ତର ସବୁଠୁ ଶକ୍ତିଶାଳୀ ପ୍ରମାଣ ହେବ। ଜ୍ୟୋତିର୍ବିଜ୍ଞାନୀ ଏବଂ ଜ୍ୟୋତିର୍ବିଜ୍ଞାନ ପ୍ରକାଶିତ ଖବରକାଗଜର ନେତୃତ୍ୱ ନେଇଥିବା ଓଲ୍‌ଗା ବାଲ୍‌ସାଲୋବ୍ରି କହିଛନ୍ତି, ୨ ଦଶନ୍ଧି ପୂର୍ବରୁ ପୂର୍ବାନୁମାନ କରାଯାଇଥିଲା ଯେ, ସମାନ ଓଜନର ଗ୍ରହ ଯୁଗଳ ସେମାନଙ୍କ ତାରା, ତଥାକଥିତ ଟ୍ରାଇଜୋନ୍ ଏବଂ ସହ କକ୍ଷପଥର ଚାରିପାଖରେ ସମାନ କକ୍ଷପଥ ବାଣ୍ଟିପାରନ୍ତି। ପ୍ରଥମ ଥର ପାଇଁ ବୈଜ୍ଞାନିକମାନେ ଏହି ଧାରଣା ସପକ୍ଷରେ ପ୍ରମାଣ ପାଇଛନ୍ତି। ସ୍ପେନ୍‌ର ମାଡ୍ରିଡ୍‌ରେ ଥିବା ସେଣ୍ଟର ଫର୍ ଆଷ୍ଟ୍ରୋବାୟୋଲୋଜିର ଛାତ୍ରମାନେ ଯୋଗଦେଇ କହିଛନ୍ତି, ଆମେ କଳ୍ପନା କରିପାରିବା କି ବୃହସ୍ପତି ପରି ଏକ ଗ୍ରହ ହଜାର ହଜାର କ୍ଷୁଦ୍ରଗ୍ରହ ସହ ଏହାର କକ୍ଷପଥ ବାଣ୍ଟିପାରେ। କିନ୍ତୁ ଗ୍ରହମାନେ ସମାନ କକ୍ଷପଥରେ ଅଂଶୀଦାର ହୋଇପାରିବେ ବୋଲି କୁହାଯାଇପାରେ। ଟ୍ରୋଜନ୍‌ସ ହେଉଛି ଏକ କ୍ଷୁଦ୍ର ପଥର ଖଣ୍ଡ ଯାହା ଆମ ସୌରଜଗତରେ ଗ୍ରହ ସହ ସମାନ



କକ୍ଷପଥରେ ବୁଲିଥାଏ। ବୃହସ୍ପତିର ଟ୍ରୋଜନ୍ କ୍ଷୁଦ୍ରଗ୍ରହ ହେଉଛି ଏହାର ଉଦାହରଣ। ଏଗୁଡ଼ିକ ହେଉଛି ୧୨ ହଜାରରୁ ଅଧିକ ପଥର ଖଣ୍ଡ ଯାହା ସାଧାରଣତଃ ସୂର୍ଯ୍ୟର ବଡ଼ ଗ୍ରହ(ହାଇଡ୍ରୋଜେନ୍ ଏବଂ ହିଲିୟମ୍ ଥିବା ମିଶ୍ରଣ ଗ୍ରହ) ସହିତ ସମାନ କକ୍ଷପଥରେ ବୁଲିଥାଏ। ଜ୍ୟୋତିର୍ବିଜ୍ଞାନୀମାନେ ପୂର୍ବାନୁମାନ କରିଛନ୍ତି କି ଟ୍ରୋଜନ୍‌ସ ସୂର୍ଯ୍ୟ ବ୍ୟତୀତ ଅନ୍ୟ ତାରାଙ୍କ ନିକଟରେ ମଧ୍ୟ ରହିପାରନ୍ତି। ହେଲେ ଏହାକୁ ପ୍ରମାଣିତ କରାଯାଇପାରି ନାହିଁ। ଅନୁସନ୍ଧାନକାରୀଙ୍କ ଅନୁଯାୟୀ, ଏହି ଗ୍ରହାବଶେଷଗୁଡ଼ିକ ବିଶ୍ୱରେ ଥିବା ଏକ ଟ୍ରୋଜନ୍ ଦୁନିଆକୁ କିମ୍ବା ଏକ ଗ୍ରହକୁ ସୂଚାଉ ଥାଇପାରେ।

## ମା' ପାଇଁ ଦୁବାଇରୁ ଟମାଟୋ ପଠାଇଲେ ଝିଅ

**ଦୁବାଇ:** ଟମାଟୋ ଦର ବର୍ତ୍ତମାନ ଆକାଶ ଛୁଇଁଲାଣି। ଅନେକ ଲୋକ ଦୈନନ୍ଦିନର ଖାଦ୍ୟରେ ଟମାଟୋର ବ୍ୟବହାର କରୁଥିଲେ ମଧ୍ୟ ଏବେର ଦର ପାଇଁ ସେମାନେ କଷ୍ଟରେ ଅଛନ୍ତି। ନିକଟରେ ଏକ ଟୁଇଟର ପୋଷ୍ଟ ଭାଇରାଲ ହେବାରେ ଲାଗିଛି ; ଯେଉଁଥିରେ ଜଣାପଡ଼ିଛି, ଦେଶରେ ଟମାଟୋ ଦର ବୃଦ୍ଧି ଯୋଗୁ ଜଣେ ମା' ଝିଅ ଦ୍ୱାରା ବିଦେଶରୁ ଟମାଟୋ ମଗାଇଛନ୍ତି। ସୂଚନା ମୁତାବକ, ଦୁବାଇରେ ରହୁଥିବା ଜଣେ ମହିଳାଙ୍କ ଝିଅ ଗ୍ରୀଷ୍ମଛୁଟିରେ ଘରକୁ ଆସୁଛନ୍ତି। ସେ ତାଙ୍କ ମା'ଙ୍କୁ ସେଠାରୁ କ'ଣ ଦରକାର ବୋଲି ପ୍ରଶ୍ନ କରିଥିଲେ। ତାଙ୍କ ମା' ଦୁବାଇରୁ ୧୦ କିଲୋ ଟମାଟୋ ପଠାଇବାକୁ କହିଥିଲେ। ଝିଅ ମା'ଙ୍କ କଥା ଶୁଣି ଦୁବାଇରୁ ଶୁଟକେସ୍‌ରେ ୧୦ କିଲୋ ଟମାଟୋ ପଠାଇଛନ୍ତି। ତାଙ୍କର ଅନ୍ୟ ଜଣେ ଝିଅ ଟୁଇଟରରେ ପୋଷ୍ଟ କରିଆରେ ଏହା ଜଣାଇଛନ୍ତି। ମହିଳା ଜଣକ ଘରେ ଅଧିକ ମାତ୍ରାରେ ଟମାଟୋର ବ୍ୟବହାର କରନ୍ତି। ଟମାଟୋ ଆଚାର କିମ୍ବା ଚଟଣି କରିବା ପାଇଁ ସେ ଝିଅ ହାତରେ ଟମାଟୋ ମଗାଇଥିବା କହିଛନ୍ତି।



## କାମାରେ ସୁନେଲି ୱାଟରସ୍ପାଉଟ୍

**ମସ୍କୋ:** ପ୍ରକୃତି ସବୁବେଳେ କିଛି ନା କିଛି ଚମତ୍କାର କରି ଆମକୁ ଆଶ୍ଚର୍ଯ୍ୟ କରିଥାଏ। ନିକଟରେ ପ୍ରକୃତିର ଏପରି ଏକ ଭିଡିଓ ବେଶ୍ ଭାଇରାଲ ହେଉଛି। ଭିଡିଓରେ ରୁଷିଆର ପେର୍ମ ଅଞ୍ଚଳର କାମା ନଦୀରେ ଏକ ପ୍ରାକୃତିକ ସୁନେଲି ଜଳପ୍ରବାହ ଦେଖିବାକୁ ମିଳିଛି। ଏହାକୁ ଜଣେ ବ୍ୟକ୍ତି ତାଙ୍କ ମୋବାଇଲରେ କଏଦ କରି ଟୁଇଟରରେ ପୋଷ୍ଟ କରିଛନ୍ତି। ଜୁଲାଇ ୧୩ରେ କଏଦ୍ ହୋଇଥିବା ଏହି ଭିଡିଓରେ ଜଳସ୍ତର ଉଚ୍ଚ ଏବଂ ଲମ୍ବ ଭାବେ ଆକାଶ ଆଡ଼କୁ ଗତି କରୁଛି। ଏପରି ୱାଟରସ୍ପାଉଟ୍‌ଗୁଡ଼ିକ ଟ୍ରପିକାଲ ଏବଂ ସବ୍‌ଟ୍ରପିକାଲ ଅଞ୍ଚଳରେ ସୃଷ୍ଟି ହୋଇଥାଏ। କେତେକ ସମୟରେ ୟୁରୋପ, ମଧ୍ୟ ପୂର୍ବ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ଆଣ୍ଟାର୍କଟିକା ସମେତ ଅନେକ ଅଞ୍ଚଳରେ ଏଭଳି ପ୍ରାକୃତିକ ଜଳପ୍ରବାହ ଦେଖାଯାଇଥିବା ସୂଚନା ରହିଛି। ୱାଟରସ୍ପାଉଟ୍ ସାଧାରଣତଃ କ୍ଷତିକାରକ ନୁହେଁ। ଏଗୁଡ଼ିକ ଅଧିକ ଜଳରେ ଦେଖିବାକୁ ମିଳିଥାଏ। ଏହି ଭିଡିଓରେ ଲୋକେ ଭିନ୍ନ ଭିନ୍ନ କମେଣ୍ଟ କରିଥିବା ନଜରକୁ ଆସିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................................
ବୟସ:..............................................
ଜନ୍ମ ତାରିଖ: ..................................



ଯଶୋଦା
ସ୍ୱାମୀ,ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଟିକେଟ ମିଳିଲେ ନିର୍ବାଚନ ଲଢ଼ିବି: ଚୌତାଲା

**ଚଣ୍ଡିଗଡ଼, ୨୦।୭:** ଇଣ୍ଡିଆନ ନ୍ୟାଶନାଲ ଲୋକ ଦଳ (ଆଇଏନ୍ଏଲ୍ଡି) ନେତା ତଥା ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶ ଚୌତାଲା ୨୦୨୪ ବିଧାନସଭା ନିର୍ବାଚନ ଲଢ଼ିବାକୁ ଚାହାନ୍ତି ବୋଲି ଗୁରୁବାର କହିଛନ୍ତି। ଯଦି ତାଙ୍କ ଦଳ ଟିକେଟ ଦିଏ, ତେବେ ସେ ପ୍ରସ୍ତୁତ ଥିବା ୮୮ ବର୍ଷୀୟ ଚୌତାଲା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ତାଙ୍କ ନାତି ତଥା ଉପମୁଖ୍ୟମନ୍ତ୍ରୀ ଦୁଷ୍ୟନ୍ତ ଚୌତାଲାଙ୍କ ନିର୍ବାଚନମଣ୍ଡଳୀ ଜିନ୍ଦ୍ର ଉଚାନ କଲଣରୁ ଲଢ଼ିବେ କି ବୋଲି ପ୍ରଶ୍ନରେ କେଉଁ ବିଧାନସଭା ଆସନରୁ ଲଢ଼ିବେ ସେ ନେଇ ଦଳ ନିଷ୍ପତ୍ତି ନେବ ବୋଲି ବର୍ଷୀୟାନ ଆଇଏନ୍ଏଲ୍ଡି ନେତା କହିଛନ୍ତି।



ମଣିପୁର ଘଟଣାକୁ ନେଇ ଗୁରୁବାର ନୂଆଦିଲ୍ଲୀଠାରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସମୟରେ ଜଣେ କର୍ମୀ ବ୍ୟାରିକେଡ ଡେଇଁଥିବା ବେଳେ ପୋଲିସ ତାଙ୍କୁ ଅଟକାଉଛି।

# ରାଜସ୍ଥାନ: କଂଗ୍ରେସର ୨୯ ଜଣିଆ ନିର୍ବାଚନ କମିଟି

**ନୂଆଦିଲ୍ଲୀ, ୨୦।୭**

ଚଳିତ ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜସ୍ଥାନ ପାଇଁ କଂଗ୍ରେସ ଗୁରୁବାର ୨୯ ଜଣିଆ ପ୍ରଦେଶ ନିର୍ବାଚନ କମିଟି ଗଠନ କରିଛି। ପ୍ରଦେଶ କଂଗ୍ରେସ ସଭାପତି ଗୋବିନ୍ଦ ସିଂ ଦୋତାସ୍ରା ନିର୍ବାଚନ କମିଟିର ଅଧ୍ୟକ୍ଷ ରହିଛନ୍ତି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ. ରଘୁବୀର ମୀନା, ରଘୁ ଶର୍ମା, ହରିଶ ଚୌଧରୀ, ପ୍ରତାପ ସିଂ କଚରିୟାୱାସ, ରାମେଶ୍ୱର ଡୁଡ଼ି, ମୋହନ ପ୍ରକାଶ, ଲାଲଚାନ୍ଦ କଟାରିଆ ପ୍ରମୁଖ କମିଟିର ସଦସ୍ୟ ରହିଛନ୍ତି। ନିର୍ବାଚନ କମିଟି ପ୍ରସ୍ତାବକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅନୁମୋଦନ କରିଥିବା ଦଳ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଗତ ୬ ତାରିଖରେ ଏଆଇସିସି ମୁଖ୍ୟାଳୟରେ ଖାର୍ଗେ, ରାହୁଲ ଗାନ୍ଧୀ, ରାଜସ୍ଥାନ ଦାୟିତ୍ୱରେ ଥିବା ସୁଖିନ୍ଦର ରାନ୍ଧୱା, ପ୍ରଦେଶ କଂଗ୍ରେସ କମିଟି ସଭାପତି ଦୋତାସ୍ରା, ସଚିନ ପାଇଲଟଙ୍କ ବୈଠକ ବସି ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏକାଠି ଲଢ଼ିଲେ ଏବଂ ବିଶୃଙ୍ଖଳିତ ନେତାମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ରାଜସ୍ଥାନ ନିର୍ବାଚନ ଜିତିପାରିବା ବୋଲି ଉକ୍ତ ବୈଠକ ପରେ ଦଳ ପକ୍ଷରୁ କୁହାଯାଇଥିଲା। ନିର୍ବାଚନରେ କାହାକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା ନ କରିବାକୁ ମଧ୍ୟ ବୈଠକରେ ସୂଚନା ଦିଆଯାଇଥିଲା।

## ସୁଲତା ଦେଓ ରାଜ୍ୟ ସଭା ଉପାଧ୍ୟକ୍ଷ ପ୍ୟାନେଲ ସଦସ୍ୟ ନିଯୁକ୍ତ



**ଭୁବନେଶ୍ୱର,୨୦।୭(ଅନିଲ ଦାସ)**

ବିଜେଡି ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ରାଜ୍ୟ ସଭା ଉପାଧ୍ୟକ୍ଷ ପ୍ୟାନେଲ ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ସୁଲତା ୨୦୨୨ ଜୁଲାଇରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ସେ ରାଜ୍ୟ ସଭା ଶିଳ୍ପ କମିଟି, ମହିଳା ସଶକ୍ତୀକରଣ କମିଟି, ଅଫିସ ଅଫ୍ ପ୍ରଫିଟ୍ ଯୁଗ୍ମକମିଟି, ଏମ୍ପିଲ୍ୟାଡ କମିଟି ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର କନ୍ସୁଲେଟିଭ କମିଟିରେ ମଧ୍ୟ ସଦସ୍ୟ ରହିଛନ୍ତି।

## କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଓଡ଼ିଶା ଭାଜପା ନେତାଙ୍କ ଦରଦ ନାହିଁ: ବିଜେଡି

**ଭୁବନେଶ୍ୱର,୨୦।୭(ଅନିଲ ଦାସ)**

ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଓଡ଼ିଶା ଭାଜପାର କୌଣସି ଦରଦ ନାହିଁ। ସେମାନେ ଏମାନଙ୍କୁ ନେଇ ରାଜନୀତି କରିବା ଜାଣନ୍ତି। କେନ୍ଦୁପତ୍ର ତୋଳାଳିଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅବଦାନକୁ ସ୍ୱୀକାର କରିବାକୁ ରାଜ୍ୟ ଭାଜପା ନେତାମାନଙ୍କ ସତ୍‌ସାହସ ନାହିଁ। ଏମାନଙ୍କୁ ବୋନସ ଓ ପ୍ରୋତ୍ସାହନ ରାଶି ପ୍ରଦାନ ପ୍ରସଙ୍ଗରେ ଭାଜପା ନେତା ପ୍ରଦୀପ ପୁରୋହିତଙ୍କ ମନ୍ତବ୍ୟକୁ ନେଇ ରାଜ୍ୟ ଭାଜପା ଉପରେ ବର୍ଷିଛି ବିଜେଡି।

ବିଜେଡି ନେତା ତଥା ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି ଗଣମାଧ୍ୟମକୁ କହିଛନ୍ତି, ମୁଖ୍ୟମନ୍ତ୍ରୀ ୨୦୨୨ ଶସ୍ୟବର୍ଷ ପାଇଁ ରାଜ୍ୟର ୮ ଲକ୍ଷରୁ ଅଧିକ କେନ୍ଦୁପତ୍ର ତୋଳାଳି ଓ ହିତାଧିକାରୀଙ୍କୁ ୩ଟି ପର୍ଯ୍ୟାୟରେ ୨୫୦ କୋଟି ୭୮ ଲକ୍ଷ ଟଙ୍କା ବୋନସ, ପ୍ରୋତ୍ସାହନ ରାଶି ଓ ଆର୍ଥିକ ସହାୟତା ଦେଇ ସାରିଲେଣି। ସେଥିରୁ ୫୬ କୋଟି ଟଙ୍କା ତୃତୀୟ ପର୍ଯ୍ୟାୟରେ ପ୍ରଦାନ କରିଛନ୍ତି। କୌଣସି ରାଜ୍ୟ ସରକାର କେବେ ବି କେନ୍ଦୁପତ୍ର ତୋଳାଳି ଓ ହିତାଧିକାରୀଙ୍କୁ ଗୋଟିଏ ବର୍ଷରେ ଏତେ ଟଙ୍କାର ପ୍ରୋତ୍ସାହନ ରାଶି ଦେଇନାହାନ୍ତି। ଏକଥା ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳି ଏବଂ ଏଥିସହ ସମ୍ପୃକ୍ତ ସମସ୍ତ ହିତାଧିକାରୀ ଭଲ ଭାବେ ଜାଣିଛନ୍ତି। ମାତ୍ର ବିଡ଼ମ୍ବନା ଯେ ନିଜକୁ କେନ୍ଦୁପତ୍ର ତୋଳାଳି ସଂଘର ନେତା ବୋଲାଉଥିବା ଭାଜପା ନେତା ପ୍ରଦୀପ ପୁରୋହିତ ଏ ବିଷୟରେ ମୁହଁ ଖୋଲୁନାହାନ୍ତି । କେନ୍ଦୁପତ୍ର ଉପରୁ କେନ୍ଦ୍ର ସରକାର ସଂଗ୍ରହ କରୁଥିବା ୧୮ ପ୍ରତିଶତ ଜିଏସ୍‌ଟି ଛାଡ଼ କରିବାକୁ ରାଜ୍ୟ ସରକାର ବାରମ୍ବାର ଦାବି କରି ଆସୁଛନ୍ତି। ହେଲେ ଓଡ଼ିଶା ଭାଜପା ନେତା କେବେ କେନ୍ଦ୍ର ସରକାରଙ୍କ ଆଗରେ କେନ୍ଦୁପତ୍ର ତୋଳାଳିଙ୍କ ଏହି ଦାବିକୁ ଉଠାଇଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି।

## ଅମ୍ଳାନ ରିପୋର୍ଟ ସରକାରଙ୍କ ଅସଲ ଚେହେରାକୁ ପଦାରେ ପକାଇଛି: ଭାଜପା

**ଭୁବନେଶ୍ୱର, ୨୦।୭(ସୁନିତ୍ ମିଶ୍ର)**

ମା' ଓ ଶିଶୁ ରକ୍ତହୀନତାର ଶିକାର ହେଲେ ସେ କେବେ ସବଳ ହେବ ନାହିଁ କି ମାନସିକ ସ୍ତରରେ ମଧ୍ୟ ବୃଦ୍ଧି ଘଟିବ ନାହିଁ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସଦ୍ୟ ପ୍ରକାଶିତ 'ଆନେମିଆ ମୁକ୍ତ ଲକ୍ଷ୍ୟ ଅଭିଯାନ' (ଅମ୍ଳାନ) ରିପୋର୍ଟ ଅତ୍ୟନ୍ତ ଚିନ୍ତାଜନକ। ରାଜ୍ୟର ମହିଳା ଓ ଶିଶୁମାନଙ୍କ ରକ୍ତହୀନତାକୁ ନେଇ ପ୍ରକାଶ ପାଇଥିବା ଏହି ରିପୋର୍ଟ ମିଛୁଆ ରାଧୁଆ ରାଜ୍ୟ ସରକାରଙ୍କ ଅସଲ ଚେହେରାକୁ ପଦାରେ ପକାଇଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ଭୋଟ୍ ବ୍ୟାଙ୍କ ପଲିଟିକ୍ସରେ ବ୍ୟସ୍ତ ରାଜ୍ୟ ସରକାର ମହିଳା ଓ ଶିଶୁମାନଙ୍କ ପୁଷ୍ଟିସାଧନ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ। ରାଜ୍ୟ ସରକାର ଓଡ଼ିଶାବାସୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାରେ ଅସମର୍ଥ। ଏହା ରାଜ୍ୟ ସରକାରଙ୍କ ରିପୋର୍ଟରେ ସ୍ପଷ୍ଟ ପରିଲକ୍ଷିତ ହୋଇଛି। ରାଜ୍ୟର ୬ରୁ ୫୯ ମାସର ଶିଶୁଙ୍କ ଭିତରେ ୪୨.୩ ପ୍ରତିଶତ ରକ୍ତହୀନତା ଦେଖାଦେଇଛି। ସେହିଭଳି ୫ରୁ ୯ ବର୍ଷ ପିଲାଙ୍କ ଭିତରେ ୪୮.୮ ପ୍ରତିଶତ ଏବଂ ୧୦ରୁ ୧୯ବର୍ଷ ଝିଅ ୫୯.୪ ପ୍ରତିଶତ, ଗର୍ଭବତୀ ମା'ମାନଙ୍କ ୬୨.୭ ପ୍ରତିଶତ, ସ୍ତନ୍ୟପାନ କରାଉଥିବା ମା' ୬୮.୬ ପ୍ରତିଶତ ରକ୍ତହୀନତାରେ ଶିକାର ହେଉଥିବା ରିପୋର୍ଟରେ ପ୍ରକାଶ ପାଇଛି। କେବଳ ପ୍ରଚାର, ପ୍ରସାର, ବିଜ୍ଞାପନ ଜରିଆରେ ରକ୍ତହୀନତା ଦୂର ହେବ ନାହିଁ ବୋଲି ଲେଖାଶ୍ରୀ କହିଛନ୍ତି।

# ଏକାଠି ହେଲେ କଂଗ୍ରେସ ସମେତ ୯ ଦଳ

**ଭୁବନେଶ୍ୱର, ୨୦।୭(ସୁନିତ୍ ମିଶ୍ର)**

- **ଅଗଷ୍ଟ ପ୍ରଥମ ସପ୍ତାହରେ ୯ ରାଜନୈତିକ ଦଳର ସମ୍ମିଳନୀ**
- **କଂଗ୍ରେସ ନିଜ ଦଳ ଲୋକଙ୍କୁ ସାଙ୍ଗରେ ନେଇପାରୁନି, ଅନ୍ୟ ସହିତ କେମିତି ଯିବ: ଭାଜପା**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଭାଜପା ଏବଂ ବିଜେଡି ବିରୋଧରେ ବିଭିନ୍ନ ରାଜନୈତିକ ଦଳ ଏକାଠି ହୋଇ ଏକ ବୈଠକ କରିଛନ୍ତି। ସ୍ଥାନୀୟ ଏକ ହୋଟେଲ୍‌ଠାରେ ଗୁରୁବାର ଆୟୋଜିତ ଏହି ବୈଠକରେ କଂଗ୍ରେସ, ସିପିଆଇ(ଏମ୍), ସିପିଆଇ, ରାଷ୍ଟ୍ରୀୟ ଜନତା ଦଳ, ସମାଜବାଦୀ ପାର୍ଟି, ସମତାକ୍ରାନ୍ତି, ଆର୍‌ପିଆଇ, ଆମ୍ ଆଦମୀ ପାର୍ଟି, ଟିଏମ୍‌ସି ଆଦି ଦଳର ନେତୃବୃନ୍ଦମାନେ ଯୋଗ ଦେଇଛନ୍ତି। ସାମ୍ପ୍ରତିକ ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ପରିସ୍ଥିତି ଉପରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ରାଜ୍ୟରେ ୨୪ ବର୍ଷର ବିଜେଡି ଏବଂ କେନ୍ଦ୍ରରେ ୯ ବର୍ଷ ହେଲା ଶାସନ କ୍ଷମତାରେ ଥିବା ଭାଜପା ସରକାର ବିରୋଧରେ ଏହି ଦଳଗୁଡିକ ଏକାଠି କିପରି ଲଢ଼ିବେ ସେନେଇ ବିଶେଷତଃ ଆଲୋଚନା ହୋଇଛି। ଅଗଷ୍ଟ ପ୍ରଥମ ସପ୍ତାହରେ ସମସ୍ତ ଅଣଭାଜପା ଏବଂ ଅଣ ବିଜେଡି ରାଜନୈତିକ ଦଳଗୁଡିକର ଏକ ବଡ଼ଧରଣର ସମ୍ମିଳନୀ ରାଜଧାନୀଠାରେ ହେବ ବୋଲି ସୂଚନା ମିଳିଛି। ଅନ୍ୟପଟେ ଯେଉଁ ଦଳଗୁଡିକ ବୈଠକରେ ସାମିଲ ହେଇପାରି ନାହାନ୍ତି ସେମାନଙ୍କୁ ନେଇ ଆସନ୍ତା ୨୬ ତାରିଖରେ ଆଉ ଏକ ବୈଠକ ହେବ ବୋଲି ଜଣାପଡିଛି। ତେବେ କଂଗ୍ରେସର ଏହି ବୈଠକ କିଛି କାମ ଦେବ ନାହିଁ ବୋଲି କହି ଭାଜପା ପାଲଟା ଟାର୍ଗେଟ କରିଛି।

ବୈଠକରେ ପିସିସି ସଭାପତି କହିଛନ୍ତି, ବିଜେଡି ସରକାର ଓଡ଼ିଶାର କୃଷକ, ଯୁବକ, ମହିଳା, ଶ୍ରମିକ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେଇଛି। ରାଜ୍ୟରେ ଉତ୍କଟ ଦାରିଦ୍ର୍ୟ, ଦରଦାମ୍ ବୃଦ୍ଧି, ବିଜୁଳି ଦରବୃଦ୍ଧି ଏବଂ ବିଜୁଳି କାଟ୍, ଶ୍ରମିକ ଶୋଷଣ ନୀତି, ରାଜ୍ୟର ଲକ୍ଷ ଲକ୍ଷ ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ହେଲେ ରାଜ୍ୟରେ ୨୪ ବର୍ଷ ହେଲା ଶାସନରେ ଥିବା ସରକାରର ରାଜ୍ୟର ବିକାଶ ପ୍ରତି ପ୍ରତିବଦ୍ଧତା ନାହିଁ। ଏହିଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ୯ ରାଜନୈତିକ ଦଳର ନେତୃବୃନ୍ଦଙ୍କ ବୈଠକ ହୋଇଥିବା ସେ କହିଛନ୍ତି। ଆଗାମୀ ସମ୍ମିଳନୀ ପାଇଁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କୁ ଆବାହକ ଦାୟିତ୍ୱ ଦିଆଯାଇଛି। ଆଗାମୀ ଦିନରେ ଏହିସବୁ ଦଳ ଏକାଠି ହୋଇ ବିଜେଡି ଏବଂ ଭାଜପା ବିରୋଧରେ ସବୁ ବ୍ଲକରେ ଆନ୍ଦୋଳନ କରିବେ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି।

କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳର ଏହି ବୈଠକକୁ ନେଇ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି, ଓଡ଼ିଶାରେ କଂଗ୍ରେସ ପ୍ରଥମେ ନିଜ ଦଳ ଭିତରେ ଚାଲିଥିବା କନ୍ଦଳ କଥା ବୁଝି ତାକୁ ସୁଧାରିବାକୁ ଚେଷ୍ଟା କରୁ। କଂଗ୍ରେସ ନିଜ ଦଳର ଲୋକଙ୍କୁ ସାଙ୍ଗରେ ନେଇ ନ ଥିବାବେଳେ ଅନ୍ୟ ଦଳଗୁଡିକ ସହିତ କିପରି ଯିବ ବୋଲି ଗୋଲକ ପ୍ରଶ୍ନ କରିଛନ୍ତି।



ଭୁବନେଶ୍ୱରର ଏକ ହୋଟେଲରେ ଗୁରୁବାର ଅନୁଷ୍ଠିତ ବୈଠକରେ କଂଗ୍ରେସ ସମେତ ୯ ରାଜନୈତିକ ଦଳର ନେତୃବୃନ୍ଦ।


# Classified Everyday
0674-2580101, 2549949





REAL ESTATE

SALE

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

ଭୁବନେଶ୍ୱର ପିତାପଲ୍ଲି ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner- 9090963952. D-74885

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,60,000/-, ଛତାବର 1200sqft., 3,00,000/-, ନଖରା- 300/-. 7978663279. D-74883

Duplex sale at Bhubaneswar @ 57 Lakhs only. Contact- 9777433701. D-74893

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି SC Plot 976000 ରେ ବିକ୍ରିହେବ, 9439832956, 9337513276. D-0833

ଘରବାରି 2000sqft. Re-Sale plot ହଂସପାଳଛକ Astha Management ନିକଟ ଅଟଳା ମୌଜାରେ ପ୍ଲଟ୍ ବିକ୍ରି ହେବ। sqft. 2100/-. 9437114429, 9437003399. D-74894

ଫୁଲନଖରା ତ୍ରିନାଥବଜାର ନିକଟରେ 11,00,000/- ଘରବାରି ପ୍ଲଟ୍ Electricity ସହିତ ନେଇ ଘରକରନ୍ତୁ- 9776846520. D-74892

ଭୁବନେଶ୍ୱର କଣ୍ଟାବାଡ଼ ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner- 9090963952. D-74886





Full body massage in homely atmosphere in all therapy. Mob: 8114881641. D-73436

Newly opened (one 8 SPA)/ (Salon Service) with export therapist. 9938843929. D-75131

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75011

Spa Kerala body Massage only best Therapist @699/- Bhubaneswar. 9337672475. D-0854

Newly open SPA positively health benefits with expert therapist. 9040286886. D-75130

Body massage by experience, good looking therapist @999/-. (Bhubaneswar) 9078484455. D-0759

Newly open SPA positively health benefit with expert. Contact : 7749976301. D-74554

ଧରିତ୍ରୀ
DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

**IN THE COURT OF CIVIL JUDGE (J.D.), DEOGARH**
**Cs.No.1 of 2022**

Kalicharan Das ... Plaintiff
Vrs.
S. Kanhu Ranjan Prusty & another ... Defendants.

**NOTICE UNDER ORDER-5, RULE 20 (I-A) OF CPC**

To,
N. Santosh Kumar Chaudhuri, the Director of Dream Infinite Ltd. Residing at Plot No.1, B.Qr. No. 6, Ground Floor, Civil Township, Rourkela, Dist.- Sundargarh.

Take Notice that the plaintiff has filed suit against you for declaration of the sale deed as null and void. Inspite of summons you both did not appear before court on the date fixed. There by take notice through paper publication to appear before Court on 16.8.23 fixed by the Court, unless experte order will be passed against you.

**Sd./- Civil Judge (J.D.), Deogarh**

D-0865

# ପ୍ରାର୍ଥୀ ଦୌଡ଼ରେ ୩ ବିଧାୟକ

## ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ: ୨୦୨୪ କସରତ
## ସ୍ପଷ୍ଟ ହୋଇପାରୁନି ବିରୋଧୀ ଚିତ୍ର



**ଖୋର୍ଦ୍ଧା,୨୦।୭ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଜିଲାର ସଦର ମହାକୁମା ହୋଇଥିବାରୁ ଏହି ଆସନ ଉପରେ ସମସ୍ତଙ୍କ ନଜର ରହିଥାଏ। ଖୋର୍ଦ୍ଧା ପୌରାଞ୍ଚଳ ଏବଂ ଖୋର୍ଦ୍ଧା ଓ ଟାଙ୍ଗି ବ୍ଲକକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ଏଠାରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି। ୨୦୦୦ ମସିହାରୁ ଏହି ଆସନ ୨ଥର ସ୍ୱାଧୀନ ଏବଂ ୩ଥର ବିଜେଡି ହାତରେ ରହିଆସିଛି। ଏଠାରେ ଭାଜପା ଏବଂ କଂଗ୍ରେସ ତୁଳନାରେ ବିଜେଡି ତୃଣମୂଳସ୍ତରରେ ଅଧିକ ସକ୍ରିୟ ରହିଛି। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ବିପୁଳ ଭୋଟରେ ବିଜୟ ଲାଭ କରି ବିଜୟୀ ହୋଇଥିଲେ। ଏପରି କି ଉଭୟ ବ୍ଲକରେ ବିଜେଡି ସମର୍ଥିତ ପ୍ରାର୍ଥୀ ବ୍ଲକ ଅଧ୍ୟକ୍ଷ ରହିଛନ୍ତି। ଖୋର୍ଦ୍ଧା ପୌରାଞ୍ଚଳରେ ମଧ୍ୟ ବିଜେଡି ଅଧ୍ୟକ୍ଷା, ପୌରାଧ୍ୟକ୍ଷା ସମେତ ୨୨ ୱାର୍ଡରୁ ୧୯ଟି ବିଜେଡି ବିଜୟ ଲାଭ କରିଛି।

୨୦୨୪ ସାଧାରଣ ନିର୍ବାଚନ ପାଇଁ ଏବେଠାରୁ ଅଙ୍କକଷା ଆରମ୍ଭ ହୋଇଗଲାଣି। ବିଧାୟକ ଟିକେଟ ଦୌଡ଼ରେ ୩ ବିଧାୟକ ଆଗ ଧାଡ଼ିରେ ରହିଛନ୍ତି। ଏଥିସହିତ ଶାସକ ଦଳରେ ଏକାଧିକ ପ୍ରାର୍ଥୀ ଆଶାୟୀ ରହିଥିବା ବେଳେ ଭାଜପାର ପ୍ରାର୍ଥିତ୍ୱ ନେଇ ଆଶଙ୍କା ରହିଛି। ଶାସକ ଦଳରୁ ଟିକେଟ ନ ମିଳିଲେ ଅସନ୍ତୁଷ୍ଟ ନେତା ଭାଜପାକୁ ଉଳିବା ସମ୍ଭାବନା ଅଧିକ ରହିଛି। ବିଜେଡିର ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବେ ବିଧାୟକ ରହିଛନ୍ତି। ଜ୍ୟୋତିରୀନ୍ଦ୍ର ୨୦୦୦ରେ ସ୍ୱାଧୀନ ଏବଂ ୨୦୦୪ରେ ବିଜେଡି ଆସନରୁ ବିଜୟ ଲାଭ କରିଥିଲେ। ଦଳରେ ତାଙ୍କର ବେଶ୍ ପ୍ରଭାବ ମଧ୍ୟ ରହିଛି। ଏବେ ପୁଣି ସେ ଟିକେଟ ଦୌଡ଼ରେ ରହିଥିବା କୁହାଯାଉଛି। ତେବେ ଜ୍ୟୋତିରୀନ୍ଦ୍ରଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ବୟସାଧିକ କାରଣରୁ ଆଗାମୀ ଟିକେଟ ମିଳିବା ସମ୍ଭାବନା କମ୍ ରହିଥିବା ମଧ୍ୟ ଚର୍ଚ୍ଚା ହେଉଛି। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ମଧ୍ୟ ଖୋର୍ଦ୍ଧା ଆସନ ଦୌଡରେ ରହିଛନ୍ତି। ପୂର୍ବରୁ ଏହି ଆସନରେ ସେ ୨୦୦୯ରେ ସ୍ୱାଧୀନ ଏବଂ ୨୦୧୪ରେ ବିଜେଡି ଟିକେଟରୁ ବିଧାୟକ ହୋଇଥିଲେ। ବେଗୁନିଆ ବିଧାୟକ ସହ ଖୋର୍ଦ୍ଧା ଯୋଜନା କମିଟି ସଭାପତି ଦାୟିତ୍ୱରେ ମଧ୍ୟ ରହିଛନ୍ତି। ରାଜେନ୍ଦ୍ରଙ୍କ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଉପରେ ବେଶ୍ ଦଖଲ ରହିଛି। ସେ ଖୋର୍ଦ୍ଧା ବିଧାୟକ ଥିବା ବେଳେ ତାଙ୍କ ସ୍ତ୍ରୀ ସଞ୍ଜୁକ୍ତା ସାହୁ ୨ଥର ଖୋର୍ଦ୍ଧା ପୌରାଧ୍ୟକ୍ଷା ମଧ୍ୟ ରହିଥିଲେ। ୨୦୧୯ ନିର୍ବାଚନରେ ସେ ଦଳୀୟ ନିଷ୍ପତ୍ତିକ୍ରମେ ବେଗୁନିଆ ଆସନରେ ଠିଆ ହୋଇ ବିଜୟୀ ମଧ୍ୟ ହୋଇଛନ୍ତି। ଏବେ ସେ ଖୋର୍ଦ୍ଧା ଆସନରୁ ଛିଡ଼ା ହେବା ଲାଗି ଆଶାୟୀ ଥିବା ତାଙ୍କ ସମର୍ଥକ ମହଲରେ ଜୋର୍‌ସୋର ଆଲୋଚନା ହେଉଛି। ଗତ କିଛି ଦିନ ହେଲା ସେ ଭୁବନେଶ୍ୱର ଶଙ୍ଖ ଭବନରେ ଦଳୀୟ ସାଙ୍ଗଠନିକ କାର୍ଯ୍ୟରେ ଯୋଗ ଦେବା ସହ ଅନ୍ୟ ନିର୍ବାଚନମଣ୍ଡଳୀ ଉପରେ ଫୋକସ କରିବାକୁ ତାଙ୍କୁ ସିଗ୍ନାଲ ମିଳିଥିବା କୁହାଯାଉଛି।

ଅନ୍ୟପଟେ ବିଜେଡିରୁ ନିଲମ୍ବିତ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ମଧ୍ୟ ଏହି ଦୌଡରେ ରହିଛନ୍ତି। ନିଜର ଆଚାର ବ୍ୟବହାରକୁ ନେଇ ଚର୍ଚ୍ଚାରେ ରହିଥିବା ପ୍ରଶାନ୍ତ ପୂର୍ବରୁ ୨୦୧୪ରେ ବେଗୁନିଆରେ ବିଧାୟକ ରହିଥିଲେ। ପୂର୍ବରୁ ଦଳର ସଭାପତି ଏବଂ ଜିଲା ଯୋଜନା କମିଟି ସଭାପତି ମଧ୍ୟ ରହିଥିଲେ। ଏବେ ସେ ଖୋର୍ଦ୍ଧା ପାଇଁ ଆଶାୟୀ ରହିଛନ୍ତି। ବିଭିନ୍ନ ସଭା ସମିତିରେ ଜ୍ୟୋତିରୀନ୍ଦ୍ରଙ୍କ ସହ ତାଙ୍କୁ ଦେଖିବାକୁ ମିଳୁଛି। ନିକଟରେ ସେ ଉଭୟ ବ୍ଲକର ଯୁବ, ଛାତ୍ର ଏବଂ ବୁଦ୍ଧିଜୀବୀମାନଙ୍କୁ ନେଇ ଖୋର୍ଦ୍ଧା ଅଞ୍ଚଳର ବିକାଶ ପାଇଁ ଖୋର୍ଦ୍ଧା ବିକାଶ ପରିଷଦ ନାମକ ଏକ ସଙ୍ଗଠନ ମଧ୍ୟ ଗଢିଛନ୍ତି। ଦଳରୁ ନିଲମ୍ବିତ ହୋଇଥିଲେ ମଧ୍ୟ ଦଳରେ ଥିବା ଭଳି ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ଦେଖିବାକୁ ମିଳୁଛି। ବିଧାୟକ ପ୍ରାର୍ଥୀ ଦୌଡ଼ରେ ବିଜେଡି ରାଜ୍ୟ ମହିଳା ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର ମଧ୍ୟ ଅଛନ୍ତି। ପୂର୍ବରୁ ସେ ଜିଲା ପରିଷଦ ଅଧ୍ୟକ୍ଷା ରହିଥିଲେ। ଜିଲାର ଟାଣୁଆ ନାରୀ ନେତ୍ରୀ ଭାବେ ତାଙ୍କ ପରିଚିତି ରହିଛି। ଗତ ଦୁଇ ବର୍ଷ ହେବ ବିଭିନ୍ନ ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ଯୋଗଦାନ କରିବା ସହ ଲୋକଙ୍କ ସହିତ ସମ୍ପର୍କ ଯୋଡିବାରେ ଲାଗିଛନ୍ତି। କୌଣସି ମହିଳା ଏହି ଆସନରୁ ବିଜୟ ଲାଭ କରିନାହାନ୍ତି। ତାଙ୍କ ସାଙ୍ଗଠନିକ ଦକ୍ଷତା ଆଧାରରେ ଦଳ ତାଙ୍କ ପ୍ରତି ଆସ୍ଥା ପ୍ରକଟ କରିବ ବୋଲି ସେ ଆଶାବାଦୀ ରହିଛନ୍ତି।

ଅନ୍ୟପଟେ ଭାଜପାର ପ୍ରାର୍ଥିତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ ଶୋଚନୀୟ ପରାଜୟ ବରଣ କରିଥିଲା। ଦଳର ଭୋଟ ହାର ବଢ଼ିଥିଲେ ମଧ୍ୟ ତୃଣମୂଳସ୍ତରରେ ଦଳୀୟ ସ୍ଥିତି ଦୁର୍ବଳ ଥିବା ଆଲୋଚନା ହେଉଛି। ଦଳରେ ଗୋଷ୍ଠୀ କନ୍ଦଳ ପଦାରେ ପଡ଼ି ହାଟରେ ଗଡୁଛି। ମଣ୍ଡଳସ୍ତରରେ କର୍ମୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଏବଂ ନେତୃତ୍ୱର ଅଭାବରୁ ଭାଜପା ସ୍ଥିତି ଏହି ନିର୍ବାଚନ ମଣ୍ଡଳୀରେ ବିଶେଷ ପ୍ରଭାବ ନ ଥିବା ପରି ମନେହୁଏ। ୨୦୧୯ ନିର୍ବାଚନରେ ଭାଜପାରୁ କାଳୁଚରଣ ଖଣ୍ଡାୟତରାୟ ୭୪,୫୧୦ ଖଣ୍ଡ ଭୋଟ ପାଇଥିବା ବେଳେ ଦଳର ଭୋଟ ହାର ୪୩ ପ୍ରତିଶତ ରହିଥିଲା। ବିଜେଡିର ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କୁ ଜୋରଦାର ଟକ୍କର ଦେଇଥିଲେ। ୧୦,୦୪୩ ବ୍ୟବଧାନରେ ମିତ୍ର ବିଜୟୀ ହୋଇଥିଲେ। ତେବେ ଗତ ପଞ୍ଚାୟତ ନିର୍ବାଚନରେ କାଳୁଚରଣଙ୍କ ପ୍ରଭାବ ଦେଖିବାକୁ ମିଳି ନ ଥିଲା। ସେ ପୁଣି ବିଧାୟକ ପ୍ରାର୍ଥୀ ଦୌଡ଼ରେ ରହିଥିବା ଶୁଣିବାକୁ ମିଳୁଥିବାବେଳେ ଦଳ ତାଙ୍କୁ ସୁଯୋଗ ଦେବ କି ନୂଆ ମୁହଁ ଚାହିଁବ, ତାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି। ଅପରପକ୍ଷରେ କଂଗ୍ରେସର ଗତ ନିର୍ବାଚନକୁ ଲକ୍ଷ୍ୟ କଲେ ଭୋଟହାର ନଗଣ୍ୟ ରହିଛି। ଗତ ପଞ୍ଚାୟତ ନିର୍ବାଚନରେ ଶୋଚନୀୟ ପରାଜୟ ବରଣ କରିଥିବା କଂଗ୍ରେସର ନେତୃତ୍ୱ ଅଭାବକୁ ନେଇ ଦଳ ଦିନକୁ ଦିନ ଦଳୀୟ ସ୍ଥିତି ଦୁର୍ବଳ ସ୍ତର ଦେଇ ଗତି କରୁଛି। ଏଠାରୁ କିଏ ପ୍ରାର୍ଥୀ ଦେବେ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ, ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଏଠାରେ ୪୯%, ଭାଜପା ୪୩% ଓ କଂଗ୍ରେସ ମାତ୍ର ୨% ପ୍ରତିଶତ ଭୋଟ ପାଇଥିଲା।

# କରାଟେରେ କୃଷ୍ଣଙ୍କ କୀର୍ତ୍ତି

**ପିଲାଦିନେ କ୍ରିକେଟ ପ୍ରତି ରୁଚି ରଖୁଥିବା କୃଷ୍ଣ କ୍ରମେ ଭାଇଙ୍କ ପ୍ରେରଣାରେ କରାଟେ ପ୍ରେମରେ ପଡ଼ନ୍ତି। ଉତ୍କଳ କରାଟେ ସ୍କୁଲ ହୁଏ ତାଙ୍କର ପଥ ପ୍ରଦର୍ଶକ। କରାଟେ ଦେଇଛି ତାଙ୍କୁ ନୂଆ ପରିଚୟ। ରାଜ୍ୟ ଏବଂ ସର୍ବଭାରତୀୟ ସ୍ତରରେ ସଫଳତା ପରେ କୃଷ୍ଣ ଜାତୀୟ ପ୍ରତିଯୋଗିତାରେ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି।**

-ପ୍ରସ୍ତୁତି: ତପନ ସ୍ୱାଇଁ



ଏକାଧିକ କ୍ରୀଡ଼ାରେ ରାଜ୍ୟରେ ସର୍ବାଧିକ ଜାତୀୟ/ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଥିବା ଘରୋଇ କ୍ରୀଡ଼ାନୁଷ୍ଠାନ ହେଉଛି ଉତ୍କଳ କରାଟେ ସ୍କୁଲ। ରାଜ୍ୟରେ 'ଖେଳାଳି ତିଆରି କାରଖାନା'ଭାବେ ବିଶେଷ ପରିଚିତ ଏହି ଅନୁଷ୍ଠାନର ଅନ୍ୟତମ ସଫଳ ସୃଷ୍ଟି ହେଉଛନ୍ତି କୃଷ୍ଣଚନ୍ଦ୍ର ନାୟକ। ପିଲାଦିନେ କ୍ରିକେଟ ପ୍ରତି ରୁଚି ରଖୁଥିବା କୃଷ୍ଣ କ୍ରମେ ଭାଇ ଭଗବାନ ନାୟକଙ୍କ ପ୍ରେରଣାରେ କରାଟେ ପ୍ରେମରେ ପଡ଼ନ୍ତି। ଉତ୍କଳ କରାଟେ ସ୍କୁଲ ଏବଂ ଏହାର ପ୍ରତିଷ୍ଠାତା ହରିପ୍ରସାଦ ପଟ୍ଟନାୟକ ହୁଅନ୍ତି ତାଙ୍କର ପଥ ପ୍ରଦର୍ଶକ। ବାସ୍, ଏଠାରେ ଶିକ୍ଷାଲାଭ ପରେ ଏବେ କରାଟେ ହିଁ ତାଙ୍କୁ ଦେଇଛି ପରିଚୟ। ରାଜ୍ୟ ଏବଂ ସର୍ବଭାରତୀୟ ସ୍ତରରେ ସଫଳତା ପରେ କୃଷ୍ଣ ଜାତୀୟ ପ୍ରତିଯୋଗିତାରେ ପଦକ ହାସଲକରି ରାଜ୍ୟକୁ ଗର୍ବିତ କରିଛନ୍ତି। ଏବେ ସେ ଫାଷ୍ଟ ଡାନ୍ ବ୍ଲାକ୍ ବେଲ୍ଟର ଅଧିକାରୀ। ଦିନେ ଭବିଷ୍ୟତକୁ ନେଇ ଅନ୍ଧାରରେ ଥିବା ଏହି କ୍ରୀଡ଼ାବିତ୍ କରାଟେରୁ ସଫଳତାର ସ୍ୱାଦ ପାଇବା ପରେ ଏବେ ଯୋଜନାବଦ୍ଧଭାବେ ଆଗକୁ ବଢ଼ୁଛନ୍ତି। ଆଗାମୀ ଦିନରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିବା ତାଙ୍କର ସ୍ୱପ୍ନ ବୋଲି ସେ ପ୍ରକାଶ କରିଛନ୍ତି। ''ଦିନ ଥିଲା ମୁଁ ଭବିଷ୍ୟତରେ କ'ଣ କରିବି ବୋଲି ଜାଣିପାରୁ ନ ଥିଲି। ମାତ୍ର କରାଟେକୁ ଆସିବା ପରେ ମୋର ମନୋଭାବ ବଦଳି ଯାଇଛି। ମୁଁ ଜଣେ ସଫଳ ଖେଳାଳି ଓ କୋଚ୍‌ଭାବେ ଆଗକୁ ବଢ଼ିବାକୁ ଉଦ୍ୟମ ଜାରି ରଖିଛି। ଅନ୍ତର୍ଜାତୀୟ ସ୍ତରରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରି ପଦକ ହାସଲ କରିବା ମୋର ଲକ୍ଷ୍ୟ। ଦିନେ ଲକ୍ଷ୍ୟ ପଥରେ ପହଞ୍ଚିବାନେଇ ଆଶା ମଧ୍ୟ ରଖିଛି'' ବୋଲି କୃଷ୍ଣ ପ୍ରକାଶ କରିଛନ୍ତି।

କୃଷ୍ଣ ୨୦୧୫ରୁ ୮ ବର୍ଷ ହେଲା କରାଟେ କରୁଛନ୍ତି। ଗ୍ରାଜୁଏଶନ ପରେ ଏବେ କେବଳ କରାଟେରେ ମନୋନିବେଶ କରିଛନ୍ତି। ବଡ଼ଭାଇ ଭଗବାନଙ୍କ ପ୍ରେରଣାରେ ସେ କ୍ରିକେଟ ଖେଳରୁ କରାଟେ ପ୍ରତି ମନ ବଳାଇଥିଲେ। ତାଙ୍କ ବଡ଼ଭାଇ ପୂର୍ବରୁ କରାଟେ ଶିଖୁଥିଲେ। ମାତ୍ର ଶାରୀରିକ ଅସୁସ୍ଥତା ଯୋଗୁ ସେ ଏଥିରେ ଆଗକୁ ବଢ଼ିପାରି ନ ଥିଲେ। ବଡ଼ଭାଇଙ୍କ ପରାମର୍ଶରେ କରାଟେରେ ପ୍ରବେଶ କରିଥିବା କୃଷ୍ଣଙ୍କର କ୍ରମେ ରାଜ୍ୟ ଏବଂ ପରେ ପୂର୍ବାଞ୍ଚଳ ଏବଂ ସର୍ବଭାରତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ପାଇବା ପରେ ଆଗ୍ରହ ବଢ଼ି ବଢ଼ି ଚାଲିଲା। ଗୁରୁ ହରିପ୍ରସାଦଙ୍କ ଦିଗ୍‌ଦର୍ଶକ ମଧ୍ୟ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଫଳରେ ସେ ଏଥିରେ ଆଗକୁ ବଢ଼ିବେ ବୋଲି ଦୃଢ଼ ସଂକଳ୍ପ ହୋଇଥିଲେ।

ରାଜ୍ୟସ୍ତରରେ ରୌପ୍ୟ ପଦକରୁ କୃଷ୍ଣଙ୍କ ଅଭିଯାନ ଆରମ୍ଭ ହୋଇଥିଲା। କୁମିତେ (ଫାଇଟିଂ) ହେଉଛି ତାଙ୍କର ପ୍ରିୟ ଇଭେଣ୍ଟ। ଟିମ୍ ଫାଇଟ୍‌ରେ ସେ ସ୍ୱର୍ଣ୍ଣପଦକ ମଧ୍ୟ ପାଇଥିଲେ। ଇତିମଧ୍ୟରେ ସେ ରାଜ୍ୟସ୍ତରରେ ୬ ସ୍ୱର୍ଣ୍ଣ, ୨ ରୌପ୍ୟ, ସର୍ବଭାରତୀୟ ଓପନରେ ୫ ସ୍ୱର୍ଣ୍ଣ ଓ ୨ ରୌପ୍ୟ, ପୂର୍ବାଞ୍ଚଳ ପ୍ରତିଯୋଗିତାରେ ୨ ସ୍ୱର୍ଣ୍ଣ ଓ ୨ ରୌପ୍ୟ, ଦିଲ୍ଲୀରେ ଅନୁଷ୍ଠିତ ଚାମ୍ପିୟନ ଅଫ୍ ଚାମ୍ପିୟନ ପ୍ରତିଯୋଗିତାରେ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନ (୨୦୨୨) ହାସଲକରି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ତେବେ ଏ ସବୁ ସଫଳତା ତାଙ୍କୁ ଯେତେ ସନ୍ତୁଷ୍ଟ କରିପାରି ନ ଥିଲା ୨୦୨୩ରେ ଉତ୍ତରାଖଣ୍ଡର ଡେରାଡୁନ୍‌ରେ ଅନୁଷ୍ଠିତ ଜାତୀୟ ସିନିୟର କରାଟେ ପ୍ରତିଯୋଗିତା (ଫାଇଟିଂ)ରେ ବ୍ରୋଞ୍ଜ ପଦକ ତାଙ୍କୁ ଅଧିକ ସନ୍ତୋଷ ପ୍ରଦାନ କରିଥିଲା। ଜାତୀୟ ପ୍ରତିଯୋଗିତାରେ କୃଷ୍ଣ ଉତ୍ତର ପ୍ରଦେଶ, ତାମିଲନାଡୁ, ଦିଲ୍ଲୀ ଓ ମଧ୍ୟପ୍ରଦେଶ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଲଢ଼ିଥିଲେ। ପ୍ରଥମ ୩ଟି ଫାଇଟ୍‌କୁ ଯଥାକ୍ରମେ ୬-୧, ୭-୨ ଓ ୬-୧ରେ ଜିତିବା ପରେ ସେମିଫାଇନାଲରେ ୦-୩ରେ ହାରିଯାଇ ଥିଲେ। ତେବେ ଏହା ତାଙ୍କୁ ବ୍ରୋଞ୍ଜ ପଦକ ବିଜେତା ହେବା ପାଇଁ ପର୍ଯ୍ୟାପ୍ତ ହୋଇଥିଲା। ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଲେ ଏସିଆନ କରାଟେ ପାଇଁ ଯୋଗ୍ୟତା ମିଳିଥାଏ। ଆଗାମୀ ଜାତୀୟ ପ୍ରତିଯୋଗିତାରେ ସେ ଏହା ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ଚଳିତ ମାସ ୨୯ ଓ ୩୦ରେ କୋଲକାତାରେ ସର୍ବଭାରତୀୟ ଆମନ୍ତ୍ରଣୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତା ଏବଂ ଅଗଷ୍ଟ ୧୧, ୧୨, ୧୩ରେ ଦିଲ୍ଲୀରେ ହେବାକୁ ଥିବା ଇଣ୍ଡିପେଣ୍ଡେନ୍ସ କପ୍ ପାଇଁ କୃଷ୍ଣ ପ୍ରସ୍ତୁତି ଚଳାଇଛନ୍ତି। ୨୦୨୨ରେ କୋଲକାତାରେ ଅନୁଷ୍ଠିତ ଆମନ୍ତ୍ରଣୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ ଜିତିଥିବାରୁ ଏଥର ମଧ୍ୟ ଆଶାବାଦୀ ଅଛନ୍ତି।

କୃଷ୍ଣଙ୍କ କହିବା ଅନୁସାରେ ''କରାଟେ ଏପରି ଏକ କ୍ରୀଡ଼ା ଯାହାକି ମଣିଷକୁ ଶୃଙ୍ଖଳିତ କରିଥାଏ। ନିଜକୁ ନିଜେ ଚିହ୍ନିବା ପାଇଁ ସୁଯୋଗ ଦେଇଥାଏ। ଆତ୍ମରକ୍ଷା ଦେବା ସହିତ ଅନ୍ୟ ପ୍ରତି ସମ୍ମାନବୋଧ ଜାଗ୍ରତ କରିଥାଏ। ସ୍ମରଣଶକ୍ତି ମଧ୍ୟ ବଢ଼ାଇଥାଏ। ଉତ୍କଳ କରାଟେ ସ୍କୁଲ ଏପରି ଏକ ଅନୁଷ୍ଠାନ ଯାହାକି ଜଣେ ଖେଳାଳିକୁ ପ୍ରତିଷ୍ଠା ଅର୍ଜନ ପାଇଁ ସହାୟକ ହେବା ସହିତ ଭଲ ମଣିଷ ହେବାପାଇଁ ବାଟ ଦେଖାଇଥାଏ। ଏଠାକୁ ଆସିବାପରେ ମୁଁ ଅନେକ କିଛି ଜାଣିବାକୁ ପାଇଛି, ଯାହାକି ମୋତେ ଆଗାମୀ ଦିନରେ ବହୁ ଉପାଦେୟ ହୋଇପାରିବ।''

କୃଷ୍ଣଙ୍କ ବାପା ୨୦୨୧ରେ କୋଭିଡ୍‌ରେ ପ୍ରାଣ ହରାଇଛନ୍ତି। ତେଣୁ ପରିବାର ପ୍ରତିପୋଷଣ ଏବେ ଭାଇ ଭଗବାନ ଏବଂ ତାଙ୍କ ଉପରେ। ବଡ଼ଭାଇ ଅଟୋ ଚଲାଇ ଯାହା କିଛି ରୋଜଗାର କରୁଥିବାବେଳେ କୃଷ୍ଣ ନିଜେ କରାଟେ ଶିଖିବା ସହ ପ୍ରଶିକ୍ଷଣ ମଧ୍ୟ ଦେଇ ଉପାର୍ଜନ କରୁଥିବା ଅର୍ଥରୁ ପରିବାର ଚଳାଉଛନ୍ତି। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ କରାଟେ ହିଁ ତାଙ୍କୁ ବଞ୍ଚିବାର ବାଟ ଦେଖାଇଛି ବୋଲି କୃଷ୍ଣ ଭାବାବେଗର ସହ କହିଛନ୍ତି। ସେ ସମ୍ପ୍ରତି ଓଏମ୍‌ସି, ପାତ୍ରପଡ଼ାର ରଶ୍ମିବିହାର କମ୍ୟୁନିଟି ହଲ୍ ଏବଂ ଉତ୍କଳ କରାଟେ ସ୍କୁଲରେ ସାମୟିକ ପ୍ରଶିକ୍ଷଣ ଦେଉଛନ୍ତି। ସେଥିରୁ ଉପାର୍ଜିତ ଅର୍ଥ ଘର ଖର୍ଚ୍ଚରେ ନିୟୋଜିତ ହେଉଛି। ସବୁଠାରୁ ବଡ଼ କଥା ହେଲା କୃଷ୍ଣଙ୍କଠାରୁ ଟ୍ରେନିଂ ନେଇ ପିଲାମାନେ ରାଜ୍ୟ ଏବଂ ଜାତୀୟ ସ୍ତରରେ ସଫଳତା ପାଇବା ଆରମ୍ଭ କରିଛନ୍ତି। ସମୟ ବାହାରକରି ଟ୍ରେନିଂ ନେବା ସହିତ ପ୍ରଶିକ୍ଷଣ ଦେଉଛନ୍ତି। ଏହା ତାଙ୍କୁ ଖୁସି ଦେଉଛି ବୋଲି ସେ କହିଛନ୍ତି।

କୃଷ୍ଣଙ୍କ ଦୃଷ୍ଟିରେ କରାଟେକୁ କ୍ୟାରିୟର କରିବାକୁ ଚାହୁଁଥିବା ପିଲାମାନେ ପ୍ରଥମେ ଶୃଙ୍ଖଳା ଜ୍ଞାନ ଶିଖିବା ଆବଶ୍ୟକ। ଏହା ବ୍ୟତୀତ ଖେଳରେ ଇଚ୍ଛା ରଖିବା ନିହାତି ଆବଶ୍ୟକ। ଇଚ୍ଛା ନ ଥିଲେ ଜଣକୁ ଯେତେ ପ୍ରଶିକ୍ଷଣ ଦେଲେ ମଧ୍ୟ ସେ କେବେ ଆଗକୁ ବଢ଼ିପାରିବ ନାହିଁ। ନିଜର ସଫଳତାର ଶ୍ରେୟ କୃଷ୍ଣ ଉତ୍କଳ କରାଟେ ସ୍କୁଲ ଓ ପ୍ରଶିକ୍ଷକ ହରିପ୍ରସାଦ ପଟ୍ଟନାୟକଙ୍କୁ ଦେଇଛନ୍ତି। କରାଟେ ତାଙ୍କୁ ଜଣେ ଭଲ ମଣିଷଭାବେ ଗଢ଼ି ତୋଳିବା ସହ ଆଗାମୀ ଦିନରେ ସମ୍ମାନର ସହ ବଞ୍ଚିବା ପାଇଁ ବାଟ ଦେଖାଇଛି ବୋଲି ପ୍ରକାଶ କରିଛନ୍ତି।

## କୃଷ୍ଣ ସ୍ୱର୍ଣ୍ଣପଦକ ଜିତିପାରିବେ



''କୃଷ୍ଣଚନ୍ଦ୍ର ୫ ବର୍ଷରୁ ଊର୍ଦ୍ଧ୍ୱ ଧରି ଉତ୍କଳ କରାଟେ ସ୍କୁଲରେ ଟ୍ରେନିଂ ନେଉଛନ୍ତି। ତାଙ୍କ ନିକଟରେ ପ୍ରତିଭା ଥିବା ମୁଁ ଜାଣିପାରିଥିଲି। ତେବେ ଭଲଭାବେ ଅଭ୍ୟାସ ଅତି ଜରୁରୀ ଥିଲା। କଠିନ ପରିଶ୍ରମକରି ସେ ଜାତୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲକରି ରାଜ୍ୟକୁ ଗର୍ବିତ କରିଛନ୍ତି। ଆଗକୁ ସେ ସ୍ୱର୍ଣ୍ଣପଦକ ପାଇପାରିବେ ବୋଲି ଆମେ ଆଶା ରଖିଛୁ। ଜଣେ ଖେଳାଳି ସହ ସେ ଜଣେ ଭଲ କୋଚ୍ ମଧ୍ୟ ହୋଇପାରିବେ। ତେବେ ଏଥିପାଇଁ ଟ୍ରେନିଂ କରି କୋଚିଂ ଲାଇସେନ୍ସ ହାସଲ କରିବାକୁ ପଡ଼ିବ। ସେ ଏଥିରେ ମଧ୍ୟ କୃତକାର୍ଯ୍ୟ ହୋଇପାରିବେ। ଏହି ଆଶା ମୋର ରହିଛି''।

**-ହରିପ୍ରସାଦ ପଟ୍ଟନାୟକ, ବରିଷ୍ଠ ପ୍ରଶିକ୍ଷକ**

### ସଂକ୍ଷେପରେ..

**ନାମ:** କୃଷ୍ଣଚନ୍ଦ୍ର ନାୟକ
**ଜନ୍ମ:** ଜୁଲାଇ ୧୫, ୧୯୯୯
**ପରିବାର:** ମା-ଲକ୍ଷ୍ମୀ ନାୟକ, ବାପା-ଗଦାଧର ନାୟକ, ଭାଇ-ଭଗବାନ ନାୟକ
**ଘର:** ନୀଳକଣ୍ଠନଗର (ମୁଣ୍ଡାସାହି), ବରମୁଣ୍ଡା, ଭୁବନେଶ୍ୱର
**ସଫଳତା:**
ରାଜ୍ୟସ୍ତରରେ ୬ ସ୍ୱର୍ଣ୍ଣ, ୨ ରୌପ୍ୟ, ସର୍ବଭାରତୀୟ ଓପନରେ ୫ ସ୍ୱର୍ଣ୍ଣ ଓ ୨ ରୌପ୍ୟ, ପୂର୍ବାଞ୍ଚଳ ପ୍ରତିଯୋଗିତାରେ ୨ ସ୍ୱର୍ଣ୍ଣ ଓ ୨ ରୌପ୍ୟ, ଚାମ୍ପିୟନ ଅଫ୍ ଚାମ୍ପିୟନ ପ୍ରତିଯୋଗିତାରେ ସର୍ବଭାରତୀୟ ସ୍ତରରେ ତୃତୀୟ, ଜାତୀୟ ସିନିୟର କରାଟେ (ଫାଇଟିଂ)ରେ ବ୍ରୋଞ୍ଜ ପଦକ।

# ଜୋକୋଭିଚ୍‌ଙ୍କ ସ୍ୱପ୍ନ



ନିର୍ମଳ କୁମାର ମିଶ୍ର

**ୱିମ୍ବେଲଡନ୍ ଫାଇନାଲରେ କାର୍ଲୋସ୍ ଅଲକାରାଜ୍‌ଙ୍କଠାରୁ ହାରିଥିବାରୁ ନୋଭାକ୍ ଜୋକୋଭିଚ୍ ସର୍ବକାଳୀନ ଶ୍ରେଷ୍ଠ ୨୪ ଗ୍ରାଣ୍ଡସ୍ଲାମ୍ ରେକର୍ଡର ସମକକ୍ଷ ହୋଇପାରିନାହାନ୍ତି। ବର୍ଷର ଶେଷ ଗ୍ରାଣ୍ଡସ୍ଲାମ୍ ୟୁଏସ୍ ଓପନ ଆସନ୍ତା ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୦ ମଧ୍ୟରେ ଅନୁଷ୍ଠିତ ହେବା ଏହି ଟୁର୍ନାମେଣ୍ଟ ଉପରେ ଜୋକୋଭିଚ୍‌ଙ୍କ ନଜର ରହିବ...**



ବିଶ୍ୱ ଟେନିସ୍ ଜଗତର ସର୍ବପୁରାତନ ଏବଂ ସମ୍ମାନଜନକ ଟୁର୍ନାମେଣ୍ଟ ହେଉଛି ୱିମ୍ବେଲଡନ୍। ଚଳିତ ବର୍ଷ ଏହାର ୧୩୬ତମ ସଂସ୍କରଣ ଏବଂ ଓପନ ଯୁଗର ୫୫ତମ ସଂସ୍କରଣ ସଫଳତାର ସହ ଜୁଲାଇ ୩ରୁ ୧୬ ପର୍ଯ୍ୟନ୍ତ ଅଲ୍ ଇଂଲଣ୍ଡ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱର ନଂ. ୧ ଟେନିସ୍ ଖେଳାଳି ୨୦ବର୍ଷୀୟ ସ୍ପେନ୍‌ର କାର୍ଲୋସ୍ ଅଲକାରାଜ୍ ଏକ ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକର ଫାଇନାଲରେ ଦୀର୍ଘ ବର୍ଷ ଧରି ଟେନିସ୍ ଜଗତରେ ରାଜ୍ କରୁଥିବା ସର୍ବିଆର ନୋଭାକ୍ ଜୋକୋଭିଚ୍‌ଙ୍କୁ ପରାସ୍ତକରି ତାଙ୍କର ଆଧିପତ୍ୟ ଉପରେ ଅଙ୍କୁଶ ଲଗାଇଛନ୍ତି। ସେଣ୍ଟର କୋର୍ଟରେ ଅନୁଷ୍ଠିତ ୫ ସେଟ୍ ବିଶିଷ୍ଟ ଫାଇନାଲରେ ଭେଟେରାନ ତାରକା ଖେଳାଳି ୩୬ ବର୍ଷୀୟ ଜୋକୋଭିଚ୍‌ଙ୍କୁ ହରାଇ କ୍ୟାରିୟରର ପ୍ରଥମ ୱିମ୍ବେଲଡନ ଟାଇଟଲ ହାସଲ କରିଥିଲେ ଅଲକାରାଜ୍। ଏହା ଥିଲା ତାଙ୍କ କ୍ୟାରିୟରର ୨ୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅଲକାରାଜ୍ ଜନ୍ମହେବା ବେଳକୁ ଜୋକୋଭିଚ୍ ପେସାଦାର ଖେଳାଳିରେ ପରିଣତ ହୋଇସାରିଥିଲେ। ୩ୟ ସର୍ବକନିଷ୍ଠ ଖେଳାଳି ରୂପେ ଏହି ସମ୍ମାନଜନକ ଟାଇଟଲ ହାସଲ କରିଥିଲେ ଅଲକାରାଜ୍। ଜର୍ମାନୀର ବୋରିସ୍ ବେକର ୧୮ ବର୍ଷରେ ଏବଂ ଜାପାନର ଟୋକିଟୋ ଓଡା ମାତ୍ର ୧୭ବର୍ଷ ବୟସରେ ସର୍ବ କନିଷ୍ଠ ଖେଳାଳି ରୂପେ ଏହି ଟାଇଟଲ ହାସଲ କରିଥିଲେ। ଅଲକାରାଜ୍ ତୃତୀୟ ସ୍ପାନିସ୍ ଖେଳାଳି ରୂପେ ଏହି ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ମାନୁଏଲ ସାଣ୍ଟାନା ୧୯୬୬ ଏବଂ ରାଫାଲ ନାଡାଲ ୨୦୦୮ ଏବଂ ୨୦୧୦ରେ ଏହି ସଫଳତା ପାଇଛନ୍ତି।

ୱିମ୍ବେଲଡନ୍ ଫାଇନାଲରେ ୨ ତାରକା ଖେଳାଳି ଚମତ୍କାର ଟେନିସ୍ ଖେଳିଥିଲେ। କେହି କାହାରିକୁ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲେ। ସେଣ୍ଟର କୋର୍ଟରେ ଉପସ୍ଥିତ ଦର୍ଶକ ଚିତ୍ତାକର୍ଷକ ଟେନିସ୍‌ର ଭରପୂର ଆନନ୍ଦ ଉଠାଇଥିଲେ। ଶେଷରେ ଇତିହାସ ରଚିଥିଲେ ଅଲକାରାଜ୍। ଜୋକୋଭିଚ୍‌ଙ୍କ ଆଶା ଅଧୁରା ରହିଲା। କାରଣ ୨୦୧୩ ପରଠାରୁ ଇଂଲଣ୍ଡର ସେଣ୍ଟର କୋର୍ଟରେ କେବେ ମ୍ୟାଚ୍ ହାରି ନ ଥିଲେ ଜୋକୋଭିଚ୍। ୫ମ ସେଟ୍‌ରେ ଜିତିଥିଲେ ସେ ମାର୍ଗାରେଟ କୋର୍ଟଙ୍କ ସର୍ବକାଳୀନ ଶ୍ରେଷ୍ଠ ୨୪ତମ ଗ୍ରାଣ୍ଡସ୍ଲାମ୍ ରେକର୍ଡର ସମକକ୍ଷ ହୋଇ ପାରିଥାନ୍ତେ। ଗ୍ରାଣ୍ଡସ୍ଲାମ୍ ଲଢ଼େଇରେ ଗତ କିଛି ବର୍ଷ ଧରି ଜୋକୋଭିଚ୍, ଫେଡେରର ଏବଂ ନାଡାଲଙ୍କ ମଧ୍ୟରେ ଟାଇଟଲ ହାସଲ ପାଇଁ ତୀବ୍ର ପ୍ରତିଯୋଗିତା ଲାଗି ରହିଥିଲା। ସୁଇଜରଲାଣ୍ଡର ଧନୀ ଟେନିସ୍ ଖେଳାଳି ଫେଡେରର ୱିମ୍ବେଲଡନ୍‌ରେ ୮ ଥର ଏବଂ ଜୋକୋଭିଚ୍ ୭ଥର ଟାଇଟଲ ଜିତିଛନ୍ତି। ଓପନ ଯୁଗରେ ପ୍ରତ୍ୟେକ ଗ୍ରାଣ୍ଡସ୍ଲାମ୍‌କୁ ୩ ଥର ଲେଖାଏ ଜିତିବାର ରେକର୍ଡ ରଖିଛନ୍ତି ଏହି ସର୍ବୀୟ ଖେଳାଳି। ଅନ୍ୟପକ୍ଷରେ ସ୍ପେନ୍‌ର ରାଫାଲ ନାଡାଲ ୨ଥର ୱିମ୍ବେଲଡନ୍ ଜିତିଥିବା ବେଳେ ସର୍ବାଧିକ ୧୪ଥର ପାଇଁ ଫ୍ରେଞ୍ଚ ଓପନ କ୍ଲେ କୋର୍ଟ ଟେନିସ୍ ଟାଇଟଲ ହାସଲ କରିଛନ୍ତି। ଅଷ୍ଟ୍ରେଲିଆନ ଓପନ ୨୦୦୯ ଏବଂ ୨୦୨୨ରେ ଜିତିଥିବା ବେଳେ ୨୦୧୦, ୨୦୧୩, ୨୦୧୭, ୨୦୧୯ରେ ୟୁଏସ୍ ଓପନ ଚାମ୍ପିୟନ ହୋଇଛନ୍ତି।

ଗତ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ୍‌ରେ ବହୁ ନାମୀଦାମୀ ଖେଳାଳି ଅଂଶଗ୍ରହଣ କରିଥିଲେ, ଏହା ଟୁର୍ନାମେଣ୍ଟର ଗ୍ଲାମର ବଢ଼ାଇଥିଲା। ସେମାନଙ୍କ ମଧ୍ୟରେ ଥିଲେ ଡାନିଲ ମେଡ୍‌ଭେଡେଭ, ଆରିନା ସାବାଲେଙ୍କା, ଭିକ୍ଟୋରିଆ ଆଜାରେଙ୍କା, ଷ୍ଟାନ୍ ୱାରିଙ୍କା, ଡେଭିଡ୍ ଗଫିନ, ମାଟେଓ ବେରେଟିନି, ଆଲେକ୍‌ଜାଣ୍ଡାର ଜେଭରେଜ୍, ହୋଲ୍‌ଗର ରୁନ୍, ଆନ୍ଦ୍ରେ ରୁବ୍‌ଲେଭ୍‌ଙ୍କ ପରି ଅନେକ ସିଡେଡ୍ ଖେଳାଳି। ସେମିଫାଇନାଲରୁ ୩ୟ ସିଡ୍ ଡାନିଲ ମେଡ୍‌ଭେଡେଭ ଓ ୮ମ ସିଡ୍ ଜାନିକ ସିନର ବାଦ୍ ପଡ଼ିଥିଲେ। ପ୍ରଥମ ରାଉଣ୍ଡରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଖେଳାଳିମାନଙ୍କ ମଧ୍ୟରେ ଥିଲେ ଡୋମିନିକ ଥିମ୍, ସେବାଷ୍ଟିଆନ କୋର୍ଡା, ଜନ୍ ଇସନର ଏବଂ ଦ୍ୱିତୀୟ ରାଉଣ୍ଡରୁ ଆଲେକଜାଣ୍ଡାର ମୁଲର, ଆଣ୍ଡି ମୁରେ, ଓସ୍କାର ଓଟେ, କାମେରନ ନୋରି ଏବଂ ବେନ୍ ସେଲ୍‌ଟନ ଏବଂ ୩ୟ ଏବଂ ୪ର୍ଥ ରାଉଣ୍ଡରୁ ଆଲେକଜାଣ୍ଡାର ଜେଭରେଜ୍, ଡେଭିଡ୍ ଗଫିନ, ଷ୍ଟାନ୍ ୱାରିଙ୍କା, କ୍ରିଷ୍ଟୋଫର ଓକୋନେଲ, ଷ୍ଟିଫାନୋସ୍ ସିଚ୍‌ସିପାସ, ମାଟେଓ ବେରେଟିନି, ଡେନିସ୍ ସାପୋଭଲଭୋ ପ୍ରମୁଖ ବିଦାୟ ନେଇଥିଲେ।

୨୦୨୩ ସଂସ୍କରଣରେ ମହିଳା ବିଭାଗରେ ତୃତୀୟ ଚେକ୍ ଖେଳାଳି ଭାବେ ୱିମ୍ବେଲଡନ ଟାଇଟଲ ଜିତି ଇତିହାସ ରଚିଛନ୍ତି ମାର୍କେଟା ଭୋନ୍ଦ୍ରୋସୋଭା। ଫାଇନାଲରେ ସେ ଟ୍ୟୁନିସିଆର ଓନ୍ସ ଜାବେରଙ୍କୁ ସିଧାସଳଖ ସେଟ୍‌ରେ ହରାଇ ତୃତୀୟ ଚେକ୍ ଏବଂ ପ୍ରଥମ ଅଣସିଡେଡ୍ ଖେଳାଳି ରୂପେ ଟ୍ରଫି ହାସଲକରି ସମସ୍ତ ତାରକା ଖେଳାଳିଙ୍କୁ ଚମକାଇ ଦେଇଛନ୍ତି। ୨୦୨୨ରେ ଆଘାତଜନିତ ସମସ୍ୟା ଯୋଗୁ ସେ ଏହି ପ୍ରତିଯୋଗିତାରେ ଖେଳିପାରି ନ ଥିଲେ।

ଚଳିତ ବର୍ଷ ପ୍ରଥମ ଗ୍ରାଣ୍ଡସ୍ଲାମ୍ ଅଷ୍ଟ୍ରେଲିଆନ ଓପନରେ ନୋଭାକ୍ ଜୋକୋଭିଚ୍ ପୁରୁଷ ବିଭାଗରେ ଚାମ୍ପିୟନ ହୋଇଥିବା ବେଳେ ମହିଳା ବିଭାଗରେ ବେଲାରୁଷ୍‌ର ଆରିନା ସାବାଲେଙ୍କା ଟାଇଟଲ ହାସଲ କରିଥିଲେ। ସେହିପରି ୨ୟ ଗ୍ରାଣ୍ଡସ୍ଲାମ୍ ଫ୍ରେଞ୍ଚ ଓପନରେ ପୁରୁଷ ବିଭାଗରେ ନୋଭାକ୍ ଜୋକୋଭିଚ୍ ସିଧାସଳଖ ସେଟ୍‌ରେ କାସ୍ପର ରୁଡ୍‌ଙ୍କୁ ପରାସ୍ତକରି ଚାମ୍ପିୟନ ହୋଇଥିବା ବେଳେ ଇଗା ସ୍ୱିଟେକ୍ ମହିଳା ବିଭାଗର ବିଜେତା ହୋଇଥିଲେ। ଚଳିତ ବର୍ଷର ଶେଷ ଗ୍ରାଣ୍ଡସ୍ଲାମ୍ ୟୁଏସ୍ ଓପନ ଆସନ୍ତା ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୦ ମଧ୍ୟରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଗତ ସଂସ୍କରଣରେ କାର୍ଲୋସ୍ ଅଲକାରାଜ୍ ପୁରୁଷ ଏବଂ ପୋଲାଣ୍ଡର ଇଗା ସ୍ୱିଟେକ ମହିଳା ବିଭାଗ ଚାମ୍ପିୟନ ରହିଛନ୍ତି। ଏହି ଟୁର୍ନାମେଣ୍ଟ ଉପରେ ଜୋକୋଭିଚ୍‌ଙ୍କ ନଜର ରହିବ।

## ଡିସ୍କ୍ରିପାନ୍ସି

ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍
ବ୍ୟାଙ୍କକ୍‌ରେ ଚାଲ ଘନ
ପଚାଶ ବର୍ଷ ପୂର୍ତ୍ତି ଅବସର ପାଇଁ
ମାସ୍କଟ ହେଲେ ହନୁମାନ
କହେ ଆସୋସିଏଶନ
ଶକ୍ତି, ସାହସର ପ୍ରତୀକ ବୋଲି ସେ
ନେଲୁ ଏହି ଡିସିଶନ।

ଏସିଆ କପ୍ ସେଡ୍ୟୁଲ ଚୂଡ଼ାନ୍ତ, ଇଣ୍ଡିଆ
ପାକିସ୍ତାନ ଯିବ ନାହିଁ
ହାଇବ୍ରିଡ୍ ମଡେଲରେ ଖେଳ ହେବ
ସାତ ସମୁଦ୍ର ଡେଇଁ
ଲଙ୍କା କଲମ୍ବୋରେ ଯାଇ
ଦୁଇ ଦେଶ ଫାଇନାଲ ଗଲେ ସେହି
ଲଙ୍କା ଭେନ୍ୟୁ ଫିକ୍ସ ଭାଇ।

ତୃତୀୟ ଚେକ୍ ମହିଳା ଭାବେ ୱିମ୍ବେଲଡନ
ଟ୍ରଫି ଜିତି ଭୋନ୍ଦ୍ରୋସୋଭା
ଇତିହାସ ରଚି ଚେକ୍ ରିପବ୍ଲିକ୍‌ର
ବଢ଼ାଇଛି କୀର୍ତ୍ତି ଶୋଭା
ଅଲ୍ ଇଂଲଣ୍ଡ କ୍ଲବ କାବା
ଫାଷ୍ଟ ଅଣସିଡେଡ ଖେଳାଳିଙ୍କୁ ଆସ
ମଲ୍ଲୀ ମାଳ ବେକେ ଦେବା।

**-ସୁବାସ ଚନ୍ଦ୍ର ପ୍ରଧାନ**



ମାର୍କେଟା ଭୋନ୍ଦ୍ରୋସୋଭା

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୧/୨୦୨୩ Bhubaneswar, Friday, July 21/ 2023


# ପେସାଦାର ଚେସ୍ ଟ୍ରେନିଂ ଏକାଡେମୀ ଉଦ୍‌ଘାଟିତ

## ବିଶ୍ୱ ଚେସ୍ ଦିବସରେ ସରକାରଙ୍କ ବଡ଼ ପଦକ୍ଷେପ

ଭୁବନେଶ୍ୱର, ୨୦।୭
(ତପନ ସ୍ୱାଇଁ)

ଓଡ଼ିଶାରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଇ ଆସୁଥିବା ରାଜ୍ୟ ସରକାର ବିଶ୍ୱ ଚେସ୍ ଦିବସ ଅବସରରେ ଆଉଏକ ବଡ଼ ପଦକ୍ଷେପ ନେଇଛନ୍ତି। ରାଜ୍ୟରେ ଚେସ୍‌ର ବିକାଶ ଲକ୍ଷ୍ୟରେ ପେସାଦାର ଚେସ୍ ଟ୍ରେନିଂ ଏକାଡେମୀ (ପ୍ରୋ-ଚେସ୍-ଟିଏ ବା ପ୍ରଚେଷ୍ଟା) ପ୍ରତିଷ୍ଠା ହୋଇଛି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁବାର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହାକୁ ଚେସପ୍ରେମୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ସର୍ବଭାରତୀୟ ଚେସ୍ ଫେଡେରେଶନ ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ମିଳିତ ଉଦ୍ୟମରେ ଚେସ୍‌ର ବିକାଶ ଦିଗରେ କାର୍ଯ୍ୟ କରାଯିବ। ଏହିଅବସରରେ କ୍ରୀଡ଼ାମନ୍ତ୍ରୀ ଜାତୀୟ ମହିଳା ଚେସ୍ ଚାମ୍ପିୟନ ପଦ୍ମିନୀ ରାଉତଙ୍କୁ ୬୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାରରେ ସମ୍ମାନିତ କରିଥିଲେ। ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଓ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲୁଜିଏମ୍) ଟାଇଟଲ ହାସଲକାରୀ ପଦ୍ମିନୀ ଅନେକ ଯୁବ ଖେଳାଳିଙ୍କ ଆଦର୍ଶ। ତାଙ୍କପରି ଅଧିକରୁ ଅଧିକ ଖେଳାଳି ସୃଷ୍ଟି କରିବା ଏହି ଏକାଡେମୀର ଲକ୍ଷ୍ୟ ରହିବ।

ଏହି ଏକାଡେମୀ ମାଧ୍ୟମରେ ରାଜ୍ୟର ପ୍ରତିଭା ସମ୍ପନ୍ନ ଖେଳାଳିମାନେ ଚେସ୍ ସମ୍ପର୍କରେ ଶିକ୍ଷାଲାଭ କରିବା ସହିତ ଆଗକୁ ବଢ଼ି ପାରିବେ। ଫିଡେ ଟ୍ରେନର ତଥା ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ଏହାର କୋଚ୍ ରହିବେ। ''ପେସାଦାର ଚେସ୍ ଟ୍ରେନିଂ ଏକାଡେମୀ ଉଦ୍‌ଘାଟନ କରି ମୁଁ ବହୁତ ଖୁସି। ଚେସ୍‌କୁ ପ୍ରମୋଟ କରିବାପାଇଁ ଆମେ ପୂର୍ବରୁ ଅନେକ କାର୍ଯ୍ୟକ୍ରମ ଆୟୋଜନ କରିଛୁ। ଏଥିରେ ଚେସ୍ ଖେଳାଳି ଓ ଅଭିଭାବକଙ୍କ ଯୋଗଦାନ ଉତ୍ସାହଜନକ ରହିଛି। ଏଥି ସହିତ ଆମ ରାଜ୍ୟର ଏଲିଟ ଖେଳାଳିଙ୍କ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚ ପ୍ରଦର୍ଶନ ଆମକୁ ଏପରି ଏକାଡେମୀ ପ୍ରତିଷ୍ଠା କରିବାକୁ ପ୍ରେରିତ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଆମେ ଓଡ଼ିଶା ଚେସ୍ ଖେଳାଳିମାନେ ଯେପରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଚମକ ସୃଷ୍ଟି କରିପାରିବେ ସେଥିପାଇଁ ପ୍ଲାଟଫର୍ମ ପ୍ରସ୍ତୁତ ପାଇଁ ଉଦ୍ୟମ କରିଛୁ। ଏଥିପାଇଁ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ'' ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ''ଓଡ଼ିଶା ଚେସ୍‌ପାଇଁ ଏହା ଏକ ଭଲ ପଦକ୍ଷେପ। ଚେସ୍‌କୁ ଭଲ ପାଉଥିବା ଖେଳାଳିମାନେ ଏକାଡେମୀରୁ ଉପକୃତ ହୋଇପାରିବେ ଏବଂ ଏହି କ୍ରୀଡ଼ାରେ ପ୍ରତିଷ୍ଠିତ ହୋଇପାରିବେ। ମୋତେ କ୍ରମାଗତ ସମର୍ଥନ କରିଆସିବା ସହ ଏଠାରେ ସମ୍ବର୍ଦ୍ଧିତ କରିଥିବାରୁ ମୁଁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଉଛି'' ବୋଲି ପଦ୍ମିନୀ ପ୍ରକାଶ କରିଛନ୍ତି।

ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି। ''ଏହି ଚେସ୍ ଏକାଡେମୀ ସହରର ମଧ୍ୟଭାଗରେ ପ୍ରତିଷ୍ଠା ହୋଇଛି। ଏଥିପ୍ରତି ଖେଳାଳି ଓ ଅଭିଭାବକଙ୍କଠାରୁ ଆରମ୍ଭ କରି ସମସ୍ତ ଚେସ୍ ପ୍ରେମୀଙ୍କର ଆଗ୍ରହ ରହିଛି। ଏକାଡେମୀ ଆରମ୍ଭ ହେବାଦ୍ୱାରା ଓଡ଼ିଶାରେ ଚେସ୍‌ର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସୂଚନା ମିଳୁଛି। ଏଠାରେ ପ୍ରଶିକ୍ଷଣ ନେଇ ଖେଳାଳିମାନେ ରାଜ୍ୟ ଓ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିପାରିବେ'' ବୋଲି ରଞ୍ଜନ ପ୍ରକାଶ କରିଛନ୍ତି। ସେହିପରି ଚେସ୍‌ର ବିକାଶ ପାଇଁ ଏପରି ଏକ ପଦକ୍ଷେପ ନେଇଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ। ଓଡ଼ିଶାର ଚେସ୍ ପ୍ରତିଭାଙ୍କ ପ୍ରଦର୍ଶନକୁ ମାର୍ଜିତ କରିବାପାଇଁ ତାଙ୍କୁ ଗୁରୁଦାୟିତ୍ୱ ଦିଆ ଯାଇଥିବାରୁ ସେ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି, ମହିଳା ଅନ୍ତର୍ଜାତୀୟ ମାଷ୍ଟର ସାଇନା ସାଲୋନିକା, ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଏବଂ ଆହୁରି ଅନେକ ଚେସ୍ ଖେଳାଳି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଚେସ୍ ଏକାଡେମୀ ଉଦ୍‌ଘାଟନ ଅବସରରେ ଖେଳାଳି ଓ କର୍ମକର୍ତ୍ତାଙ୍କ ଗହଣରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା।


BGU BIRLA GLOBAL UNIVERSITY
ADMISSION 2023-24
PG Programs
- MAJMC
- M.Sc Financial Economics
- M.Com
- MCA

UG Programs
- BAJMC (Hons.)
- BBA (Hons.)
- BBA LL.B. (Hons.)
- B.Com (Hons.) • BCA
- B.Sc Data Science (Hons.)

The University Provides Excellent Placement Assistance
BIRLA GLOBAL UNIVERSITY
BHUBANESWAR
Visit us at : www.bgu.ac.in
Mobile: 7381058307, 9776129900


# ଅୟେସଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

## ଶ୍ରୀଲଙ୍କା ବିପକ୍ଷରେ କିଙ୍ଗ୍ କିଙ୍ଗଡମ୍‌ର ବିଜୟ

ଯାଜପୁର, ୨୦।୭
(ହର୍ଷବର୍ଦ୍ଧନ ବେହେରା)


ଅୟେସ ପତି

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ଦ୍ୱାରା ପରିଚାଳିତ ପୁଣେର କିଙ୍ଗ୍ କିଙ୍ଗଡମ ଏକାଡେମୀ ଶ୍ରୀଲଙ୍କାରେ ଚାଲିଥିବା ୧୭ ବର୍ଷରୁ କମ ବର୍ଗର ଚାମ୍ପିୟନ ଟ୍ରଫିର ବୁଧବାର ମ୍ୟାଚରେ ବିଜୟ ହାସଲ କରିଛି। ଶ୍ରୀଲଙ୍କା ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କିଙ୍ଗ୍ କିଙ୍ଗଡମ୍ ଦଳ ୫୦ ଓଭରରେ ୫ ଉଇକେଟ ହରାଇ ୩୯୯ ରନର ବିଶାଳ ସ୍କୋର କରିଥିଲା। ଏଥିରେ କର୍ତ୍ତବ୍ୟ ପାଏଗୁଡୁ ୧୦୨ କରି ନଟ୍‌ଆଉଟ ଥିବାବେଳେ ଓଡ଼ିଶାର ଅୟେସ ପତି ୩୪ଟି ବଲରେ ୮୯ ରନ କରି ଅପରାଜିତ ରହିଥିଲେ। ଜବାବରେ ଶ୍ରୀଲଙ୍କା ଦଳ ମାତ୍ର ୧୫୬ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଏଥିରେ ଅୟେସ ୩ ଉଇକେଟ ନେବାସହ ଟିମ୍‌କୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅୟେସ ଗତ ବର୍ଷେ ହେବ ପୁଣେ ସ୍ଥିତ କିଙ୍ଗ୍ କିଙ୍ଗଡ଼ମ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି।

# ଆଇଓଏ ମୁଖ୍ୟାଳୟରେ ବିକ୍ଷୋଭ

## ଏସିଆନ ଗେମ୍ସ ଟ୍ରାଏଲ୍ସ

ନୂଆଦିଲ୍ଲୀ, ୨୦।୭(ପି.ଟି.)

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ଆଡ୍‌ହକ ପ୍ୟାନେଲ ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆ ଓ ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ଭିନେଶ ଫୋଗଟ୍‌ଙ୍କୁ ଏସିଆନ ଗେମ୍ସ ପାଇଁ ସିଧାସଳଖ ଯୋଗ୍ୟତା ପ୍ରଦାନକୁ ନେଇ ରେସ୍‌ଲରଙ୍କ ମଧ୍ୟରେ ବିରୋଧାଭାସ ସୃଷ୍ଟି ହୋଇଛି। ଗୁରୁବାର ଭାରତୀୟ ଅଲିମ୍ପିକ ଆସୋସିଏଶନ(ଆଇଓଏ)ର ମୁଖ୍ୟାଳୟରେ ଶତାଧିକ ଜୁନିୟର ରେସ୍‌ଲର, ଅଭିଭାବକ ଓ କୋଚ୍ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗୁରୁବାର ୧୫୦ରୁ ଅଧିକ ଲୋକ ଆଇଓଏ କାର୍ଯ୍ୟାଳୟ ସମ୍ମୁଖରେ ବିରୋଧ କରିବା ସହିତ ସଭାପତି ପି.ଟି. ଉଷା ଓ ଆଡ୍‌ହକ ପ୍ୟାନେଲ୍ ମୁଖ୍ୟ ଭୂପିନ୍ଦର ସିଂ ବାଜୱାଙ୍କୁ ଭେଟିବା ପାଇଁ ଦାବି କରିଥିଲେ। ଆଡ୍‌ହକ ପ୍ୟାନେଲର ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ପକ୍ଷପାତପୂର୍ଣ୍ଣ। ଏହା ସମ୍ପୂର୍ଣ୍ଣ ଭୁଲ ଏବଂ ଏହାକୁ ପରିବର୍ତ୍ତନ କରିବା ପାଇଁ ଆମେ ବିରୋଧ ପ୍ରଦର୍ଶନ କରୁଛୁ ବୋଲି ଅନ୍ତିମ ପାଙ୍ଘଲଙ୍କ କୋଚ ବିକାଶ ଭରଦ୍ୱାଜ କହିଛନ୍ତି।

୨୦ ବର୍ଷରୁ କମ୍ ବୟସ ବର୍ଗରେ ଅନ୍ତିମ ବିଶ୍ୱ ଚାମ୍ପିୟନ ହୋଇଥିବା ବେଳେ ୨୩ ବର୍ଷରୁ କମ୍ ଏସିଆନ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ସୁଜିତ୍। ଅବଶ୍ୟ ଗୁରୁବାରର ବିରୋଧ ପ୍ରଦର୍ଶନରେ ଉଭୟ ଖେଳାଳି ସାମିଲ ନ ଥିଲେ। ଆଡ୍‌ହକ ପ୍ୟାନେଲ୍ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଭୁଲ୍ ଏବଂ ଏହାକୁ ପରିବର୍ତ୍ତନ କରାଯିବା ଆବଶ୍ୟକ ବୋଲି କୁହାଯାଇଛି। ସେହିପରି ଯନ୍ତରମନ୍ତରଠାରେ ରେସ୍‌ଲରଙ୍କ ସହିତ ଧାରଣା ଦେଉଥିବା ଅଂଶୁ ମଲିକ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ଓ ରାଜ୍ୟ ଗୋଷ୍ଠୀ ରୌପ୍ୟ ପଦକ ବିଜୟିନୀ ଅଂଶୁ ମଲିକ୍ ମଧ୍ୟ ଖେଳାଳିମାନଙ୍କୁ ସମର୍ଥନରେ ଟୁଇଟ୍ କରିଛନ୍ତି। ସମସ୍ତଙ୍କୁ ଉପଯୁକ୍ତ ସୁଯୋଗ ମିଳିବା ଉଚିତ। ଦେଶ ପାଇଁ ପଦକ ଜିତିବା ଜଣେ ଆଥ୍‌ଲେଟଙ୍କ ସ୍ୱପ୍ନ ଥାଏ। ଏହି ଅଧିକାର ଖେଳାଳିଙ୍କ ନିକଟରୁ ଛଡାଇବା ଭୁଲ ନିଷ୍ପତ୍ତି ବୋଲି ଲେଖିଛନ୍ତି ଅଂଶୁ। ନିରପେକ୍ଷ ଟ୍ରାଏଲ୍ସ ଏହି ଖେଳାଳିମାନଙ୍କର ଅଧିକାର, ତେଣୁ ମୁଁ ସେମାନଙ୍କୁ ସମର୍ଥନ କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି।

# ଡବ୍ଲ୍ୟୁଏଫ୍‌ଆଇ ସ୍ପଷ୍ଟୀକରଣ ଲୋଡିଲେ କୋର୍ଟ

**ନୂଆଦିଲ୍ଲୀ, ୨୦।୭:** ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟ୍‌ଙ୍କୁ ଏସିଆନ ଗେମ୍ସ ପାଇଁ ସିଧାସଳଖ ଯୋଗ୍ୟତା ପ୍ରଦାନକୁ ନେଇ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ସ୍ପଷ୍ଟୀକରଣ ଲୋଡିଛନ୍ତି ଦିଲ୍ଲୀ ହାଇକୋର୍ଟ। ଟ୍ରାଏଲ୍ସରେ ପକ୍ଷପାତିତାର ଅଭିଯୋଗ କରି ବୁଧବାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ରେସ୍‌ଲର ଅନ୍ତିମ ପଙ୍ଘାଲ ଓ ସୁଜିତ କଲକଲ। ଗୁରୁବାର ବିଚାରପତି ସୁବ୍ରମଣ୍ୟମ ପ୍ରସାଦ ମାମଲାର ଶୁଣାଣି କରିବା ସହିତ ଡବ୍ଲ୍ୟୁଏଫ୍‌ଆଇର ସ୍ପଷ୍ଟୀକରଣ ଦାବି କରିଛନ୍ତି। ପୁରୁଷ ଫ୍ରିଷ୍ଟାଇଲ ୬୫କେଜି ଏବଂ ମହିଳା ୫୩ କେଜି ଓଜନ ବର୍ଗରେ ଯଥାକ୍ରମେ ବଜରଙ୍ଗ ଓ ଭିନେଶଙ୍କୁ ଚୟନ କରାଯାଇଛି। କୌଣସି ରେସ୍‌ଲରଙ୍କୁ ରିହାତି ପ୍ରଦାନ କରିବାକୁ କୋର୍ଟ ବିରୋଧ କରିବା ସହିତ ଟ୍ରାଏଲ୍ସକୁ କ୍ୟାମେରା ସମ୍ମୁଖରେ ନିରପେକ୍ଷ ଭାବରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡବ୍ଲ୍ୟୁଏଫ୍‌ଆଇର ଚୟନ ପ୍ରକ୍ରିୟା କ'ଣ ତାହା ଜାଣିବା ପାଇଁ ଜଷ୍ଟିସ୍ ପ୍ରସାଦ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଚୟନ ପାଇଁ ପୂର୍ବ ପ୍ରଦର୍ଶନକୁ ମାପଦଣ୍ଡ ଭାବରେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ମଧ୍ୟ କୋର୍ଟ କହିଛନ୍ତି। ତେବେ ଯଦି ଦୁଇ ରେସ୍‌ଲରଙ୍କ ଚୟନ ପ୍ରକ୍ରିୟା ନିୟମାନୁସାରେ ହୋଇଥାଏ ତା'ହେଲେ କୋର୍ଟ ଆଗକୁ ହସ୍ତକ୍ଷେପ କରିବେ ନାହିଁ ବୋଲି ବିଚାରପତି କହିଛନ୍ତି।

# ରୋହିତ-ଜୟସ୍ୱାଲଙ୍କ ଶତକୀୟ ଭାଗୀଦାରି



ଭାରତ ଓ ୱେଷ୍ଟଇଣ୍ଡିଜ୍ ଶତକୀୟ ଟେଷ୍ଟ ଅବସରରେ ରୋହିତ ଶର୍ମାଙ୍କୁ ଫଳକ ଦେଉଛନ୍ତି ୱେଷ୍ଟଇଣ୍ଡିଜ୍ କ୍ରିକେଟ ବୋର୍ଡ ସଭାପତି କିଶୋର ଶ୍ୟାଲୋ (ବାମ) ଓ ବ୍ରାଏନ୍ ଲାରା।

## ଦ୍ୱିତୀୟ ଟେଷ୍ଟ

ପୋର୍ଟ ଅଫ୍ ସ୍ପେନ୍, ୨୦।୭ (ପି.ଟି.)

ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ମ୍ୟାଚ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିରେ ଘରୋଇ ଦଳ ଟସ୍ ଜିତି ବୋଲିଂ ନେଇଛି। ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଭାରତ ମଧ୍ୟାହ୍ନ ଭୋଜନ ବିରତି ବେଳକୁ ବିନା କୌଣସି ଉଇକେଟରେ ୧୨୧ ରନ କରିଛି। ରୋହିତ ଶର୍ମା ୬୩ ଓ ଯଶସ୍ୱୀ ଜୟସ୍ୱାଲ ୫୨ ରନ କରି ଅପରାଜିତ ରହିଛନ୍ତି। ରୋହିତ ୬ ଚୌକା ଓ ୨ ଚୌକା ଲଗାଇଥିବା ବେଳେ ଜୟସ୍ୱାଲ ୮ ଚୌକା ଓ ଗୋଟିଏ ଛକା ମାରିଛନ୍ତି। ଦୁଇ ବ୍ୟାଟର ଅପରାଜିତ ଶତକୀୟ ଭାଗୀଦାରିରେ ଭାରତର ବ୍ୟାଟିଂ ମୂଳଦୁଆ ସୁଦୃଢ ହୋଇଛି। ଗୋଟିଏ ସିରିଜରେ ଓପନିଂ ପାର୍ଟନରଶିପ୍‌ରେ କ୍ରମାଗତ ଶତକୀୟ ଭାଗୀଦାରି କରିବାରେ ରୋହିତ ଓ ଜୟସ୍ୱାଲ ଦ୍ୱିତୀୟ ଭାରତୀୟ ଯୋଡ଼ି ହୋଇଛନ୍ତି। ପୂର୍ବରୁ ୧୯୯୯ରେ ଏସ୍. ରମେଶ ଓ ଦେବାଙ୍ଗ ଗାନ୍ଧୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଏହି ସଫଳତା ହାସଲ କରିଥିଲେ। ଭାରତ ତରଫରୁ ବେଙ୍ଗଲ ପେସ୍ ବୋଲର ମୁକେଶ କୁମାର ତାଙ୍କ ଟେଷ୍ଟ ପଦାର୍ପଣ କରିଛନ୍ତି। ତାଙ୍କୁ ଆଘାତପ୍ରାପ୍ତ ଶାର୍ଦ୍ଦୂଳ ଠାକୁରଙ୍କ ସ୍ଥାନରେ ସୁଯୋଗ ମିଳିଛି। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ ରେମନ ରିଫରଙ୍କୁ ଦଳରୁ ବାଦ୍ ଦେଇଛି। ତାଙ୍କ ସ୍ଥାନରେ କିର୍କ ମ୍ୟାକେଞ୍ଜି ଟେଷ୍ଟ ପଦାର୍ପଣ କରିଛନ୍ତି। ଡୋମିନିକାଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଏକ ଇନିଂସ ଓ ୧୪୧ ରନରେ ବିଜୟ ହାସଲ କରି ଭାରତ ଦୁଇ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି।

# ପ୍ରଥମ ଦିନରେ ଦୁଇ ଆୟୋଜକ ଦେଶ ଜିତିଲେ

## ଫିଫା ମହିଳା ବିଶ୍ୱକପ୍ ଆରମ୍ଭ

ଅକଲାଣ୍ଡ/ସିଡ୍‌ନୀ, ୨୦।୭(ପି.ଟି.)

ଫିଫା ମହିଳା ଫୁଟବଲ୍ ବିଶ୍ୱକପ୍ ୨୦୨୩ ମହା ସମାରୋହରେ ଗୁରୁବାର ଉଦ୍‌ଘାଟିତ ହୋଇଛି। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜନ କରୁଥିବା ବେଳେ ପ୍ରଥମ ଦିନରେ ଉଭୟ ଆୟୋଜକ ଦେଶ ବିଜୟୀ ହୋଇଛନ୍ତି।

### ଉଦ୍‌ଘାଟନୀ ସମାରୋହ

ପ୍ରଥମ ମ୍ୟାଚ୍ ପୂର୍ବରୁ ଅକଲାଣ୍ଡର ଇଡେନ୍ ପାର୍କରେ ଏକ ଭବ୍ୟ ରଙ୍ଗାରଙ୍ଗ ଉଦ୍‌ଘାଟନୀ ସମାରୋହ ଆୟୋଜିତ ହୋଇଥିଲା। ନ୍ୟୁଜିଲାଣ୍ଡର ପାରମ୍ପରିକ ମାଓରି ଲୋକକଳାର କଳାକାରଙ୍କ ସହିତ ପପ୍ ଗାୟକ ବେନି ଓ ମଲରାଟଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ସହିତ ଅଷ୍ଟ୍ରେଲୀୟ ମୂଳନିବାସୀ ନାଗରିକ ମାନେ ଏହି କାର୍ଯ୍ୟକ୍ରମର ଅଂଶ ରହିଥିଲେ। ଅନ୍ତର୍ଜାତୀୟ ଏକତା ଓ ଶାନ୍ତି ପ୍ରତିଷ୍ଠାର ବାର୍ତ୍ତା ପ୍ରଦାନ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ରହିଥିଲା। ୧୦ ମିନିଟର ଏହି ପ୍ରଦର୍ଶନ ପରେ ସମସ୍ତ ୩୨ ଟିମ୍‌ର ପରିଚୟ ପ୍ରଦାନ କରାଯାଇଥିଲା। ବେନି ଓ ମଲରାଟ ବିଶ୍ୱକପ୍‌ର ଅଫିସିଆଲ୍ ଗୀତ 'ଡୁ ଇଟ୍ ଏଗେନ୍' ଗାଇଥିଲେ।


ଆୟର୍ଲାଣ୍ଡ ବିପକ୍ଷରେ ବିଜୟ ପରେ ଉଲ୍ଲସିତ ଅଷ୍ଟ୍ରେଲିଆ ଦଳ।

### ନ୍ୟୁଜିଲାଣ୍ଡ ବନାମ ନରୱେ

ଇଡେନ୍ ପାର୍କରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ବିଜୟୀ ହୋଇଛି ନ୍ୟୁଜିଲାଣ୍ଡ। ଏହା ସହିତ ବିଶ୍ୱକପ ଇତିହାସରେ ଦଳ ନିଜର ପ୍ରଥମ ବିଜୟ ହାସଲ କରିଛି। ଏହା ପୂର୍ବରୁ ଦଳ ୫ଥର ବିଶ୍ୱକପ ଖେଳିଥିଲେ ମଧ୍ୟ ଥରେ ବି ବିଜୟ ହାସଲ କରି ନ ଥିଲା। ଇଡେନ୍ ପାର୍କରେ ରେକର୍ଡ ସଂଖ୍ୟକ ୪୨୧୩୭ ଜଣ ଦର୍ଶକ ମ୍ୟାଚ୍ ଉପଭୋଗ କରିଥିବା ବେଳେ ପ୍ରଧାନମନ୍ତ୍ରୀ କ୍ରିସ୍ ହିପକିନ୍ସ ମଧ୍ୟ ଉପସ୍ଥିତ ଥିଲେ। ମ୍ୟାଚର ପ୍ରଥମାର୍ଦ୍ଧ ବେଶ ସଂଘର୍ଷପୂର୍ଣ୍ଣ ରହିଥିଲା। ନରୱେ ଖେଳାଳି ପ୍ରାଧାନ୍ୟ ବିସ୍ତାର କରି ଦୁଇ ଦୁଇଥର ଗୋଲ ସ୍କୋର କରିବାର ସୁଯୋଗ ସୃଷ୍ଟି କରିଥିଲେ। ବାଲନ୍ ଡି ଓର ବିଜୟିନୀ ଆଡା ହେଗେରବର୍ଗ ୩୭ ଓ ୪୩ ତମ ମିନିଟରେ ସ୍କୋର କରିବାର ସୁଯୋଗ ପାଇଥିଲେ ମଧ୍ୟ ରେବେକା ସ୍କଟ୍ ତାଙ୍କୁ ଅଟକାଇବାରେ ସଫଳ ହୋଇଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ନ୍ୟୁଜିଲାଣ୍ଡର ହାନ୍ନା ୱିଲକିନ୍‌ସନ୍ ସ୍କୋର କରିଥିଲେ। ଜାକ୍ୱି ହାଣ୍ଡଙ୍କ କ୍ରସକୁ ଗୋଲରେ ପରିଣତ କରିବା ସହିତ ନ୍ୟୁଜିଲାଣ୍ଡକୁ ୧-୦ରେ ଜିତାଇଥିଲେ।

### ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ

ଷ୍ଟାଡିୟମ ଅଷ୍ଟ୍ରେଲିଆରେ ଖେଳା ଯାଇଥିବା ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ୧-୦ଗୋଲରେ ରିପବ୍ଲିକ୍ ଅଫ୍ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧର ୫୨ ତମ ମିନିଟରେ ଷ୍ଟେଫ୍ କାଟଲେ ଘରୋଇ ଦଳ ପକ୍ଷରୁ ଏକମାତ୍ର ଗୋଲ ସ୍କୋର କରିଥିଲେ।

### ଖେଳାଳିଙ୍କ ହୋଟେଲ ନିକଟରେ ଗୁଳିକାଣ୍ଡ

ଫୁଟବଲ ବିଶ୍ୱକପ ପୂର୍ବରୁ ଖେଳାଳି ମାନେ ଅବସ୍ଥାନ କରୁଥିବା ହୋଟେଲ ନିକଟରେ ଘଟି ଯାଇଛି ଗୁଳିକାଣ୍ଡ। ଅଜଣା ଆତତାୟୀ ଜଣେ ଆଖିମୁଜା ଗୁଳି ଚାଳନା କରିଥିବା ବେଳେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ପୋଲିସର ପାଲଟା ଗୁଳି ଚାଳନାରେ ଆତତାୟୀ ଜଣଙ୍କ ପ୍ରାଣ ହରାଇଥିବା ବେଳେ ୪ ଜଣ ସାଧାରଣ ଲୋକ ଆହତ ହୋଇଛନ୍ତି। ନରୱେ ଦଳ ସମେତ ଏକାଧିକ ଫୁଟବଲ ଦଳ ଘଟଣା ସମୟରେ ହୋଟେଲରେ ଉପସ୍ଥିତ ଥିଲେ। ଏହି ଘଟଣାରେ ନିହତ ବ୍ୟକ୍ତିଙ୍କ ପାଇଁ ଉଦ୍‌ଘାଟନୀ ସମାରୋହରେ ଦୁଇ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା।

# କ୍ରଲିଙ୍କ ଶତକରେ ଇଂଲଣ୍ଡ ଦୃଢ଼

## ଆଶେସ ଟେଷ୍ଟ

ମାଞ୍ଚେଷ୍ଟର, ୨୦।୭

ମାଞ୍ଚେଷ୍ଟରର ଏମିରେଟ୍ସ ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ଚତୁର୍ଥ ଆଶେସ ଟେଷ୍ଟରେ ଦୃଢ଼ ସ୍ଥିତିରେ ଇଂଲଣ୍ଡ। ଓପନର ଜ୍ୟାକ୍ କ୍ରଲିଙ୍କ ଦମ୍‌ଦାର ଶତକ ବଳରେ ଚା ପାନ ବିରତି ସୁଦ୍ଧା ଘରୋଇ ଦଳ ୪୧ ଓଭରରେ ୨ ଉଇକେଟ ହରାଇ ୨୩୯ ରନ୍ ସଂଗ୍ରହ କରିଛି। କ୍ରଲି ୧୩୨ ଓ ରୁଟ୍ ୪୪ ରନ୍ କରି କ୍ରିଜରେ ଉପସ୍ଥିତ ଅଛନ୍ତି। ପ୍ରଥମ ଦିନର ଅସମାପ୍ତ ସ୍କୋର ୨୯୯/୮ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଆଉ ୧୮ ରନ୍ ଯୋଡି ଅବଶିଷ୍ଟ ଦୁଇ ଉଇକେଟ ହରାଇଥିଲା। ମିଚେଲ୍ ଷ୍ଟାର୍କ ୩୬ ରନ୍‌ରେ ଅପରାଜିତ ରହିଥିଲେ।

ଇଂଲଣ୍ଡ ଖେଳ ଆରମ୍ଭ କରିବା ସହିତ ଦଳୀୟ ସ୍କୋର ୯ ରନ୍‌ରେ ଓପନର ବେନ୍ ଡକେଟ୍‌ଙ୍କ ଉଇକେଟ ହରାଇଥିଲା। ମାତ୍ର ୧ ରନ୍ କରି ସେ ଷ୍ଟାର୍କଙ୍କ ବଲରେ ଆଲେକ୍ସ କେରୀଙ୍କ ଦ୍ୱାରା କ୍ୟାଚ୍ ହୋଇଥିଲେ। ଇଂଲଣ୍ଡ ପୁଣି ଥରେ ବାଜବଲ୍ ରଣନୀତି ସହିତ ଖେଳି ମୋଇନ୍ ଅଲୀଙ୍କୁ ଫାଷ୍ଟ ଡାଉନ୍‌ରେ ପଠାଇଥିଲା। ଦ୍ୱିତୀୟ ଉଇକେଟରେ କ୍ରଲିଙ୍କ ସହ ମିଶି ସେ ୧୨୧ ରନ୍ ଯୋଡିଥିଲେ। ମୋଇନ୍ ୮୨ ବଲ୍ ଖେଳି ୭ ଚୌକା ସହିତ ୫୪ ରନ୍ କରି ଷ୍ଟାର୍କଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ପରବର୍ତ୍ତୀ ବ୍ୟାଟର ଭାବରେ କ୍ରିଜ୍‌କୁ ଆସିଥିବା ଜୋ ରୁଟ୍ ମଧ୍ୟ କ୍ରଲିଙ୍କ ସହିତ ତାଳଦେଇ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ତୃତୀୟ ଉଇକେଟରେ ଅବିଭାଜିତ ୧୦୯ ରନ୍ ଯୋଡି ଉଭୟ କ୍ରିଜ୍‌ରେ ରହିଛନ୍ତି। ୧୨୪ ବଲ୍‌ର ସମ୍ମୁଖୀନ ହୋଇ କ୍ରଲି ୧୪ ଚୌକା ଓ ୧ ଛକା ସହିତ ୧୩୨ ରନ୍ କରିଛନ୍ତି। ଅନ୍ୟ ପକ୍ଷରେ ଜୋ ରୁଟ୍ ୩୭ ବଲ୍ ଖେଳି ୫ ଚୌକା ଓ ୧ ଛକା ସହିତ ୪୪ ରନ୍‌ରେ ବ୍ୟାଟିଂ କରୁଛନ୍ତି। ସଫଳ ବୋଲର ଭାବେ ମିଚେଲ ଷ୍ଟାର୍କ ଦୁଇଟି ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୯୦.୨ ଓଭରରେ ୩୧୭/୧୦ (ମାର୍ନସ ଲାବୁଶେନ୍-୫୧,ମିଚେଲ୍ ମାର୍ଶ-୫୧ ଟ୍ରାଭିସ୍ ହେଡ୍-୪୮, କ୍ରିସ୍ ଓକ୍ସ-୫/୬୨, ଷ୍ଟୁଆର୍ଟ ବ୍ରଡ୍-୨/୬୮, ମାର୍କ ଉଡ୍-୧/୬୦)। ଇଂଲଣ୍ଡ ୪୧ ଓଭରରେ ୨୩୯/୨(ଜ୍ୟାକ୍ କ୍ରଲି-୧୩୨*, ମୋଇନ୍ ଅଲୀ-୫୪, ଜୋ ରୁଟ୍-୪୪*, ମିଚେଲ୍ ଷ୍ଟାର୍କ-୨/୫୦)


ଶତକୀୟ ଇନିଂସ୍ ଅବସରରେ ଜ୍ୟାକ୍ କ୍ରଲି।


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ